# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁଲାଇ ୨୫/୨୦୧୯ (୧୬ ପୃଷ୍ଠା) Sambalpur, Thursday, July 25 / 2019 ★★

୧୫ଶ ଭାଗ ୨୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**୧.୫ କୋଟିର କଷ୍ଟ୍ୟୁମ**

କରୀନା କପୁର ଫିଲ୍ମ 'ହିରୋଇନ୍'ରେ ଏକ କଷ୍ଟ୍ୟୁମ୍ ପିନ୍ଧିଥିଲେ, ଯାହାର ଦାମ୍ ଥିଲା ଦେଢ଼ କୋଟି। ଏହି ଫିଲ୍ମରେ ତାଙ୍କ କଷ୍ଟ୍ୟୁମ୍ ସଂଖ୍ୟା ଥିଲା ୧୩୦ ପେୟାର।

୧୨

୧୪

**ଟିମ୍ ମୁର୍ତ୍ତାଘଙ୍କୁ ୫ ଉଇକେଟ**

ଲର୍ଡ୍ସଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ୫ ଉଇକେଟ ସଫଳତା ଲାଭ କରିଛନ୍ତି ଆୟଲାଣ୍ଡର ଟିମ୍ ମୁର୍ତ୍ତାଘ।



# କଟକରେ ଚାଞ୍ଚଲ୍ୟ | ୨୪ ଘଣ୍ଟାରେ ୩ ଜଣଙ୍କୁ ଗଳାକାଟି ହତ୍ୟା

- ଫୁଟ୍‌ପାଥ୍‌ରେ ଶୋଉଥିବା ଲୋକଙ୍କୁ ଟାର୍ଗେଟ୍
- ୩ ମୃତକ ଦିନମଜୁରିଆ
- ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ହତ୍ୟା କରିଥିବା ସନ୍ଦେହ

**କଟକ ଅଫିସ,୨୪।୭**

କଟକରେ ଗତ ୨୪ ଘଣ୍ଟା ମଧ୍ୟରେ ଘଟିଛି ୩ ହତ୍ୟାକାଣ୍ଡ। ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ଗଳା କାଟି ହତ୍ୟା କରାଯାଇଥିବାବେଳେ ବୁଧବାର ସମାନ ଢଙ୍ଗରେ ଆଉ ଦୁଇଜଣ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ତେବେ ହତ୍ୟାର ଶିକାର ହୋଇଥିବା ତିନିଜଣ ବ୍ୟକ୍ତି ହେଉଛନ୍ତି ଦିନମଜୁରିଆ। ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବାବେଳେ ରାତିରେ ଫୁଟ୍‌ପାଥରେ ରାତ୍ରି ଯାପନ କରନ୍ତି। କେହି ଜଣେ ଦୁର୍ବୃତ୍ତ ଏହି ତିନୋଟି ହତ୍ୟାକାଣ୍ଡର ଅଭିଯୁକ୍ତ ବୋଲି ପୋଲିସ ଅନୁମାନ କରି ତଦନ୍ତ ଜାରି ରଖିଛି। ୩ ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିପାରିନାହିଁ। କମିଶନରେଟ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛି।

ବୁଧବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ହତ୍ୟାକାଣ୍ଡ ଘଟିଥିବା ୩ଟି ସ୍ଥାନ ବୁଲି ଦେଖିବା ପରେ କହିଛନ୍ତି, କେହି ଜଣେ ବ୍ୟକ୍ତି ଏକ ଧାରୁଆ ଅସ୍ତ୍ରରେ ଏହି ହତ୍ୟାକାଣ୍ଡଗୁଡିକ ଘଟାଇଛନ୍ତି। ହତ୍ୟା କରିଥିବା ବ୍ୟକ୍ତି ଜଣକ ମାନସିକ ବିକୃତ ହୋଇଥାଇପାରନ୍ତି। ହତ୍ୟାକାରୀ ଫୁଟ୍‌ପାଥ୍‌ରେ ଶୋଉଥିବା ବ୍ୟକ୍ତିଙ୍କୁ ଟର୍ଗେଟ୍ କରୁଥିବାରୁ ସେମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ବୁଧବାର ଫୁଟ୍‌ପାଥ୍‌ରେ ଶୋଉଥିବା ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଆଣି ରଖାଯିବ ବୋଲି କମିଶନର କହିଛନ୍ତି।

ମଙ୍ଗଳାବାଗ ଥାନା ଅନ୍ତର୍ଗତ ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ସମ୍ମୁଖରେ ବୁଧବାର ଭୋର ସାଢେ ୫ଟାରେ ଜଣେ ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। କେହି ଦୁର୍ବୃତ୍ତ ତାଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଲୋକେ ଏହା ଦେଖିବା ପରେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସକାଳ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ପ୍ରାୟ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ପରିଚୟ ପାଇବା ପାଇଁ ମୃତଦେହକୁ ଏସ୍‌ସିବି ମେଡିକାଲ ଶବ ସଂରକ୍ଷଣ ଗୃହରେ ରଖାଯିବ। ଏ ନେଇ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୧୭୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମୃତକ ଜଣକ ଏଠାରେ ୫ ବର୍ଷ ହେବ ରହୁଥିଲେ। ସେ ମଙ୍ଗଳାବାଗ, ରାଣୀହାଟ ଅଞ୍ଚଳରେ ଜରି ଗୋଟାଇବା ପରେ ତାହାକୁ ବିକ୍ରି କରି ପେଟ ପୋଷୁଥିଲେ। କିନ୍ତୁ ତାଙ୍କ ଘର କେଉଁଠି, ରହୁଥିଲେ କେଉଁଠି ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ କିଛି ସୂଚନା ମିଳିପାରିନାହିଁ। ଏ ସମ୍ପର୍କରେ ଜାଣିବା ପାଇଁ ପୋଲିସ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ଜାରି ରଖିଛି।

ସେହିପରି ବୁଧବାର ସକାଳ ୭ଟାରେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଶିଶୁଉଦ୍ୟାନ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିଲା। କେହି ଦୁର୍ବୃତ୍ତ ତାଙ୍କ ଗଳା କାଟି ହତ୍ୟା କରିବା ପରେ ସେଠାରେ ପକାଇ ଦେଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏଥିସହ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୨୨୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ସ୍ଥାନୀୟ ଅଞ୍ଚଳର ଲୋକମାନେ ତାଙ୍କୁ ପଣ୍ଡା ବୋଲି ଡାକୁଥିବା ଆଇଆଇସି ଦୀପକ ମିଶ୍ର କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମୃତବ୍ୟକ୍ତି ଜଣକ ୫ ବର୍ଷ ହେବ ଓଏମ୍‌ପି ଅଞ୍ଚଳରେ ଥିବା କେତେକ ହୋଟେଲ ଓ ଦୋକାନରେ ପାଣି ଯୋଗାଉଥିଲେ। ରାତିରେ ବେଳେବେଳେ କୌଣସି ହୋଟେଲରେ ଆଶ୍ରୟ ନେଉଥିବାବେଳେ ଅଧିକାଂଶ ସମୟରେ ଫୁଟ୍‌ପାଥ୍‌ରେ ରହୁଥିଲେ। ବୁଧବାର କମିଶନରେଟ୍ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରକ୍ତ ନମୁନା, କପଡା ଓ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରିଛି।

ସୂଚନାଯୋଗ୍ୟ, ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଦୁର୍ଗାମଣ୍ଡପ ପାଖ ଗଳିରୁ ମଙ୍ଗଳବାର ସକାଳେ ପୋଲିସ ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତ ଓରଫ କାଳିଆ (୫୫)ଙ୍କ ମୃତଦେହ ଜବତ କରିଥିଲା। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ସେଠାରେ ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା (ନଂ.୧୭୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାଳିଆ ଏଠାରେ ୫ ବର୍ଷ ହେବ ରହି ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଥିଲେ। ଏଭଳି ଘଟଣା ପରେ କଟକ ବାସିନ୍ଦାଙ୍କ ମନରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି। ରାତିରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏପରିସ୍ଥଳେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ପୋଲିସ କମିଶନର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପୂଜା କମିଟି ଏବଂ ଯୁବକ ସଂଘର କର୍ମକର୍ତ୍ତାମାନେ ପାଟ୍ରୋଲିଂରେ ପୋଲିସକୁ ସହଯୋଗ କରିବାକୁ କମିଶନର ନିବେଦନ କରିଛନ୍ତି।

## ■ପାଟକୁରାରେ ବିଜେଡିର ବାଜିମାତ

# ବିଜୟ ମୁକୁଟ ପିନ୍ଧିଲେ ସାବିତ୍ରୀ

- ବିଜୟ ମହାପାତ୍ର ନିରାଶ
- ଅମାନତ ହରାଇଲା କଂଗ୍ରେସ

**କେନ୍ଦ୍ରାପଡ଼ା ଅଫିସ, ୨୪।୭**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନର ଫଳାଫଳ ବୁଧବାର ପ୍ରକାଶ ପାଇଛି। ପାଟକୁରା ଆସନକୁ ପୁଣିଥରେ ନିଜ ଦଖଲକୁ ନେବାରେ ସଫଳ ହୋଇଛି ବିଜେଡି। କଡ଼ା ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ଭାଜପା ପରାଜୟବରଣ କରିଛି। ଅପରପକ୍ଷରେ କଂଗ୍ରେସ ଅମାନତ ରଖିବାରେ ବିଫଳ ହୋଇଛି। ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କଠାରୁ ୧୭,୯୨୦ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସ୍ୱାମୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ପରେ ପ୍ରଥମଥର ପ୍ରାର୍ଥୀ ହୋଇ ସାବିତ୍ରୀ ବିଜୟର ମୁକୁଟ ପିନ୍ଧିଛନ୍ତି। ତାଙ୍କୁ ୯୬,୦୧୭ ଖଣ୍ଡ ଭୋଟ ମିଳିଥିବାବେଳେ ବିଜୟଙ୍କୁ ୭୮,୦୯୭ ଏବଂ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କୁ ମାତ୍ର ୨,୧୦୪ ଖଣ୍ଡ ଭୋଟ ମିଳିଛି। ନିର୍ବାଚନରେ ମୋଟ୍ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କଂଗ୍ରେସ ପ୍ରାର୍ଥୀ ଜୟନ୍ତଙ୍କ ସମେତ ଅନ୍ୟ ୭ ଜଣ ପ୍ରାର୍ଥୀ ଅମାନତ ହରାଇଛନ୍ତି। ନୋଟାରେ ୪୧୬ ଖଣ୍ଡ ଭୋଟ ପଡ଼ିଥିବାବେଳେ ସମାଜବାଦୀ ପାର୍ଟିର ପ୍ରଦୀପ କୁମାର ମିଶ୍ରଙ୍କୁ ୩୫୯ଖଣ୍ଡ, କୃପା ପାର୍ଟିର ପ୍ରାର୍ଥୀ ଶ୍ରୀକାନ୍ତ ସାମଲଙ୍କୁ ୧୪୯ଖଣ୍ଡ ଭୋଟି ମିଳିଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବା ଦିବ୍ୟସିଂହ ଦାସଙ୍କୁ ୫୮, ପରମାନନ୍ଦ ମହାରଣାଙ୍କୁ ୧୭୦, ପ୍ରଫୁଲ୍ଲ କୁମାର ବେହେରାଙ୍କୁ ୧୭୬ଖଣ୍ଡ, ରତିକାନ୍ତ କାନୁନ୍‌ଗୋଙ୍କୁ ୪୦୮ଖଣ୍ଡ ଓ ସଞ୍ଜୟ କୁମାର ସ୍ୱାଇଁଙ୍କୁ ୧୪୧ଖଣ୍ଡ ଭୋଟ ମିଳିଛି। ମୋଟ ୫୧ ଖଣ୍ଡ ପୋଷ୍ଟାଲ ଭୋଟ ହୋଇଥିବା ବେଳେ ସେଥିରୁ ବିଜେଡିକୁ ୧୩, ଭାଜପାକୁ ୩୬ ଓ କଂଗ୍ରେସ ପ୍ରାର୍ଥୀଙ୍କୁ ୨ ଖଣ୍ଡ ଭୋଟ ମିଳିଛି। ନିର୍ବାଚନ ମଣ୍ଡଳୀର ମୋଟ ୨,୪୪,୭୪୭ ଭୋଟରଙ୍କ ମଧ୍ୟରୁ ୧,୭୮,୧୪୬ ଜଣ ଗତ ୨୦ତାରିଖ ନିର୍ବାଚନରେ ମତଦାନ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ୩୦୯ ବୁଥ ପାଇଁ ୧୯ ରାଉଣ୍ଡ ଗଣତି ହୋଇଥିଲା। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ଗଣତି ହୋଇଥିବାବେଳେ ଏନେଇ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ସାବିତ୍ରୀ ଅଗ୍ରୱାଲ

ପୃଷ୍ଠା-୪

ଫଳାଫଳ ଆଶ୍ଚର୍ଯ୍ୟାନ୍ୱିତ କରିଛି: ବିଜୟ



ବିଜେଡିକୁ ସମାଲୋଚନା କଲେ ଭାଜପା, କଂଗ୍ରେସ

ଧନ୍ୟବାଦ ଜଣାଇଲେ ନବୀନ

## ■ବ୍ଲାଷ୍ଟିଂ ପରେ ଏମ୍‌ସିଏଲ୍ ଭରତପୁର ଖଣିରେ ଦୁର୍ଘଟଣା

# କୋଇଲା ତଳେ ଦବିଗଲେ ୪

- ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର
- ଅନ୍ୟ ୩ ଜଣଙ୍କୁ ଚାଲିଛି ଖୋଜା
- ୯ ଗୁରୁତର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି

**ତାଳଚେର,୨୪।୭(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ଭରତପୁର କୋଇଲା ଖଣିରେ ମଙ୍ଗଳବାର ରାତିରେ ଘଟିଛି ଦୁର୍ଘଟଣା। ବ୍ଲାଷ୍ଟିଂ ପରେ ଏହି ଓପନକାଷ୍ଟ ଖଣିର ସରଫେସ ମାଇନର ଫେସ୍ (ରାକଶବହାଳ ଗ୍ରାମ ନିକଟ)ରେ ଏକ ବିରାଟ ମାଟି ଅତଡା ଧସି ଯିବାରୁ କୋଇଲା ଖନନ କରୁଥିବା ୧୩ ଜଣ ଶ୍ରମିକ, କର୍ମଚାରୀ ସେଠାରେ ଫସି ଯାଇଥିଲେ। ୯ଜଣ ଦୂରକୁ ଛିଟିକି ପଡ଼ିବାରୁ ସେମାନଙ୍କୁ ଭୋର୍ ସୁଦ୍ଧା ଉଦ୍ଧାର କରାଯାଇ ସେଣ୍ଟ୍ରାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ୪ଜଣ କୋଇଲା ଗଦା ତଳେ ରହି ଯାଇଥିବାରୁ ରାତିରେ ସେମାନଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ବୁଧବାର ଅପରାହ୍ନରେ ଏମ୍‌ସିଏଲ୍‌ର ରେସ୍‌କ୍ୟୁ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଡ୍ରାଇଭର ପିପୁନ ବିଶ୍ୱାଳଙ୍କ ମୃତଦେହ କୋଇଲା ଗଦା ତଳୁ ବାହାର କରିଛି। ରିପୋର୍ଟ ଲେଖାଯିବା ବେଳକୁ ଅନ୍ୟ ୩ଜଣ ସୁପରଭାଇଜର ରଶ୍ମିରଞ୍ଜନ ବେହେରା, ସିକ୍ୟୁରିଟି ଗାର୍ଡ ରମେଶ ଦାସ, ପମ୍ପ ଖଲାସୀ କାର୍ତ୍ତିକେଶ୍ୱର ମହାପାତ୍ରଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

ଭରତପୁର ଖଣିରେ କୋଇଲା ଉତ୍ତୋଳନ ପାଇଁ ଏମ୍‌ସିଏଲ୍ ପକ୍ଷରୁ ଘରୋଇ କମ୍ପାନୀ ସିକଲକୁ ନିୟୋଜିତ କରାଯାଇଛି। ମଙ୍ଗଳବାର ରାତି ୯ଟାରେ ସିଫ୍ଟ ଚେଞ୍ଜ ହୋଇଥିଲା। ଶ୍ରମିକମାନେ ଖଣି ଭିତରକୁ କାମ କରିବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟା ୩୦ ମଧ୍ୟରେ ବ୍ଲାଷ୍ଟିଂ ପରେ ଖଣି ଭିତରକୁ ପାହାଡ଼ ସଦୃଶ ବିରାଟ ମାଟି ଅତଡା ଖସି ପଡ଼ିଥିଲା। ଫଳରେ ୧୦ଟି ଭାରିଯାନ ସହିତ ୧୩ ଶ୍ରମିକ ଭିତରେ ରହିଯାଇ ଥିଲେ। ୪ ଜଣ ମାଟି ଓ କୋଇଲା ତଳେ ସମ୍ପୂର୍ଣ୍ଣ ପୋତିହୋଇ ଯାଇଥିବାରୁ ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପାରି ନ ଥିଲା। ଭୋର ସୁଦ୍ଧା ଅନ୍ୟ ୯ଜଣ ଅପରେଟର ଦୀପକ କୁମାର ସାହୁ, ପଙ୍କଜଲୋଚନ ବେହେରା, ଡ୍ରାଇଭର ରାଜୀବ ଲୋଚନ ସାହୁ, ବିନୋଦ ସାହୁ, ଅପେରଟର ମନୋଜ କୁମାର ପ୍ରଧାନ, ଅଶୋକ କୁମାର ସାହୁ, ନିରାକାର ବେହେରା, ରଞ୍ଜନ ପ୍ରଧାନ ଓ ପିଣ୍ଟୁ ସ୍ୱାଇଁଙ୍କୁ ରାତି ସାଢେ ୪ଟାରେ ଅଣାଯାଇ ସେଣ୍ଟ୍ରାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନେ ସମସ୍ତେ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଏମ୍‌ସିଏଲ୍‌ର ଡାଇରେକ୍ଟର ଟେକ୍ନିକାଲ ଜେ.ପି. ସିଂହ କହିଛନ୍ତି, ଏହା ବହୁତ ଗମ୍ଭୀର ଘଟଣା। ପ୍ରଶାସନ ଓ ଏମ୍‌ସିଏଲ୍ ମିଳିତ ସହଯୋଗରେ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି। ପୀଡିତମାନଙ୍କ ପରିବାରକୁ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ।



ମୃତଦେହକୁ ଉଦ୍ଧାର କରି ନିଆଯାଉଛି।

ବିଳମ୍ବରେ ଉଦ୍ଧାର କାର୍ଯ୍ୟ ନେଇ ଉତ୍ତେଜନା ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଶ୍ୱତାପନ ଓ ମଶାବଂଶ ବୃଦ୍ଧି





NATIONAL EGG CO-ORDINATION COMMITTEE 24.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 51 | 94 | 104 |
| BHM | 52 | 96 | 106 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers


# ବାଳିକାଙ୍କ ବାନ୍ତିରେ କୋଇଲା

**ବଲାଙ୍ଗୀର ଅଫିସ,୨୪।୭**

ଜଣେ ୧୦ ବର୍ଷ ବାଳିକା ବାନ୍ତି କଲେ ପାଟିରୁ କୋଇଲା ଭଳି ପଦାର୍ଥ ବାହାରୁଛି । ଗତ ୨ ବର୍ଷ ହେବ ସେ ଏପରି ରୋଗରେ ପୀଡିତ ଥିଲେ ମଧ୍ୟ ସେଥିରେ ସୁଧାର ଆସିନାହିଁ । କୌଣସି ଡାକ୍ତର ଏ କଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ବୁଧବାର ଏହି ଘଟଣା ସାମ୍ନା ଆସିବା ପରେ ସଂପୃକ୍ତା ବାଳିକାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଖପ୍ରାଖୋଲ ବ୍ଲକ ବୁଢ଼ୀବାହାଲ ଗ୍ରାମର ଚୁଡାମଣି ପୁଟେଲଙ୍କ ଝିଅ ସସ୍ମିତା(୧୦) ବାନ୍ତି କଲେ କୋଇଲା ଭଳି ପଦାର୍ଥ ପାଟିରୁ ବାହାରୁଛି ବୋଲି ପ୍ରଥମେ ତାଙ୍କ ବାପା ଚୂଡାମଣି ଡାକ୍ତରଙ୍କୁ ଜଣାଇଥିଲେ । ହେଲେ ତାଙ୍କ କଥାକୁ କେହି ବିଶ୍ୱାସ କରି ନ ଥିଲେ। ଗତ ଦୁଇ ବର୍ଷ ତଳେ ପରିବାର ଧରି ଚୂଡାମଣୀ ବାଙ୍ଗାଲୋର ନିକଟ ଏକ ଗାଁକୁ ଇଟା ଗଢ଼ିବାକୁ ଯାଇଥିଲେ । ସେଠାରେ ସାନ ପୃଷ୍ଠା-୮





ସସ୍ମିତା ଓ ତାଙ୍କ ପାଟିରୁ ବାହାରିଥିବା କୋଇଲା।




## ଖାଦ୍ୟରୁଚି

# ଚିକେନ୍ ଅଙ୍ଗାରା



ମାଷ୍ଟର ସେଫ
ମୁନ୍ନା ଖାନ୍

ସମ୍ବଲପୁର ସହର ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ହୋଟେଲ ଅପ୍‌ସରା ପରିସରରେ ଅର୍ବାନ ତଡକା ରେଷ୍ଟୁରାଣ୍ଟ ରହିଛି । ଆଜିର ଗ୍ରାହକଙ୍କ ମନ ମୁତାବକ ଡିସ୍ ପ୍ରସ୍ତୁତିରେ ଏହି ରେଷ୍ଟୁରାଣ୍ଟର ସୁନାମ ରହିଛି। ଚିକେନ ଅଙ୍ଗାରା ଅର୍ବାନ ତଡକାର ସ୍ୱତନ୍ତ୍ର ଡିସ୍ । ଏନେଇ ରେଷ୍ଟୁରାଣ୍ଟର ସେଫ୍ ମୁନ୍ନା ଖାନ୍ କହନ୍ତି, ଚିକେନ ଅଙ୍ଗାରା ଗତ ୬ବର୍ଷ ହେବ ଏଠାରେ ପ୍ରସ୍ତୁତ କରାଯାଉଛି । ଏହାର ପ୍ଲେଟ୍ ପ୍ରତି ମୂଲ୍ୟ ୧୯୮ ଟଙ୍କା ରହିଛି । ବଟର ନାନ୍ ଓ ତାବା ରୁଟିରେ ଗ୍ରାହକମାନେ ଏହାକୁ ଖାଇବାକୁ ପସନ୍ଦ କରୁଛନ୍ତି । ଅପରପକ୍ଷେ ଯୁବ ଗ୍ରାହକମାନେ ଏହାକୁ ଷ୍ଟାର୍ଟର୍ ଭାବେ ମଧ ଖାଉଛନ୍ତି ।

ରିପୋର୍ଟ: ବି. ଶଙ୍କର



### ଆବଶ୍ୟକ ସାମଗ୍ରୀ

- ହାଡ ଥିବା ଚିକେନ– ୨୦୦ ଗ୍ରାମ
- ଅଦା, ରସୁଣ ପେଷ୍ଟ– ଅଧା ଚା ଚାମଚ
- ହଳଦୀ– ଅଧା ଚା ଚାମଚ
- ଧନିଆ ପାଉଡର–ଅଧା ଚା ଚାମଚ
- ରେଡ ଚିଲି ପାଉଡର– ଅଧା ଚା ଚାମଚ
- କସ୍ତୁରୀ ମେଥି– ଅଧା ଚା ଚାମଚ
- ଗରମ ମସଲା– ଅଧା ଚା ଚାମଚ
- ଫ୍ରେଶ କ୍ରିମ– ୧ ଚାମଚ
- ବଟର– ୧ ଚାମଚ
- କାଜୁ ପେଷ୍ଟ– ୨ ଚାମଚ
- ତେଲ– ୫୦ ଗ୍ରାମ
- କିମା ପିଆଜ– ୧୦୦ ଗ୍ରାମ
- ଲୁଣ– ସ୍ୱାଦ ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଦହି ଓ ମସଲା ସହିତ ମ୍ୟାରିନେଟ୍ କରି ତନ୍ଦୁରରେ ରୋଷ୍ଟ କରାଯାଏ। ଏହାପରେ ଏକ ସ୍ୱଚ୍ଛ ପାତ୍ରରେ ରଖାଯାଏ । ଅଳ୍ପ ନିଆଁ ଜାଳି ଫ୍ରାଇପ୍ୟାନ୍‌ରେ ୫୦ ଗ୍ରାମ ତେଲ ଦିଆଯାଏ । ଗରମ ତେଲରେ କିମା ଅଦା, ରସୁଣ, ପିଆଜ ଦିଆଯାଇ କିଛି ସମୟ ତାକୁ ଭଲ କରି ଭଜା ଯାଇଥାଏ । ଏହାପରେ ଅଦା, ରସୁଣ ପେଷ୍ଟ ଦେଇ ଚିକେନକୁ ଭଜା ଯାଏ । ତା'ଉପରେ ମସଲା ପକାଯାଇ ଘଣ୍ଟାଯାଇଥାଏ । ଏହାପରେ ହାଲୁକା ପାଣି ଦିଆଯାଏ । ଏହାପରେ କାଜୁ ପେଷ୍ଟ ଓ କିମା ବଟର୍ ଦିଆଯାଇ ଆଞ୍ଚକୁ ଅଳ୍ପ ବଢ଼ାଯାଇଥାଏ । ମସଲା ବହଳିଆ ହେବା ପରେ ବଟର, କସ୍ତୁରୀ ମେଥି, ଗରମ ମସଲା ଦିଆଯାଏ । ସ୍ୱାଦ ଅନୁଯାୟୀ ଲୁଣ ଦିଆଯାଇଥାଏ । କିଛି ସମୟ ପରେ ଚିକେନ ଅଙ୍ଗାରା ପ୍ରସ୍ତୁତ ହୋଇଥାଏ । ପୂର୍ବରୁ ରଖାଯାଇଥିବା ପାତ୍ରରେ ଅଙ୍ଗାରା ଚିକେନକୁ ରଖାଯାଏ । ପ୍ଲେଟ୍‌ର ଏକ ପାର୍ଶ୍ୱରେ ଲମ୍ବା ଓ ପତଳା କଟା ହୋଇଥିବା କାକୁଡି, ଟମାଟୋ, ମୂଳା ଓ ଗାଜରକୁ ସଜାଯାଇ ଗ୍ରାହକଙ୍କୁ ପରଷା ଯାଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରାୟ ୨୫ ମିନିଟ ସମୟ ଲାଗିଥାଏ ।

## ସମକାଳୀନ କାହାଣୀ ଉପରେ

# ଓଡ଼ିଶୀ ଏକ ଭଲ ଚିନ୍ତାଧାରା



ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଜଗତରେ ଜଣେ ପରିଚିତ ଚେହେରା ମଧୁଲିତା ମହାପାତ୍ର। ଜଣେ ପ୍ରତିଭାବାନ୍ ଯୁବ ନୃତ୍ୟଶିଳ୍ପୀ ଭାବେ ଦେଶ ଓ ଦେଶ ବାହାରେ ଓଡ଼ିଶୀ ନୃତ୍ୟକୁ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ମଧୁଲିତା। ଓଡ଼ିଶୀ ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବା ଏହି ଶିଳ୍ପୀ ନିକଟରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ସମ୍ମାନଜନକ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ହାସଲ କରି ଓଡ଼ିଶାକୁ ଜାତୀୟସ୍ତରରେ ଗୌରବାନ୍ୱିତ କରିଛନ୍ତି। ନୃତ୍ୟ ପ୍ରତି ଥିବା ତାଙ୍କର ଦୁର୍ବଳତା ଆଜି ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଦକ୍ଷିଣ ଭାରତରେ ଓଡ଼ିଶୀର ପ୍ରସାର କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଦୂରଦର୍ଶନ ଏବଂ ଆଇସିସିଆର୍‌ର ଜଣେ ଶ୍ରେଷ୍ଠ କଳାକାରଭାବେ ଖ୍ୟାତି ଅର୍ଜନ କରିଛନ୍ତି। କଳାହାଣ୍ଡି ଜିଲାରେ ଜନ୍ମଗ୍ରହଣ କରିଥିବା ମଧୁଲିତା ଓଡ଼ିଶୀକୁ ପରବର୍ତ୍ତୀ ପିଢି ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରିରଖିଛନ୍ତି।

**ଧରିତ୍ରୀ ଆଳାପ**

ସାକ୍ଷାତ– ସସ୍ମିତା ପାଇକରାୟ

**ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ପାଇବେ ବୋଲି କେବେ ଭାବିଥିଲେ?**

❖ସେଭଳି କିଛି ଆଶା ମୋର ନଥିଲା। ପୁରସ୍କାରକୁ ଆଶା ରଖି କେବେ କାମ କରିନି। ଗୁରୁ ପୂର୍ଣ୍ଣିମା ଦିନ ଘୋଷଣା ହୋଇଥିବାରୁ ମୋତେ ଲାଗିଲା ମୋ ଗୁରୁ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶୀର୍ବାଦରୁ ଏହା ସମ୍ଭବ ହେଲା।

**ଏଥିପାଇଁ କାହାକୁ ଶ୍ରେୟ ଦେବେ?**

❖ନିଶ୍ଚିତଭାବେ ମୋ ଗୁରୁଙ୍କୁ ଦେବି। ମୋ ଗୁରୁ ଅରୁଣା ମହାନ୍ତି ଏବଂ ଯେଉଁ ଗୁରୁମାନେ ମୋତେ ପିଲାବେଳୁ ନାଚ ଶିଖାଇଛନ୍ତି ସେମାନଙ୍କୁ ସବୁ ଶ୍ରେୟ ଦେଉଛି। ସମସ୍ତେ ଯେଉଁମାନେ ମୋତେ ଭଲପାଆନ୍ତି ଓ ଆଗକୁ ବଢ଼ିବାକୁ ପ୍ରେରଣା ଦିଅନ୍ତି ସେ ସମସ୍ତଙ୍କୁ ଦେବି।

**ଦକ୍ଷିଣ ଭାରତରେ ଓଡ଼ିଶୀର ପ୍ରସାର କରିବା ପାଇଁ କ'ଣ କରିଛନ୍ତି?**

❖୧୦ବର୍ଷ ତଳେ ଯେବେ ବାଙ୍ଗାଲୋର ଆସିଥିଲି । ଏଠାରେ ଓଡ଼ିଶୀର ଭିତ୍ତିଭୂମି ସେତେଟା ଭଲ ନଥିଲା। ଯେହେତୁ ଦକ୍ଷିଣ ଭାରତ, ସେଥିଲାଗି ଲୋକେ ଭାରତନାଟ୍ୟମ୍ ଶିଖିବାକୁ ପ୍ରାଥମିକତା ଦେଉଥିଲେ। ହେଲେ ଏବେ ଟ୍ରେଣ୍ଡ୍ ବଦଳିଛି। ଓଡ଼ିଶୀ ଶିଖିବାକୁ ପିଲା ନୃତ୍ୟାନୁଷ୍ଠାନ ଖୋଜୁଛନ୍ତି। ଏଠାକାର ସରକାରୀ ସ୍କୁଲରେ ବି ଓଡ଼ିଶୀ ଶିଖାଯାଉଛି। ନୃତ୍ୟାନ୍ତର ଡ୍ୟାନ୍ସ ସ୍କୁଲ୍ ପ୍ରତିଷ୍ଠା କରି ମୁଁ ଓଡ଼ିଶୀ ଶିଖାଉଛି। ମାତ୍ର ୨ଜଣ ପିଲାରୁ ଆରମ୍ଭ ହୋଇଥିବା ଏହି ସ୍କୁଲ୍‌ରେ ଏବେ ୩୦୦ ପିଲା ଅଛନ୍ତି। ଅଧିକାଂଶ ଅଣଓଡ଼ିଆ ବିଶେଷକରି କର୍ଣାଟକ, ତାମିଲନାଡୁ ଓ କେରଳର ଅଧିକାଂଶ ପିଲା ଓଡ଼ିଶୀ ପ୍ରତି ଆଗ୍ରହ ଦେଖାଉଛନ୍ତି।

**ଅନ୍ୟ ଶାସ୍ତ୍ରୀୟ ନୃତ୍ୟ ସହ ତାଳଦେଇ ଓଡ଼ିଶୀ ଆଗକୁ ବଢୁଛି କି ? ନା ଆହୁରି ଆଗକୁ ନେବାର ଆବଶ୍ୟକତା ରହିଛି?**

❖ଓଡ଼ିଶୀ ଏବେ ବହୁତ ଆଗରେ ରହିଛି। ବାଙ୍ଗାଲୋରର ଉଦାହରଣ ନେଲେ ଆମେ ଜାଣିପାରିବା ଓଡ଼ିଶୀ କେତେ ଆଗକୁ ଯାଇଛି। ଆମେରିକା, ଇଂଲଣ୍ଡ, ମାଲେସିଆ, ସିଙ୍ଗାପୁର, ବାହାରିନ୍ ଭଳି ଦେଶରେ ଓଡ଼ିଶୀର ବହୁଳ ଲୋକପ୍ରିୟତା ରହିଛି। ଓଡ଼ିଶୀ ବିଷୟରେ ସେଠାରେ ସମସ୍ତେ ଜାଣିଛନ୍ତି। ତେବେ ନୃତ୍ୟଶିଳ୍ପୀଭାବେ ଏହା ଆମର କର୍ତ୍ତବ୍ୟ ଯେ ଆମେ ଓଡ଼ିଶୀକୁ କିଭଳି ଆହୁରି ଆଗକୁ ନେବାର ଉଦ୍ୟମ କରିବା।

**ଫ୍ୟୁଜନ୍ ଟ୍ରେଣ୍ଡ୍ ଓଡ଼ିଶୀର ମୌଳିକତାକୁ ପ୍ରଭାବିତ କରୁଛି କି?**

❖ମୁଁ ଶୁଦ୍ଧ ନୃତ୍ୟରେ ବିଶ୍ୱାସ ରଖେ। ଓଡ଼ିଶୀର ଶୁଦ୍ଧତା ଓ ମୌଳିକତା ହିଁ ଏହାର ପରିଚୟ। ନିଶ୍ଚିତଭାବେ ମୁଁ ନୂଆ ନୂଆ ଥିମ୍‌ରେ ଏକ୍ସପେରିମେଣ୍ଟ କରେ। ହେଲେ ମୌଳିକତାକୁ ଅକ୍ଷୁଣ୍ଣ ରଖିବା ସବୁବେଳେ ମୋର ପ୍ରାଥମିକତା। ମିର୍ଜା ଓ ସାହିବାଙ୍କ ପ୍ରେମକାହାଣୀ ଉପରେ ମୁଁ ଏକ ଡ୍ୟାନ୍ସ ଡ୍ରାମା କରିବାକୁ ଯାଉଛି। ଏହା ଏକ ଏକ୍ସପେରିମେଣ୍ଟ, ହେଲେ ଏଥିରେ ମୁଁ ଶୁଦ୍ଧ ଓଡ଼ିଶୀ ନୃତ୍ୟଶୈଳୀର ପ୍ରୟୋଗ କରିଛି। ମୋଟାମୋଟିଭାବେ କହିବାକୁ ଗଲେ, ଆଗରୁ ପୌରାଣିକ କାହାଣୀ ଉପରେ ଓଡ଼ିଶୀ ହେଉଥିଲା, ଏବେ ସମକାଳୀନ କାହାଣୀ ଉପରେ ହେଉଛି। ନୃତ୍ୟଶୈଳୀ ସମାନ ରହୁଛି, କେବଳ ଥିମ୍ ଭିନ୍ନ ରହୁଛି। ଓଡ଼ିଶୀ କେବେ ବଦଳିନି କି ବଦଳିବନି।

**ଯୁବପିଢ଼ିଙ୍କୁ ଓଡ଼ିଶୀ ପ୍ରତି ଆକୃଷ୍ଟ କରିବାକୁ କ'ଣ ଆବଶ୍ୟକ?**

❖ବର୍ତ୍ତମାନର ଯୁବପିଢ଼ିଙ୍କ ନିକଟରେ ଓଡ଼ିଶୀ ଏବଂ ଏହାର ଆର୍ଟଫର୍ମକୁ ପହଞ୍ଚାଇବାକୁ ହେଲେ ଆମକୁ ନୂଆ ନୂଆ ଥିମ୍‌ରେ ଏକ୍ସପେରିମେଣ୍ଟ କରିବାକୁ ପଡ଼ିବ। ଆପ୍ରୋଚ ବଦଳାଇବାକୁ ପଡ଼ିବ। ସେମାନେ ଯେମିତି ଏହି କଳାକୁ ବୁଝିବେ, ଦେଖିବେ ଓ ଭଲପାଇବେ ତାହାକୁ ଦୃଷ୍ଟିରେ ରଖି ନୂଆ ନୂଆ ଥିମ୍ କରିବାକୁ ପଡ଼ିବ।

**ଡ୍ୟାନ୍ସ କରିବାକୁ ହେଲେ ଫିଟ୍ ରହିବା ନିହାତି ଜରୁରୀ। ଫିଟ୍ ରହିବାକୁ ଆପଣ କ'ଣ କରନ୍ତି?**

❖ଆଲବର୍ଟ ଆଇନଷ୍ଟାଇନ୍ କହିଯାଇଛନ୍ତି ଯେ 'ଡ୍ୟାନ୍ସର୍ସ ଆର୍ ଦି ଆଥ୍‌ଲେଟ୍ସ ଅଫ୍ ଗଡ୍'। ମୁଁ ଭାବେ ଡ୍ୟାନ୍ସର ହେବାକୁ ହେଲେ ପ୍ରଥମେ ସ୍ୱାସ୍ଥ୍ୟର ଯତ୍ନ ନେବା ଉଚିତ୍। ଫିଟ୍ ରହିବା ବି ଜରୁରୀ। ସ୍ୱାସ୍ଥ୍ୟକର ଖାଦ୍ୟ ନିହାତି ଆବଶ୍ୟକ। ଯୋଗ ଓ ଏକ୍ସରସାଇଜ୍ କରିବା ଦରକାର। ଡ୍ୟାନ୍ସ କରିବା ପୂର୍ବରୁ ୱାର୍ମଅପ୍ ଏକ୍ସରସାଇଜ୍ ଓ ଡ୍ୟାନ୍ସ କରିସାରିବା ପରେ କୁଲ୍‌ଡାଉନ୍ ଏକ୍ସରସାଇଜ୍ କରିବା ଦରକାର।

**ଆଗକୁ କ'ଣ କରିବାର ଯୋଜନା ଅଛି?**

❖ ଓଡ଼ିଶୀରେ ନୂଆ ନୂଆ କାମ କରିବାକୁ ଚାହୁଁଛି। ଓଡ଼ିଶୀ ବ୍ୟାକରଣ ଓ ଓଡ଼ିଶୀ ନୃତ୍ୟଶୈଳୀ ଉପରେ ଗବେଷଣା କରିବି। କଳାହାଣ୍ଡିର ଲୋକକଳାକୁ ଓଡ଼ିଶୀ ସହ ବ୍ଲେଣ୍ଡ୍ କରି ଏକ୍ସପେରିମେଣ୍ଟ କରିବି। ହେଲେ ଏହାର ମୌଳିକତାକୁ କିଭଳି ଅକ୍ଷୁଣ୍ଣ ରଖିବି ତାହା ମୋର ସବୁବେଳେ ପ୍ରାଥମିକତା ହୋଇ ରହିବ।

**ଯୁବ ନୃତ୍ୟଶିଳ୍ପୀମାନଙ୍କୁ କ'ଣ କହିବେ?**

❖ନୃତ୍ୟ ଏକ ସାଧନା। ଏହା ସାରା ଜୀବନ ପାଇଁ ଆମ ସହ ରୁହେ। ଏହାର କୌଣସି ଶର୍ଟକଟ୍ ନଥାଏ। ନୃତ୍ୟକୁ ଯଦି ଭଲପାଅ ତା'ହେଲେ ସାଧନା କର, କଠିନ ପରିଶ୍ରମ କର। ଗୁରୁଙ୍କ ଆଶୀର୍ବାଦ ନେଇ ନିଜ ପ୍ୟାଶନକୁ ଅନୁସରଣ କର।

# କମ୍ପୋଜିଂରେ ବାପାଙ୍କୁ ସନ୍ତୁଷ୍ଟ କରିପାରିବି କି ନାହିଁ ଡର ଲାଗୁଥିଲା



ସଙ୍ଗୀତ ନିର୍ଦ୍ଦେଶକ
ଆସାଦ ନିଜାମ

**ମୋ ଅନୁଭୂତି**

ବାପାଙ୍କଠାରୁ ପ୍ରଥମ ଗୀତ କମ୍ପୋଜ କରିବାର ଦାୟିତ୍ୱ ନେଇଥିଲେ ଆସାଦ ନିଜାମ। ଭୟ ଲାଗୁଥିଲେ ବି ଗୀତର ମୁଖଡ଼ା କମ୍ପୋଜ କରି ବାପାଙ୍କ ମନ ଜିଣିନେଇଥିଲେ। ଏହାପରେ ସଙ୍ଗୀତ କ୍ଷେତ୍ରରେ ସାଉଁଟିଥିଲେ ସଫଳତା। ସପନର ପଥେ ପଥେ, ଟପ୍ପୋରୀ, ପରଦେଶୀ ଚଢ଼େଇ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଆସାଦ ମ୍ୟୁଜିକ ଭିଡ଼ିଓ ଦୁନିଆରେ ପାଲଟିଥିଲେ ଜଣେ ସଫଳ ସଙ୍ଗୀତ ନିର୍ଦ୍ଦେଶକ। ଭିଜେଇ ଦେ ଯା ଥରେ, ନଜଦିକିୟାଁ, ଇସ୍କ, ଫଗୁଣ, ପରଦେଶୀ ଚଢ଼େଇ, ସଖୀ ଭଳି ଅନେକ ହିଟ୍ ସୁପରହିଟ୍ ଗୀତର ସଙ୍ଗୀତ ନିର୍ଦ୍ଦେଶକ ତଥା ଚଳିତବର୍ଷ ଫଗୁଣ ଗୀତ ନିମନ୍ତେ ଓଲିଉଡ୍ ସିନେ ଆୱାର୍ଡ ପକ୍ଷରୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସମ୍ବର୍ଦ୍ଧିତ ଆସାଦ ନିଜାମଙ୍କ ଅନୁଭୂତିରୁ କିଛି।

ମୋ ବାପା ହେଉଛନ୍ତି ଗୀତିକାର ସେଖ୍ ନିଜାମ ଉଲ୍ ହକ୍। ଗୀତିକାର ନିଜାମ କହିଲେ ଓଡ଼ିଶାର ପ୍ରତ୍ୟେକ ଗଳିକନ୍ଦିର ଲୋକ ଜାଣନ୍ତି। ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତିରେ ଶୋଇବାକୁ ଯିବା ବେଳେ ବି ଗୀତ ରଚନା, ସଙ୍ଗୀତ ସୃଷ୍ଟି ତଥା ସଙ୍ଗୀତର ସମସ୍ତ ଦିଗ ଉପରେ ଚର୍ଚ୍ଚା ଚାଲିଥାଏ ଆମ ଘରେ। ଏବେ ଯେଉଁମାନେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କିମ୍ବା ସଙ୍ଗୀତ ନିର୍ଦ୍ଦେଶକ ଭାବେ ପରିଚିତ, ସେମାନଙ୍କ ଆଡ୍ଡା ଜମୁଥିଲା ମୋ ବାପାଙ୍କ ପ୍ରକୋଷ୍ଠରେ। ଆମ ଘର ହିଁ ମୋ ସଙ୍ଗୀତ ଦୁନିଆର ଅନୁଢ଼ିଶାଳ ଥିଲା । ଏଣୁ ସଙ୍ଗୀତ ଦିଗକୁ ଟାଣି ହୋଇ ଆସିବା ମୋ ପାଇଁ କିଛି ନୂଆ କି ବଡ଼ କଥା ନଥିଲା। ୨୦୦୧ ମସିହାରେ ଗିଟାର ବଜାଇବା ଆରମ୍ଭକଲି। ଏହାପରେ ବିଭିନ୍ନ ଅର୍କେଷ୍ଟ୍ରାରେ କାମ କରିଥିଲି। ୨୦୦୭ ମସିହା କଥା। ଦୂରଦର୍ଶନରେ ପ୍ରସ୍ତୁତ ହେଉଥିବା ଏକ ଧାରାବାହିକ 'ରହସ୍ୟ'ର ଗୀତ ଲେଖିବା ଦାୟିତ୍ୱ ବାପାଙ୍କୁ ମିଳିଥିଲା। ମୁଁ ସଙ୍ଗୀତ ଦୁନିଆରେ କାମ କରେ ବୋଲି ବାପାଙ୍କର ମଧ ଇଚ୍ଛା ଥିଲା । ବାପା ଗୀତଟିକୁ ଲେଖି ସାରିବା ପରେ କୌଣସି ନାମୀଦାମୀ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ଏ ହ । କମ୍ପୋଜ କରିବାକୁ ଦେବା ବଦଳରେ ମୋତେ ଦେବାକୁ ସ୍ଥିର କରିଥିଲେ। ଦିନେ ହଠାତ୍ ମୋତେ ଡାକିଲେ। ମୋ କାମ କଥା ପଚାରି ବୁଝିଲେ। ଏହାପରେ ଗୋଟିଏ ଗୀତ କମ୍ପୋଜ କରିପାରିବୁ ନା ନାହିଁ ବୋଲି ପଚାରିଲେ। ଯାହାଙ୍କ ଗୀତ ରଚନାକୁ ନେଇ ଅକ୍ଷୟ ମହାନ୍ତିଙ୍କଠାରୁ ଆରମ୍ଭ କରି ରାଜ୍ୟର ବହୁ ସ୍ୱନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ନିର୍ଦ୍ଦେଶନା ଦିଅନ୍ତି, ତାଙ୍କ ଗୀତକୁ ମୁଁ କରି ପାରିବି ନା ନାହିଁ ବୋଲି ମନରେ ପ୍ରଶ୍ନ ଉଠିଥିଲା। ଯଦି ବି ଏହି କାର୍ଯ୍ୟ କରେ ତେବେ କମ୍ପୋଜିଂରେ ବାପାଙ୍କୁ ସନ୍ତୁଷ୍ଟ କରି ପାରିବି କି ନାହିଁ ଡର ଲାଗୁଥିଲା। ହେଲେ ହଁ କହି ବାପାଙ୍କ ଠାରୁ ଦାୟିତ୍ୱଟି ଆଣିଲି । ଗୀତଟିକୁ କମ୍ପୋଜ କରିବାକୁ ବସିଥିଲି। ଗୀତର ମୁଖଡା ଭାଗକୁ କମ୍ପୋଜ କରିବା ପରେ ବାପାଙ୍କୁ ଶୁଣାଇ ତାଙ୍କ ପ୍ରତ୍ୟୁତ୍ତରକୁ ଅପେକ୍ଷା କରିଥିଲି। ବାପା ତାହା ଶୁଣିବା ପରେ ହଁ ଭଲ ହୋଇଛି ବୋଲି କହିଥିଲେ। ଏହାପରେ ମୁଁ ସଙ୍ଗୀତ ଦୁନିଆରେ କାମ କରିପାରିବି ବୋଲି ସେତେବେଳେ ଅନୁଭବ ହୋଇଥିଲା।

ରିପୋର୍ଟ – କୁମାରଶ୍ରୀ

## ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ଶ୍ୱେତା



@ ବେବି



@ ଠାକୁର



@ ପ୍ରଭାକର



@ ସୌରଭ



@ ଶ୍ରୀକାନ୍ତ



@ ସଦାନନ୍ଦ



@ ସବିତା



@ ନନ୍ଦିଘୋଷ




■ ମଣ୍ଡିରେ ଚାଷୀ ହଇରାଣ

# ସପ୍ତାହେ ଧରି ମିଲରଙ୍କୁ ଅପେକ୍ଷା



- ■ବିଧାନସଭାରେ ଉଦ୍‌ବେଗ
- ■ଚଳିତବର୍ଷ କିଣା ହୋଇଛି ୬୫.୩୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ
- ■ନିମ୍ନମାନର କହି ଧାନ କାଟୁଛନ୍ତି
- ■ଧାନ କିଣିବେ ସ୍ୱୟଂ ସହାୟକ ଗୋଷ୍ଠୀ

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ମଣ୍ଡିରେ ଚାଷୀ ହଇରାଣ। ଧାନ ସହ ସପ୍ତାହେ ଧରି ମିଲରଙ୍କୁ ଅପେକ୍ଷା କରି ରହୁଛନ୍ତି। ଖରା ବର୍ଷାରେ ଧାନ ନଷ୍ଟ ହେଉଛି। ଚାଷୀଙ୍କ କଷଣ ଏତିକିରେ ସରୁ ନାହିଁ। ନିମ୍ନମାନର ଧାନ କହି ମିଲର କୁଇଣ୍ଟାଲ ପିଛା ୫ରୁ ୧୦ କିଲୋ କାଟି ନେଉଛନ୍ତି। ଠିକ୍ ସମୟରେ ଚାଷୀଙ୍କୁ ପଇସା ମିଳୁନି। ଏହାକୁ ନେଇ ବିଧାନସଭା ପ୍ରଶ୍ନକାଳରେ ଉଭୟ ଶାସକ ଓ ବିରୋଧୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବିଜେଡି ସଭ୍ୟ ଭୂପିନ୍ଦର ସିଂ କହିଛନ୍ତି ଯେ, ଖରିଫ ଋତୁରେ ମଣ୍ଡିରେ ଧାନ ଓଜନ ହେବା ପରେ ଚାଷୀଙ୍କୁ ଚିଠା ଦେଇ ଘରକୁ ଯିବା ପାଇଁ ମଣ୍ଡି କର୍ତ୍ତୃପକ୍ଷ ଅନୁମତି ଦେଉନାହାନ୍ତି। ମଣ୍ଡିରେ ଚାଷୀଙ୍କୁ ମିଲରଙ୍କ ଟ୍ରକ୍ ନ ଆସିବା ଯାଏ ଅପେକ୍ଷା କରିବାକୁ ପଡୁଛି। ସେମାନଙ୍କୁ ପରିବହନ ସୁବିଧା ଯୋଗାଇ ଦେବା ଲାଗି ସରକାର ବ୍ୟବସ୍ଥା କରିବେ କି ବୋଲି ମୂଳ ପ୍ରଶ୍ନ ପଚାରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଚାଷୀମାନେ ମଣ୍ଡିରେ ଧାନ ବିକିବା ଲାଗି ୭/୮ ଦିନ ଅପେକ୍ଷା କରୁଛନ୍ତି। ହରିୟାଣା, ବାଙ୍ଗାଲୋରରେ ଯେଉଁଭଳି ବଡ଼ ବଡ଼ ମଣ୍ଡି କରାଯାଇଛି। ଚାଷୀଙ୍କଠାରୁ ଧାନ ଏବଂ ଅନ୍ୟ ପନିପରିବା ଯେଉଁଭଳି ସଂଗ୍ରହ କରାଯାଉଛି, ସେହିଭଳି ଓଡ଼ିଶାରେ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ। ବିଜେଡି ସଭ୍ୟ ପ୍ରମିଳା ମଲ୍ଲିକ, ଲତିକା ପ୍ରଧାନ, ଦେବେଶ ଆଚାର୍ଯ୍ୟ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ତାରାପ୍ରସାଦ ବାହିନୀପତି, ଭାଜପା ସଭ୍ୟ ଜୟନାରାୟଣ ମିଶ୍ର, ନାଉରୀ ନାୟକ ପ୍ରମୁଖଙ୍କ ଅତିରିକ୍ତ ପ୍ରଶ୍ନରେ ଚାଷୀଙ୍କଠାରୁ କୁଇଣ୍ଟାଲ ଧାନରେ ୫ରୁ ୧୦ କି.ଗ୍ରା. କାଟି ଦିଆଯାଉଛି। ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରଣ କରିବା ଲାଗି କୌଣସି ମଣ୍ଡିରେ ଯନ୍ତ୍ର ନାହିଁ। ମିଲରମାନଙ୍କ ଦୟା ଉପରେ ଚାଷୀଙ୍କ ଧାନ ବିକ୍ରି ନିର୍ଭର କରୁଛି। ସମ୍ବଲପୁର ଜିଲାର ଚାଷୀ ୨୦୧୭ରୁ ଏପର୍ଯ୍ୟନ୍ତ ୧୦ହଜାର କୁଇଣ୍ଟାଲ ଧାନର ପଇସା ପାଇନାହାନ୍ତି। ଯୋଗାଣ ନିଗମ ଏମ୍‌ଡିଙ୍କ ଇଚ୍ଛାରେ ଧାନ କିଣା ଚାଲିଛି। ଚାଷୀମାନେ ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ଲାଗି ସଦସ୍ୟମାନେ କହିଥିଲେ।

ବୁଧବାର ପ୍ରଶ୍ନୋତ୍ତର ବେଳେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ଏବଂ ରାଜ୍ୟ ଯୋଗାଣ ନିଗମ ନିୟମାବଳୀ ଅନୁଯାୟୀ ଧାନ କ୍ରୟ କରାଯାଉଛି। ବିକ୍ରିଯୋଗ୍ୟ ଧାନ ମଣ୍ଡିକୁ ଆଣିବା ପରେ ଏହାର ମାନ ନିର୍ଦ୍ଧାରଣ କରାଯାଇଥାଏ। ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କିଣାଯାଉଛି। ପଞ୍ଜୀକୃତ ଚାଷୀଙ୍କୁ ରସିଦ ଦିଆଯାଉଛି। ସେମାନଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ପଇଠ କରାଯାଉଛି। ଧାନମଣ୍ଡିରେ ଚାଷୀମାନେ ମିଲରଙ୍କ ଟ୍ରକ୍ ଆସିବା ଯାଏ ଅପେକ୍ଷା କରିବାର କୌଣସି କାରଣ ନାହିଁ ବୋଲି କହିଥିଲେ।

୨୦୧୮-୧୯ ଖରିଫ ଋତୁରେ ଚାଷୀଙ୍କଠାରୁ ୬୫.୩୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି, ଯାହାକି ଗତବର୍ଷଠାରୁ ୨୬% ଅଧିକ । ଏହି ଧାନରୁ ୪୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହେବ। ସେଥିରୁ ୨୫ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯିବାକୁ ଥିବାବେଳେ ବଳକା ଚାଉଳ ଜାତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)କୁ ପ୍ରଦାନ କରାଯିବ। ୨୦୧୬-୧୭ରେ ରାଜ୍ୟରେ ୭ ଲକ୍ଷ ୯୮ହଜାର ଚାଷୀ ଧାନ ବିକିବା ଲାଗି ପଞ୍ଜୀକୃତ ହୋଇଥିବା ବେଳେ ୨୦୧୮-୧୯ରେ ୧୦ଲକ୍ଷ ୧୦ହଜାର ଚାଷୀ ଧାନ ବିକ୍ରି କରିଛନ୍ତି। ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଧାନ ଉତ୍ପାଦନ ମଧ୍ୟ ବଢୁଛି ବୋଲି ମନ୍ତ୍ରୀ କହିଥିଲେ। ଚାଷୀଙ୍କୁ ପି-ପାସ୍ ଜରିଆରେ ୭୨ ଘଣ୍ଟା ମଧ୍ୟରେ ପଇସା ଦିଆଯାଉଛି। ଚଳିତ ବର୍ଷ ଚାଷୀଙ୍କୁ ୧୧,୪୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ୩୦୮ଟି ବ୍ଲକରେ କମ୍ପ୍ୟୁଟର ମାଧ୍ୟମରେ ଚାଷୀ ପଞ୍ଜୀକରଣ ଓ ଅନ୍‌ଲାଇନ୍ ପେମେଣ୍ଟର ବ୍ୟବସ୍ଥା ହୋଇଛି। ଜିଲାସ୍ତରରେ ଧାନ ସଂଗ୍ରହ କମିଟି ରହିଛି। ବିଧାୟକମାନେ ଏହାର ସଦସ୍ୟ ଅଛନ୍ତି। ସେମାନେ ଚାହିଁଲେ ଚାଷୀଙ୍କୁ ସହଯୋଗ କରିପାରିବେ। ଧାନକିଣାରେ ଅନେକ ଦୁର୍ନୀତି ହେଉଛି। ମୁଁ ନୂଆ ମନ୍ତ୍ରୀ ହୋଇପାରେ, କିନ୍ତୁ ଗୃହର ବହୁ ପୁରୁଣା ସଦସ୍ୟ। ସାରୁ ଭିତରେ ମାରୁ କେତେ ସେ କଥା ମୁଁ ଜାଣିଛି। ଆଗାମୀ ଦିନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

## ୨ଜଣଙ୍କୁ ଗୁଳିକରି ହତ୍ୟା କଲେ ମାଓବାଦୀ

ରାଉରକେଲା ଅଫିସ,୨୪।୭

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଝାଡ଼ଖଣ୍ଡର ସୋନୁଆ ଥାନା ଅନ୍ତର୍ଗତ ମାଓବାଦୀ ପ୍ରଭାବିତ ଅଞ୍ଚଳ ପାତହତୁ ଏବଂ ଉଡ଼ନିଆ ଗ୍ରାମ ମଝିରେ ଥିବା ବୁରଘାଟଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ମାଓବାଦୀମାନେ ଦୁଇଜଣ ଯୁବକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତକ ଦ୍ୱୟ ହେଲେ ନିକଟସ୍ଥ ମାଇଲପିଢ଼ି ଗ୍ରାମର ମୁଣ୍ଡା ଡାଙ୍ଗୋ ଏବଂ ବାଗୁନ ବୋଦ୍ରା। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନାହିଁ। ସୋନୁଆ ପୋଲିସ ବୁଧବାର ଅପରାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହ ଜବତ କରିବା ସହ ସର୍ଚ୍ଚ ଅପରେଶନ ଚଳାଇଛି।

## ଝିଅାରୀଙ୍କୁ ବଳାତ୍କାର କରି ସମ୍ପର୍କୀୟ କକା ଫେରାର

### ୧୮ ଦିନ ପରେ ଥାନାରେ ମାମଲା

କର୍ଲାମୁଣ୍ଡା,୨୪।୭(ଡି.ଏନ.ଏ.)

କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତରେ ଝିଅାରୀଙ୍କୁ ସମ୍ପର୍କୀୟ କକା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ୧୮ ଦିନ ପରେ ମାମଲା ରୁଜୁ ହୋଇଛି। ଏବେ କକା ଫେରାର ହୋଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗମତେ ଗତ ୫ ତାରିଖରେ ୨୦ ବର୍ଷୀୟା ପୀଡିତାଙ୍କ ପରିବାର ଲୋକେ ମେଡିକାଲ କାମରେ ବୁର୍ଲା ଯାଇଥିଲେ। ଏହାର ସୁଯୋଗରେ ସମ୍ପର୍କୀୟ କକା ଦୈତାରି ସାହୁ (୪୨) ପୀଡିତାଙ୍କୁ ନିଜ ଘରେ ଶୋଇବାକୁ ଡାକିଥିଲେ। ସେ ଘରେ ଶୋଇଥିବା ବେଳେ ରାତିରେ କକା ତାଙ୍କୁ ବଳାତ୍କାର କରିଥିଲେ। ଲଜ୍ଜା ଭୟରେ ପୀଡିତା ଜଣକ ଏକଥା କାହାରିକୁ କହି ନ ଥିଲେ। ଗତ ୨୨ ତାରିଖରେ ପରିବାର ଲୋକେ ଫେରିବା ପରେ ସେ ଏକଥା କହିଥିଲେ। ଏହା ପରେ ପରିବାରବର୍ଗ ମ.ରାମପୁର ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ମ.ରାମପୁର ଥାନାରେ ଦଫା ୫୦୬, ୩୭୬ରେ ଏକ ମାମଲା (ନଂ.୧୦୧/୧୯) ରୁଜୁ ହୋଇଛି। ୧୬୧ ଧାରାରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ଥିବା ମ.ରାମପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି।

### ନୂଆ ମଦ ଦୋକାନ ଖୋଲିବା ଅଭିଯୋଗ

## ଅବକାରୀ ମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର। ବୁଧବାର ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ସେ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ଏ ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଗତ ୨୨ ତାରିଖରେ ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ତାରକା ପ୍ରଶ୍ନ ନଂ-୨୯୫ର ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଥିଲେ ଯେ, ୨୦୦୬ରୁ ରାଜ୍ୟରେ କୌଣସି ନୂତନ ମଦ ଦୋକାନ ଖୋଲାଯାଇନାହିଁ। ମାତ୍ର ଏହା ସମ୍ପୂର୍ଣ୍ଣ ଅସତ୍ୟ। ରାଜ୍ୟରେ ୨୦୦୬ ପରଠାରୁ ବହୁ ମଦ ଦୋକାନ ଖୋଲିଛି। ସ୍ୱାଧିକାର କମିଟି ତଥ୍ୟ ମାଗିଲେ ସମସ୍ତ ପ୍ରମାଣ ଯୋଗାଇ ଦେବେ ବୋଲି ସେ କହିଥିଲେ। ଏହି ଅଭିଯୋଗକୁ ସ୍ୱାଧିକାର କମିଟିକୁ ପଠାଯାଉ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅର୍ଥମନ୍ତ୍ରୀଙ୍କ ବିରୋଧରେ ଜୟନାରାୟଣ ଆଣିଥିବା ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଉପରେ ପରୀକ୍ଷା ନିରୀକ୍ଷା କରିବେ ବୋଲି ବାଚସ୍ପତି କହିଥିଲେ।

## ଝାରସୁଗୁଡ଼ାକୁ ସବୁ ପାଗରେ ଉଡ଼ିବ ବିମାନ

■୬ ମାସ ମଧ୍ୟରେ ଆଇଏଲ୍‌ଏସ୍ ବ୍ୟବସ୍ଥା

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ସବୁ ପ୍ରକାର ପାଣିପାଗରେ ଝାରସୁଗୁଡା ବିମାନ ବନ୍ଦରକୁ ନିୟମିତ ବିମାନ ଉଡ଼ିପାରିବ। ଏଥିପାଇଁ ଏହି ବିମାନ ବନ୍ଦରରେ ଯାନ୍ତ୍ରିକ ଅବତରଣ ପଦ୍ଧତି (ଆଇଏଲ୍‌ଏସ୍) ସ୍ଥାପନ କରିବାକୁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ନିଷ୍ପତ୍ତି ନେଇଛନ୍ତି। ବୁଧବାର ଏ ସଂକ୍ରାନ୍ତରେ ସୂଚନା ଦେଇ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି, ବର୍ତ୍ତମାନ ଝାରସୁଗୁଡା ବିମାନବନ୍ଦର ଭିଜୁଆଲ ଫ୍ଲାଇଟ୍ ନିୟମରେ ପରିଚାଳିତ ହେଉଛି। ଅଳ୍ପ ଆଲୁଅ ଅର୍ଥାତ୍ ଲୋ ଭିଜିବିଲିଟି ଓ ପ୍ରତିକୂଳ ପାଗ ଯୋଗୁ ଏହି ବିମାନ ବନ୍ଦରକୁ ନିୟମିତ ବିମାନ ଚଳାଚଳ କରିପାରୁନାହିଁ। ଅଧିକାଂଶ ସମୟରେ ବିମାନ ଉଡ଼ାଣ ଓ ଅବତରଣରେ ସମସ୍ୟା ଯୋଗୁ ବିଳମ୍ବ ବା ବାତିଲ୍ ହେଉଛି। ଆଇଏଲ୍‌ଏସ୍ ବ୍ୟବସ୍ଥା ହେବା ପରେ ବିମାନବନ୍ଦର ସବୁ ପ୍ରକାର ପାଣିପାଗରେ ପରିଚାଳିତ ହୋଇପାରିବ। ଏହାଦ୍ୱାରା ବିମାନ ଉଡାଣକାରୀ ସଂସ୍ଥା ଓ ଯାତ୍ରୀ ଖୁବ୍ ଉପକୃତ ହେବେ। ଏହି ପଦ୍ଧତି ସ୍ଥାପନ କରିବା ଲାଗି ୫.୫ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏଥିପାଇଁ ୬ ମାସ ସମୟ ଲାଗିବ ବୋଲି ହୋତା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନବନ୍ଦରକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ଯୋଗାଯୋଗ ଉଡ଼ାନ ଯୋଜନାରେ ଝାରସୁଗୁଡ଼ାରୁ ଏବେ ଭୁବନେଶ୍ୱର, ରାୟପୁର ଏବଂ ରାଞ୍ଚିକୁ ବିମାନ ଯୋଗାଯୋଗ କରୁଛି।




## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ ଅଫିସ, ୨୪।୭: ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟାରୁ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ରଖାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପ୍ରାୟ ୪ଘଣ୍ଟା ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



କୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଳମ୍ବରେ ଉଦ୍ଧାର କାର୍ଯ୍ୟ ନେଇ ଉତ୍ତେଜନା

- ବେଞ୍ଚ ପରିବର୍ତ୍ତେ ଭର୍ଟିକାଲ ଆଙ୍ଗେଲରେ କୋଇଲା ଖୋଳା
- ଫାଟ ଯୋଗୁ ଦେଢ଼ ବର୍ଷ ତଳୁ ବନ୍ଦ ରଖାଯାଇଥିଲା ଖଣି
- କଠୋର କାର୍ଯ୍ୟାନୁଷ୍ଠାନ ଦାବି କଲେ ତାଳଚେର ବିଧାୟକ

ତାଳଚେର,୨୪।୭(ନି.ପ୍ର.)

ଅଧିକ ଉତ୍ପାଦନ ପାଇଁ ଚାପ ସହ ବେଞ୍ଚ ପରିବର୍ତ୍ତେ ଭର୍ଟିକାଲ ଆଙ୍ଗେଲରେ କୋଇଲା ଖୋଳା ଓ ସୁରକ୍ଷା ପ୍ରତି ଖଣି କର୍ତ୍ତୃପକ୍ଷ ଆବଶ୍ୟକ ଧ୍ୟାନ ଦେଉ ନ ଥିବାରୁ ଏମ୍‌ସିଏଲ୍‌ର ଭରତପୁର ଖଣିରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏହି ଦୁର୍ଘଟଣା ତାଳଚେର ଇତିହାସରେ ପ୍ରଥମ ବୋଲି କୁହାଯାଉଥିବା ବେଳେ ଏବେ ଖଣିରେ ବିରାଟ ଫାଟ ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଫାଟ ଯୋଗୁ ଦେଢ଼ବର୍ଷ ତଳେ ଏଠାରେ କୋଇଲା ଖୋଳା ବନ୍ଦ ରଖାଯାଇଥିଲା। ତଥାପି ସୁରକ୍ଷାକୁ ଅଣଦେଖା କରି ଖଣିରୁ ପୁନର୍ବାର ଉତ୍ତୋଳନ କରାଯାଉଥିବାରୁ ଦୁର୍ଘଟଣା ଘଟିଥିବା ଶ୍ରମିକ ମହଲରେ ଅଭିଯୋଗ ହେଉଛି।

ତେବେ ଏହି ଦୁର୍ଘଟଣା ସମ୍ପର୍କରେ ବୁଧବାର ସକାଳେ ଖବର ମିଳିବା ପରେ ସ୍ଥାନୀୟ ଗ୍ରାମବାସୀ ଓ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଦ୍ଧାରରେ ହେଉଥିବା ବିଳମ୍ବ ପ୍ରତିବାଦରେ ସେମାନେ ଭରତପୁର ଜିଏମ୍‌ଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ୪ ଶ୍ରମିକଙ୍କୁ ତୁରନ୍ତ ଉଦ୍ଧାର ସହ ଉପଯୁକ୍ତ କ୍ଷତିପୂରଣ ଦାବିରେ ସେମାନେ ରାସ୍ତା ଅବରୋଧ କରିବାରୁ ତାଳଚେର ଓ ଭରତପୁର ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଘଟଣାସ୍ଥଳରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ମିତ୍ରଭାନୁ ମହାପାତ୍ର, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ବିଡିଓ ନେତ୍ରାନନ୍ଦ ମଲିକ, ସହକାରୀ ଜିଲାପାଳ ଗୌରୀ ନାୟକ, ଏମ୍‌ସିଏଲ୍‌ର ଡାଇରେକ୍ଟର ଟେକ୍ନିକାଲ ଜେ.ପି. ସିଂହ, ଡାଇରେକ୍ଟର ପର୍ସନାଲ କେ.ଆର. ବାସୁଦେବନ ପହଞ୍ଚି ପୋତି ହୋଇ ରହିଥିବା ୪ ଶ୍ରମିକଙ୍କୁ କିପରି ଉଦ୍ଧାର କରାଯିବ ସେ ନେଇ ରଣନୀତି ପ୍ରସ୍ତୁତ କରିବା ପରେ ଅପରାହ୍ନରେ ରେସ୍କ୍ୟୁ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

ଦୁର୍ଘଟଣା ସମ୍ପର୍କରେ ଜିଲାପାଳ କହିଛନ୍ତି, ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାଟି ଅତଡା ତଳେ ଆହୁରି ୩ ଜଣ ଥିବା ଖଣି କର୍ତ୍ତୃପକ୍ଷ କହୁଛନ୍ତି। ଯେତେଶୀଘ୍ର ସମ୍ଭବ ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ୨/୩ ଦିନ ସମୟ ଲାଗିଯାଇପାରେ। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟୁଇଟ୍ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ଭରତପୁର ଓସିପି ଦୁର୍ଘଟଣାରେ ଜୀବନହାନି ହୋଇଥିବା ନେଇ ସେ ଦୁଃଖିତ। ସେ କୋଇଲା ମନ୍ତ୍ରଣାଳୟ ସହିତ ନିରନ୍ତର ସମ୍ପର୍କରେ ଅଛନ୍ତି। ଦୁର୍ଘଟଣା ପରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଚାଲିଛି ଏବଂ ସମସ୍ତ ସମ୍ଭାବିତ ସାହାଯ୍ୟ ଯୋଗାଇ ଦିଆ ଯାଉଥିବା ଧର୍ମେନ୍ଦ୍ର କହିଛନ୍ତି। ବିଧାୟକ ବ୍ରଜ କିଶୋର ପ୍ରଧାନ କହିଛନ୍ତି, ଠିକ୍ ଭାବେ କାର୍ଯ୍ୟ କରା ନ ଯିବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଲା। ପ୍ରଥମେ ସୁରକ୍ଷା, ପରେ କାମ ହେବା କଥା। କିନ୍ତୁ ଏହା କରାଯାଇ ନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି।

## ପାଟକୁରା ନିର୍ବାଚନ

# ଫଳାଫଳ ଆଶ୍ଚର୍ଯ୍ୟାନ୍ୱିତ କରିଛି: ବିଜୟ

କେନ୍ଦ୍ରାପଡ଼ା ଅଫିସ, ୨୪।୭

ପାଟକୁରା ନିର୍ବାଚନ ଫଳାଫଳ ଆଶ୍ଚର୍ଯ୍ୟାନ୍ୱିତ କରିଛି ବୋଲି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର କହିବା ସହ ଲୋକଙ୍କ ମତକୁ ସ୍ୱାଗତ କହିଛନ୍ତି। ନିର୍ବାଚନ ପୂର୍ବରୁ ପାଟକୁରାକୁ ସରକାର ଘେରିବନ୍ଦୀ କରି ରଖିଥିଲେ। ମୋର ହାରିବାର ବହୁ କାରଣ ରହିଛି, ଆଗାମୀ ଦିନରେ ସେ ସବୁର ସମୀକ୍ଷା କରାଯିବ ବୋଲି ବିଜୟ କହିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ସର୍ବଦା ଜନାଦେଶକୁ ସମର୍ଥନ କରି ଆସିଛନ୍ତି ବୋଲି ପ୍ରକାଶ କରିଛନ୍ତି। ପରାଜୟ ସତ୍ତ୍ୱେ ପାଟକୁରାବାସୀଙ୍କ ସେବାରୁ ସେ ନିବୃତ୍ତ ହେବେ ନାହିଁ ବୋଲି କହିଛନ୍ତି। ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ପ୍ରଥମ ଥର ପ୍ରାର୍ଥୀ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତାଙ୍କର ଏହି ବିଜୟର ସମସ୍ତ ଶ୍ରେୟ ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳୀୟ କର୍ମୀ ଓ ପାଟକୁରାବାସୀଙ୍କୁ ଦେଇଛନ୍ତି। ଆଗାମୀ ଦିନରେ ପାଟକୁରା ବିକାଶ ପାଇଁ ସ୍ୱାମୀ ବେଦପ୍ରକାଶ ଅଗ୍ରୱାଲଙ୍କ ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି ସେ କହିଛନ୍ତି।

ସୂଚନାଥାଉକି, ୨୦୧୯ ସାଧାରଣ ନିର୍ବାଚନରେ ପାଟକୁରା ବିଧାନସଭା ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ତଥା ଏପ୍ରିଲ୍ ୨୯ତାରିଖରେ ନିର୍ବାଚନ ହେବାର ଥିଲା। ମାତ୍ର ଏପ୍ରିଲ ୨୦ରେ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ହୋଇଯିବାରୁ ସେଠାରେ ନିର୍ବାଚନ ସ୍ଥଗିତ ହୋଇଥିଲା। ପରେ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ବିଜେଡି ଟିକେଟ ପ୍ରଦାନ କରିଥିଲା। ମେ ୧୯ତାରିଖରେ ସେଠାରେ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ତାରିଖ ଘୋଷଣା କରିଥିଲେ। ମାତ୍ର ଫନୀ ବାତ୍ୟା ଯୋଗୁ ଉକ୍ତ ନିର୍ବାଚନ ତାରିଖକୁ ୨ମାସ ପୁଣି ଘୁଞ୍ଚା ଯାଇଥିଲା। ଭାଜପାରୁ ବିଜୟ ମହାପାତ୍ର ପ୍ରାର୍ଥୀ ହୋଇଥିବାରୁ ବିଜେଡି ତାଙ୍କୁ ହରାଇବାକୁ ସମସ୍ତ ପ୍ରକାର ରଣକୌଶଳ ଆପଣାଇଥିଲା। ଏପରି କି ବିଜେଡିର ବହୁ ମନ୍ତ୍ରୀ ଓ ବିଧାୟକ ପାଟକୁରା ନିର୍ବାଚନମଣ୍ଡଳୀରେ ଡେରା ପକାଇ ରହିଥିଲେ। ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପାଟକୁରା ଗସ୍ତ କରି ଦଳୀୟ ପ୍ରାର୍ଥିନୀ ସାବିତ୍ରୀଙ୍କ ପାଇଁ ପ୍ରଚାର କରିବା ସହ ପାଟକୁରାର ବିକାଶ ତାଙ୍କର ଦାୟିତ୍ୱ ବୋଲି କହିଥିଲେ।



## ଧନ୍ୟବାଦ ଦେଲେ ନବୀନ

ଭୁବନେଶ୍ୱର,୨୪।୭(ବ୍ୟୁରୋ)- ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିଜୟୀ କରିଥିବାରୁ ପାଟକୁରାବାସୀଙ୍କୁ ବହୁତ ଧନ୍ୟବାଦ। ଏହି ଅଞ୍ଚଳର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସେହିପରି ଏହି ନିର୍ବାଚନରେ କଠିନ ପରିଶ୍ରମ କରିଥିବା ଦଳର ନେତୃବୃନ୍ଦ ଏବଂ କର୍ମୀଙ୍କୁ ବିଜେଡି ସଭାପତି ଅଶେଷ ଧନ୍ୟବାଦ ଦେଇଛନ୍ତି। ବିଜେଡିର ଏହି ବିଜୟ ପରେ ବୁଧବାର ଅପରାହ୍ନରେ ଶତାଧିକ ଦଳୀୟ କର୍ମୀ ନବୀନ ନିବାସ ଗସ୍ତ କରିବା ସହ ବିଜେଡି ସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କୃତଜ୍ଞତା ଜଣାଇଥିଲେ।

# ବିଜେଡିକୁ ସମାଲୋଚନା କଲା ଭାଜପା, କଂଗ୍ରେସ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ବୁଧବାର ପାଟକୁରା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ୧୭,୯୨୦ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କଠାରୁ ବିଜୟ ଲାଭ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ୨୦୧୦ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ବିଜେଡି ପ୍ରାର୍ଥୀଙ୍କ ବିଜୟ ପରେ ନବୀନ ନିବାସରେ ଖୁସିର ପରିବେଶ ଦେଖିବାକୁ ମିଳିଛି। ଅନ୍ୟପଟେ ନିର୍ବାଚନ ଫଳାଫଳକୁ ନେଇ ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଭାଜପା ଓ କଂଗ୍ରେସ ଶାସକ ଦଳ ବିରୋଧରେ ବିଭିନ୍ନ ପ୍ରକାର ଅଭିଯୋଗ କରିଛନ୍ତି।

ଭାଜପାର ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଶାସକ ଦଳ ବାହୁବଳ, ଅର୍ଥବଳ ଏବଂ ସରକାରୀ କଳ ବ୍ୟବହାର କରି ନିର୍ବାଚନ ଜିତିଛନ୍ତି। ଏତେସବୁ ପରେ ୧୭ ହଜାର ବ୍ୟବଧାନରେ ଜିତିବା କିଛି ବଡ କଥା ନୁହେଁ। ସେମାନେ ଯେମିତି ନିର୍ବାଚନ ଲଢୁଥିଲେ ଆହୁରି ବଡ ବ୍ୟବଧାନରେ ଜିତିବା କଥା। ଏଥିରୁ ଜଣାପଡୁଛି ସେମାନେ ଏତେସବୁ କଳ, ବଳ ବ୍ୟବହାର କରି ଜିତିଗଲେ, ନଚେତ ଆମ ସମ୍ପର୍କରେ ଜନମତ ଥିଲା। ଗୋଟେ ସରକାରର ପୂରା ନେତା, ମନ୍ତ୍ରୀ ଓ ଅଫିସର ଯାଇ ସେଠାରେ ନିର୍ବାଚନ ଲଢିବା ଏବଂ ଶାସକ ଦଳର ସରକାରୀ କଳ, ବାହୁବଳ ଏବଂ ଅର୍ଥ ବଳ ଆଗରେ ଆମେ ପରାଜିତ ହେଲୁ ବୋଲି ଜୟନାରାୟଣ କହିଛନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବାହୁବଳ, ଅର୍ଥ ବଳରେ ବିଜେଡି ଜିତିଛି। ମନ୍ତ୍ରୀ, ବିଧାୟକ କେହି ବିଧାନସଭାରେ ନ ଥିଲେ, ସମସ୍ତେ ଯାଇ ପାଟକୁରାରେ ଥିଲେ। ଯେପରି ଭାବେ ସେମାନେ କହୁଥିଲେ ଆମେ ୩୦ରୁ ୩୫ ହଜାର ଭୋଟ ବ୍ୟବଧାନରେ ଜିତିବୁ, ମାତ୍ର ୧୭ରୁ ୧୮ ହଜାର ଭୋଟରେ ଜିତିଲେ। ଅର୍ଥାତ୍ ସେମାନେ ଯେଉଁ ଭୋଟ ବ୍ୟବଧାନରେ ଜିତିବେ ବୋଲି ଆଶା, ଆକାଂକ୍ଷା ରଖିଥିଲେ ତାହା ଜନସାଧାରଣ କଲେନାହିଁ। ନିର୍ବାଚନରେ ବିଜେଡି ପ୍ରାୟ ୨୦ରୁ ୨୫ କୋଟି ଟଙ୍କା ଖର୍ଚ୍ଚ କରିଛି। ପ୍ରତି ଭୋଟ ପିଛା ସେମାନେ ୨ରୁ ୩ ହଜାର ଟଙ୍କା ଲେଖା ବାଣ୍ଟିଲେ। କଂଗ୍ରେସ ବୁଥ୍ ପିଛା ୨ ହଜାର ଟଙ୍କା ଲେଖା ଦେଇଛି।

ବିଜେଡି ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଆମେ ଚେଷ୍ଟା କରିଥିଲୁ ଗତ ଲୋକ ସଭା ନିର୍ବାଚନରେ ଯେଉଁଭଳି ଫଳାଫଳ ଆସିଥିଲା ତା'ଠାରୁ ବହୁ ବ୍ୟବଧାନରେ ଜିତିବୁ। ତାହା ପ୍ରତିଫଳନ ହୋଇଛି, ଆମେ ୩ଗୁଣା ଅଧିକ ଭୋଟ ବ୍ୟବଧାନରେ ଜିତିଛୁ।

## ଅନ୍ତର୍ଜାତୀୟ କର୍ମଶାଳାରେ ଯୋଗଦେବେ ଓଡ଼ିଆ ଛାତ୍ରୀ ଆଲିଶା

ଭୁବନେଶ୍ୱର, ୨୪।୭ (ବ୍ୟୁରୋ)

ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟଠାରେ ଆସନ୍ତା ଅଗଷ୍ଟ ୮ରୁ ୧୧ତାରିଖ ଯାଏ ଏକ ଅନ୍ତର୍ଜାତୀୟ ସଫ୍ଟୱେର ଭିତ୍ତିକ କର୍ମଶାଳା ଆୟୋଜିତ ହେବ। ଅନ୍ତର୍ଜାତୀୟ ସଂସ୍ଥା ରେଡ୍‌ହାଟ୍ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଯୋଗଦେବାକୁ ଓଡ଼ିଆ ଛାତ୍ରୀ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତିଙ୍କ କନ୍ୟା ଆଲିଶା ମନୋନୀତ ହୋଇଛନ୍ତି। ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋଠାରେ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି)ର ସୂଚନା ପ୍ରଯୁକ୍ତି ବିଦ୍ୟାର ଚତୁର୍ଥ ବର୍ଷର ବି.ଟେକ୍ ଛାତ୍ରୀ ଆଲିଶା ଭାରତର ଅନ୍ୟ ୭ ଜଣ ଛାତ୍ରୀଛାତ୍ରଙ୍କ ସହ ବୁଦାପେଷ୍ଟ ଗସ୍ତ କରିବେ। ଏହି କର୍ମଶାଳାରେ ଯୋଗଦେବାରେ ସେ ହେଉଛନ୍ତି ଚଳିତ ବର୍ଷର ପ୍ରଥମ ଓଡ଼ିଆ ଛାତ୍ରୀ।

### କିଛି ତଥ୍ୟ

ଘରୋଇ ବଜାରରେ ଚିନି ଚାହିଦା ୨୬ ନିୟୁତ ଟନ୍ ଥିବା ବେଳେ ୨୦୧୮-୧୯ ମାର୍କେଟିଂ ବର୍ଷରେ ଉତ୍ପାଦନ ୩୨.୯୫ ନିୟୁତ ଟନ୍ ରହିଛି। - ଆଇଏସ୍‌ଏମ୍‌ଏ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଚରରାଶିସ୍ଥ ଜନ୍ମଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟି କରିବ। ସତର୍କତାର ସହ ଆଜିର ଯାତ୍ରା, ବିବାଦୀୟ କ୍ଷେତ୍ର, ଗୃହାରମ୍ଭ ପ୍ରଭୃତି କରିବା ବିଧେୟ। କିନ୍ତୁ ଶ୍ରୀଚନ୍ଦ୍ରଜନିତ ଆର୍ଥିକ ସ୍ଥିତି ବହୁତ ଭଲ ରହିବ। ଅସନ୍ତୋଷ ବୃଦ୍ଧି କରିବ। ଦୂରଦର୍ଶୀବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି।

**ବୃଷ** - ଚନ୍ଦ୍ରଙ୍କ ପ୍ରଭାବରେ ନିଜ ସମ୍ପର୍କୀୟ ବନ୍ଧୁମାନଙ୍କ ସହାୟତା ଲାଭକରି କାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସୂଚନା ରହିଛି। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟରେ ସମସ୍ୟା ସୃଷ୍ଟି ହେବ ଓ ପାରିବାରିକ ସମସ୍ୟା ସାମୟିକ ଅଶାନ୍ତିର କାରଣ ହେବ।

**ମିଥୁନ** - ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କର୍ମ ଓ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ରହିବ। ପଡ଼ୋଶୀମାନେ ଆପଣଙ୍କ କାର୍ଯ୍ୟାବଳୀର ଭୂରିଭୂରି ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ପ୍ରଶାସନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ।

**କର୍କଟ** - କର୍ମକ୍ଷେତ୍ରରେ ରାଶ୍ୟାଧିପ ହେତୁ କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତାକୁ ପ୍ରମାଣିତ କରିପାରିବେ। ପରିବାରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ସଭାସମିତି କିମ୍ବା ଅଫିସ କାମରେ ନୂତନ ଦାୟିତ୍ୱ ହାତକୁ ନେବା ସକାଶେ ଆଦେଶନାମା ମିଳିପାରେ। ବହୁଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି।

**ସିଂହ** - ଶନି ଓ କେତୁଙ୍କ ପ୍ରଭାବରେ ପରୋକ୍ଷ ଶତ୍ରୁତା ଯୋଗୁ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ଆଶା ରହିଛି। ଆନୁଷ୍ଠାନିକ କାମରେ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସା ପାଇପାରନ୍ତି।

**କନ୍ୟା** - ଲାଭାଧିପତି ଅଷ୍ଟମଭାବସ୍ଥ ହେତୁ ଯେତେ ଚେଷ୍ଟା କଲେ ମଧ୍ୟ ଆଶା ଚରିତାର୍ଥ ହୋଇ ନ ପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଯାନବାହନ, ବିବାଦୀୟ ସ୍ଥାନ,ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ। କଳା, କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** - ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ଆଜି ସଫଳତା ଅବଶ୍ୟମ୍ଭାବୀ। କେତେକ କ୍ଷେତ୍ରରେ ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ନିର୍ଦ୍ଦେଶାନୁସାରେ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**ବିଛା** - ତରବରିଆ ପଦକ୍ଷେପ ନ ନେଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ଅବଶ୍ୟ ହୋଇପାରିବେ। ବିଗତ ଦିନର କୌଣସି ଘଟଣା ଲାଗି ଅପରାହ୍ନରେ ଟେନ୍‌ସନ ବଢ଼ିପାରେ। ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଲାନ୍ତି ଅନୁଭବ କରିପାରନ୍ତି। ମାଲିମିକଦ୍ଦମା, ଜମିଜମା କାରବାର, ନିର୍ମାଣ, ମୂଲ୍ୟବାନ ଜିନିଷର କିଣାବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ** - ପୂର୍ବ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସାମାନ୍ୟ ବିଳମ୍ବରେ ସୁଫଳ ମିଳିବାର ସମ୍ଭାବନା ରହିଛି। ବନ୍ଧୁମାନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** - ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଦୂରରେ ରହିଥିବା ପ୍ରିୟଜନଙ୍କ ସ୍ମୃତିଚାରଣ କରି ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି। ରାଶିର ଗୁଣଧର୍ମାନୁସାରେ ଥଣ୍ଡାଜନିତ ରୋଗପୀଡ଼ାରୁ କଷ୍ଟ ପାଇବେ। ସଭାସମିତି, ନିର୍ମାଣ, ପରିବହନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି।

**କୁମ୍ଭ** - ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା ମନକୁ ବିକ୍ଷିପ୍ତ କରି ରଖିବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲ ହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସତ୍ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ଆଗ୍ରହୀ ହେବେ। ବ୍ୟବସାୟ,ପରିବହନ କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** - ପାରିବାରିକ ସମସ୍ୟାର ସମାଧାନ ଚିନ୍ତାକରି ଦୁର୍ଭାବନା ବଢ଼ିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରିପାରିବେନାହିଁ। ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଶତ୍ରୁତା ଓ ସ୍ୱାସ୍ଥ୍ୟହାନି ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବ। କିନ୍ତୁ ଯାତ୍ରା, ଆନୁଷ୍ଠାନିକ କାମ, ସଭାସମିତି, କଚେରି ମାମଲା କ୍ଷେତ୍ରରେ ସାମୟିକ ଆଶ୍ୱସ୍ତି ମିଳିବ।

ଆଜି ଶ୍ରାବଣ କୃଷ୍ଣ ଅଷ୍ଟମୀ ଗୁରୁବାର, ଜୁଲାଇ ୨୫ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୭ମି. ଗତେ ଘ୧୨।୪୭ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୨।୨୫ମି. ଗତେ, ଘ୩।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୩୦ମି. ଗତେ ଘ୩।୦୮ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

real estate

**SALE**

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

2BHK, 3BHK, ready to move flats at Hitech Heaven Project near Gudiapokhari Chowk, Bhubaneswar. 9853426050, 9937494527. D-13519

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66932

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**Refractory mineral grinding machines available for sale. Impact mill, Disintegrator, Jaw crusher, vibrating machine with motors available for sale. Contact: 9337551500, E-mail: kcpl_ctc@yahoo.com.** D-13581

to-let

3BHK room for rent Rs.15,000/- P.M. at Binodini Enclave, near Damana Square, BBSR. Contact: 9439540976. D-13578

Tolet service for bachelor, family, girls, all over Bhubaneswar. 6371209927. D-64982

**Factory sheds 30000 sqft and vast open land with boundary, water, power, quarters belongs to an industrial house suitable for ware-house, factory, other commercial use available on rent/ lease/ joint venture near Rly siding and N.H. in Cuttack Dist. Contact: 9337551500, E-mail: kcpl_ctc@yahoo.com.** D-13580

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Physiotherapy full body massage by trained ladies / gents therapist: 7008773793. D-67018

Ayurvedic full body massage ladies & gents smart therapist. 9040900385. D-66931

Summer special mesmerizing offer expert therapeutic refreshing massage appointment: 9668374480. D-67322

business

**T-shirts, Shirts, Jeans, Track Pant, Leggings, Ladies Top at one place for wholesale only from Manufacturer, Surat. Call: 9998819325, 6358226385.** D-13579

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

**AFFIDAVIT**

By virtue of an affidavit before Notary, Bhubaneswar, my actual name is S.K. Riya and it is recorded in my Aadhar Card. My name is mentioned as Rehena Begum instead of S.K. Riya in my Passport. I do hereby declare that S.K. Riya and Rehena Begum is one and same person. D-13577

By an affidavit before the Executive Magistrate, Rajgangpur, I Ganeswar Pan, S/o-Gangadhar Pan, Village- Chabri, Po- Tudalaga, Dist. Sundargarh declared that in L.I.C. Policy (No.593582301) my name has been wrongly mentioned as Ganesh Jamdulia. That my names Ganeswar Pan and Ganesh Jamdulia denotes to one and same person. D-37374

Happy Birthday



**Bishnupriya Bhol**
**(Kunu)**
Hope your special day brings you all that your heart desires.
**Happy Birthday Dear.**
**Best wishes:**
**Finu, Rinkan, Sonu and Smruti.**
D-13582

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ
ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ଜିଲା ଟିଠି
### ମୟୂରଭଞ୍ଜ

## ଜବରଦଖଲ

ବାରିପଦା ଏକ ଐତିହ୍ୟ, ସଂସ୍କୃତିସମ୍ପନ୍ନ ସହର। ଏକଦା ଏହା ଗଡ଼ଜାତ ରାଜ୍ୟ ମୟୂରଭଞ୍ଜର ରାଜଧାନୀ ଥିଲା। ରାଜରାଜୁଡା ଶାସନ ବେଳୁ ପ୍ରାୟ ଶହେବର୍ଷ ପୂର୍ବରୁ ଗଠିତ ପୌର ପରିଷଦ ଏହି ସହରକୁ ପରିଚାଳନା କରି ଆସୁଛି। ରାଜ୍ୟର ସର୍ବପୁରାତନ ସହର ମଧ୍ୟରେ ଏହା ଅନ୍ୟତମ। ସହର ଗଠନ ବେଳେ ତତ୍କାଳୀନ ମୟୂରଭଞ୍ଜ ରାଜା ଭବିଷ୍ୟତରେ ଜନସଂଖ୍ୟା ଓ ଯାନବାହନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରର ସବୁ ଅଞ୍ଚଳରେ ପ୍ରଶସ୍ତ ରାସ୍ତା ଓ ଡ୍ରେନେଜ ବ୍ୟବସ୍ଥା କରିଥିଲେ। ଏବେ ସେହି ପ୍ରଶସ୍ତ ରାସ୍ତା ଓ ଡ୍ରେନ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲକାରୀମାନେ ଡ୍ରେନ ଉପରେ ବେଆଇନ ଘର ନିର୍ମାଣ କରିବା ସହ ରାସ୍ତା ଉପରକୁ ମାଡ଼ି ଆସିଛନ୍ତି। ଫଳରେ ଟ୍ରାଫିକ ବ୍ୟବସ୍ଥା ଜଟିଳ ରୂପ ନେଉଛି। ସେମାନଙ୍କୁ ଉଚ୍ଛେଦ କରାଯାଉ ନ ଥିବାରୁ ସହରରେ ଜବରଦଖଲ ସମସ୍ୟା ବଢିଚାଲିଛି। ବିଭିନ୍ନ ରାସ୍ତାରେ ଯାନବାହନନିୟନ୍ତ୍ରଣ ଅଣାୟତ୍ତ ହୋଇପଡିଛି। ପରିସ୍ଥିତି ଏପରି ହୋଇଛି ଯେ ଜରୁରିକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ଓ ଦମକଳକୁ ସେହି ଭିଡ଼ ଭିତରେ ଦୀର୍ଘସମୟ ଅଟକି ରହିବାକୁ ପଡୁଛି। ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ବହୁ ଚେଷ୍ଟା କରି ମଧ୍ୟ ଏହି ଅବ୍ୟବସ୍ଥାକୁ ସଜାଡି ପାରୁନାହାନ୍ତି। ଉପରୋକ୍ତ ସମସ୍ୟା ପାଇଁ ଜବରଦଖଲ ମୂଳ କାରଣ ହୋଇଥିଲେ ମଧ୍ୟ ଜିଲା ପ୍ରଶାସନ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସହରରେ ପାର୍କିଂ ସ୍ଥାନ ଅଭାବରୁ ମୁଖ୍ୟ ରାସ୍ତା ଉପରେ ଲୋକେ ଯାନବାହନ ରଖୁଛନ୍ତି। ଏଥିଯୋଗୁ ପଥଚାରୀଙ୍କ ସହିତ ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯିବା ବେଳେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କେବଳ ରାସ୍ତା ଜବରଦଖଲ ନୁହେଁ, ସ୍ପେଶାଲ ପ୍ଲାନିଂ ଅଥରିଟିଙ୍କ ବିନା ଅନୁମତିରେ ସହରର ପ୍ରମୁଖ ରାସ୍ତା କଡ଼ରେ କୋଠାମାନ ନିର୍ମାଣ କରାଯାଇଛି। ଲୋକେ ସ୍ପେଶାଲ ପ୍ଲାନିଂ ଅଥରିଟିରୁ ଗୋଟିଏ ପ୍ରକାର ପ୍ଲାନ ଅନୁମୋଦନ କରାଇ ଆଣି ପରେ ନିଜସ୍ୱ ଢଙ୍ଗରେ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ପାର୍କିଂ ସ୍ଥାନ ଦେଖାଇ ଅନୁମୋଦନ ଅଣାଯାଉଥିବାବେଳେ ସେହି ସ୍ଥାନରେ ଘର ନିର୍ମାଣ କରାଯାଉଛି। ସହରର କେତେକ ସ୍ଥାନରେ ଅନୁମୋଦିତ କୋଠା ନିର୍ମାଣ ନ କରାଯାଇ ସେଠାରେ ବ୍ୟବସାୟିକ ସଂସ୍ଥା ଖୋଲାଯାଇଛି। ଏପରିକି ସରକାରୀ କୋଠା ନିର୍ମାଣ ବେଳେ ସ୍ପେଶାଲ ପ୍ଲାନିଂ ଅଥରିଟିର ବିନା ଅନୁମୋଦନରେ ନିର୍ମାଣ କାର୍ଯ୍ୟ କରାଯାଉଛି। ସହରର ବଡଦାଣ୍ଡ ରାସ୍ତାରୁ କେଏମ୍‌ବିଏମ୍ ରୋଡ କିମ୍ବା ଅମ୍ବିକା ମନ୍ଦିର ରୋଡ ଦେଇ ରକ୍ସି ରୋଡ ଆସିବା ପରେ ଲୋକେ ବିଜୁ ପଟ୍ଟନାୟକ ଗୋଲେଇ ଦେଇ କୋର୍ଟ କିମ୍ବା ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି। ଏସବୁ ରାସ୍ତାରେ ସବୁବେଳେ ଗହଳି ଲାଗିରହିଥିବାରୁ ଲୋକଙ୍କୁ ରାସ୍ତା ପାରି ହେବାକୁ ନାକେଦମ ହେବାକୁ ପଡିଥାଏ। ବର୍ଷ ବର୍ଷ ଧରି ସହରବାସୀ ଟ୍ରାଫିକ ସମସ୍ୟା ଯୋଗୁ ହଇରାଣ ହେଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ସଚେତନ ନାଗରିକଙ୍କୁ ବିବ୍ରତ କରିଛି।

– ରବି ନାରାୟଣ ଚଲାନ

■ସରକାରଙ୍କୁ ବିରୋଧୀଙ୍କ କଡ଼ା ସମାଲୋଚନା

# ବଢୁଛି ନାବାଳିକା ବଳାତ୍କାର

ଭୁବନେଶ୍ୱର,୨୪।୭(ବ୍ୟୁରୋ)

■ପୋଲିସକୁ ଅପରାଧୀଙ୍କ ଡର ନାହିଁ
■୩ ବର୍ଷରେ ୧୩୨୮ ନାବାଳିକା ନିଖୋଜ
■ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି:ମନ୍ତ୍ରୀ

ରାଜ୍ୟରେ ନାବାଳିକା ଓ ମହିଳା ସୁରକ୍ଷିତ ନାହାନ୍ତି। ପ୍ରତିଦିନ ୭ଜଣ ମହିଳା ଓ ୫ଜଣ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। ପୋଲିସକୁ ଅପରାଧୀ ଡରୁ ନାହାନ୍ତି। ଅପରାଧୀଙ୍କୁ ଦଣ୍ଡିତ କରାଯାଉ ନ ଥିବାରୁ ବଳାତ୍କାର ହାର ବଢ଼ିବାରେ ଲାଗିଛି। ପୋଲିସ ଉପରେ ଲୋକଙ୍କ ଭରସା ତୁଟି ଯାଉଛି। ଆଦିବାସୀ, ନିରୀହ ଲୋକମାନେ ନିର୍ଯାତନାର ଶିକାର ହେଉଥିଲେ ମଧ୍ୟ ମୁହଁ ଖୋଲୁ ନାହାନ୍ତି। ପୋଲିସ ସରକାରୀ ଦଳର ହାତବାରିସି ସାଜିଛି। ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲି ଯାଇଛି। ରାଜ୍ୟରେ ବେକାରୀ ଓ ମଦ ଯୋଗୁ ଏଭଳି ଅପରାଧ ବଢି ଚାଲିଛି। ବୁଧବାର ଆଇନଶୃଙ୍ଖଳା ଏବଂ ବଳାତ୍କାର ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଏଭଳି ଭାବେ କଡ଼ା ସମାଲୋଚନା କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ନ ଆସିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ହେବ ବୋଲି ସେମାନେ ଚେତାଇ ଦେଇଛନ୍ତି।

ନାବାଳିକା ବଳାତ୍କାର, ଶିଶୁ ନିର୍ଯାତନା ଏବଂ ଆଇନଶୃଙ୍ଖଳାକୁ ନେଇ ସୋମବାର, ମଙ୍ଗଳବାର ଦୁଇ ଦିନ ଧରି ବିରୋଧୀ ସଦସ୍ୟମାନେ ଗୃହକୁ ଅଚଳ କରିଥିଲେ। ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ସରକାର ବାଧ ହୋଇଥିଲେ। ବୁଧବାର ଶୂନ୍ୟକାଳ ପରେ ଉଭୟ କଂଗ୍ରେସ ଓ ଭାଜପା ନାବାଳିକା ବଳାତ୍କାର ନେଇ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ ଘମାଘୋଟ ଆଲୋଚନା ହୋଇଥିଲା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ରାଜ୍ୟରେ ଆଇନ ଶୃଙ୍ଖଳାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ଠିକ୍ ରଖିବା ଲାଗି ରାଜ୍ୟବାସୀ ୫ଥର ସ୍ଥିର ସରକାର ଦେଇଛନ୍ତି। କିନ୍ତୁ ଏହାର ପରିଣାମ ଏବେ ଲୋକଙ୍କୁ ଭୋଗିବାକୁ ପଡୁଛି। ଦୁର୍ଗମ ଅଞ୍ଚଳ କଥା ଦୂରେ ଥାଉ, ଖୋଦ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଉଛି। ପୋଲିସ ରାଜନେତାଙ୍କ ଚାଟୁକାର ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡାମାଡ଼ ହେଲେ କିମ୍ବା ନିଜର ଦାବି ଲାଗି କୃଷକମାନେ ରାଜପଥକୁ ଓହ୍ଲାଇଲେ ସେମାନଙ୍କ ବିରୋଧରେ ୩୦୭ ଦଫା ଲଗାଯାଉଛି। ଏପରିକି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉଛି। ଏହା ରାଜ୍ୟ ପାଇଁ କେବେ ବି ଶୁଭଙ୍କର ନୁହେଁ। ପୋଲିସକୁ ଚୋର ଡକାୟତଙ୍କ ଡର ନାହିଁ। ମାହାଙ୍ଗାରେ ଜଣେ ସରପଞ୍ଚଙ୍କୁ ମାରି ଦିଆଗଲା। ଯିଏ ମଲେ ତାଙ୍କ ନାମରେ ମାମଲା କରାଯାଉଛି। ଯିଏ ମାରିଛି ସେ ବିଜେଡି ସହାୟତାରେ ଖୋଲାରେ ବୁଲୁଛି। ଆଜି ବି ପୋଲିସର ବ୍ରିଟିଶ ଆଇନ ଚାଲିଛି। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟ ଓ ଜିଲାସ୍ତରରେ ଏକ କମ୍ପ୍ଲେନ୍ ଅଥରିଟି ରହିବା କଥା। ୩ ବର୍ଷରେ ୧୩୨୮ଜଣ ଝିଅ ନିଖୋଜ ଅଛନ୍ତି। ସେମାନେ କୁଆଡେ ଯାଉଛନ୍ତି ତା'ର କିଛି ଖୋଜ ଖବର ନାହିଁ। ସେମାନଙ୍କ ମଧ୍ୟରୁ ୧୨ରୁ ୧୪ ବର୍ଷ ଝିଅଙ୍କୁ ଚୋରା ଚାଲାଣ କରାଯାଉଛି। ସେମାନଙ୍କୁ ଇଞ୍ଜେକ୍ସନ ଦିଆଯାଇ ବିଭିନ୍ନ ଅସଦକାର୍ଯ୍ୟରେ ଲଗାଯାଉଛି। ରାଜ୍ୟରେ ବଳାତ୍କାର, ହତ୍ୟା ଏବଂ ପକେଟମାର ଘଟଣା ବଢ଼ି ଚାଲିଛି। ସରକାର ନିଜେ ବଞ୍ଚିବା ନ୍ୟାୟରେ ଚାଲିଛନ୍ତି। ବିଜେଡି ନିଜର କ୍ଷମତାକୁ ଅପବ୍ୟବହାର କରୁଛି ବୋଲି ପ୍ରଦୀପ୍ତ ଅଭିଯୋଗ କରିଛନ୍ତି।

କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ଆଇନ ଶୃଙ୍ଖଳାକୁ ନେଇ ସରକାରଙ୍କୁ କାଠ ଗଡାରେ ଛିଡା କରିଥିଲେ। ସେ କହିଥିଲେ, ରାଜ୍ୟରେ ନାବାଳିକା ବଳାତ୍କାର ରୋକିବାରେ ସରକାର ସମ୍ପୂର୍ଣ୍ଣ ଫେଲ୍ ହୋଇଛନ୍ତି। ଗୃହକୁ ଜାଣିଶୁଣି ବିଭ୍ରାନ୍ତ କରାଯାଉଛି। ରାଜ୍ୟ ସରକାରଙ୍କ ତଥ୍ୟ କହୁଛି ୨୦୧୮ ମେ' ସୁଦ୍ଧା ରାଜ୍ୟରେ ୯୩୭ ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୨୦୧୯ ମେ' ସୁଦ୍ଧା ୯୯୬ଟି ରୁଜୁ ହୋଇଛି। ସେଥିମଧ୍ୟରୁ ୫୦୯ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ମାତ୍ର ଆଶ୍ଚର୍ଯ୍ୟର କଥା କେତେ ଦୋଷୀ ଦଣ୍ଡିତ ହୋଇଛନ୍ତି ସେ ତଥ୍ୟ ଦିଆଯାଉ ନାହିଁ। ଦୁଇଦିନ ଗୃହ ବନ୍ଦ ହେବା ପରେ ରାଜ୍ୟ ସରକାର ହଡବଡେଇ ଏମିତି ତଥ୍ୟ ଦେଉଛନ୍ତି। ରାଜ୍ୟ ସରକାରଙ୍କ ଶ୍ୱେତପତ୍ର ଅନୁଯାୟୀ, ୨୦୧୯ ମାର୍ଚ୍ଚ ସୁଦ୍ଧା ୧୦୦ଜଣ ଶିଶୁ ନିଖୋଜ ହୋଇଥିବା ବେଳେ ମାତ୍ର ୩୧ ଜଣଙ୍କୁ ଠାବ କରାଯାଇଛି। ସେହି ସମୟରେ ୫୦୨ଜଣ ନାବାଳିକା ନିଖୋଜ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୯ଜଣଙ୍କୁ ଠାବ କରାଯାଇଛି। ୨୦୧୮ରେ ୪୫୯ଜଣ ନାବାଳକ ନିଖୋଜ ହୋଇଥିବା ବେଳେ ୨୮୫ଙ୍କୁ ଠାବ କରାଯାଇଛି। ଏହି ବର୍ଷ ୧୮୭୫ ନାବାଳିକା ନିଖୋଜ ହୋଇଥିବା ବେଳେ ମାତ୍ର ୮୫୪ଙ୍କୁ ଠାବ କରାଯାଇଛି। ୨୦୧୭ରେ ୧୩୬୦ ନାବାଳିକା ନିଖୋଜ ହୋଇଥିବା ବେଳେ ୭୩୭ଜଣଙ୍କୁ ଠାବ କରାଯାଇଛି। ସେହିଭଳି ୨୦୧୬ରେ ୧୨୯୧ରେ ନାବାଳିକା ନିଖୋଜ ହୋଇଥିବା ବେଳେ ୭୦୦ଙ୍କୁ ଠାବ କରାଯାଇଛି। ନିଖୋଜ ବଢୁଛି ନା କମୁଛି ସରକାର ଏହାର ଜବାବ ଦେବା ଦରକାର ବୋଲି ସେ କହିଥିଲେ। ୨୦୧୯ ଜୁଲାଇ ୧୫ ତାରିଖରେ ଗୃହ ରାଷ୍ଟ୍ରମନ୍ତ୍ରୀ ଉତ୍ତର ଦେଇ କହିଛନ୍ତି ଯେ, ୨୦୧୦ରେ ୧୦୨୫, ୨୦୧୧ରେ ୧୧୧୨, ୨୦୧୨ରେ ୫୪୫୮, ୨୦୧୩ରେ ୧୮୩୨, ୨୦୧୪ରେ ୨୦୧୧, ୨୦୧୫ରେ ୨୨୮୬, ୨୦୧୬ରେ ୨୧୪୪, ୨୦୧୭ରେ ୨୨୨୧ ଏବଂ ୨୦୧୮ରେ ୨୫୦୨ଟି ବଳାତ୍କାର ମାମଲା ରୁଜୁ କରାଯାଇଛି। ଗୋଟିଏ ବର୍ଷରେ ପ୍ରାୟ ୩୦୫ଟି ବଳାତ୍କାର ମାମଲା ବଢୁଛି। ପ୍ରତିଦିନ ୫ଜଣ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। ଆଇନ ଜାଣି ନ ଥିବା ଲୋକ ସରକାରୀ ଓକିଲ ହେଉଛନ୍ତି। ବଳାତ୍କାରୀଙ୍କୁ ଦଣ୍ଡ ଆଦୌ ମିଳୁନାହିଁ। ଗୃହ କମିଟି ଗଠନ କରି ଏହାର ଯାଞ୍ଚ କରାଯାଉ। ବଳାତ୍କାର ହାର କାହିଁକି ବଢୁଛି ସରକାର ଏହାର ଗବେଷଣା କରି ବୋଲି ନରସିଂହ କହିଛନ୍ତି।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ମୋହନ ମାଝି ଏବଂ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ରାଜ୍ୟରେ ବଢୁଥିବା ନାବାଳିକା ବଳାତ୍କାର, ଶିଶୁ ନିଖୋଜ ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଧ୍ୟାନ ଆକର୍ଷଣ କରି ପ୍ରସ୍ତାବରେ ବିଜେଡି ସଭ୍ୟ ଶଶିଭୂଷଣ ବେହେରା, ପ୍ରଶାନ୍ତ ମୁଦୁଲି, ପ୍ରଫୁଲ୍ଲ ସାମଲ, ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ସରକାରଙ୍କୁ ବିରୋଧୀଙ୍କ ଆକ୍ରମଣରୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ନେଇ ସରକାର କି କି ପଦକ୍ଷେପ ନେଇଛନ୍ତି, ସେ କଥା ବଖାଣିଥିଲେ। ବିରୋଧୀଙ୍କ ଆକ୍ରମଣକୁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ କିମ୍ବା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବଦଳରେ ଉତ୍ତର ଦେଇଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ସେ କହିଥିଲେ, ରାଜ୍ୟରେ ଅପରାଧ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯାଉଛି। ମହିଳା, ଶିଶୁ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସୁରକ୍ଷାକୁ ସର୍ବଦା ଅଗ୍ରାଧିକାର ଦିଆଯାଉଛି। ୨୦୧୮ ମେ ମାସ ସୁଦ୍ଧା ୯୯୬ଟି ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୨୦୧୯ ଏହି ସମୟ ସୁଦ୍ଧା ୯୩୭ଟି ମାମଲା ପଞ୍ଜୀକୃତ ହୋଇଛି। ଗତ ବର୍ଷ ତୁଳନାରେ ୫.୯ ପ୍ରତିଶତ ହ୍ରାସ ପାଇଛି। ୬୦ ଦିନରେ ବଳାତ୍କାର ମାମଲାର ତଦନ୍ତ ଶେଷ କରାଯାଉଛି। ପୀଡିତାଙ୍କୁ କ୍ଷତିପୂରଣ ଶୀଘ୍ର ପ୍ରଦାନ କରିବାକୁ ପ୍ରୟାସ କରାଯାଇଛି। ପୀଡିତାମାନଙ୍କୁ କ୍ଷତିପୂରଣ ଏହି ମାମଲାଗୁଡିକର ତ୍ୱରିତ ତଦନ୍ତ ନିମନ୍ତେ ୨୦୧୯ରେ ସଦସ୍ୟ ତାଲିକା ଜାରି କରାଯାଇଛି। ରାଜ୍ୟରେ ୨୦୧୮ ଓ ୨୦୧୯ରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ରାଜ୍ୟ ପୋଲିସ ଓ ୟୁନିସେଫ ସହଯୋଗରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ମନ୍ତ୍ରୀ କହିଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ।

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US–8 TO 11AM (OFFICE) EVERYDAY

# ସରକାରୀ ଚାକିରି ବୟସସୀମା ବୃଦ୍ଧି ଦାବି

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ସରକାରୀ ଚାକିରି କ୍ଷେତ୍ରରେ ବୟସସୀମା ୪୨ରୁ ୪୪ କରାଯାଉ। ଏହାଦ୍ୱାରା ବେକାରିମାନଙ୍କୁ ନିଯୁକ୍ତି ମିଳିପାରିବ। ଦୀର୍ଘ ବର୍ଷ ଧରି ଚାକିରି ଅପେକ୍ଷାରେ ଥିବା ପ୍ରାର୍ଥୀମାନେ ଉପକୃତ ହୋଇପାରିବେ। ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଗୋଆରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମା ୪୫ କରାଯାଇଥିବା ବେଳେ ତେଲେଙ୍ଗାନାରେ ୪୪ ରହିଛି। ପିଲାମାନେ ବାପମା'ଙ୍କ ଉପରେ ବୋଝ ପାଲଟିଛନ୍ତି। ବେକାରି ପିଲାଙ୍କ ନିଯୁକ୍ତି ଲାଗି ବୟସ ସୀମା ବଢ଼ାଇବା ଦରକାର ବୋଲି ସେ ଦାବି କରିଥିଲେ। ଏହାକୁ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ଭାଜପା ସଦସ୍ୟ ମୁକେଶ ମାହାଲିଂ ସମର୍ଥନ କରିଥିଲେ। ତାରା କହିଥିଲେ ଆନ୍ଧ୍ର ପ୍ରଦେଶ ସରକାର ସରକାରୀ, ବେସରକାରୀ ଏବଂ ବିଭିନ୍ନ ଉଦ୍ୟୋଗରେ ସ୍ଥାନୀୟ ଲୋକଙ୍କୁ ୭୫ ପ୍ରତିଶତ ନିଯୁକ୍ତି ଦେବାକୁ ଏକ ସଙ୍କଳ୍ପ ପାରିତ କରିଛନ୍ତି। ଭାଜପା ସଭ୍ୟ କେ. ନରାୟଣ ରାଓ ଗଜପତି ଜିଲାରେ ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏହାଦ୍ୱାରା ଚାଷ ପ୍ରଭାବିତ ହୋଇଥିବା ପ୍ରସଙ୍ଗ ଉଠାଇଥିଲେ। କଂଗ୍ରେସ ସଭ୍ୟ ଭୁପିନ୍ଦର ସିଂ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୩୧ ପ୍ରତିଶତ କମ ବର୍ଷା ହୋଇଥିବା କଥା ଉଠାଇଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଚନ୍ଦ୍ରୟାନ-୨ର ସଫଳ ପରୀକ୍ଷଣ କରିଥିବାରୁ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବାକୁ ଗୃହରେ ଏକ ସଙ୍କଳ୍ପ ପାରିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସ୍ୱଳ୍ପ ବୃଷ୍ଟି ଯୋଗୁ ରାଜ୍ୟରେ ଦେଖାଦେଇଥିବା ମରୁଡ଼ିକୁ ମୁକାବିଲା କରିବାକୁ ସରକାର କେନାଲରେ ପାଣିଛାଡିବାକୁ ପ୍ରସ୍ତାବ ଦେଇଥିଲେ।

### ମରୁଡ଼ିକୁ ନେଇ ବିଧାନସଭାରେ ଉଦ୍‌ବେଗ

# ଅନୁଗୋଳ କୃଷିବିଜ୍ଞାନ କେନ୍ଦ୍ରକୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ରାଷ୍ଟ୍ରୀୟ କୃଷିବିଜ୍ଞାନ ପ୍ରୋତ୍ସାହନ ପୁରସ୍କାର

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରକୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ରାଷ୍ଟ୍ରୀୟ କୃଷିବିଜ୍ଞାନ ପ୍ରୋତ୍ସାହନ ପୁରସ୍କାର ମିଳିଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଟାରି ଜୋନ୍-୫ର ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର ଭାବେ ଏହି କେନ୍ଦ୍ରକୁ ସମ୍ମାନିତ କରାଯାଇଛି। ପରିଷଦର ୯୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କଠାରୁ ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ବିନୀତା ଶତପଥୀ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ନବପ୍ରବର୍ତ୍ତକଙ୍କର ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ୧୦ ଜଣ ଅଗ୍ରଣୀ କୃଷକ ଭାଗ ନେଇ ନିଜ ଦ୍ୱାରା ବିକଶିତ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିଥିଲେ। ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠାନ ହେବା ଦିନଠାରୁ ଚାଷୀ ଓ ଚାଷର ଉନ୍ନତି ପାଇଁ କାମ କରି ଆସୁଅଛି। ଏହା ଅନୁଗୋଳ ଜିଲାରେ ଫସଲ ବିବିଧୀକରଣରେ ଡାଲିଜାତୀୟ ଏବଂ ତୈଳବୀଜ ଫସଲର ଉତ୍ପାଦିକା ବୃଦ୍ଧି ସହ ଧାନ ଚାଷ ପରବର୍ତ୍ତୀ ଖାଲି ଜମିରେ ଚାଷର ପ୍ରସାର ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛି। ସୂଚନାଯୋଗ୍ୟ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଜୋନ୍-୫ରେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୫୯ଟି କୃଷି ବିଜ୍ଞାନ କେନ୍ଦ୍ର ଅନ୍ତର୍ଭୁକ୍ତ। ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି ଉତ୍ସବରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଡାଇରେକ୍ଟର ଜେନରାଲ ଡ. ତ୍ରିଲୋଚନ ମହାପାତ୍ର, ଜୋନ୍ ୫ର ମୁଖ୍ୟ ଡ. ଏସ୍. ଏସ୍. ସିଂ, ଓୟୁଏଟି କୃଷି ସଂପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଡ. ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।




ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ରାଷ୍ଟ୍ରୀୟ କୃଷିବିଜ୍ଞାନ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରୁଛନ୍ତି।

INDIAN NAVY
AN OCEAN OF OPPORTUNITIES
Indian Navy invites online applications from Matric passed candidates who are born between 01 Apr 2000 to 31 Mar 2003 (both dates inclusive) and who fulfill the eligibility conditions as laid down by Government of India for enrolment as Stewards, Chefs and Hygienists.
After successful completion of training, will be placed in Level 3 of Defence Pay Matrics ( Rs 21700/- to 69100/-) & MSP at Rs 5200/- Per Month + DA (as applicable)
JOB SPECIFICATION
CHEF: Chefs prepare food as per menu (vegetarian and non-vegetarian which includes handling of meat products) and accounting of rations. In addition, they are also allotted other duties as per Service requirement.
STEWARD: Stewards serve food in the officers messes as waiters, do housekeeping duties, maintain accounts, wine and stores; prepare menu etc. In addition, they are allotted other duties as per Service requirement.
HYGIENIST: Hygienists clean washrooms, shower spaces and other areas. In addition, they are allotted other duties as per Service requirement.

DAVP 10701/13/0019/1920
ONLINE APPLICATION IS OPEN FROM 26 JUL to 01 AUG 2019
Note:-
(i) Identity proof is mandatory for online registration.
(ii) The terms and conditions given in the advertisement are guidelines only and orders issued by the Government as amended from time to time will apply for the selected candidates
(iii)Please read the instructions given in the website carefully before submitting your application.
For details visit www.joinindiannavy.gov.in & Employment News dated 27 Jul 19.
Scan this QR Code to apply



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ବିଶ୍ୱତାପନ ଓ ମଶାବଂଶ ବୃଦ୍ଧି

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ବିଷୟରେ ଲୋକେ କ'ଣ ବାସ୍ତବରେ ବୁଝିଛନ୍ତି? ଅଳ୍ପ କିଛିଦିନ ଯଦି ଅଦିନେ ଥଣ୍ଡାପାଗ ଦେଖାଦେଲା, ତେବେ ସମସ୍ତଙ୍କ ମନରେ ଏହି ପ୍ରଶ୍ନ ଉଙ୍କିମାରେ- ବିଶ୍ୱତାପମାତ୍ରା ଯଦି ବୃଦ୍ଧି ପାଉଛି ତେବେ ଅଦିନେ ଏ ଥଣ୍ଡା କେଉଁଠୁ ଆସୁଛି। ତେବେ ପୃଥିବୀ ଉତ୍ତପ୍ତ ହେବା କଥା ଏବେ ଆଉ ଏକ ବିତର୍କିତ ପ୍ରଶ୍ନ ନୁହେଁ। କିନ୍ତୁ ଏ ଉତ୍ତାପ କ'ଣ ଆମ ମୃତ୍ୟୁର କାରଣ ହେବ? ହଁ, କିନ୍ତୁ ସିଧାସଳଖ ନୁହେଁ। ଆପଣ ଖାଲି ପାଦରେ ଚାଲିଲେ ବି ଆପଣଙ୍କ ପାଦ ପୋଡ଼ିଯିବ ନାହିଁ। କିନ୍ତୁ ଭୂତାଣୁ, କୀଟପତଙ୍ଗ, ସୁନାମି ଓ ବାତ୍ୟା, ଜେଲିଫିଶ୍ ଓ ଜଳାଭାବ ପ୍ରଭୃତି ଆପଣଙ୍କ ମୃତ୍ୟୁର କାରଣ ହୋଇପାରେ।

ପୃଥିବୀର ନୂଆ ରାଜାମାନେ ତାଙ୍କ ସିଂହାସନ ଆରୋହଣ ଲାଗି ପ୍ରସ୍ତୁତ ହେଉଛନ୍ତି- ସେମାନେ ହେଉଛନ୍ତି ମଶା। ଶୀତଋତୁରେ ପକ୍ଷୀମାନେ ଯେପରି ଶୀତପ୍ରଧାନ ଅଞ୍ଚଳରୁ ଗ୍ରୀଷ୍ମପ୍ରଧାନ ଅଞ୍ଚଳକୁ ପଳାଇଯାନ୍ତି, ବନ୍ୟ ପ୍ରାଣୀମାନେ ସେମିତି ତାଙ୍କ ପାଇଁ ଅନୁକୂଳ ପାଣିପାଗବିଶିଷ୍ଟ ସ୍ଥାନ ଖୋଜନ୍ତି। ପୃଥିବୀର ଜଳବାୟୁ ପରିବର୍ତ୍ତନ ସେମିତି ରୋଗଜୀବାଣୁବାହୀ ମଶାମାନଙ୍କ ସମେତ ଅନେକ ପ୍ରାଣୀଙ୍କ ଆରାମଦାୟକ ସ୍ଥାନରେ ପରିବର୍ତ୍ତନ କରିଚାଲିଛି।

ମଶାମାନେ ହେଉଛନ୍ତି ବିଶ୍ୱର ମାରାତ୍ମକ ପ୍ରାଣୀ। ସେମାନଙ୍କ ଦ୍ୱାରା ରୋଗସଂକ୍ରମଣ ଯୋଗୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟୁଛି। ଗତ ୩୦ ବର୍ଷ ଭିତରେ ସାରା ବିଶ୍ୱରେ ଡେଙ୍ଗୁଜ୍ୱର ୩୦ଗୁଣ ବୃଦ୍ଧି ପାଇଛି। ବର୍ତ୍ତମାନ ପ୍ରତିବର୍ଷ ପ୍ରାୟ ୪୦୦ ନିୟୁତ ଲୋକ ଏହି ରୋଗରେ ପୀଡ଼ିତ ହେଉଛନ୍ତି। ଯେଉଁସବୁ ଦେଶରେ ଏ ରୋଗ ଆଦୌ ନ ଥିଲା ସେ ଦେଶଗୁଡ଼ିକରେ ପ୍ରଥମକରି ଏହାର ସଂକ୍ରମଣ ହେବାର ଦେଖାଯାଉଛି। ଏଡିସ୍ ଇଜିପ୍ଟି ଓ ଏଡିସ୍ ଆଲ୍‌ବୋପିକ୍ଟସ୍ ନାମକ କେବଳ ଦୁଇ ପ୍ରକାର ମଶା ପ୍ରଜାତି ଯୋଗୁ ଜିକା, ଡେଙ୍ଗୁ, ଚିକୁନ୍‌ଗୁନିଆ ଓ ପୀତଜ୍ୱର ହୋଇଥାଏ। କ୍ୟୁଲେକ୍ସ ମଶା ଯୋଗୁ ଯେଉଁ ମ୍ୟାଲେରିଆ ହୁଏ, ସେଥିପାଇଁ ଏକ ସ୍ୱତନ୍ତ୍ର ନିବନ୍ଧ ଲେଖିବାର ଆବଶ୍ୟକତା ରହିଛି। ବିଶ୍ୱତାପନ ଏହି ମଶାମାନଙ୍କୁ ସାରା ବିଶ୍ୱକୁ ଦଖଲ କରିବାର ସୁଯୋଗ ସୃଷ୍ଟି କରୁଛି।

ମାର୍ଚ୍ଚ ୨୦୧୯ରେ ନେଚର ମାଇକ୍ରୋବାୟୋଲୋଜି ପତ୍ରିକାରେ ବୋଷ୍ଟନ ଚିଲ୍‌ଡ୍ରେନ୍ସ ହସ୍ପିଟାଲ, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ, ୱାଶିଂଟନ ବିଶ୍ୱବିଦ୍ୟାଳୟ, ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ ମେଡିସିନ୍ ଏବଂ ୟୁନିଭର୍ସାଇଟ୍ ଲିବର୍ ଡି ବ୍ରୁକ୍ସେଲେସ୍ (ବେଲ୍‌ଜିୟମ୍)ର ବୈଜ୍ଞାନିକମାନେ ସବୁ ପ୍ରକାର ତଥ୍ୟ ଉପଯୋଗ କରି ଉପରୋକ୍ତ ଦୁଇ ପ୍ରକାର ମଶାଙ୍କ ବିଶ୍ୱବ୍ୟାପୀ ସମ୍ଭାବ୍ୟ ପ୍ରସାର ବିଷୟରେ ଉଲ୍ଲେଖ କରିଛନ୍ତି। ସେମାନଙ୍କ ପୂର୍ବାନୁମାନ ଅନୁସାରେ ବର୍ତ୍ତମାନ ଯେଉଁ ହାରରେ ସବୁଜଗୃହ ବାଷ୍ପ ନିର୍ଗମନ ବୃଦ୍ଧି ପାଇଚାଲିଛି, ତାହା ଯଦି ଅବ୍ୟାହତ ରହେ, ତେବେ ୨୦୫୦ ସୁଦ୍ଧା ପୃଥିବୀ ଜନସଂଖ୍ୟାର ୪୯ ପ୍ରତିଶତ ଲୋକ ଏହି ମଶାଙ୍କ ଉପଦ୍ରୁତ ଅଞ୍ଚଳରେ ବାସ କରୁଥିବେ।

ଗବେଷକମାନେ କହିଛନ୍ତି ଯେ, ଏଡିସ୍ ଇଜିପ୍ଟି ଉତ୍ତରରେ ବର୍ଷକୁ ପ୍ରାୟ ୧୫୦ ମାଇଲ ବେଗରେ ବ୍ୟାପିବାରେ ଲାଗିଛନ୍ତି। ଏଡିସ୍ ଆଲ୍‌ବୋପିକ୍ଟସ୍ ୧୯୯୦ରୁ ୧୯୯୫ ମଧ୍ୟରେ ଦ୍ରୁତଗତିରେ ପ୍ରସାରଲାଭ କରିଛନ୍ତି। ୟୁରୋପରେ ଏଡିସ୍ ଆଲ୍‌ବୋପିକ୍ଟସ୍ ଗତ ୫ ବର୍ଷ ଭିତରେ ବର୍ଷକୁ ୬୨ ମାଇଲରୁ ଆରମ୍ଭ କରି ବର୍ଷକୁ ୯୩ ମାଇଲ ବେଗରେ ପ୍ରସାରଲାଭ କରିଛନ୍ତି। ଏଡିସ୍ ଇଜିପ୍ଟି କେବଳ ବର୍ତ୍ତମାନର ବିଷୁବ ଅଞ୍ଚଳରେ ସୀମିତ ନ ରହି ଆମେରିକା, ଚାଇନା ପ୍ରଭୃତି ଅଞ୍ଚଳକୁ ଆସନ୍ତା ୨୦୫୦ ସୁଦ୍ଧା ବ୍ୟାପିଯାଇଥିବେ ବୋଲି ଗବେଷକମାନେ ପୂର୍ବାନୁମାନ କରିଛନ୍ତି। ଆସନ୍ତା ୩୦ ବର୍ଷ ଭିତରେ ଏଡିସ୍ ଆଲ୍‌ବୋପିକ୍ଟସ୍ ସାରା ୟୁରୋପରେ ବ୍ୟାପିଯାଇଥିବେ ବୋଲି ସେମାନେ କହିଛନ୍ତି। ଆମେରିକାର ଉତ୍ତରାଞ୍ଚଳ ଏବଂ ଦକ୍ଷିଣ ଆମେରିକା ଓ ପୂର୍ବ ଆଫ୍ରିକାର ଉଚ୍ଚଭୂମି ଅଞ୍ଚଳକୁ ମଧ୍ୟ ସେମାନେ ବ୍ୟାପିଯିବେ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି। ୨୦୫୦ ସୁଦ୍ଧା ଯଦି ଜଳବାୟୁ ପରିବର୍ତ୍ତନ ଉପରେ ରୋକ ଲଗା ନ ଯାଏ, ତେବେ ମଶାଙ୍କ ବ୍ୟାପ୍ତି ଆହୁରି ବ୍ୟାପକ ହେବ। ଜିକା ଭାଇରସ୍ ଦୁଇବର୍ଷ ତଳେ ଦକ୍ଷିଣ ଆମେରିକାରେ ଦେଖାଯାଇଥିଲେ ଏବଂ ସୀମା ନିୟନ୍ତ୍ରଣ ପଦକ୍ଷେପ ସତ୍ତ୍ୱେ ସେମାନେ ଦ୍ରୁତଗତିରେ ପ୍ରସାରଲାଭ କରିଛନ୍ତି।

ଏନ୍‌ଭିରୋମେଡିକ୍ସ: ଦ ଇମ୍ପାକ୍ଟ ଅଫ୍ କ୍ଲାଇମେଟ୍ ଚେଞ୍ଜ ଅନ୍ ହ୍ୟୁମ୍ୟାନ୍ ହେଲ୍‌ଥ ପୁସ୍ତକର ସହଲେଖକ ପ୍ରଫେସର ପଲ୍ ଅର୍‌ବାଚଙ୍କ କହିବା ଅନୁସାରେ ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ମଣିଷର ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ଼ ବିପଦ। ପୃଥିବୀର ତାପମାତ୍ରା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମଶାମାନେ ତାଙ୍କ ବର୍ତ୍ତମାନର ରହଣି ସ୍ଥାନ ପରିବର୍ତ୍ତନ କରିବେ। ତା' ସହ ସେମାନେ ମ୍ୟାଲେରିଆ, ଡେଙ୍ଗୁ, ଚିକୁନ୍‌ଗୁନିଆ ପ୍ରଭୃତି ରୋଗର ପ୍ରସାର କରିବେ।

ଗବେଷକମାନଙ୍କ ମତରେ ୨୫ ଡିଗ୍ରୀ ସେଲ୍‌ସିୟସ ତାପମାନରେ ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ଅଧିକ ଥିବାବେଳେ ୨୯ ଡିଗ୍ରୀରେ ଜିକା ଭାଇରସ ପ୍ରସାରଲାଭ କରିଥାନ୍ତି। ଡେଙ୍ଗୁବାହୀ ମଶାମାନେ ଉତ୍ତପ୍ତ ଜଳବାୟୁରେ ବଂଶବିସ୍ତାର କରନ୍ତି, ତେଣୁ ସେମାନଙ୍କ ଦ୍ୱାରା ଆଫ୍ରିକାର ସାହାରା ଅଞ୍ଚଳ କବଳିତ ହୋଇଚାଲିବ। ୱେଷ୍ଟ ନାଇଲ୍ ଭାଇରସ୍‌ବାହୀ ମଶାମାନେ ଉତ୍ତପ୍ତ ଜଳବାୟୁକୁ ବେଶି ପସନ୍ଦ କରିଥାନ୍ତି। ତେଣୁ ଜଳବାୟୁ କ୍ରମଶଃ ଉତ୍ତପ୍ତ ହୋଇଚାଲିଥିବାରୁ ବର୍ତ୍ତମାନ ଯେଉଁସବୁ ଅଞ୍ଚଳ ଶୀତପ୍ରଧାନ ଭାବେ ବିବେଚିତ ହେଉଛି, ସେସବୁ ଅଞ୍ଚଳକୁ ମଧ୍ୟ ସେମାନେ କ୍ରମଶଃ ଗତି କରିବେ। ଲିଭରପୁଲ ବିଶ୍ୱବିଦ୍ୟାଳୟର ଡ. ସୋରେନ୍ ମେଟ୍‌ଲମ୍ୟାନଙ୍କ ଅଧ୍ୟୟନ ଅନୁସାରେ ୨୦୬୦ ସୁଦ୍ଧା ଇଂଲଣ୍ଡ ଓ ୱେଲ୍‌ସର ଜଳବାୟୁ ଏଡିସ୍ ମଶାଙ୍କ ପାଇଁ ଅନୁକୂଳ ହୋଇସାରିଥିବ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମୋରିଜ୍ କ୍ରାମରଙ୍କ ସମେତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ କରିଥିବା ଏକ ସ୍ୱାଧୀନ ଅଧ୍ୟୟନ ଅନୁସାରେ ଆସନ୍ତା ୩୦ ବର୍ଷ ଭିତରେ ଏହି ମଶାମାନେ ସାରା ୟୁରୋପରେ ବ୍ୟାପିସାରିଥିବେ। ପୂର୍ବ ଏସିଆରେ ମୂଳତଃ ଦେଖାଯାଉଥିବା ଏହି ମଶାମାନେ ୧୯୭୦ରୁ ଜର୍ମାନୀ ଓ ଦକ୍ଷିଣପୂର୍ବ ଇଂଲଣ୍ଡ ପର୍ଯ୍ୟନ୍ତ ୟୁରୋପୀୟ ଅଞ୍ଚଳରେ ବ୍ୟାପିବାକୁ ଆରମ୍ଭ କରିଛନ୍ତି। ଗତ ଦଶନ୍ଧିରେ ଇଟାଲିରେ ଚିକୁନ୍‌ଗୁନିଆ ଦେଖାଦେଇଛି, ଯେଉଁଥିରୁ ଜଣାପଡୁଛି ଯେ ଏହି ଭୂତାଣୁବାହୀ ମଶାମାନେ ୟୁରୋପରେ ପ୍ରସାରଲାଭ କରିବା ସମ୍ଭବ। ୨୦୮୦ ସୁଦ୍ଧା ଏହି ମଶାମାନେ ସାରା ବିଶ୍ୱରେ ୧୯୭ଟି ଦେଶରେ ପ୍ରସାରଲାଭ କରିସାରିଥିବେ।

ମଶାମାନେ ଯେପରି ବିଭିନ୍ନ ରୋଗର ଏକ ଉତ୍ତାପ-ଚାଳିତ କ୍ଷେପଣାସ୍ତ୍ର ପରି। ଉତ୍ତାପ ଯେତେ ବଢ଼ିବ ମଶାମାନଙ୍କୁ ମାରାତ୍ମକ ରୋଗ ପ୍ରସାର କରିବାକୁ ସେତେ ସୁବିଧା ହେବ। ମଶାମାନଙ୍କ ପରମାୟୁ ୧୦ରୁ ୧୨ ଦିନ। ତା'ରି ଭିତରେ ସେମାନେ ନିଜ ପେଟରେ ଭୂତାଣୁଙ୍କ ବଂଶବୃଦ୍ଧି କରି ତାକୁ ସଂକ୍ରାମକ କରିଦିଅନ୍ତି। ବାୟୁ ଉତ୍ତପ୍ତ ରହିଲେ ମଶାଙ୍କ ଶୀତଳ ରକ୍ତରେ ଭୂତାଣୁମାନେ ଶୀଘ୍ର ବଂଶବୃଦ୍ଧି କରନ୍ତି। ଉତ୍ତପ୍ତ ଜଳବାୟୁ ମଶାମାନଙ୍କୁ ବେଶି ଭୋକିଲା କରିଦିଏ ଏବଂ ସେମାନେ ମଣିଷଠାରୁ ଅଧିକ ରକ୍ତ ଶୋଷିବାକୁ ଚେଷ୍ଟା କରନ୍ତି, ଯାହାଦ୍ୱାରା ରୋଗସଂକ୍ରମଣ ବୃଦ୍ଧି ପାଏ। ଉତ୍ତପ୍ତ ଜଳବାୟୁ ମଧ୍ୟ ମଶାଙ୍କ ବଂଶବୃଦ୍ଧିରେ ସାହାଯ୍ୟ କରେ। ଏଡିସ୍ ଆଲ୍‌ବୋପିକ୍ଟସ୍ ମଶା ମଣିଷଙ୍କୁ ବେଶି କାମୁଡ଼ନ୍ତି। ଅନେକ ସ୍ଥାନରେ ସେମାନେ ମଣିଷର ଜୀବନକୁ ଦୁର୍ବିଷହ କରିଦେଲେଣି। ବୟସ୍କ ମାଈ ମଶାମାନେ ଆକ୍ରମଣାତ୍ମକ ଭାବରେ କାମୁଡ଼ନ୍ତି, ବିଶେଷତଃ ଦିନବେଳେ ଉଭୟ ଘରେ ଓ ବାହାରେ। ଏମାନଙ୍କ ଯୋଗୁ ପିଲାମାନେ ବାହାରେ ଖେଳବୁଲ କରିପାରୁ ନାହାନ୍ତି, ଯାହା ସେମାନଙ୍କ ମୋଟାପଣ ପାଇଁ ଦାୟୀ।

ଏଡିସ୍ ଆଲ୍‌ବୋପିକ୍ଟସ୍ ମଶା ୨୨ ପ୍ରକାର ଭୂତାଣୁଙ୍କ ବାହକ, ଯେଉଁମାନେ ପୀତଜ୍ୱର, ରିଫ୍‌ଟ ଭାଲି ଜ୍ୱର, ଜାପାନୀ ଜ୍ୱର ଓ ୱେଷ୍ଟ ନାଇଲ ଜ୍ୱର ରୋଗର କାରକ। ଗୋଟିଏ ମଶା କାମୁଡ଼ାରେ ଏକ ସମୟରେ ଏକାଧିକ ରୋଗ ବି ହୋଇପାରେ। ଗବେଷଣାରୁ ଜଣାପଡ଼ିଛି ଯେ, ଗୋଟିଏ ମଶା ଏକ ସମୟରେ ଚିକୁନ୍‌ଗୁନିଆ ଓ ଡେଙ୍ଗୁର କାରଣ ହୋଇପାରେ। ଏପରି ଏକାଧିକ ରୋଗ ଚିହ୍ନଟ କରିବା ପାଇଁ ବିଶେଷ ସତର୍କତାର ସହ ଜ୍ୱର ଓ ବିନ୍ଧା ପ୍ରଭୃତି ଲକ୍ଷଣଗୁଡ଼ିକୁ ଦେଖିବାକୁ ପଡ଼େ। ମନେରଖନ୍ତୁ ମାଂସାହାର ଓ ଗଛ କାଟିବା ହେଉଛି ଜଳବାୟୁ ପରିବର୍ତ୍ତନର ଦୁଇଟି ମୁଖ୍ୟ କାରଣ।

Email: gandhim@nic.in

# ନାରୀ ନିର୍ଯାତନା



**ଡା. ସୁରେନ୍ଦ୍ରନାଥ ପତି**

ଆମ ଦେଶରେ ମହିଳାମାନଙ୍କ ପ୍ରତି ବଳାତ୍କାର ଦିନକୁ ଦିନ ବଢ଼ିବା ଲକ୍ଷ୍ୟ କରାଯାଉଛି। ଏଣିକି ଗଣମାଧ୍ୟମର ଏହା ପ୍ରମୁଖ ସମାଚାର ପାଲଟିଲାଣି। ପ୍ରାୟ ସବୁ ବୟସର ମହିଳା ଏହାର ଶିକାର ହେଉଛନ୍ତି। ୯ ମାସର କନ୍ୟାଠାରୁ ଆରମ୍ଭ କରି ୭୦ ବର୍ଷର ବୃଦ୍ଧା ମଧ୍ୟ ଏଥିରୁ ନିସ୍ତାର ପାଉନାହାନ୍ତି। ପୁରାଣଯୁଗରେ କେତେକ ଅସୁର ପ୍ରକୃତିର ଲୋକ ଏପରି କାର୍ଯ୍ୟ କ୍ୱଚିତ୍ କରିଥିବାର ପ୍ରମାଣ ଅଛି। କିନ୍ତୁ ଆଜିର ଏହି ଅତ୍ୟାଧୁନିକ ସଭ୍ୟ ବିଜ୍ଞାନଯୁଗରେ ନାରୀମାନଙ୍କ ପ୍ରତି ବଳାତ୍କାର ଏକ ଧାରାବାହିକ ଘଟଣାଭାବେ ଘଟୁଛି। ପୃଥିବୀର ପ୍ରତ୍ୟେକ ଦେଶରେ ବିଶେଷତଃ ଅନୁନ୍ନତ, ଦରିଦ୍ର, କୁସଂସ୍କାରଗ୍ରସ୍ତ ବାତାବରଣରେ ଏହାର ସଂଖ୍ୟା ଅଧିକ। ଭାରତରେ ପ୍ରତି ୨୦ ମିନିଟ୍‌ରେ ଗୋଟିଏ ଯୌନ ନିର୍ଯାତନା ଘଟୁଛି। ୧୨ରୁ ୪୦ ବର୍ଷ ବୟସର ମହିଳା ଅଧିକ ପୀଡ଼ିତ ହେଉଛନ୍ତି। ଜାତିସଂଘର ରିପୋର୍ଟ ଅନୁଯାୟୀ ସର୍ବାଧିକ ଘଟଣା ଅନୁନ୍ନତ ଇଥିଓପିଆରେ ଦେଖାଯାଏ। ସର୍ବାଧିକ ଉନ୍ନତ ଉତ୍ତର ଆମେରିକାରେ ପ୍ରତି ୬ଜଣ ମହିଳାଙ୍କ ମଧ୍ୟରେ ଜଣେ ବଳାତ୍କାରର ଶିକାର ହୋଇଥାନ୍ତି। ଇଂଲଣ୍ଡ, ଫ୍ରାନ୍ସ, କାନାଡା, ଅଷ୍ଟ୍ରେଲିଆରେ ମଧ୍ୟ ଏହା କମ୍ ଘଟୁନାହିଁ। ଭାରତରେ ୧ଲକ୍ଷ ଲୋକସଂଖ୍ୟାରେ ୬.୩ଟି ବଳାତ୍କାର କେସ୍ ରିପୋର୍ଟ ହୁଏ। ଶତକଡା ୯୯ଟି ମାମଲା ଲୋକଲୋଚନରୁ ଦୂରରେ ରହୁଛି। National Crime Records Bureauଙ୍କ ଏହା ମତ। ୨୦୧୨ ଡିସେମ୍ବରରେ ଘଟିଥିବା 'ନିର୍ଭୟା' ବଳାତ୍କାର ପରେ ସହସା ରିପୋର୍ଟ ହେଉଥିବା କେସ୍ ସଂଖ୍ୟା ବୃଦ୍ଧିପାଇ ଶତକଡ଼ା ୨୬ଟି ହୋଇଥିଲା। ଦିଲ୍ଲୀ, ରାଜସ୍ଥାନ, ଉତ୍ତରପ୍ରଦେଶରୁ ଅଧିକ ସଂଖ୍ୟାରେ ଖବର ମିଳିଥିଲା। ସେହିପରି ଜମ୍ମୁ-କଶ୍ମୀରର କଠୁଆ ବଳାତ୍କାର, ଉତ୍ତରପ୍ରଦେଶର ଉନ୍ନାଓର, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗରେ ଲୋମହର୍ଷଣକାରୀ ରେପ୍ କେସ୍‌ର ଖବର ମିଳିବାରେ ଲାଗିଛି।

ବଳାତ୍କାର କ'ଣ? ଭାରତୀୟ ଦଣ୍ଡବିଧି ଆଇନ ଅନୁସାରେ ୧୮ ବର୍ଷ ବା ଅଧିକ ବୟସର ମହିଳାଙ୍କ ସହିତ ତାଙ୍କ ବିନା ସମ୍ମତିରେ ଏବଂ ୧୮ ବର୍ଷରୁ କମ୍ ବୟସର ମହିଳାଙ୍କ ସହିତ, ତାଙ୍କର ବିନା ସମ୍ମତିରେ ବା ସମ୍ମତି ପ୍ରଦାନ କରିଥିଲେ ମଧ୍ୟ ଜଣେ ବ୍ୟକ୍ତି ଯୌନକ୍ରିୟା କରିଥିଲେ ତାକୁ 'ରେପ୍' ଆଖ୍ୟା ଦିଆଯିବ। ପୂର୍ବରୁ ଏହି ବୟସର ସୀମା ୧୬ ବର୍ଷ ଥିଲା। ରେପ୍ ସଂଜ୍ଞା ବିଷୟରେ ବହୁ ଆଇନଗତ ବ୍ୟାଖ୍ୟା ଅଛି। ଯାହା ଅତି ଦୀର୍ଘ। ବ୍ୟକ୍ତି ରେପ୍ କରେ କାହିଁକି? ଜଣେ ବ୍ୟକ୍ତି ତା'ର ଯୌନ ଆକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ମହିଳାକୁ ବଳାତ୍କାର କରେ। ସେ ବିବାହିତ ବା ଅବିବାହିତ ହୋଇପାରେ। ଧାର୍ମିକ ମନୋଭାବର ଅଭାବ, ମାନସିକ ବିକୃତି, ନିଃସଙ୍ଗତା, ନିଶାଦ୍ରବ୍ୟ ସେବନ ଓ ମଦ୍ୟପାନ, ସାମାଜିକ ଚଳଣିରେ ଅନଭ୍ୟସ୍ତ, ବଦନାମକୁ ବେଖାତିର ମନୋଭାବ ଆଦି ରେପ୍ କରିବାର ପ୍ରଧାନ କାରଣ। ବିଖ୍ୟାତ ମନୋବିଜ୍ଞାନୀମାନେ ମତଦିଅନ୍ତି- ସ୍ତ୍ରୀ ଜାତି ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ବ୍ୟକ୍ତି ବଳପୂର୍ବକ ଅନ୍ୟ ଜଣେ ସ୍ତ୍ରୀକୁ ବଳାତ୍କାର କରି ପୂର୍ବ ଲଜ୍ଜାରୁ ମୁକ୍ତି ପାଇବାକୁ ଇଚ୍ଛାକରେ, ପୁରୁଷ ନାରୀଠାରୁ ଉଚ୍ଚତର ହେବାକୁ ଇଚ୍ଛା କରେ। ଏହା ନ ହୋଇପାରିଲେ ସେ ରେପ୍ କରି ସୁପିରିୟର ହେଲା ବୋଲି ମନେକରେ। ପ୍ରତିଶୋଧ ନେବା ପାଇଁ ସେହିପରି ଶାରୀରିକ ଦୃଷ୍ଟିରୁ ଦୁର୍ବଳ ଦେଖାଯାଉଥିବା, ଅନ୍ୟ ଏକ ସମାନ ଚେହେରା ବିଶିଷ୍ଟ ମହିଳାକୁ ବଳାତ୍କାର କରିବା, ନିଜ ଜୀବନରେ ସଂଯମ ହାସଲ କରି ନ ପାରିବା ବ୍ୟକ୍ତି ଅବଳାକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ମଧ୍ୟ ଏକ ମନୋବୈଜ୍ଞାନିକ କାରଣ ହୋଇପାରେ।

କିନ୍ତୁ ପ୍ରତ୍ୟେକ ବଳାତ୍କାର କେସ୍ ଅନ୍ୟ କେସ୍‌ଠାରୁ ଭିନ୍ନ, ତା'ର ପଶ୍ଚାତ୍‌ଭାଗରେ ଲୁଚି ରହିଥବା ଉଦ୍ଦେଶ୍ୟ ମଧ୍ୟ ଭିନ୍ନ ହୋଇଥାଏ। କିନ୍ତୁ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏପରି ବଳାତ୍କାର ଦ୍ୱାରା ଏକ ମାନସିକ ଆବଶ୍ୟକତା ପୂରଣ ହୁଏ। ସାଇକୋଲଜିଷ୍ଟ ଡାଭିଡ୍ ଲିସାକ୍ କହିଥିଲେ- ମନୁଷ୍ୟର ଗୋଟିଏ ଗ୍ରୁପ୍ ଅନ୍ୟ ଦୁର୍ବଳ ଗ୍ରୁପ୍‌କୁ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରାନ୍ତ କରିବା କିଛି ଅବାସ୍ତବ କଥା ନୁହେଁ। ନାଜି ଜର୍ମାନ କ୍ୟାମ୍ପ୍‌ରେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିଲା, ତାହା ମଧ୍ୟ ରେପ୍।

ଆମ ଦେଶରେ ଘଟୁଥିବା ଅନେକ ନାରୀ ନିର୍ଯାତନା ଘଟଣା ଲୋକଲୋଚନକୁ ଆସିପାରୁନାହିଁ। ଏହାର କାରଣ ସାମାଜିକ ଲଜ୍ଜା, ପ୍ରତିପକ୍ଷ ଦ୍ୱାରା ଭୟ ପ୍ରଦର୍ଶନ। ଆପୋସ ସମାଧାନ, ଥାନାଠାରୁ ଦୂରରେ ଘଟୁଥିବା ଘଟଣାମାନ- ଏହିପରି କାରଣ ବହୁତ ଅଛି। ଅଭିଯୁକ୍ତ ଫେରାର ଥିବାରୁ, ବିଚାରପତିଙ୍କ ଅଭାବ ଯୋଗୁ, ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲିଥିଲେ ମଧ୍ୟ ଅପରାଧୀଙ୍କୁ ଦଣ୍ଡବିଧାନ ହୋଇପାରୁନାହିଁ। ପୋକ୍‌ସୋ ଆକ୍ଟ ପ୍ରଣୀତ ହେବା ପରେ ୧୨ ବର୍ଷରୁ କମ୍ ବୟସର ନାବାଳିକା ବଳାତ୍କାର ପାଇଁ ମୃତ୍ୟୁଦଣ୍ଡର ପ୍ରାବଧାନ କରାଯାଇଛି। ଏହା ସତ୍ତ୍ୱେ ବଳାତ୍କାରୀଙ୍କ ମଧ୍ୟରେ ଭୟର ସଞ୍ଚାର ହୋଇଥିବା ମନେହୁଏ ନାହିଁ।

ରେଣୁକା ଏନ୍‌କ୍ଲେଭ୍, ପୁରୀ,
ମୋ-୯୪୩୭୪୯୪୭୭୬

## ଏଇ ଭାରତରେ

କେରଳରେ ଲୁଙ୍ଗି ପିନ୍ଧି ବାହାରକୁ ଯିବା ଏକ ସାଧାରଣ ଘଟଣା। ବିଶେଷକରି ଦକ୍ଷିଣ ଭାରତୀୟମାନେ ଅଧିକାଂଶ ସମୟରେ ଲୁଙ୍ଗି ବ୍ୟବହାର କରିଥାଆନ୍ତି। ହେଲେ ନିକଟରେ ଜଣେ ଯୁବକ ସାଙ୍ଗମାନଙ୍କ ସହ ଲୁଙ୍ଗି ପିନ୍ଧି ରେସ୍ତୋରାଁ ଯାଇଥିବାରୁ ସେଠାରେ ତାଙ୍କୁ ଖାଇବାକୁ ମିଳି ନ ଥିଲା। ଏଥିପାଇଁ ସେ ପୋଲିସରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କେରଳର କୋଝିକୋଡିରେ କରିମ ଚେଲେମ୍ବରା ନାମକ ଜଣେ ଯୁବକ ଲୁଙ୍ଗି ପିନ୍ଧି ଏକ ରେସ୍ତୋରାଁକୁ ଖାଇବାକୁ ଯାଇଥିଲେ। ଆଉ ସେ ସେଠାରେ ପ୍ରବେଶ କରିବା ସମୟରେ ରେସ୍ତୋରାଁ କର୍ମଚାରୀ ତାଙ୍କୁ ଭିତରକୁ ଯିବାକୁ ବାରଣ କରିଥିଲେ। ସେ ଏହାର କାରଣ ଜାଣିବାକୁ ଚାହିଁବାରୁ ତାଙ୍କୁ କୁହାଯାଇଥିଲା ସେ ଲୁଙ୍ଗି ପିନ୍ଧି ଆସିଥିବାରୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। କାରଣ ଏଠାକୁ ଲୋକେ ପରିବାର ସହ ଆସୁଥିବାରୁ ଏମିତି ପୋଷାକ ପିନ୍ଧି ଆସିଥିବା ବ୍ୟକ୍ତିଙ୍କୁ ଏଠାରେ ବାରଣ କରାଯାଇଥାଏ। ସେ ଏହାର ପାଲଟା ଜବାବରେ କହିଥିଲେ, ଏହା ତ କେଉଁଠି ଉଲ୍ଲେଖ କରାଯାଇ ନାହିଁ। ତେଣୁ ସେ ଏହି ଘଟଣାକୁ ନେଇ ପ୍ରତିବାଦର ସ୍ୱର ତୀବ୍ର କରିବା ସହିତ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ଚିରନ୍ତନୀ

ଲଭେ କିବା ଆସି ଏଥି କି ହଜାଏ, ସେ ହିସାବ କାହିଁ?
ଦେଖିବା ଶୁଣିବା ଯେତେ ରହେ ବାକି, ଅନ୍ତ ତା'ର ନାହିଁ।
ଅବୋଧ ଜୀବନ-ପଥେ ସମଦୁଃଖୀ ସାଥୀ ଅଗଣିତ,
ନାହିଁ ରୂପ ନାହିଁ ଚିହ୍ନ! ସବୁ ଆଜି ପାସୋରିବା ଗୀତ!
ବେଳାର ବାଲୁକା ସମ ଜ୍ଞାନରେଣୁ ଯାଏ କ୍ଷଣେ ଉଡ଼ି
ପଡ଼ିରହେ ବାକି ସବୁ ଚିରନ୍ତନ ଜଡ଼ତା ଯାବୁଡ଼ି।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | 8 | 2 | | 7 | | | 6 | | | | | E |
| 8 | 1 | | | | B | E | C | | 4 | 7 | | | | |
| | | C | | | | 5 | | | | | D | | 7 | 6 |
| | D | 6 | | 5 | 4 | | A | | | | | | | |
| A | E | | | | | D | | | | | | | 8 | |
| | | 8 | A | | | | | | | | | | 1 | |
| 4 | | 3 | E | 0 | | | | | D | 5 | 8 | | 2 | |
| D | 6 | | 2 | 3 | 9 | | 7 | | A | | | | | |
| | 9 | | | 6 | 5 | | | | | 3 | 2 | B | | |
| | | B | | | | | | | | 6 | 9 | | D | |
| | | | | | | | 1 | 9 | | 2 | 0 | | E | C |
| 3 | | | 9 | C | | | | | | | | 7 | | 0 |
| | A | | | | | B | | | 8 | | | | 5 | 3 |
| | 8 | E | | | D | | | 3 | | | | 4 | B | |
| 6 | | | | 7 | E | | | | B | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | B | 2 | 0 | 3 | E | 7 | 6 | 5 | A | D | 1 | 8 | 9 | C |
| 5 | 0 | D | B | 1 | 4 | 8 | E | 2 | 9 | 6 | C | 3 | A | 7 |
| 9 | 7 | A | C | 2 | D | B | 1 | 3 | 8 | 5 | E | 4 | 0 | 6 |
| 1 | E | C | 6 | 9 | 8 | A | 4 | D | 3 | 0 | 7 | 2 | B | 5 |
| 3 | 6 | 8 | 7 | A | 5 | C | 0 | 9 | 4 | B | 2 | E | 1 | D |
| A | 1 | 3 | 8 | 5 | C | 0 | 7 | 4 | D | 9 | B | 6 | E | 2 |
| B | 4 | E | 9 | 0 | 6 | 1 | 5 | A | 2 | C | 8 | 7 | D | 3 |
| 6 | 8 | 7 | 1 | D | B | 2 | 3 | C | E | A | 0 | 9 | 5 | 4 |
| C | 5 | 9 | 2 | 4 | A | D | B | E | 7 | 3 | 6 | 1 | 8 | 0 |
| D | 2 | 0 | 3 | E | 7 | 6 | 9 | 8 | 5 | 1 | 4 | A | C | B |
| E | 3 | 5 | A | C | 2 | 4 | D | 7 | 0 | 8 | 9 | B | 6 | 1 |
| 2 | 9 | B | 5 | 6 | 1 | E | A | 0 | C | 7 | 3 | D | 4 | 8 |
| 0 | A | 1 | E | 8 | 3 | 5 | 2 | 6 | B | 4 | D | C | 7 | 9 |
| 7 | C | 4 | D | B | 0 | 9 | 8 | 1 | 6 | 2 | A | 5 | 3 | E |
| 8 | D | 6 | 4 | 7 | 9 | 3 | C | B | 1 | E | 5 | 0 | 2 | A |

ଗତକାଲିର ଉତ୍ତର

# କାହା ଉପରେ ଶିଶୁଙ୍କ ଦାୟିତ୍ୱ

**ଭାଗୀରଥି ବେହେରା**

ପ୍ରତ୍ୟେକ ଶିଶୁ ଅଗଢା ପଥର ସଦୃଶ। ସେ ପଥରରେ ସୁନ୍ଦର ମୂର୍ତ୍ତିଟିଏ ଲୁଚିଥାଏ। ଏ ମୂର୍ତ୍ତିକୁ ଶିଳ୍ପୀଟିଏ ଦେଖିପାରେ। ସେହି ଶିଳ୍ପୀମାନେ ହେଲେ- ମାତା, ପିତା, ଶିକ୍ଷକ ଓ ସମାଜ ଯେଉଁମାନେ ତାକୁ ସୁନ୍ଦର ବ୍ୟକ୍ତିତ୍ୱ ପ୍ରଦାନ କରନ୍ତି। ଶିଶୁଙ୍କର ବିକାଶରେ ଯଦି ଶିଳ୍ପୀଗଣ ଟିକିଏ ବି ଅସାବଧାନତା କିମ୍ବା ଅବହେଳା କରନ୍ତି, ତେବେ ମୂର୍ତ୍ତି ଖଣ୍ଡବିଖଣ୍ଡିତ ହେବାର ଭୟ ଥାଏ। ଏ ବିଷୟରେ ଆମକୁ ଭାବିବାକୁ ହେବ, ଆମେ କିଛି ଅତି କରୁନେ ତ! ଏମିତି ତ ନୁହଁ ଯେ ଛୋଟ ଛୋଟ ଭୁଲ୍‌ରେ ଆମେ ଶିଶୁଙ୍କୁ ଅପମାନିତ, ଦଣ୍ଡିତ ଓ ପ୍ରତାଡ଼ିତ କରୁଛେ କିମ୍ବା ଆବଶ୍ୟକଠାରୁ ଅଧିକ ସୁରକ୍ଷା ପ୍ରଦାନ କରି ସେମାନଙ୍କ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ବିକାଶରେ ବାଧକ ହେଉଛେ? ଆମ ସମାଜରେ ଏମିତି ଅନେକ ଉଦାହରଣ ଅଛି ଯେଉଁଠି ମାତା ପିତା ଓ ଅଭିଭାବକ ଏମିତି ଭୁଲ କରିଛନ୍ତି। ଅତ୍ୟଧିକ ନିର୍ଭରଶୀଳତା ଯୋଗୁ ପିଲାମାନେ ନା ନିର୍ଣ୍ଣୟ ନେଇପାରନ୍ତି, ନା କେଉଁ ସମସ୍ୟାର ସମାଧାନ ନିଜେ ଖୋଜି ପାରନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ଛୋଟ ବଡ ସମସ୍ୟାର ସମାଧାନ ପାଇଁ ଅନ୍ୟ ଉପରେ ନିର୍ଭର କରନ୍ତି। ଯେମିତି ସ୍କୁଲ ବ୍ୟାଗ ଉଠେଇବା, ପାଣି ପିଇବା, ଖାଦ୍ୟ ଖାଇବା, ପାର୍କ ଯିବା, ଖେଳିବା ଆଦି ଅତି ସାଧାରଣ କାର୍ଯ୍ୟରେ ଅନ୍ୟ ଉପରେ ନିର୍ଭର କରନ୍ତି। ମାତାପିତା ନିଜ ମନ ଭିତରେ ଏକ କାଳ୍ପନିକ ଦୁର୍ଘଟଣାର ରୂପରେଖ ତିଆରି କରନ୍ତି ଓ ଭାବନ୍ତି ସେମାନଙ୍କ ପିଲା ସାଙ୍ଗରେ ମଧ୍ୟ ଏମିତି ଘଟିପାରେ। ସେଥିପାଇଁ ସେମାନେ ସବୁବେଳେ ପିଲାମାନଙ୍କୁ ନିଜ ପାଖରେ ରଖିବାକୁ ଚାହାନ୍ତି।

ନିଜ ବ୍ୟସ୍ତଜୀବନରେ ଅନେକ ମାତାପିତା, ବ୍ୟବସାୟୀ କି ଚାକିରିଆ ଶିଶୁମାନଙ୍କ ପ୍ରତି ଯତ୍ନବାନ ନୁହନ୍ତି। ବଡ ସ୍କୁଲରେ ପିଲାର ଆଡମିଶନ ହେଇଯିବା ଅର୍ଥ ନୁହଁ ଯେ ସେମାନଙ୍କର ଦାୟିତ୍ୱ ସରିଗଲା। ସେମାନଙ୍କ ପାଖରେ ନିଜ ପିଲାଙ୍କ ମାନସିକ, ବୌଦ୍ଧିକ, ରଚନାତ୍ମକ କ୍ଷମତା ଜାଣିବାକୁ ସମୟ ନ ଥାଏ। ତା'ଠାରୁ ବଡ କଥା ହେଲା ସେମାନେ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ। ଅଧିକାଂଶ ମାତାପିତା ନିଜ ଇଚ୍ଛା, ମହତ୍ତ୍ୱାକାଂକ୍ଷା, ସ୍ୱପ୍ନ ପିଲାମାନଙ୍କ ଉପରେ ଲଦିଦେବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ପୁଣି ସେମାନଙ୍କର ବିଚାର ଓ ରୁଚିକୁ ମଧ୍ୟ ସମ୍ମାନ କରନ୍ତି ନାହିଁ। ସେମାନଙ୍କ ବାଳସୁଲଭ କାର୍ଯ୍ୟକଳାପ ଉପରେ ଅନେକ କଟକଣା ଲଗେଇଥାଆନ୍ତି। ଏ ପ୍ରକାର ନୀତିନିୟମ ଓ ବ୍ୟବହାର ଶିଶୁଙ୍କ ବିକାଶର ଧାରାକୁ ଅବରୋଧ କରେ।

ଶିଶୁର ବିକାଶରେ ଘରେ ମା'ବାପା, ବିଦ୍ୟାଳୟରେ ଶିକ୍ଷକ, ସମାଜର ବାଳସେବା ସଂସ୍ଥା, ବାଳ ଚଳଚ୍ଚିତ୍ର ଓ ପ୍ରେରଣାପଦ ସାହିତ୍ୟର ଦାୟିତ୍ୱ ଥାଏ। ଶିଶୁଙ୍କର ପ୍ରଥମ ପାଠଶାଳା ହେଲା ଘର ପରିବାର, ଯେଉଁଠି ତା'ର ବ୍ୟକ୍ତିତ୍ୱ ବିକାଶ ଆରମ୍ଭ ହୁଏ। ଏଠି ମାଆର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ। ଯଦି ମାତାପିତା ନିଜ ପିଲାଙ୍କୁ ନିଃସର୍ତ୍ତ ଭଲ ପାଆନ୍ତି କିମ୍ବା ପ୍ରେମର ଅଭିବ୍ୟକ୍ତି କରନ୍ତି, ତା'ହେଲେ ପିଲାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡେ। ଶିଶୁର ପ୍ରତ୍ୟେକ କାର୍ଯ୍ୟରେ ରୁଚି ଦେଖେଇବା ଅବା ତା' ଇଚ୍ଛାକୁ ସମ୍ମାନ କରିବା ହିଁ ଭଲ ପାଇବାର ଠିକ୍ ଅଭିବ୍ୟକ୍ତି। ଏ ପ୍ରକାର ପିଲାଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ, ସହଯୋଗ, ସଦ୍‌ଭାବନା ଆଦି ସାମାଜିକ ଗୁଣର ବିକାଶ ହୁଏ ଏବଂ ସାମାଜିକ ଦାୟିତ୍ୱବୋଧରେ ନିଜର ମହତ୍ତ୍ୱପୂର୍ଣ୍ଣ ନେତୃତ୍ୱ ଦେଖାଏ। ଶିଶୁର ନୈତିକ ବିକାଶ ପାଇଁ ପାରିବାରିକ ଓ ସାମାଜିକ ପରିବେଶ ଅତି ମହତ୍ତ୍ୱ ରଖେ। କିନ୍ତୁ ଯେତେବେଳେ ସେହି ଶିଶୁ ପାଠଶାଳା ଯାଏ, ସେତେବେଳେ ତା' ଭିତରେ ଏକ ନୂଆ ଦୁନିଆ ପ୍ରବେଶ କରେ, ଯେଉଁଠି ଭିନ୍ନ ଭିନ୍ନ ପରିବେଶ ଓ ସମାଜରୁ ଅନେକ ପିଲା ପଢିବାକୁ ଆସନ୍ତି। ବିଦ୍ୟାଳୟର ବାତାବରଣ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବା ଆରମ୍ଭ କରେ। ଶିକ୍ଷକ ଓ ସହପାଠୀଙ୍କ ସହ ଯେଉଁ ସାମାଜିକ ସମ୍ବନ୍ଧ ଗଢିଉଠେ, ତାହା ଶିଶୁର ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶରେ ନିର୍ଣ୍ଣାୟକ ମୋଡ ଆସେ। ଯେତେବେଳେ ଆମେ ବିଦ୍ୟାଳୟର ଶିକ୍ଷା ଓ ସଂସ୍କାର କଥା କହୁ ସେତେବେଳେ ପ୍ରଥମ ସଂସ୍କାର ହେଲା କି ପିଲାଙ୍କୁ ସ୍ନେହପ୍ରେମ ମିଳିବା। ପିଲାଙ୍କ ପ୍ରକୃତିଦତ୍ତ ଗୁଣକୁ ମୁଖରିତ କରିବା, ନୈତିକ ଗୁଣକୁ ଚିହ୍ନି ସଜାଡିବା, ସେମାନଙ୍କୁ ସତ୍ୟ, ନ୍ୟାୟ ଧର୍ମ ପଥରେ ନିଷ୍ଠାବାନ ନାଗରିକ କରି ଗଢ଼ିତୋଳିବା ଶିକ୍ଷକଗଣଙ୍କ ମୁଖ୍ୟ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ହେବା ଉଚିତ। ପ୍ରାଚୀନ ଭାରତରେ ଗୁରୁକୁଳ ପରମ୍ପରା ଥିବା ଯୋଗୁ ଶିଷ୍ୟଙ୍କ ସର୍ବାଙ୍ଗୀଣ ଉନ୍ନତି ପାଇଁ ଅନେକ କାର୍ଯ୍ୟ ଶିକ୍ଷା ପଦ୍ଧତିର ମୁଖ୍ୟ ଧାରା ଥିଲା। ସେଥିପାଇଁ ତ ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କ ପରି ଶାସକ, ଦ୍ରୋଣାଚାର୍ଯ୍ୟ ଅର୍ଜୁନଙ୍କ ପରି ମହାରଥୀ ଓ ବିଶ୍ୱାମିତ୍ର ଶ୍ରୀରାମଙ୍କ ପରି ପ୍ରଜାପାଳକ ଭାରତୀୟ ସମାଜକୁ ଦେଇଥିଲେ। ସାମ୍ପ୍ରତିକ ସମୟରେ କର୍ପୋରେଟ ସେକ୍ଟରରେ ଗୀତାର କର୍ମଯୋଗ ପଢାଯାଇ କର୍ମଚାରୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ କରାଯାଏ।

ବ୍ୟକ୍ତିତ୍ୱ ବିକାଶରେ ବଂଶାନୁକ୍ରମ ତଥା ପରିବେଶ ଦୁଇଟି ପ୍ରଧାନ ତତ୍ତ୍ୱ। ବଂଶାନୁକ୍ରମ ଶିଶୁକୁ ବ୍ୟକ୍ତି ରୂପେ ଜନ୍ମଜାତ ଶକ୍ତି ପ୍ରଦାନ କରେ ଏବଂ ପରିବେଶ ସେସବୁ ଶକ୍ତିକୁ ଜୀବନରେ ପ୍ରୟୋଗ କରିବା ଶିଖାଏ। ଯେମିତି ପିଲା ବଡ ହୁଏ, ଶିଶୁରୁ କିଶୋର ଓ ଯୁବକ ହୁଏ, ସେ ରହୁଥିବା ସମାଜର ଶୈଳୀକୁ ଆତ୍ମସାତ୍ କରି ବଡ ହୁଏ।

ଆଜି ସମାଜରେ ଯେଉଁ ବାତାବରଣ, ସେଥିରେ ଶିଶୁଙ୍କର ନୈତିକତା ହ୍ରାସ ପାଉଛି। ଭୌତିକବାଦର ଏ ସମୟରେ ପିଲାଙ୍କୁ ଧନବାନ୍, ଶକ୍ତିମାନ୍ ଓ ସମୃଦ୍ଧିଶାଳୀ ହେବାର ସମସ୍ତ କଳା ଶିଖିବାକୁ ପ୍ରେରିତ କରାଯାଏ। ଯାହାଦ୍ୱାରା ତା'ର ଏକ ଷ୍ଟାଟସ୍ ତିଆରି ହେଇପାରେ। ମାଆବାପା ସେହି ଦିଗରେ ପିଲାଙ୍କୁ ବଢାନ୍ତି। ପଇସା ହିଁ ସବୁକିଛି, ପଇସା ରୋଜଗାର କର- ଏହା ହିଁ ସକାଳସନ୍ଧ୍ୟା ଶିକ୍ଷା ଦିଆଯାଏ। କିନ୍ତୁ ପଇସା କମେଇବା ପାଇଁ କେଉଁ ପ୍ରକାର ପ୍ରଶିକ୍ଷଣ ଆବଶ୍ୟକ ତାହା ବିଚାରକୁ ନିଆଯାଏ ନାହିଁ। ସେଥିପାଇଁ ପଇସା କମେଇବାର ପ୍ରତିଯୋଗିତା ଆରମ୍ଭ ହୁଏ।

ବର୍ତ୍ତମାନ ସମୟରେ ପିଲାମାନଙ୍କୁ ପ୍ରତିସ୍ପର୍ଦ୍ଧା ଓ ଷ୍ଟାଟସ୍‌ର ପରିବେଶରେ ରଖି ଆମେ ନିଜର ସ୍ୱପ୍ନ ସାକାର କରିବାକୁ ଚାହୁଁ, ଯାହାଦ୍ୱାରା ଆମେ ଶିଶୁର ହଁରେ ହଁ ମିଶାଉ କିମ୍ବା ଅଯଥା ଉପଦେଶ ଦେଉ। ଶିକ୍ଷଣ ସଂସ୍ଥାନ ମଧ୍ୟ ସମୟ ଅନୁସାରେ ଅଧିକ ଲୋଭନୀୟ କାର୍ଯ୍ୟ ଓ ଚାକିରି ପ୍ରତି ଅଧିକ ଧ୍ୟାନ ଦିଅନ୍ତି ଓ ଶିକ୍ଷଣ ପଦ୍ଧତି ସ୍ଥିରୀକୃତ କରନ୍ତି। ଏମିତି ସମୟରେ ବିଦ୍ୟାଳୟର ଦାୟିତ୍ୱ ହେଲା ବାଳକ ଓ ବାଳିକାଙ୍କ କ୍ଷମତା ଓ ଶକ୍ତିକୁ ରଚନାତ୍ମକ ଦିଶା ଦେବା, ଯାହାଦ୍ୱାରା ଶିଶୁଗଣ ଭୌତିକ ଓ ଆତ୍ମିକ ବିକାଶରେ ସନ୍ତୁଳନ ରଖିବାର କଳା ଶିଖିପାରିବେ।

ଆଜି ସବୁଠୁ ଆବଶ୍ୟକ ହେଲା ଠିକ୍ ପ୍ରେରଣା, ମାର୍ଗଦର୍ଶନ ଓ ପରାମର୍ଶ ସହ ସୁସ୍ଥ ପାରିବାରିକ ଶୈକ୍ଷିକ ଏବଂ ସାମାଜିକ ବାତାବରଣ। ଏହାର ଦାୟିତ୍ୱ ହେଲା ମାତାପିତା (ପରିବାର), ଶିକ୍ଷକ (ପାଠଶାଳା) ଓ ସମାଜ (ଜନ୍ମସ୍ଥାନ)ର।

ବ୍ରହ୍ମପୁର, ଗଞ୍ଜାମ, ମୋ-୮୨୮୦୨୨୩୬୪୪

## ପାଠକ ଶ୍ରେଷ୍ଠ ବିଚାରକ

### କାଳିଆ ଯୋଜନା ବହୁ ଚାଷୀଙ୍କ ପାଖରେ ଅପହଞ୍ଚ

ମହାଶୟ,

ସରକାର ଚାଷୀମାନଙ୍କ ପାଇଁ ଯେଉଁ କାଳିଆ ଯୋଜନାଟି ଆରମ୍ଭ କଲେ, ତାହା କେବଳ ଉପରଠାଉରିଆ ଭାବେ କାର୍ଯ୍ୟ କରୁଛି। ଚାଷୀମାନଙ୍କୁ କେଉଁ ଆଧାରରେ ଚିହ୍ନଟ କରାଯାଉଛି, କେତେ ସଂଖ୍ୟାରେ ଚାଷୀ ଅଛନ୍ତି, ସେମାନେ ସବୁ କେଉଁ କେଉଁ ବର୍ଗର ତା'ର କିଛି ଠିକ୍ ଗଣନା ନ କରି ଯାହାକୁ ଯେମିତି ଏ ସହାୟତା ମିଳିଯାଉଛି। ବଡ଼ ଚାଷୀ, କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଭାଗଚାଷୀ, ଯୌଥ ପରିବାରର ଅଂଶୀଦାର ଚାଷୀ ଓ ଭୂମିହୀନ ଚାଷୀଙ୍କୁ ପ୍ରଥମେ ଚିହ୍ନଟ କରିସାରିବା ପରେ ଏହି ଯୋଜନାଟିକୁ କାର୍ଯ୍ୟକାରୀ କରିଥିଲେ ସବୁବର୍ଗର ଚାଷୀ ଉପକୃତ ହେବା ସଙ୍ଗେସଙ୍ଗେ ଋଣ କରିଥିବା ଚାଷୀ ଏଥିରୁ ବାଦ୍ ପଡ଼ି ନ ଥାନ୍ତେ। ତାହା ନ କରି ଏହାକୁ ଯେଉଁ ଢଙ୍ଗରେ ସହାୟତା ଦିଆଯାଉଛି ତାହା 'ମାରିନେବେ ମହାପାତ୍ରେ, ଚାହିଁଥିବେ ଜଳକା' ନ୍ୟାୟରେ ଚାଲିଥିବା ପରି ହୃଦୟଙ୍ଗମ ହେଉଛି।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### କଟକରେ ବିମାନ ବନ୍ଦର ହେଉ

କଟକ ସହରରେ ଗୋଟିଏ ବିମାନ ବନ୍ଦର ଆବଶ୍ୟକ। ରାଜ୍ୟ ସରକାର ଜାଗା ଚିହ୍ନଟ କରି ବିମାନବନ୍ଦର ନିର୍ମାଣ କରିବା ଆବଶ୍ୟକ। ତାହାଦ୍ୱାରା ଅନ୍ୟ ରାଜ୍ୟ ତଥା ବିଦେଶରୁ ଖେଳାଳିମାନେ ସିଧାସଳଖ କଟକରେ ପହଞ୍ଚିପାରିବେ। ବାରବାଟୀ ଷ୍ଟାଡିୟମରେ ଖେଳ ପାଇଁ ଖେଳାଳିମାନେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସେଠାରୁ କଟକ ଆସୁଛନ୍ତି। ପୁରାତନ ରାଜଧାନୀ ତଥା ସାଂସ୍କୃତିକ ସହର ପ୍ରତି ଅବହେଳା ନ ହେଉ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଜୁଲାଇ ୧୯୯୪**

- ଆସାମର କର୍ଫ୍ୟୁ ଅଧ୍ୟୁଷିତ ବାରପେଟା ଜିଲାରେ ବୋଡୋ ଉଗ୍ରପନ୍ଥୀମାନେ ଏକ ଶରଣାର୍ଥୀ ଶିବିର ଉପରେ ଆକ୍ରମଣ କରି ୫୦ ଲୋକଙ୍କୁ ହତ୍ୟା କରିଛନ୍ତି।
- ଓଡ଼ିଶାର ବିଭିନ୍ନ ଜିଲାରେ ଦେଖାଦେଇଥିବା ସାମ୍ପ୍ରତିକ ବନ୍ୟାରେ ୨୫ ଜଣଙ୍କ ମୃତ୍ୟୁ।
- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କୁ ଲଗାତର ଦ୍ୱିତୀୟଥର ପାଇଁ 'ଏସିଆ ମନି' ପୁରସ୍କାର।



"ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ

## ସଂକ୍ଷେପରେ

### ଟଙ୍କା ନ ଦେବାରୁ ୨ ନାବାଳକ ପିଟିଲେ

**ସମ୍ବଲପୁର,୨୪।୭ (ବ୍ୟୁରୋ)-** ସମ୍ବଲପୁର ଜିଲା ଧନୁପାଲି ଥାନା ପୁଟିବନ୍ଧର ସୌମ୍ୟ ରଞ୍ଜନ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ମାଡ ହୋଇଛି। ଏହି ଘଟଣାରେ ଭତରା ଡୁରୀପଡାର ୨ ଜଣ ନାବାଳକଙ୍କୁ ପୋଲିସ ଧରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁଇ ନାବାଳକ ସୌମ୍ୟଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ନ ଦେବାରୁ ଦୁଇ ନାବାଳକ ତାଙ୍କୁ ମାଡ ମାରିଥିଲେ ବୋଲି ସୌମ୍ୟ ଅଭିଯୋଗ କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୪।୭ (ବ୍ୟୁରୋ)-** ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଅଭିଯୁକ୍ତ ସୁନିଲ କୁମାର ଶ୍ରେଷ୍ଠାଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି । ବେଆଇନ ବନ୍ଧୁକ କାରବାରରେ ସେ ସଂପୃକ୍ତି ଅଛନ୍ତି। ସେ କୋର୍ଟରେ ହାଜର ନ ହୋଇ ଫେରାର ହୋଇ ଯାଇଥିଲେ।



### ବିନା ଯୌତୁକରେ ବିବାହ କଲେ ଯୁବକ

**ସମ୍ବଲପୁର,୨୪।୭(ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ଶିବ ମନ୍ଦିରରେ ବୁଧବାର ଏକ ନିରାଡମ୍ବର ତଥା ଆଦର୍ଶ ବିବାହ ଅନୁଷ୍ଠିତ ହୋଇଛି। ଜାମଲୋଇ ଗ୍ରାମର ରଶ୍ମି ରଞ୍ଜନ ସାହୁ (୨୭) ବିନା ଯୌତୁକରେ ଡଙ୍ଗାପାଲ ଗ୍ରାମର ଜୁଲି ପ୍ରଧାନ (୨୧)ଙ୍କ ହାତ ଧରି ମଥାରେ ସିନ୍ଦୂର ପିନ୍ଧାଇଛନ୍ତି। ମନ୍ଦିର ପୂଜକ ବିକ୍ରମ ମହାପାତ୍ର ଠାକୁରଙ୍କ ଆଗରେ ଏମାନଙ୍କ ବିବାହ କରାଇଥିଲେ। ପୂର୍ବତନ ସରପଞ୍ଚ ସନତ ପ୍ରଧାନ, ସଞ୍ଜୀବ ବିଶ୍ୱାଳ, ସୁଶୀଲ ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ତେବେ ବର ରଶ୍ମି କହିଛନ୍ତି ଯେ, ଜୁଲିଙ୍କ ବାପା ନାହାନ୍ତି। ସେ ଗରିବ ଶ୍ରେଣୀର। ଏଣୁ ବିନା ଯୌତୁକରେ ସେ ତାଙ୍କୁ ବିବାହ କରି ଆଜିର ଯୌତୁକ ସର୍ବସ୍ୱ ସମାଜକୁ 'ଯୌତୁକ ବିହୀନ' ବିବାହର ବାର୍ତ୍ତା ଦେବାକୁ ଚାହାନ୍ତି।

### ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ସମ୍ବଲପୁର,୨୪।୭ (ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ହାତୀବାରୀରେ ଗୋଟିଏ ହାଇସ୍କୁଲର ଜଣେ ଶିକ୍ଷକ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ବ୍ଲକ ଶିକ୍ଷା ଅଧିକାରୀ ଜୟ କୃଷ୍ଣ ପିଙ୍ଗଙ୍କ ପାଖରେ କିନ୍ତୁ ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି। ବୁଧବାର ଦୁଇ ଜଣ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାର ଅଭିଯୋଗ ଶିକ୍ଷକଙ୍କ ପାଖରେ ପହଞ୍ଚିଥିଲା । ଶିକ୍ଷକ ଜଣେ ଛାତ୍ରଙ୍କୁ ପିଟିଥିଲେ। ଛାତ୍ରଙ୍କ ଶରୀରରେ କ୍ଷତ ଚିହ୍ନ ରହିଛି । ଛାତ୍ର ଜଣକ ଘରେ ପହଞ୍ଚି କହିବା ପରେ ପରିବାର ଲୋକ ଯୁଯୁମୁରା ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ଗୁରୁବାର ଆସିବାକୁ କହି ପୋଲିସ ଫେରାଇ ଦେଇଛି।

### ଜିଏମ୍‌ୟୁ ସମ୍ମୁଖରୁ ଜବର ଦଖଲ ଉଚ୍ଛେଦ

**ସମ୍ବଲପୁର,୨୪।୭(ବ୍ୟୁରୋ)-** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମୁଖ୍ୟ ଗେଟ୍ ସମ୍ମୁଖ ଓ ପାର୍ଶ୍ୱରୁ ବୁଧବାର ମହାନଗର ନିଗମ ଜବରଦଖଲ ଉଚ୍ଛେଦ କରିଛି। ବାରମ୍ବାର ଅଭିଯୋଗ ହେବା ପରେ ତେଣୁ ମହାନଗର ନିଗମ ଏହି ପଦକ୍ଷେପ ନେଇଛି। ପ୍ରାୟ ୨୦ଟି ଛୋଟ ବଡ ଅସ୍ଥାୟୀ ଦୋକାନକୁ ଉଚ୍ଛେଦ କରାଯାଇଛି । ହେଲେ ପୁଣି ଜବର ଦଖଲ ହେବାର ଆଶଙ୍କା ରହିଛି।

# ୫ ବ୍ଲକର ୩୦ ଏସ୍‌ଏଚ୍‌ଜିକୁ ମାଛ ଚାଷ ତାଲିମ

**ସମ୍ବଲପୁର,୨୪।୭ (ବ୍ୟୁରୋ)**

ସମ୍ବଲପୁର ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାଛ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ଧନକଉଡା, ମାନେଶ୍ୱର, ରେଙ୍ଗାଲି, କୁଚିଣ୍ଡା ଓ ଜମନକିରା ବ୍ଲକର ମୋଟ ୩୦ଟି ଏସ୍‌ଏଚ୍‌ଜି ମହିଳାମାନେ ଯୋଗ ଦେଇଥିଲେ। ଏହି ଶିବିରରେ ମତ୍ସ୍ୟ ବିଭାଗ ଉପ ନିର୍ଦ୍ଦେଶକ ପବିତ୍ର ମୋହନ ବେହେରା ଯୋଗ ଦେଇ କହିଥିଲେ ଯେ, ମହିଳାମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଏହି ପ୍ରୟାସ କରାଯାଉଛି । ଅନ୍ୟପକ୍ଷେ ଏହାଦ୍ୱାରା ଗ୍ରାମାଞ୍ଚଳରେ ମଧ୍ୟ ଲୋକେ ସୁବିଧା, ସହଜ, କମ୍ ମୂଲ୍ୟରେ ହାତ ପାଆନ୍ତାରେ ମାଛ ପାଇପାରିବେ।

ଏହାଯୋଗୁ ପୁଷ୍ଟିହୀନତା ରୋଗରେ ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମିଯିବ। ଗୋଟିଏ ଗୋଷ୍ଠୀ ଏକ ହେକ୍ଟର ଜମିରେ ମାଛ ଚାଷ କଲେ ବାର୍ଷିକ ୩ ଲକ୍ଷ ଟଙ୍କା ରୋଜଗାର ହୋଇପାରିବ। ଏଥିପାଇଁ ପ୍ରାୟ ୬୦ ହେକ୍ଟର ପୋଖରୀକୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ଗୋଷ୍ଠୀକୁ ବିନା ସୁଧରେ ଦେଢ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବ । ୯୦ ହଜାର ଟଙ୍କା ସବ୍‌ସିଡି ରହିଛି । ଏଥିରେ ମାଛ ଯାଆଁଳ ଓ ଖାଦ୍ୟ ଦିଆଯିବ। ୬ ମାସରେ ଥରେ ମାଛ ବିକ୍ରି ହୋଇପାରିବ। ମାଛ ବିକ୍ରି ପାଇଁ ସମସ୍ୟା ନ ଥିବାରୁ ମହିଳାମାନେ ମାଛ ଚାଷ କରି ବଜାରରେ ସୁବିଧାରେ ବିକ୍ରି କରି ପାରିବେ। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ମହିଳା ସଶକ୍ତୀ କରଣ ବିଭାଗ ଓ ଜିଲା ମତ୍ସ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମିଶନ ଶକ୍ତି, ଓଡିଶା ଜୀବିକା ମିଶନ ଓ ଜିଲା ପ୍ରଶାସନ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲା।



ସମ୍ବଲପୁର ଜିଲା ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ବାକି ଥିବା ନିର୍ମାଣ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

**ରେଢାଖୋଲ,୨୪।୭ (ଡି.ଏନ.ଏ.)**

ଜିଲାପାଳ ଶୁଭମ୍ ସକସେନା ବୁଧବାର ରେଢାଖୋଲ ଗସ୍ତରେ ଆସି ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ବର୍ଷ ବର୍ଷ ଧରି ନିର୍ମାଣ କାର୍ଯ୍ୟ ସରୁ ନ ଥିବା ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ଶଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟାଉନ ହଲ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଠିକାଦାରଙ୍କୁ ୭ ଦିନ ଭିତରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟ ଆରମ୍ଭ ନ କଲେ ୱାର୍କ ଅର୍ଡର ବାତିଲ କରିବାକୁ କହିଥିଲେ। ନୂତନ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ୩ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହ ମହାନଦୀରୁ ରେଢାଖୋଲ ସହରକୁ ପାନୀୟ ଜଳ ପ୍ରକଳ୍ପ, ଇକୋ ପାର୍କ, ଭୀମ ଭୋଇ ପାଠାଗାର, ଡାକ୍ତର କ୍ୱାର୍ଟରକୁ ବିଦ୍ୟୁତ ସଂଯୋଗ ପ୍ରଭୃତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

କଲେଜ ଛକ ନିକଟରେ ନିର୍ମାଣ ହେବାକୁ ଥିବା ଟ୍ରୋମା ସେଣ୍ଟର ଓ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଡାକ୍ତରଖାନା ପାଇଁ ସ୍ଥାନ ପରିଦର୍ଶନ କରିଥିଲେ। ଉପଖଣ୍ଡ ଡାକ୍ତରଖାନାକୁ ଯାଇ ରୋଗୀ ସେବା ଓ ନିରାମୟ ଯୋଜନାର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଉପଜିଲାପାଳ ବିଶିକେସନ ଦେହୁରୀ, ଡିଏଫଓ ସଂଗ୍ରାମ କେଶରୀ ବେହେରା, ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ, ଏସ୍‌ଡିଏମ୍‌ଓ ବିପିନ ବିହାରୀ ସାହୁ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିରଞ୍ଜନ ପାଣିଗ୍ରାହୀଙ୍କ ସମେତ ବିଦ୍ୟୁତ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଶାସନର ଉଚ୍ଛେଦକୁ ବିରୋଧ କରି ଦେବଗଡ଼ ସହର ବନ୍ଦ

**ଦେବଗଡ,୨୪।୭ (ଡି.ଏନ.ଏ.)**

ଦେବଗଡ଼ରେ ପୌରପରିଷଦ ପକ୍ଷରୁ ହେଉଥିବା ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି କିଛି ବ୍ୟବସାୟୀ ବୁଧବାର ୨୪ ଘଣ୍ଟିଆ ଦେବଗଡ ବନ୍ଦ କରିଛନ୍ତି। ବ୍ୟବସାୟୀମାନେ ସକାଳ ୬ଟାରୁ ପିକେଟିଂ କରି ସ୍କୁଲ, କଲେଜ, ବ୍ୟାଙ୍କ, ଦୋକାନ ବଜାର ସମେତ ବସ୍ ଚଳାଚଳ ବନ୍ଦ କରିଥିଲେ । ତେବେ ୧୦ଟା ପରେ ପରେ କେତେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିବା ବେଳେ କୋର୍ଟ କଚେରି କିନ୍ତୁ ଖୋଲା ଥିଲା। ବନ୍ଦ ଯୋଗୁ ସହର ସମେତ ଜିଲାର ସମସ୍ତ ଅଞ୍ଚଳରେ ଜନଜୀବନ ବାଧାପ୍ରାପ୍ତ ହୋଇଥିଲା। ଅବଶ୍ୟ କାଁ ଭାଁ ଦୋକାନ ଖୋଲା ଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବନ୍ଦକୁ ବିଫଳ ତଥାର ଭଣ୍ଡୁର କରିବା ପାଇଁ ପୋଲିସ ପ୍ରାଣପଣେ ଉଦ୍ୟମ କରିଥିଲା। ବ୍ୟବସାୟୀଙ୍କୁ ଡରାଇବାକୁ ଯାଇ ପୋଲିସ ଗୋଟିଏ ଦିନ ଆଗରୁ ଅର୍ଥାତ୍ ମଙ୍ଗଳବାର ୧୬ ଜଣ ବ୍ୟବସାୟୀ ନାମରେ ନୋଟିସ କରିଥିଲା। ହେଲେ ଏହା କିଛି ଫରକ ପକାଇ ନ ଥିଲା।

# ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଜିଲାପାଳ

**ନାକଟିଦେଉଳ, ୨୪।୭ (ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଶୁଭମ ସାକ୍ସେନା ବୁଧବାର ନାକଟିଦେଉଳ ବ୍ଲକ ଗସ୍ତରେ ଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ପରିଦର୍ଶନ କରିଛନ୍ତି। ବାଟଗାଁ ପଞ୍ଚାୟତ ହିତସରା ଗ୍ରାମରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା ହେଉଥିବା ମହୁ ଚାଷ ପ୍ରକଳ୍ପ ସହ ମିଶନଶକ୍ତି ସହଯୋଗରେ ଚାଲିଥିବା ଫୁଲ ବଗିଚା ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିସହିତ ଗ୍ରାମରେ ନିର୍ମିତ କଲ୍ୟାଣ ମଣ୍ଡପ କାର୍ଯ୍ୟ ତଦାରଖ କରିବା ସହ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବାଟଗାଁରେ ପାନୀୟ ଜଳ, ଆବାସ ଯୋଜନା, ବିଦ୍ୟୁତ୍ ସମସ୍ୟା, ବର୍ଷା ଅଭାବରୁ ଚାଷ ଜମି ଶୁଖିଲା ପଡ଼ିଥିବା ନେଇ ପଞ୍ଚାୟତବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ମନରେଗା ଯୋଜନାରେ ଲୋକେ ସାମିଲ ହୋଇ ଗଭୀର କୂଅ, କଟାର ପୁନରୁଦ୍ଧାର କରି ଜଳ ଅମଳ କରିବାକୁ ଗ୍ରାମବାସୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ମୁଷାକାନୀ ଗ୍ରାମର ମହିଳାମାନେ ଜିଲାପାଳଙ୍କୁ ରାସ୍ତାରେ ଅଟକାଇ ବେଆଇନ ଭାବେ ଚାଲିଥିବା ମଦ ଭାଟି ବନ୍ଦ କରିବାକୁ ଦାବି କରିଥିଲେ। ସେହିପରି ଜିଲାପାଳ ବ୍ଲକର ସିମିଲିପାଳ ପଞ୍ଚାୟତର କାଦୋବାହାଲ୍ ପ୍ରାଇମେରୀ ସ୍କୁଲ ଏବଂ ଜାମୁଯୋରୀ ପଞ୍ଚାୟତ ଅନ୍ତର୍ଗତ ପାହାଡ଼ ତଳି ଦୁର୍ଗମ କଇଁଗ ପ୍ରାଇମେରୀ ସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଥିଲେ । ଏହି ଅବସରରେ ଜିଲାପାଳ କଇଁଗ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାପାଳଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ରେଢ଼ାଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ, ଡିଏଫଓ ସଂଗ୍ରାମ କେଶରୀ ବେହେରା, ନାକଟିଦେଉଳ ବିଡ଼ିଓ ମେଥୋଡ଼ିୟସ ଲାକ୍ରା, ତହସିଲଦାର ସମୀର ବିଲୁଙ୍ଗ, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ, ସହାୟକ ଯନ୍ତ୍ରୀ ବିକ୍ରମ ମୁର୍ମୁ, କନିଷ୍ଠ ଯନ୍ତ୍ରୀମାନଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗାନ୍ଧୀ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ନାକଟିଦେଉଳ, ୨୪।୭ (ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଛି । ଓଡ଼ିଶା ସାଂସ୍କୃତିକ ସମାଜ ସମ୍ବଲପୁର ସହଯୋଗରେ ଆୟୋଜିତ ଏହି ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର ସାହୁ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ.ଶଙ୍କର ପତିମୁଖ୍ୟ ଅତିଥି, ସାଂସ୍କୃତିକ ସମାଜର ସଂଯୋଜକ ଡ. ସନ୍ତୋଷ ଦାଶ ମୁଖ୍ୟ ବକ୍ତା, ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡ.ପରେଶ ଦାନୀ ଏବଂ ଡ଼. ରାମାନୁଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ଗାନ୍ଧୀଜୀଙ୍କ ନୀତି, ଆଦର୍ଶ, ଚିନ୍ତାଧାରା ସମ୍ପର୍କରେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଛାତ୍ରୀ ସୂର୍ଯ୍ୟକାନ୍ତୀ ବେହେରା ୧ମ, ସିଲୁପମା ସାହୁ ୨ୟ ଏବଂ ଇପସିତା ମେଣ୍ଡୁଲି ୩ୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ।



ଏମ୍‌ସିଏଲ୍ ରାଜଭାଷା କାର୍ଯ୍ୟକାରୀ ସମିତିର ବୈଠକରେ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା ବକ୍ତବ୍ୟ ଦେଉଛନ୍ତି ।

# ହିନ୍ଦୀ ଭାଷା ଦେଶ ଏକତାର ସୂତ୍ରଧର

**ସମ୍ବଲପୁର, ୨୪।୭ (ବ୍ୟୁରୋ)**

ବୁର୍ଲାସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ରାଜଭାଷା କାର୍ଯ୍ୟକାରୀ ସମିତିର ୬୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜଭାଷା ଦେଶ ଏକତାର ସୂତ୍ରଧର। ଏହା ଦେଶର ବିବିଧତାକୁ ପୁଷ୍ପମାଳାର ଡୋରିରେ ବାନ୍ଧି ରଖିବାର ଗୁରୁତ୍ୱ ଭୂମିକା ବହନ କରି ଆସୁଛି । ତେଣୁ ହିନ୍ଦୀ ଏକ ଭାଷା ନୁହେଁ, ଏହା ଏକ ବିଚାର ବୋଲି କହିଥିଲେ । ରାଜଭାଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରବନ୍ଧକ କୃଷ୍ଣଦେବ ପ୍ରସାଦ ଅତିଥି ସ୍ୱାଗତ କରିଥିଲେ। ଏଥିରେ ପ୍ରତ୍ୟେକ କ୍ଷେତ୍ରୀୟ ଓ ମୁଖ୍ୟାଳୟର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । କଲିହାରୀ ରାଜଭାଷା ସହାୟକ ପ୍ରବନ୍ଧକ କେ.ଆର. ସାହୁ, ସହାୟକ ପ୍ରବନ୍ଧକ ତୁଳିକା ବିଶ୍ୱାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁନମୁନ ଅଗ୍ରୱାଲ ସୂଚନା ପ୍ରଦାନ କରିଥିଲେ ।

**OFFICE OF THE DISTRICT EDUCATION OFFICER, GAJAPATI, PARALAKHEMUNDI**

**No.4615/OAVS-30** ADVERTISEMENT **Date.23.07.2019**

Applications are invited from interested eligible candidates for engagement as Wardern & Asst. Cook in different Girls Hostel of Odisha Adarsha Vidyalayas under Gajapati District on contractual basis, The total Nos. of posts to be filled up, eligible criteria, age limit, remuneration of the each posts vacancy position and guideline etc. is uploaded in the District website i.e. **www.gajapati.nic.in** & displayed in Notice Board of all OAVs/BEOs, & Collectorate/DEO/DPC, Gajapati for wide publication. The application must be sent to the concerned **Principals of Odisha Adarsha Vidyalaya** under Gajapati District through **Speed Post or Registered Post** only. The last date of receipt of the application form is 07.08.2019 during office hour.Sd./- Collector & District Magistrate, Gajapati

**OFFICE OF THE DISTRICT & SESSIONS JUDGE, ANGUL**

**DRAFT ADVERTISEMENT NO.01 OF 2019**

**Dated:-24.07.2019**

**(For the post of Jr.Clerk-cum-Copyist, Jr. Typist and Stenographer Grade-III.)**

No.: 12-W: Applications in the prescribed format are invited from the eligible candidates for filling up the posts of Jr. Clerk-cum-Copyist, in the scale of pay (Level 4 Rs.19,900/- 63,200/-), Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/- 81,100/-) with usual D.A. and other allowances, as admissible to the State Government employees from time to time as per the ORSP Rules, 2017 on regular basis subject to the result of W.P© No.1273 of 2014 of the Hon'ble Court. **The last date of receipt of application is fixed to 26.08.2019 by 5.00 P.M.**

For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website **https://districts.ecourts.gov.in/angul** or **https://angul.nic.in/**.

**Sd./- Chairman-cum-District Judge**
**Recruitment Committee, Angul**

18012/11/0002/1920

**OFFICE OF THE RUKMINI LATH BALNIKETAN, CHHANCHANPALI SAMBALPUR**

**No.68/CCI** **Dt.23.07.2019**

Applications are invited from eligible candidates in prescribed application form for engagement of different contractual posts for the Child Care Institution namely Rukmini Lath Bal Niketan, Chhanchanpali (registered under JJ(C & PC) Act). The engagement is purely contractual basis and the selection of candidate shall be made on the basis of mark. It is to inform that the candidates who are engaged for said posts are not Government Staffs, the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official Website **www.sambalpur.nic.in.** Interested candidates may apply in the prescribed format to ***the District Child Protection Officer, 2nd Floor Collectorate, Sambalpur*** by mentioning the post Registered post /Speed post only to be received during the office hours on or before 02.08.2019 by 5 P.M. The envelope containing the application should be superscribed in bold letters "Application for the post of ......( the name of the post for which you are applying) in Rukmini Lath Bal Niketan" on the top of the envelope to distinguish it from common dark. Incomplete application and application received after due date shall be rejected. The undersigned reserves the right to cancel any or all the application received/ under process without assigning any reason thereof. The undersigned will not be responsible for any postal delay.

**Sd./- Chairman**
**Rukmini Lath Balniketan**
**Chhanchanpali, Sambalpur**

**FORM NO.13**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 324 OF 2018**

**Syndicate Bank, Sikharpur Branch, Nayagarh** **...Applicant**
**AND**
**M/s. Jagannath Printing and Book Binding Unit & others** **...Defendants**

To,

1. **M/s. Jagannath Printing and Book Binding Unit,** represented through its Proprietor Sri Harihar Moharana, At/P.O.: Sikharpur, P.S.: Saranakula, Dist.: Nayagarh, PIN-752080.
2. **Harihar Moharana,** S/o- Narayan Moharana, At/P.O.: Sikharpur, Via: Saranakul, Dist.: Nayagarh.
3. **Mrs. Pranati Moharana,** W/o- Harihara Moharana, At/P.O.: Sikharpur, Via: Saranakul, Dist.: Nayagarh.
4. **Narayan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
5. **Mukund Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
6. **Karan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 324/2018** in the Court of Debts Recovery Tribunal at Cuttack for a recovery of **Rs.49,81,543.94** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **06th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of July 2019.**

**Sd/- Registrar**
**Debts Recovery Tribunal**

**ଓଡ଼ିଶା ସାହିତ୍ୟ ଏକାଡେମୀ**
**ସଂସ୍କୃତି ଭବନ, ଭୁବନେଶ୍ୱର-୧୪**

**ଏକାଡେମୀ ସ୍ୱନକ୍ଷତ୍ର ଦିବସ**

**ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ୨୫ ଜୁଲାଇ ୨୦୧୯,ଗୁରୁବାର ସନ୍ଧ୍ୟା : ୬.୦୦ ଘଟିକା**

**ଉଦ୍‌ଘାଟକ** — **ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ,ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ମୁଖ୍ୟଅତିଥି** — **ଶ୍ରୀ ସାତକଡି ହୋତା**
ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

**ବିଶିଷ୍ଟ ଅତିଥି** — **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ସମ୍ମାନନୀୟ ଅତିଥି** — **ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ସଭାମୁଖ୍ୟ** — **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

**ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଅନୁବାଦ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ।**

**ଉକ୍ତ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ ।**

**ବି.ଦ୍ର: ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ଉନ୍ମୋଚନ**

**ଜୟନ୍ତୀ ରଥ**
**ସଚିବ**
**ଓଡ଼ିଶା ସାହିତ୍ୟ ଏକାଡେମୀ**

**ବ୍ୟକ୍ତିଗତ ସୂଚନା**

ଏତଦ୍ୱାରା ନିମ୍ନଲିଖିତ ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କୁ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର ସମ୍ପର୍କରେ ତା୦୬।୦୭।୧୯ରିଖରେ ''ଜିଲ୍ଲାପାଳ-ନୟାଗଡ଼''ଙ୍କର କାର୍ଯ୍ୟାଳୟରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ସମ୍ପର୍କରେ ମତାମତ ପ୍ରଦାନ କରିବାକୁ ଜଣାଇ ଦିଆଯାଇଥିଲା। ମାତ୍ର ଆପଣମାନେ ଉକ୍ତ ଦିନଟିରେ ଅନୁପସ୍ଥିତ ରହିଥିଲେ।

| କ୍ର. ନଂ. | ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କର ନାମ | ବିଦ୍ୟାଳୟ ଏବଂ ବ୍ଲକର ନାମ |
|---|---|---|
| ୧ | ମମତା କହଁର | ଜାମୁସାହି ୟୁ.ଜି.ଏଚ୍.ଏସ୍, ଦଶପଲ୍ଲା |
| ୨ | ସୁନିତା କହଁର | କୁଲୁରୁକୁମ୍ପା ୟୁ.ଜି. ଏଚ୍.ଏସ୍., ଦଶପଲ୍ଲା |
| ୩ | ନମିତା ବେହେରା | ରଘୁନାଥ ୟୁ.ପି.ଏସ୍., ଦଶପଲ୍ଲା |
| ୪ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୫ | ଅର୍ଯ୍ୟୁନ ଟୁଡୁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୬ | ନିହାରକାନ୍ତ ଜେନା | ଅଶୁରଢିପା ପି.ୟୁ.ପି.ଏସ୍., ଓଡ଼ଗାଁ |
| ୭ | ଡାଙ୍ଗି ହଂସଦା | ତଲାରିବନ୍ଧ ପି.ୟୁ.ପି.ଏସ୍., ରଣପୁର |
| ୮ | ମିନତି ଦେଈ | ଖଣ୍ଡିସି ପି.ଏସ୍., ରଣପୁର |

ଏଣୁ ଆପଣମାନେ ଆସନ୍ତା ୦୩।୦୮।୨୦୧୯ରିଖ ଦିନ ୧୦.୩୦ଟା ସମୟରେ ଜିଲ୍ଲାପାଳ, ନୟାଗଡ଼ଙ୍କର କାର୍ଯ୍ୟାଳୟ (ମିନି କନଫରେନ୍ସ ହଲ୍)ରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ମତାମତ ରଖିବା ପାଇଁ ଏହି ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଉଅଛି। ଯଦି ଉକ୍ତ ଦିନଟିରେ ଆପଣମାନଙ୍କ ମଧ୍ୟରୁ କେହି ଯଦି ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ନ ହୁଅନ୍ତି, ତେବେ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ଆପଣମାନେ ସ୍ୱଇଚ୍ଛାରେ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ଏବଂ ତତ୍‌ପଶ୍ଚାତ ଆପଣମାନଙ୍କ ବିରୁଦ୍ଧରେ ଦୀର୍ଘଦିନ କାର୍ଯ୍ୟରେ ଅନୁପସ୍ଥିତ ରହିବା ନିମନ୍ତେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସମୟରେ ଆପଣଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏହା ଅତ୍ୟନ୍ତ ଜରୁରୀ ବୋଲି ମନେକରିବେ।

**ଶିବଶଙ୍କର**
**ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, ନୟାଗଡ଼**

## ଆଜି କ'ଣ କେଉଁଠି

ଭବାନୀପାଟଣା

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ ଅପରାହ୍ଣ ସାଢେ ୪ଟା ।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି କଳାହାଣ୍ଡି ଜିଲା ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସମୟ, ପୂର୍ବାହ୍ଣ ୧୦ଟା ।

ଦେବଗଡ଼

- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, ପୂର୍ବାହ୍ଣ ୧୧ଟା ।

ସମ୍ବଲପୁର

- ଏଲଆଇସି ଜୋନାଲ ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ ଟୁର୍ଣ୍ଣାମେଣ୍ଟ, ଭିଏସଏସ ଇନଡୋର ହଲ୍, ପୂର୍ବାହ୍ଣ ସାଢ଼େ ୯ଟା ।

# ମାଓବାଦୀ-ଏସ୍‌ଓଜି ଯବାନ ଗୁଳି ବିନିମୟ

**ଭବାନୀପାଟଣା/ଲାଞ୍ଜିଗଡ଼, ୨୪।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଜେପୁର ଥାନା ଅନ୍ତର୍ଗତ ବଣ୍ଡାଖାଲି ଜଙ୍ଗଲରେ ବୁଧବାର ସକାଳେ ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସ ବାରାକ୍‌ଠାରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ, କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀର ଏହି ସୂଚନା ଦେଇଛନ୍ତି ।

ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ବଣ୍ଡାଖାଲି ଗ୍ରାମ ଜଙ୍ଗଲରେ ସକାଳ ସାଢେ ୭ଟାରୁ ୮ଟା ମଧ୍ୟରେ ଏସ୍‌ଓଜି ଯବାନ୍ କୋମ୍ବିଂ ଚଳାଇଥିଲେ। ଏହି ସମୟରେ ଯବାନଙ୍କ ଉପରକୁ ମାଓବାଦୀମାନେ ହଠାତ୍ ଗୁଳିମାଡ଼ ଆରମ୍ଭ କରିଥିଲେ। ଏଥିରୁ ଯବାନମାନେ ବର୍ତ୍ତିଯାଇଥିଲେ । ଏହାପରେ ଯବାନମାନେ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ସକାଶେ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ମାଓବାଦୀମାନେ ଯବାନଙ୍କୁ ଗୁଳି ଚଳାଇଥିଲେ। ନିଜ







ଖବରଦାତା ସମ୍ମିଳନୀରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ (ବାମ) । ଜବତ ମାଓବାଦୀ ସାମଗ୍ରୀ ।

- **ଜଣେ ମାଓବାଦୀ ନିହତ**
- **ମାଓବାଦୀ ସାମଗ୍ରୀ, ବନ୍ଧୁକ ଜବତ**

ଜୀବନ ବଞ୍ଚାଇବାକୁ ଯାଇ ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ। କିଛି ସମୟ ଉଭୟ ପଟୁ ଗୁଳିଚାଳନା ହେବା ପରେ ମାଓବାଦୀମାନେ ଛତ୍ର ଭଙ୍ଗଦେଇ ସେଠାରୁ ଚାଲିଯାଇଥିଲେ। ଏହି ଗୁଳିବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଯବାନମାନେ ଘଟଣାସ୍ଥଳରୁ କିଛି ମାଓବାଦୀ ସାମଗ୍ରୀ ସହ ଥ୍ରୀ ନଟ୍ ଥ୍ରୀ ବନ୍ଧୁକ ଜବତ କରିଛନ୍ତି। ଡିଆଇଜିଙ୍କ କହିବା ଅନୁଯାୟୀ ସାଧାରଣ ଲୋକଙ୍କୁ ପୋଲିସ ଇନ୍‌ଫର୍ମର୍ ନାମରେ ହତ୍ୟା କରାଯାଉଛି। ଗତ ରବିବାର ପାହାଡପଦର ହାଟରେ ଦିନ ଦ୍ୱିପହରରେ ଠିକାଦାର ରାଜୀନ୍ଦ୍ର ସାହୁଙ୍କୁ ଗୁଳିକରି ମାଓବାଦୀମାନେ ହତ୍ୟା କରିଥିଲେ। ଗତ ୨୧ ତାରିଖରେ ଭୀମ ଦୋରାଙ୍କୁ ପୋଲିସ ଇନ୍‌ଫର୍ମର୍ ଭାବେ ହତ୍ୟା କରାଯାଇଥିଲା। ଏହାକୁ ପୋଲିସ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଅଞ୍ଚଳର ବିଭିନ୍ନ ସ୍ଥାନରେ କୋମ୍ବିଂ ଅପରେଶନ ଜାରି ରଖିଥିଲା। କଳାହାଣ୍ଡି ଜିଲାରୁ ମାଓବାଦୀଙ୍କୁ ନିପାତ୍ ସକାଶେ ସମସ୍ତ କାର୍ଯ୍ୟକ୍ରମ ଜାରି ରହିବ। ମାଓବାଦୀମାନେ ଲୁଚିଛପି ନିରୀହ ଲୋକଙ୍କୁ ହତ୍ୟା କରୁଥିବା ବେଳେ ପୋଲିସ ମାଓବାଦୀମାନଙ୍କୁ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ କରୁଥିବା ଡିଆଇଜି ଲାଲ ପ୍ରକାଶ କରିଥିଲେ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା ମୁହଁକୁ ଧାନ ଭରଣେ ।**
**କାହା ମୁହଁକୁ ପାଳ ଭରଣେ ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋଳଥ ଡାଲି**
**କୁଣିଆଁ ଆସିଲେ ଦେ' ଢାଳି ।**

ଆଗ କାଳରେ କୋଳଥ ଗରିବମାନଙ୍କର ଖାଦ୍ୟ ରୂପେ ଗଣା ହେଉଥିଲା। ଏହା ସହଜରେ ମିଳିପାରୁଥିବା ତଥା ଏହାର ମୂଲ୍ୟ ଅପେକ୍ଷାକୃତ କମ୍ ହେଉଥିବା ଦୃଷ୍ଟିରୁ କୁଣିଆ ମଇତ୍ର ଆସିଲେ ତାଙ୍କ ଚର୍ଚ୍ଚା କରିବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ବାଳିକାଙ୍କ ବାନ୍ତିରେ...

ଝିଅ ସସ୍ମିତାଙ୍କ ମୁଣ୍ଡ ବିନ୍ଧିବା ପରେ ବାନ୍ତି ହୋଇଥିଲା । ବାନ୍ତିରେ ପାଟିରୁ କୋଇଲା ଭଳି ପଦାର୍ଥ ବାହାରିଥିଲା । ଏହାପରେ ସସ୍ମିତାକୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାକାର ଡାକ୍ତରମାନେ ବାନ୍ତିରେ କୋଇଲା ବାହାରିବା ଘଟଣାକୁ ଆଦୌ ବିଶ୍ୱାସ ନ କରି ଫେରାଇ ଦେଇଥିଲେ। ଏହାର କିଛିଦିନ ପରେ ସସ୍ମିତା ବାନ୍ତି କଲେ କୋଇଲା ପରି ପଦାର୍ଥ ବାହାରିଥିଲା । ଏହା ପରେ ଇଟାଭାଟି ମାଲିକ ତୁରନ୍ତ କାମ ଛାଡି ଓଡ଼ିଶା ଚାଲିଯିବାକୁ ଚୂଡାମଣୀଙ୍କୁ କହିଥିଲେ । ଫଳରେ ଦୁଇ ମାସ ପରେ ଚୁଡାମଣି ପରିବାର ଧରି ସେଠାରୁ ଫେରି ଆସିଥିଲେ। ଗାଁକୁ ଆସିବା ପରେ ମଧ ସସ୍ମିତା ବାନ୍ତି କଲେ କୋଇଲା ବାହାରିବା ଘଟଣା ଅନେକ ଥର ଘଟିଥିଲା। ଏନେଇ ବଲାଙ୍ଗୀର, ପାଟଣାଗଡ଼ ଓ କଣ୍ଟାବାଞ୍ଜି ଡାକ୍ତରଖାନାରେ ସସ୍ମିତାଙ୍କୁ ଦେଖାଇଥିଲେ। ମାତ୍ର କୌଣସି ଡାକ୍ତର ତାଙ୍କ କଥାକୁ ବିଶ୍ୱାସ କରି ନ ଥିଲେ । ଗତ ରବିବାର ଖପ୍ରାଖୋଲର ଏକ ଇଡଲି ଦୋକାନରେ ସସ୍ମିତା ଖାଉଥିବା ବେଳେ ବାନ୍ତି ହୋଇଥିଲା । ବାନ୍ତିରେ ତାଙ୍କ ପାଟିରୁ କୋଇଲା ପରି ପଦାର୍ଥ ବାହାରିଥିଲା । ସେଠାରେ ଥିବା ଲୋକେ ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତୁରନ୍ତ ସସ୍ମିତାଙ୍କୁ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ନ ଥିବାରୁ ସସ୍ମିତା ଘରକୁ ଫେରିଯାଇଥିଲେ। ବୁଧବାର ଖପ୍ରାଖୋଲର ଆୟୁଷ ଡାକ୍ତର ମଧୁମିତା ମେହେର ସସ୍ମିତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣି ଘଟଣା ସମ୍ପର୍କରେ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରିଥିଲେ । ପୂର୍ବଭଳି ଡାକ୍ତରମାନେ ଏହି କଥାକୁ ବିଶ୍ୱାସ କରି ନ ଥିଲେ । ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେ ସୁସ୍ଥ ଥିବା କହି ଘରକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ । ତେବେ ଘରକୁ ଫେରିବା ବେଳେ ଭ୍ୟାନ୍‌ରେ ଡାକ୍ତର ମଧୁମିତାଙ୍କ ସମ୍ମୁଖରେ ସସ୍ମିତାଙ୍କ ବାନ୍ତି ହୋଇଥିଲା। ବାନ୍ତିରେ କୋଇଲା ପରି ପଦାର୍ଥ ବାହାରିଥିଲା । ଏହାକୁ ଦେଖି ଡାକ୍ତର ମଧୁମିତା ଚକିତ ହୋଇପଡିଥିଲେ। ସେଠାରୁ ପୁଣି ହସ୍ପିଟାଲକୁ ଫେରି ଡାକ୍ତରଙ୍କୁ ବୁଝାଇଥିଲେ। ପରେ ସସ୍ମିତାଙ୍କୁ ଶିଶୁରୋଗ ବିଭାଗରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡିବ ବୋଲି କୁହାଯାଇଛି। ବାନ୍ତି କଲେ ସସ୍ମିତାଙ୍କ ପାଟିରୁ କୋଇଲା ବାହାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

# ଆତଙ୍କବାଦ ନିରୋଧୀ ବିଲ୍ ଲୋକ ସଭାରେ ଗୃହୀତ

## ବିରୋଧୀଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ,୨୪।୭(ପି.ଟି.)**

ବିରୋଧୀ ଦଳ ସଦସ୍ୟମାନଙ୍କ ହୋହଲ୍ଲା ଓ କକ୍ଷତ୍ୟାଗ ମଧ୍ୟରେ ଆତଙ୍କବାଦ ନିରୋଧୀ (ସଂଶୋଧନ) ବିଲ୍ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଏହି ବିଲ୍ ଆଇନରେ ପରିଣତ ହେଲେ ଆତଙ୍କବାଦ ସହ ସମ୍ପୃକ୍ତି ସନ୍ଦେହରେ ଯେକୌଣସି ବ୍ୟକ୍ତିଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇପାରିବ। ଆତଙ୍କବାଦ ନିରୋଧୀ ଆଇନରେ ସଂଶୋଧନକୁ ସମର୍ଥନ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଥିଲେ, ଆତଙ୍କବାଦୀଙ୍କଠାରୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକୁ ଗୋଟିଏ ପାଦ ଆଗରେ ରଖିବା ଜରୁରୀ।

ଲୋକ ସଭାରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ସଂଶୋଧନ ସମ୍ପର୍କିତ ଆଲୋଚନାରେ ଭାଗନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ଦେଶରୁ ଆତଙ୍କବାଦର ମୂଳୋତ୍ପାଟନ ଲାଗି ଏଭଳି ଆଇନର ଆବଶ୍ୟକତା ରହିଛି। ତେବେ ଉକ୍ତ ଆଇନର ଅପବ୍ୟବହାର କରାଯିବ ନାହିଁ ବୋଲି ସେ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ। ବିଲ୍ ଉପରେ ଭୋଟଗ୍ରହଣ ପୂର୍ବରୁ କଂଗ୍ରେସ ଓ ଟିଏମ୍‌ସି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଏହା ଅତ୍ୟନ୍ତ ନିଷ୍ଠୁର ଏବଂ ବିପଜ୍ଜନକ ଆଇନ ବୋଲି ବିରୋଧୀ କହିଛନ୍ତି। ଫଳରେ ବିଲ୍ ସପକ୍ଷରେ ୨୮୭ ଭୋଟ ପଡିଥିବାବେଳେ ବିପକ୍ଷରେ ମାତ୍ର ୮ଟି ଭୋଟ ଯାଇଥିଲା। ଶାହ କହିଥିଲେ, ଆତଙ୍କବାଦ ସଙ୍ଗଠନରେ ନୁହେଁ ଲୋକମାନଙ୍କ ଚିନ୍ତାଧାରାରେ ରହିଛି। ସେଥିପାଇଁ ବ୍ୟକ୍ତିବିଶେଷଙ୍କୁ ଆତଙ୍କବାଦୀ ଘୋଷଣା କରିବା ବ୍ୟବସ୍ଥାର ଆବଶ୍ୟକତା ରହିଛି। ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ରଙ୍କ ସମେତ ଅଧିକାଂଶ ବିରୋଧୀ ଦଳ ନେତା ଆଇନରେ ସଂଶୋଧନକୁ ବିରୋଧ କରିବା ସହ ବ୍ୟକ୍ତିବିଶେଷଙ୍କୁ ଟାର୍ଗେଟ କରିବାରେ ଏହାର ଅପବ୍ୟବହାର କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେଲେ ଦେଶର ସଂଘୀୟ ବ୍ୟବସ୍ଥା ପ୍ରଭାବିତ ହେବ ବୋଲି ମହୁଆ କହିବା ସହ ଏହାର ପ୍ରତ୍ୟାହାର ଦାବି କରିଥିଲେ।

# ଲାଞ୍ଚ ମାମଲା: ବରିଷ୍ଠ କିରାଣିଙ୍କୁ ୨ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୨୪।୭**

ଏକ ଲାଞ୍ଚ ମାମଲାର ବିଚାର କରି ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଅଭିଯୁକ୍ତ ବରିଷ୍ଠ କିରାଣୀଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ପୂର୍ବତନ ବୌଦ୍ଧ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ବିରେନ୍ଦ୍ର କୁମାର ପଣ୍ଡା। ଏବେ ସେ ହରଭଙ୍ଗା ବିଇଓ ଅଫିସରେ କାର୍ଯ୍ୟରତ। ମିଳିଥିବା ସୂଚନା ଅନୁଯାୟୀ, ଜିଲାର ମନମୁଣ୍ଡା ଥାନା ପୁରୁଣାପାଣିର ଶିକ୍ଷକ କୈଳାସ ସାଗର ଚାକିରୀରୁ ଅବସର ନେଇଥିଲେ। ତାଙ୍କ ଅବସରକାଳୀନ ବକେୟା ଅର୍ଥ ପାଇବା ପାଇଁ ବୌଦ୍ଧ ବିଇଓଙ୍କ କାର୍ଯ୍ୟାଳୟ ବରିଷ୍ଠ କିରାଣୀ ତଥା ଡିଲିଂ ଆସିଷ୍ଟାଣ୍ଟ ପଣ୍ଡାଙ୍କୁ ଦେଖା କରିଥିଲେ। ଦେହ ଖରାପ ହେବାରୁ ପୁଅ ଦେବଦତ୍ତ ଟଙ୍କା ପାଇବା ପାଇଁ କିରାଣୀ ପଣ୍ଡାଙ୍କୁ ଯାଇ ଭେଟିଥିଲେ। ହେଲେ ପଣ୍ଡା ୧୫୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ଦେବଦତ୍ତ ବ୍ରହ୍ମପୁର ଭିଜିଲାନ୍ସରେ ୨୦୧୬ ଜାନୁଆରୀ ୩୧ରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏ ନେଇ ନଂ.୫/୧୬ରେ ମାମଲା ରୁଜୁ କରିଥିଲା । ଯୋଜନା ମୁତାବକ ପରଦିନ ଅର୍ଥାତ ଫେବୃୟାରୀ ୧ରେ ଦେବଦତ୍ତ ୧୫୦୦ ଟଙ୍କା କିରାଣୀ ପଣ୍ଡାଙ୍କୁ ଦେଇଥିଲେ। ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ବେହେରା, ଇନ୍ସପେକ୍ଟର ପି.ଛତ୍ରିଆ ଏବଂ ଅନ୍ୟମାନେ ପଣ୍ଡାଙ୍କ ଠାରୁ ରଙ୍ଗବୋଳା ଟଙ୍କା ଜବତ କରି ତାଙ୍କୁ ଗିରଫ କରିଥିଲେ। ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

- ଚନାବେଡା ସେବାଶ୍ରମ ସ୍କୁଲରେ ଝାଡ଼ାବାନ୍ତି

# ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ, ୧୨ ଗୁରୁତର

**ଖଡିଆଳ,୨୪।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ସେବାଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି ଦେଖାଦେଇଛି । ବୁଧବାର ଝାଡ଼ାବାନ୍ତିରେ ବିଦ୍ୟାଳୟର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୨ ଜଣ ଛାତ୍ରୀଛାତ୍ର ଗୁରୁତର ଅଛନ୍ତି । ସେମାନଙ୍କୁ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଅପରପକ୍ଷେ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଭ୍ରାମ୍ୟମାଣ ଚିକିତ୍ସା ଦଳ ଚନାବେଡା ସେବାଶ୍ରମ ବିଦ୍ୟାଳୟରେ ପହଞ୍ଚି ଆକ୍ରାନ୍ତ ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା କରିବା ସହ ରକ୍ତନମୁନା ସଂଗ୍ରହ କରିଛନ୍ତି । ପ୍ରଥମେ ଛାତ୍ରୀଛାତ୍ରଙ୍କ ପେଟ ଦରଜ ହୋଇ ମୁଣ୍ଡ ବୁଲେଇବା ସହ ତରଳ ଝାଡ଼ାବାନ୍ତି ହୋଇଥିଲା । ଝାଡାବାନ୍ତି ବ୍ୟାପିବାର କାରଣ ଏଯାଏଁ ଠିକ ଜଣାପଡି ନ ଥିବା ବେଳେ ବାସି ଖାଦ୍ୟ ଖାଇବା କିମ୍ବା ଦୂଷିତ ପାଣି ବ୍ୟବହାର ଯୋଗୁ ଛାତ୍ରୀଛାତ୍ର ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ଦଳ ପକ୍ଷରୁ ଅନୁମାନ କରାଯାଉଛି । ଏବେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହେବାରେ ଲାଗିଥିବା ସେବାଶ୍ରମ ବିଦ୍ୟାଳୟ ପ୍ରଧାନସେବକ ବିରାଳ ନାଗ ଏବଂ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସୁପରଭାଇଜର ଧବଳେଶ୍ୱର ମେହେର ପ୍ରକାଶ କରିଛନ୍ତି ।



ଚନାବେଡା ସେବାଶ୍ରମ ବିଦ୍ୟାଳୟରେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରିବା ସହ ରକ୍ତନମୁନା ସଂଗ୍ରହ କରାଯାଉଛି।


# CLASSIFIED DISPLAY

## ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ASTROLOGY ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900



"ଦେଶରେ ଦଳିତ ଓ ସଂଖ୍ୟାଲଘୁମାନେ ସୁରକ୍ଷିତ ଅଛନ୍ତି। ଲୋକ ସଭା ନିର୍ବାଚନରେ ପରାଜୟର ଗ୍ଲାନିରୁ ମୁକୁଳି ନ ଥିବା ଲୋକେ ଆପରାଧିକ ଘଟଣାଗୁଡ଼ିକୁ ସାମ୍ପ୍ରଦାୟିକ ରୂପ ଦେଉଛନ୍ତି।
-ମୁଖ୍ତାର ଅବାସ୍ ନକ୍‌ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

## ସଂକ୍ଷେପରେ

### ରାଷ୍ଟ୍ରପତି ସଚିବଙ୍କ କାର୍ଯ୍ୟକାଳ ୩ ବର୍ଷ ବଢ଼ିଲା



**ନୂଆଦିଲ୍ଲୀ,୨୪।୭(ପି.ଟି.):** ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସଚିବ ସଞ୍ଜୟ କୋଠାରୀଙ୍କ କାର୍ଯ୍ୟକାଳ ୩ ବର୍ଷ ବୃଦ୍ଧି କରାଯାଇଛି। ଏନେଇ ସରକାର ବୁଧବାର ଅନୁମୋଦନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ନିଯୁକ୍ତି କମିଟି ୧୯୭୮ ବ୍ୟାଚ୍‌ର ହରିୟାଣା କ୍ୟାଡର୍ ଆଇଏଏସ୍ ଅଫିସର କୋଠାରୀଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି। ବୁଧବାର ତାଙ୍କର ଦୁଇ ବର୍ଷର କାର୍ଯ୍ୟକାଳ ପୂରୁଥିଲା। ୨୦୧୬ରେ ଅବସର ଗ୍ରହଣ କରିଥିବା କୋଠାରିଙ୍କୁ ରାଷ୍ଟ୍ରପତି କୋବିନ୍ଦ ନିଜ ସଚିବଭାବେ ନିଯୁକ୍ତି ଦେଇଥିଲେ। ୨୦୨୨ ଜୁଲାଇ ୨୫ରେ କୋବିନ୍ଦଙ୍କ କାର୍ଯ୍ୟକାଳ ଶେଷ ହେଉଥିବାବେଳେ ସେ ପର୍ଯ୍ୟନ୍ତ କୋଠାରୀ ତାଙ୍କ ସଚିବ ଦାୟିତ୍ୱରେ ରହିବେ।

### ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ୯ ଭାଷାରେ ରାୟ

**ନୂଆଦିଲ୍ଲୀ,୨୪।୭(ପି.ଟି.):** ସୁପ୍ରିମକୋର୍ଟଙ୍କ ରାୟ ଦେଶର ୯ଟି ଆଞ୍ଚଳିକ ଭାଷାରେ ଅନୁବାଦ କରାଯାଇ କୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଏନେଇ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ବୁଧବାର ପ୍ରକାଶ କରିଛନ୍ତି। ଅସମୀୟା, ବେଙ୍ଗଲୀ, ହିନ୍ଦୀ, କନ୍ନଡ଼, ମରାଠୀ, ଓଡ଼ିଆ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ଭାଷାରେ ଏହି ରାୟ ଅନୁବାଦ କରାଯାଇଥିବା ଲୋକ ସଭାରେ ସେ କହିଛନ୍ତି। ଜମି ଅଧିଗ୍ରହଣ, ସେବା, ଅପରାଧ, ପାରିବାରିକ, ଦେବୋତ୍ତର, ଦଲିଲ, ଭାଗଚାଷ, ଉପଭୋକ୍ତା ସୁରକ୍ଷା ସମ୍ପର୍କିତ ରାୟ ଏବେ ଏହି ୯ ଆଞ୍ଚଳିକ ଭାଷାରେ କୋର୍ଟ ୱେବ୍‌ସାଇଟ୍‌ରେ ଉପଲବ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

### ଅଗଷ୍ଟ ୨୦ ସୁଦ୍ଧା ଚନ୍ଦ୍ର କକ୍ଷରେ ପହଞ୍ଚିବ ଚନ୍ଦ୍ରୟାନ-୨

**ଶ୍ରୀହରିକୋଟା,୨୪।୭(ପି.ଟି.):** ଚନ୍ଦ୍ରୟାନ-୨ ଜୁଲାଇ ୨୨ରେ ପୃଥିବୀ କକ୍ଷପଥରେ ଅବସ୍ଥାପିତ ହୋଇଥିବାବେଳେ ଏହା ଅଗଷ୍ଟ ୨୦ ସୁଦ୍ଧା ଚନ୍ଦ୍ରର କକ୍ଷପଥରେ ପହଞ୍ଚିବ ବୋଲି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଅପରାହ୍ଣରେ ଚନ୍ଦ୍ରୟାନ-୨ର ପ୍ରଥମ ଅର୍ବିଟ ରେଜିଂ ହୋଇଛି। ଏଥିରେ ଥିବା ମୋଟରକୁ ୫୭ ସେକେଣ୍ଡ ପାଇଁ ଫାୟାରିଂ କରାଯାଇଥିଲା। ଦ୍ୱିତୀୟ ଅର୍ବିଟ ରେଜିଂ ଗତି ୨୬ ତାରିଖ ରାତି ୧ଟା ୯ ମିନିଟରେ ହେବ। ଅଗଷ୍ଟ ୧୪ରେ ଏହା ଚନ୍ଦ୍ର ଅଭିମୁଖେ ଯାତ୍ରା କରି ୨୦ ତାରିଖ ସୁଦ୍ଧା କକ୍ଷପଥରେ ପହଞ୍ଚିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବର ୭ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାକୁ ଥିଲାବେଳେ ଉକ୍ତ ସ୍ଥାନର ନାମକରଣକୁ ନେଇ ଇସ୍ରୋ ଏବଂ ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ଚିନ୍ତିତ ଅଛନ୍ତି। ସେମାନେ ଏକାଧିକ ନାଁ ସଂଗ୍ରହ କରିଥିବା ଜଣାପଡିଛି। ଚୂଡ଼ାନ୍ତ ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିପାରନ୍ତି ବୋଲି ଇସ୍ରୋ ଅଧକ୍ଷ କେ. ଶିବନ୍ ସୂଚନା ଦେଇଛନ୍ତି। ତେବେ ସଫଳ ଅବତରଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ପରେ ନାଁ ଘୋଷଣା କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

## ■ ଆମେରିକାରେ ସତ ମାନିଲେ ଇମ୍ରାନ୍

# ପାକ୍‌ରେ ୪୦ ଆତଙ୍କବାଦୀ ସଙ୍ଗଠନ

ୱାଶିଂଟନ/ଲାହୋର,୨୪।୭



ପାକିସ୍ତାନରେ ଏବେ ମଧ୍ୟ ୪୦ ଆତଙ୍କବାଦୀ ସଙ୍ଗଠନ ସକ୍ରିୟ ଅଛି। ଏଥିରେ ୩୦,୦୦୦ରୁ ୪୦,୦୦୦ ଆତଙ୍କବାଦୀ ରହିଛନ୍ତି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମାନିଛନ୍ତି। ଇମ୍ରାନ୍‌ଙ୍କ ଏହି ସ୍ୱୀକାରୋକ୍ତି ପାକିସ୍ତାନୀ ଆତଙ୍କବାଦୀଙ୍କୁ ନେଇ ଭାରତ ପକ୍ଷରୁ କରାଯାଉଥିବା ଦାବିକୁ ସତ ବୋଲି ପ୍ରମାଣିତ କରିଛି।

ଆମେରିକା ଗସ୍ତରେ ଥିବା ଇମ୍ରାନ୍ ୟୁଏସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପିସ୍‌ରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ଆଫଗାନିସ୍ତାନ କିମ୍ବା କଶ୍ମୀରର କେତେକ ସ୍ଥାନରେ ଆତଙ୍କବାଦୀ ତାଲିମ ନେଇଥିବା ୩୦ ହଜାରରୁ ୪୦ ହଜାର ସଶସ୍ତ୍ର ଆତଙ୍କବାଦୀ ଏବେ ମଧ୍ୟ ପାକିସ୍ତାନରେ ଅଛନ୍ତି। ପାକିସ୍ତାନର ପୂର୍ବ ସରକାରଗୁଡ଼ିକ ବିଶେଷକରି ବିଗତ ୧୫ ବର୍ଷ ମଧ୍ୟରେ ଆତଙ୍କବାଦୀଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲେ। ଏହାସହ ସେମାନେ ଆମେରିକାକୁ ମଧ୍ୟ ସତ କହୁ ନ ଥିଲେ। ସେମାନଙ୍କ ରାଜନୈତିକ ଇଚ୍ଛାଶକ୍ତି ନ ଥିଲା। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିପି) ସରକାର କ୍ଷମତାସୀନ ହେବା ପରେ ଆତଙ୍କବାଦୀଙ୍କୁ ଦମନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ୨୦୧୪ରେ ପାକିସ୍ତାନୀ ତାଲିବାନ ପେଶାୱରସ୍ଥିତ ସେନା ପବ୍ଲିକ୍ ସ୍କୁଲରେ ୧୫୦ ଛାତ୍ରଛାତ୍ରୀଙ୍କ ଜୀବନ ନେଇଥିଲା। ସେତେବେଳେ ପାକିସ୍ତାନ ଭିତରେ କୌଣସି ଆତଙ୍କବାଦୀ ସଙ୍ଗଠନକୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସବୁ ରାଜନୈତିକ ଦଳ ଜାତୀୟ କାର୍ଯ୍ୟାନୁଷ୍ଠାନ ଯୋଜନାରେ ସ୍ୱାକ୍ଷର କରିଥିଲେ। ପିଟିପି ସରକାର ଅମଳରେ ପ୍ରଥମଥର ପାଇଁ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ପରିଚାଳିତ ମଦ୍ରାସା ଓ ଅନ୍ୟ ସଂସ୍ଥାଗୁଡ଼ିକୁ ଲଗାମ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଶାସକ ନିଯୁକ୍ତ କରାଯାଇଛି। ସେହିପରି ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ୪୦ ସିଆରପିଏଫ୍ ଯବାନଙ୍କ ଜୀବନ ନେଇଥିବା ଆକ୍ରମଣ ସମ୍ପର୍କରେ ମତ ରଖିବାକୁ ଯାଇ ଇମ୍ରାନ୍ କହିଛନ୍ତି, ଏହି ଆକ୍ରମଣରେ ପାକିସ୍ତାନର କିଛି ଭୂମିକା ନାହିଁ। ଦେଶରେ ସକ୍ରିୟ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପୁଲ୍‌ୱାମା ଆକ୍ରମଣ ପାଇଁ ନିଜକୁ ଦାୟୀ କରିବା ପରେ ପାକିସ୍ତାନ ଚର୍ଚ୍ଚାକୁ ଆସିଥିଲା ବୋଲି ଇମ୍ରାନ୍ କହିଛନ୍ତି। ପାକିସ୍ତାନର ବିରୋଧୀ ଦଳଗୁଡ଼ିକ ତାଙ୍କର ଏହି ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ଇମ୍ରାନ୍ ଜଣେ ମିଛୁଆ ଓ ଆତଙ୍କବାଦୀଙ୍କ ଓକିଲ। ଆମେରିକା ଗସ୍ତ ବେଳେ ସେ ଅନ୍ତର୍ଜାତୀୟ ସମୁଦାୟକୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି ବୋଲି ପାକିସ୍ତାନ ପିପୁଲ୍ସ ପାର୍ଟି ପକ୍ଷରୁ କୁହାଯାଇଛି।

### ହାଫିଜ୍‌ଙ୍କ ରିମାଣ୍ଡ ଅବଧି ୧୪ ଦିନ ବଢ଼ିଲା

ଲାହୋର,୨୪।୭(ପି.ଟି.)

ବମ୍ବେ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ



ହାଫିଜ୍ ସୟିଦ୍‌ଙ୍କ ରିମାଣ୍ଡ ଅବଧି ୧୪ ଦିନ ବୃଦ୍ଧି କରାଯାଇଛି। ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ମାମଲାରେ ଗତ ୧୭ ତାରିଖରେ ହାଫିଜ୍‌ଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନର ଗୁଜରାନ୍‌ୱାଲାସ୍ଥିତ ଆତଙ୍କବାଦ ନିରୋଧୀ ଅଦାଲତରେ ବୁଧବାର ତାଙ୍କୁ ହାଜର କରାଯାଇଛି। ଅଦାଲତ ତାଙ୍କୁ ଆଉ ୧୪ ଦିନ ବିଚାର ବିଭାଗୀୟ ରିମାଣ୍ଡରେ ରଖିବା ପାଇଁ ଅନୁମତି ଦେଇଛନ୍ତି। ଏହାସହ ଅଗଷ୍ଟ ୭ ସୁଦ୍ଧା ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବା ପାଇଁ ପଞ୍ଜାବ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

## ଶପଥ ନେଲେ ଆନ୍ଧ୍ର ରାଜ୍ୟପାଳ

ଅମରାବତୀ,୨୪।୭(ପି.ଟି.)



ବିଶ୍ୱଭୂଷଣ ହରିଚନ୍ଦନ

ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ବୁଧବାର ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି। ବିଜୟୱାଡାସ୍ଥିତ ଅସ୍ଥାୟୀ ରାଜଭବନରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସି. ପ୍ରବୀଣ କୁମାର ବିଶ୍ୱଭୂଷଣଙ୍କୁ ଶପଥପାଠ କରାଇଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ ଅଫିସ୍ ଥିବା ଉକ୍ତ ବିଲ୍ଡିଂକୁ ନୂଆ ରାଜ୍ୟପାଳଙ୍କ ପାଇଁ ରାଜଭବନ କରାଯାଇଛି।

୨୦୧୪ରେ ରାଜ୍ୟ ବିଭାଜନ ପରେ ବିଶ୍ୱଭୂଷଣ ହେଉଛନ୍ତି ଦ୍ୱିତୀୟ ରାଜ୍ୟପାଳ। ତେବେ ନୂଆ ଆନ୍ଧ୍ରପ୍ରଦେଶ ପାଇଁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ପାଇବାରେ ସେ ପ୍ରଥମ ରାଜ୍ୟପାଳ। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ୱାଇ.ଏସ୍, ଜଗନ୍‌ମୋହନ ରେଡ୍ଡୀ, ଅନ୍ୟ ମନ୍ତ୍ରୀବୃନ୍ଦ, ବିଧାୟକ, ମୁଖ୍ୟ ସଚିବ ଏଲ୍.ଭି. ସୁବ୍ରମଣ୍ୟମ୍ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

୮୫ ବର୍ଷୀୟ ବିଶ୍ୱଭୂଷଣଙ୍କ ଜନ୍ମ ଓଡିଶାର ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ । ସେ ୧୯୬୧ରେ ଓଡିଶା ହାଇକୋର୍ଟରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ ଓ ୧୯୭୧ରେ ଭାରତୀୟ ଜନସଂଘରେ ସାମିଲ ହୋଇଥିଲେ। ୧୯୮୦ରେ ସେ ଭାଜପାରେ ଯୋଗଦେଇ ଏହାର ରାଜ୍ୟ ସଭାପତି ହୋଇଥିଲେ। ସେ ମଧ୍ୟ ଦଳର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ଜରୁରୀ ପରିସ୍ଥିତି ବେଳେ ୧୯୭୫ରେ ତାଙ୍କୁ ଆଭ୍ୟନ୍ତରୀଣ ସୁରକ୍ଷା ପରିଚାଳନା ଆଇନ ବଳରେ ଗିରଫ କରାଯାଇଥିଲା। ୧୯୭୭ରେ ସେ ପ୍ରଥମ ଥର ପାଇଁ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇ ଆଇନମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଭିନ୍ନ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ସେ ଏକାଧିକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

## ମାଓବାଦୀ ହିଂସା ୪୩% କମିଛି

**ନୂଆଦିଲ୍ଲୀ,୨୪।୭(ପି.ଟି.):** ଗତ ୫ ବର୍ଷରେ ମାଓବାଦୀ ହିଂସା ୪୩% କମିଛି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜ. କିଷନ୍ ରେଡ୍ଡୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସରକାରୀ ନୀତି ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁ ବାମପନ୍ଥୀ ଉଗ୍ରବାଦ କମିଥିବା ସେ ପ୍ରକାଶ କରିଛନ୍ତି। ୨୦୧୮ରେ ୬୦ ଜିଲାରେ ବାମପନ୍ଥୀ ଉଗ୍ରବାଦୀଙ୍କ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ୨୦୧୪ରୁ ୨୦୧୯ ମଧ୍ୟରେ ଏହା ଯଥେଷ୍ଟ କମିଥିବା ସେ ପ୍ରକାଶ କରିଛନ୍ତି।

## ■ ବେଆଇନ ବାଲି ଉତ୍ତୋଳନ ମାମଲା

# କେନ୍ଦ୍ର, ୫ ରାଜ୍ୟକୁ ନୋଟିସ

ନୂଆଦିଲ୍ଲୀ,୨୪।୭(ପି.ଟି.)



ବେଆଇନ ବାଲି ଉତ୍ତୋଳନ ନେଇ ଆବେଦନ କରାଯାଇଥିବାବେଳେ ଏହାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ସିବିଆଇ ଓ ୫ ରାଜ୍ୟ ସରକାରଙ୍କୁ ବୁଧବାର ନୋଟିସ୍ କରିଛନ୍ତି। ଆବେଦନରେ ବେଆଇନ ବାଲି ଉତ୍ତୋଳନ ମାମଲାର ତଦନ୍ତ ଓ ଏଥିରେ ସମ୍ପୃକ୍ତ ଥିବା ପକ୍ଷଙ୍କ ଲାଇସେନ୍ସ ରଦ୍ଦକରିବା ଲାଗି କୁହାଯାଇଛି। ବିଚାରପତି ଏସ୍.ଏ. ବୋବ୍‌ଡ଼େଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଥମେ ଏନେଇ ଆବେଦନକାରୀଙ୍କୁ ହାଇକୋର୍ଟରେ ଆବେଦନ କରିବା ଲାଗି କହିଥିଲେ। ନୋଟିସ୍ ଜାରି ହୋଇଥିବା ୫ ରାଜ୍ୟ ହେଲେ ତାମିଲନାଡୁ, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ। ବେଆଇନ ବାଲି ଉତ୍ତୋଳନ ଯୋଗୁ ପରିବେଶରେ ଏହାର କୁପ୍ରଭାବ ପଡୁଛି ଓ ସ୍ଥାନୀୟ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି। ଆବେଦନକାରୀ ଏମ୍. ଆଲଗର୍‌ସାମୀଙ୍କ ଓକିଲ ପ୍ରଶାନ୍ତି ଭୂଷଣଙ୍କୁ ଖଣ୍ଡପୀଠ ହାଇକୋର୍ଟରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ପରିବେଶ ସୁରକ୍ଷା ନେଇ କୌଣସି ଯୋଜନା ନାହିଁ ବୋଲି ଭୂଷଣ ଦର୍ଶାଇଥିଲେ। ସମୁଦ୍ର କୂଳ ଓ ନଦୀ କୂଳରୁ ବେଆଇନଭାବେ ବାଲି ଉତ୍ତୋଳନ କରାଯାଇ ପରିବେଶକୁ କ୍ଷତି ପହଞ୍ଚାଯାଉଥିବା ସେ ଯୁକ୍ତି ଉପସ୍ଥାପନ କରିଥିଲେ।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାଇଁ ହେବ ସଂଗ୍ରହାଳୟ

ନୂଆଦିଲ୍ଲୀ,୨୪।୭(ପି.ଟି.)

ସମସ୍ତ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଲାଗି କେନ୍ଦ୍ର ସରକାର ଏକ ବିଶାଳ ସଂଗ୍ରହାଳୟ ନିର୍ମାଣ କରିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଉପରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ଉନ୍ମୋଚନ କରିବା ଅବସରରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଇଙ୍ଗିତ କରି ଗୋଟିଏ ଗୋଷ୍ଠୀର ରାଜନେତା ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କ ସ୍ମୃତିକୁ ଲିଭାଇଦେବାକୁ ଉଦ୍ୟମ ଚଳାଇଥିବା କହିଥିଲେ। ମୋରାରଜୀ ଦେଶାଇ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ସମ୍ପର୍କରେ ଆଜିର ପିଢ଼ି କ୍ୱଚିତ ଜାଣନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଜନସାଧାରଣଙ୍କ ମନରୁ ସେମାନଙ୍କ ସ୍ମୃତି ଲିଭାଇଦେବାକୁ ଉଦ୍ୟମ ହୋଇଆସିଛି। ତେବେ ବର୍ତ୍ତମାନର ସରକାର ସମସ୍ତ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ମୃତିକୁ ପ୍ରଦର୍ଶିତ କରିବା ପାଇଁ ଚାହାନ୍ତି।

## 'କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପ୍ରଶ୍ନ ଉଠୁନି'

ନୂଆଦିଲ୍ଲୀ,୨୪।୭(ପି.ଟି.)



କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ସହଯୋଗ ଲୋଡ଼ିଥିବା ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ତେବେ ଜାପାନରେ ଜି-୨୦ ବୈଠକ ଅବସରରେ ଟ୍ରମ୍ପ-ମୋଦି ବୈଠକରେ କଶ୍ମୀର ପ୍ରସଙ୍ଗରେ ଆଲୋଚନା ହୋଇ ନ ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ଲୋକ ସଭାରେ କହିଛନ୍ତି। କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ତେବେ ଟ୍ରମ୍ପ୍‌ଙ୍କ ଖୁଲାସା ସମ୍ପର୍କରେ ଗୃହରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିକରି କଂଗ୍ରେସ କକ୍ଷତ୍ୟାଗ କରିଥିଲା।

ପାକିସ୍ତାନ ସହ ଭାରତର ଆଲେଚନାରେ କେବଳ କଶ୍ମୀର ନୁହେଁ ପାକ୍ ଅଧିକୃତ କଶ୍ମୀର ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥାଏ। କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥ ଭୂମିକା ତୁଲାଇବା ଲାଗି ମୋଦି ପ୍ରସ୍ତାବ ଦେଇଥିଲେ ବୋଲି ଟ୍ରମ୍ପ୍ ସୋମବାର ସୂଚନା ଦେଇଥିଲେ। ଓସାକାରେ ମୋଦି-ଟ୍ରମ୍ପ୍ ଆଲୋଚନା ବେଳେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉପସ୍ଥିତ ଥିଲେ। ତେଣୁ ଏହି ପ୍ରସଙ୍ଗରେ ତାଙ୍କର ବିବୃତି ଅଧିକ ବିଶ୍ୱସନୀୟ ବୋଲି ରାଜନାଥ କହିଛନ୍ତି। ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ସେଭଳି କୌଣସି ଅନୁରୋଧ କରି ନ ଥିବା ଜୟଶଙ୍କର ମଙ୍ଗଳବାର ପାର୍ଲାମେଣ୍ଟର ଉଭୟ ଗୃହକୁ କହିଥିଲେ।

**ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ କଂଗ୍ରେସର କକ୍ଷତ୍ୟାଗ**

ଲୋକ ସଭାରେ ପ୍ରଶ୍ନୋତ୍ତର କାଳରେ କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟ କେତେକ ଦଳର ସଦସ୍ୟ ଗୃହର ମଧ୍ୟଭାଗକୁ ଚାଲିଆସି ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ। ଶୂନ୍ୟକାଳ ଆରମ୍ଭ ହେବା କ୍ଷଣି ବାଚସ୍ପତି ଓମ୍ ବିର୍ଲା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ କହିବାର ସୁଯୋଗ ଦେଇଥିଲେ। ଟ୍ରମ୍ପ୍‌ଙ୍କ ବିବୃତି ପରେ ସାରା ଦେଶ ଦ୍ୱନ୍ଦ୍ୱରେ ପଡିଥିବାରୁ ଏ ସମ୍ପର୍କରେ ଆମେ ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ଶୁଣିବାକୁ ଚାହୁଁ ବୋଲି ଅଧୀର କହିଥିଲେ। ଯେତେବେଳେ ଗୃହର ଉପନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ମନ୍ତବ୍ୟ ରଖିଲେ ସେତେବେଳେ କଂଗ୍ରେସ ସମେତ ଡିଏମ୍‌କେ ଓ ଅନ୍ୟ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

### ରାଜନାଥଙ୍କ ତୁଣ୍ଡ ଖସିଲା

ନୂଆଦିଲ୍ଲୀ,୨୪।୭(ପି.ଟି.)

ଲୋକ ସଭାରେ କଶ୍ମୀର ମଧ୍ୟସ୍ଥତା ପ୍ରସଙ୍ଗରେ ଉତ୍ତର ରଖୁଥିଲାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ତୁଣ୍ଡ ଖସିଥିଲା। ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିବା ପରିବର୍ତ୍ତେ ଜୟଶଙ୍କର ପ୍ରସାଦ ବୋଲି କହିଦେଇଥିଲେ। ଜୟଶଙ୍କର ପ୍ରସାଦ ହେଉଛନ୍ତି ଜଣେ ହିନ୍ଦୀ ଲେଖକ। ରାଜନାଥ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଉପରେ ଗୃହକୁ ବିବୃତି ଦେଉଥିଲା ବେଳେ ୩ ଥର ଏସ୍. ଜୟଶଙ୍କରଙ୍କ ସ୍ଥାନରେ ଜୟଶଙ୍କର ପ୍ରସାଦ କହିଥିଲେ। ସେତେବେଳେ ବହିର୍ବ୍ୟାପାର ମନ୍ତ୍ରୀ ରାଜନାଥଙ୍କ ଡାହାଣ ପାର୍ଶ୍ୱରେ ବସିଥିଲେ।

## କମଳନାଥ ସରକାରଙ୍କ ବିଲ୍‌କୁ ୨ ଭାଜପା ବିଧାୟକଙ୍କ ସମର୍ଥନ

ଭୋପାଳ,୨୪।୭(ପି.ଟି.)

ମଧ୍ୟପ୍ରଦେଶ ବିଧାନସଭାରେ କଂଗ୍ରେସ ସରକାର ଆଣିଥିବା ଏକ ବିଲ୍‌କୁ ଦୁଇଜଣ ଭାଜପା ବିଧାୟକ ସମର୍ଥନ କରିବା ଗୈରିକ ଦଳ ପାଇଁ ଝଟକା ସଦୃଶ ହୋଇଛି। ଭାଜପା ବିଧାୟକ ନାରାୟଣ ତ୍ରିପାଠୀ ଏବଂ ଶରଦ କୋଲ୍ ପୂର୍ବରୁ କଂଗ୍ରେସରେ ଥିଲେ। ସେମାନେ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଚାହୁଁଥିବାରୁ ସରକାରଙ୍କୁ ସମର୍ଥନ ଦେଇଥିବା କହିଛନ୍ତି। ଫୌଜଦାରି ଆଇନ (ମଧ୍ୟପ୍ରଦେଶ ସଂଶୋଧନ) ବିଲ୍, ୨୦୧୯ ଉପରେ ଭୋଟଗ୍ରହଣ ବେଳେ ସରକାରଙ୍କ ସପକ୍ଷରେ ୧୨୨ ଭୋଟ ପଡିଥିଲା। କଂଗ୍ରେସର ୧୨୦ ବିଧାୟକଙ୍କ ସମେତ ଭାଜପାର ୨ ସଦସ୍ୟ ବିଲ୍ ସପକ୍ଷରେ ଭୋଟ ଦେଇଥିଲେ। ଏହା ସେମାନଙ୍କ ଗୃହ ପ୍ରତ୍ୟାବର୍ତ୍ତନ ବୋଲି ଭାଜପା ବିଧାୟକ କହିଛନ୍ତି। ଦିନକ ପୂର୍ବରୁ କର୍ଣ୍ଣାଟକରେ ଜେଡିଏସ୍-କଂଗ୍ରେସ ସରକାର ଭାଙ୍ଗିଥିବାବେଳେ ସାମାନ୍ୟ ସଂଖ୍ୟାଗରିଷ୍ଠ ଥିବା ମଧ୍ୟପ୍ରଦେଶର କମଳନାଥ ସରକାର ଯେକୌଣସି ମୁହୂର୍ତ୍ତରେ ଭାଙ୍ଗିଯାଇପାରେ ବୋଲି ଭାଜପା କହିଆସୁଛି। ଏଭଳି ସ୍ଥିତିରେ ଭାଜପା ବିଧାୟକ କଂଗ୍ରେସ ସରକାରଙ୍କୁ ସମର୍ଥନ ଦେବା ଗୈରିକ ଦଳର ଚିନ୍ତା ବଢ଼ାଇ ଦେଇଛି। ଗତ ନଭେମ୍ବର ନିର୍ବାଚନରେ ଭାଜପାକୁ ହରାଇ କଂଗ୍ରେସ କମଳନାଥଙ୍କ ନେତୃତ୍ୱରେ ସରକାର ଗଢ଼ିଥିଲା।

## ପାଲିଙ୍କିରେ ବୁହାହେଲେ ବାବୁ

**ଜମ୍ମୁ,୨୪।୭(ପି.ଟି.):** ଜମ୍ମୁ-କଶ୍ମୀରର ରାମବନ ଜିଲାରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କୁ ପାଲିଙ୍କିରେ ବୋହି ଛତା ଘୋଡ଼ାଇ ନିଆଯାଉଛି। ଏହି ଫଟୋ ବୁଧବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜିଲା ଉନ୍ନୟନ କମିଶନର ଶୌକତ୍ ଅଜାଜ୍‌ଙ୍କୁ କେତେଜଣ ଲୋକ ଏକ ପାଲିଙ୍କିରେ ବସାଇ ନେଉଛନ୍ତି। ଶୌକତ୍ କହିଛନ୍ତି, ପୂର୍ବରୁ କୌଣସି ଅଧିକାରୀଙ୍କ ପାଦ ପଡ଼ି ନ ଥିବା ଏକ ଗାଁକୁ ସେ ପ୍ରଥମଥର ପାଇଁ ପରିଦର୍ଶନରେ ଯାଇଥିଲେ। ଏଥିପାଇଁ ତାଙ୍କୁ ୧୦ କି.ମି. ପାଦରେ ଚାଲି ଯିବାକୁ ପଡ଼ିଥିଲା। ପରେ ସେ ଅଳ୍ପ ବାଟ ପାଲିଙ୍କିରେ ଯାଇଥିଲେ ବୋଲି ସଫେଇ ଦେଇଛନ୍ତି। ବ୍ରିଟିଶ୍ ଶାସନ ବେଳେ ଅଧିକାରୀମାନେ କୌଣସି ସ୍ଥାନ ପରିଦର୍ଶନ କରିବା ସମୟରେ ଗରିବ ଲୋକେ ଯେମିତି ପାଲିଙ୍କିରେ ବୋହି ସେବା କରୁଥିଲେ, ଏହି ଫଟୋ ସେହି ସ୍ମୃତିକୁ ଉଜ୍ଜୀବତ କରିଛି।



## ■ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୪୯ ସେଲିବ୍ରିଟି

# ଭିଡ଼ହିଂସା ରୋକିବାକୁ ଆଇନ ଆଣ

ନୂଆଦିଲ୍ଲୀ,୨୪।୭(ପି.ଟି.)



ଅନୁରାଗ କଶ୍ୟପ | ଅପର୍ଣ୍ଣା ସେନ | କୋଙ୍କଣା ସେନ୍ ଶର୍ମା

'ଜୟ ଶ୍ରୀରାମ' ଏବେ ରଣହୁଙ୍କାରରେ ପରିଣତ ହେଲାଣି। ଦେଶର ବିଭିନ୍ନ ସ୍ଥାନରେ ଭିଡ଼ହିଂସା ବଢ଼ିବାରେ ଲାଗିଛି। ମୁସଲମାନ, ଦଳିତ ଓ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଛି। ଏହାକୁ ରୋକିବା ଲାଗି କଡ଼ା ଆଇନର ଆବଶ୍ୟକତା ରହିଛି ବୋଲି ୪୯ ସେଲିବ୍ରିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଜଣାଇଛନ୍ତି। ପ୍ରମୁଖ ସେଲିବ୍ରିଟିଙ୍କ ମଧ୍ୟରେ ଅଛନ୍ତି ଗୀତିକାର ଶୁଭା ମୁଦ୍ଗଲ, ଅଭିନେତ୍ରୀ କୋଙ୍କଣା ସେନ୍ ଶର୍ମା, ଚଳଚ୍ଚିତ୍ର ନିର୍ମାତା ଶ୍ୟାମ୍ ବେନେଗଲ, ଅନୁରାଗ କଶ୍ୟପ, ମଣି ରତ୍ନମ୍, ଅପର୍ଣ୍ଣା ସେନ୍, କେତନ୍ ମେହେଟା, ଅଦୂର ଗୋପାଳକ୍ରିଷ୍ଣନ୍, ଅଞ୍ଜନ ଦତ୍ତ, ସାମାଜିକ କର୍ମୀ ଅନୁରାଧା କପୁର, ସମାଜସେବୀ ଅଦିତି ବସୁ , ଲେଖକ ଅମିତ୍ ଚୌଧୁରୀ, ଐତିହାସିକ ରାମଚନ୍ଦ୍ର ଗୁହା, ପାର୍ଥ ଚାଟାର୍ଜୀ ପ୍ରମୁଖ।

ଜୁଲାଇ ୨୩ରେ ପଠାଯାଇଥିବା ଚିଠିରେ ଭିଡ଼ହିଂସା ଲାଗି ଅନୁକରଣୀୟ ଦଣ୍ଡବିଧାନ କରାଯିବା ଲାଗି ଦାବି ହୋଇଛି। ସଂଖ୍ୟାଲଘୁଙ୍କ ଉପରେ ବଢ଼ିଚାଲିଥିବା ଏଭଳି ହିଂସା ତୁରନ୍ତ ରୋକାଯିବା ଜରୁରୀ ବୋଲି ଏହି ସେଲିବ୍ରିଟିମାନେ ଦର୍ଶାଇଛନ୍ତି। ଏନ୍‌ସିଆର୍‌ବି (ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ) ତଥ୍ୟ ଅନୁଯାୟୀ ଦଳିତଙ୍କ ବିରୋଧରେ ୨୦୧୬ରେ ୮୪୦ ଅତ୍ୟାଚାର ଘଟଣା ଘଟିଥିଲା। ୨୦୧୮ ଅକ୍ଟୋବର ୨୯ରୁ ୨୦୧୯ ଜାନୁୟାରୀ ପହିଲା ମଧ୍ୟରେ ୨୫୪ଟି ହିଂସାକାଣ୍ଡ ଘଟିଛି। ଏଥିରେ ୯୧ ଲୋକ ମୃତ୍ୟୁବରଣ କରିଥିବାବେଳେ ୫୭୯ ଜଣ ଆହତ ହୋଇଛନ୍ତି। ୨୦୧୪ ପରଠାରୁ କେନ୍ଦ୍ରରେ ଭାଜପା ସରକାର ଗଠନ କରିବା ପରେ ଭିଡ଼ହିଂସା ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ମୋଦି ସଂସଦରେ ଏଭଳି ଭିଡ଼ହିଂସାକୁ ବିରୋଧ କରୁଥିବାବେଳେ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରାଯାଇ ସଂଖ୍ୟାଲଘୁଙ୍କୁ ଆକ୍ରମଣ ଓ ହତ୍ୟା କରାଯାଉଛି। ଏବେ ଏହି ଶବ୍ଦ ରଣହୁଙ୍କାରରେ ପରିଣତ ହୋଇଛି ବୋଲି ଚିଠିରେ ସେଲିବ୍ରିଟିମାନେ ଉଲ୍ଲେଖ କରିଛନ୍ତି। ଏଭଳି ଅପରାଧ କରୁଥିବା ବ୍ୟକ୍ତିଙ୍କୁ ଜାମିନ ମିଳିବା ଅନୁଚିତ୍। ଏମାନଙ୍କୁ କଠୋର ଦଣ୍ଡବିଧାନ କରାଯିବା ଜରୁରୀ। ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତଙ୍କୁ ବିନା ପାରୋଲରେ ଆଜୀବନ ଜେଲ୍ ଦଣ୍ଡାଦେଶ ଦିଆଯିବା ଦରକାର ବୋଲି ଏମାନେ ଚିଠିରେ ଉଲ୍ଲେଖ କରିଛନ୍ତି।

### [ଇତିହାସର ଆଇନାରେ]

### ଜୁଲାଇ ୨୫ର ପ୍ରମୁଖ ଘଟଣା

୧୯୨୯ ଜୁଲାଇ ୨୫ରେ ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ଜନ୍ମ। ଏହି ବର୍ଷୀୟାନ କମ୍ୟୁନିଷ୍ଟ ନେତା ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଲୋକ ସଭାର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ସେ ୧୯୭୩ରୁ ୨୦୦୮ ପର୍ଯ୍ୟନ୍ତ ସିପିଆଇ(ଏମ୍) ନେତା ଥିଲେ।

୧୯୯୭ ଜୁଲାଇ ୨୫ରେ ଭାରତର ଦଶମ ରାଷ୍ଟ୍ରପତି ଭାବେ କେ.ଆର୍. ନାରାୟଣନ୍ ଶପଥ ନେଇଥିଲେ। ଏହି ମର୍ଯ୍ୟାଦାଜନକ ପଦବୀରେ ଅଧିଷ୍ଠିତ ହେବାରେ ସେ ପ୍ରଥମ ଦଳିତ। ନାରାୟଣନ ୩ ଥର ଲୋକ ସଭାକୁ ନିର୍ବାଚିତ ହେବା ସହ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୯୨ରେ ସେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର

**ବାମରା, ୨୪।୭ (ସ୍ୱ.ପ୍ର.):** ବାମରା ବ୍ଲକ କୁଟାରୀମାଲ ପଞ୍ଚାୟତ ଟଟରଙ୍ଗା ମରାପଡା ଗାଁ ପାଖ ଏକ ନିଛାଟିଆ ସ୍ଥାନରୁ ଜଣେ ମହିଳାଙ୍କ ମୃତଦେହକୁ ଗୋବିନ୍ଦପୁର ପୋଲିସ ଉଦ୍ଧାର କରଛି। । ଏହି ମହିଳା ଜଣକ ସୁନ୍ଦରଗଡ ଜିଲା ସଦର ଥାନା ମହୁଲପାଲି ପଞ୍ଚାୟତ ପ୍ରଧାନପାଟ ଗ୍ରାମର କୁନୁ ପାଣ୍ଡବଙ୍କ ସ୍ତ୍ରୀ ସୁଖ ପାଣ୍ଡବ (୫୦)। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ଅନୁମାନ କରିଛି । ବୁଧବାର ସକାଳେ ମରାପଡା ଗ୍ରାମ ଦେଓମୂଳ ପାଖରେ ଏକ ଗଛରେ ଜଣେ ମହିଳାଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ଗୋବିନ୍ଦପୁର ଥାନାକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସମ୍ବଲପୁରରୁ ସାଇଣ୍ଟିଫିକ ଟିମକୁ ଡାକି ତଦନ୍ତ ଆରମ୍ଭ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ସ୍ଥାନୀୟ ତହସିଲଦାର ଅନୀଲ କୁଲୁ ଉପସ୍ଥିତ ରହିଥିଲେ।

### ଦୁତିକା ସାହୁ କଲେଜରେ ଶିଳ୍ପ ସଚେତନତା ଶିବିର

**ସମ୍ବଲପୁର, ୨୪।୭ (ବ୍ୟୁରୋ):** ସମ୍ବଲପୁର ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ବୁଧବାର ଲଇଡା ଦୁତିକା ସାହୁ କଲେଜଠାରେ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରଣବ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଜନା ବିଷୟରେ ବୁଝାଇ କହିଥିଲେ। କଲେଜ ଅଧକ୍ଷ ବସନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାଣୀଧନ ଚିକିତ୍ସକ ଡା. ରାଜୀବ ଶର୍ମା ପଶୁଧନ ସମ୍ବନ୍ଧୀୟ ଶିଳ୍ପ ତଥା ସରକାରୀ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ସଫଳ ଉଦ୍ୟୋଗି ସନ୍ତୋଷିନୀ ନାୟକ, ଲିଡ୍ ବ୍ୟାଙ୍କ ପରିଚାଳକ ଯୁଗଳ କିଶୋର ଶତପଥୀ, ଶିଳ୍ପ ବିକାଶ ଅଧିକାରୀ ଦୀନବନ୍ଧୁ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ । ରଜନୀକାନ୍ତ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଲଇଡା ସମିତି ସଭ୍ୟ ରାଜେଶ ଅଗ୍ରୱାଲ ସୂଚନା ଦେଇଥିଲେ ।

### ଯାନବାହନ ଯାଞ୍ଚ: ୭୦ ହଜାର ଟଙ୍କା ଜରିମାନା

**ରିଆମାଳ, ୨୪।୭ (ଡି.ଏନ.ଏ.):** ଦେବଗଡ଼ ଆରଟିଓ ଏବଂ ରିଆମାଳ ଥାନା ପକ୍ଷରୁ ରିଆମାଳ ଅଞ୍ଚଳରେ ବୁଧବାର ଯାନବାହନ ଯାଞ୍ଚ କରି ୭୦ ହଜାର ଟଙ୍କା ଜରିମାନା କରାଯାଇଛି। ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା, ରିଆମାଳ ଥାନା ଏସ୍ଆଇ ମନୋହର ପାତ୍ର ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ୨୧ ବାଇକ୍ ଆରୋହୀ ହେଲ୍‌ମେଟ ପିନ୍ଧି ନ ଥିବାରୁ ଜରିମାନା କରାଯାଇଛି। ଜଣେ ଡ୍ରାଇଭର ମୋବାଇଲରେ କଥା ହୋଇ ଗାଡ଼ି ଚଳାଉଥିବାବେଳେ ତାଙ୍କ ଲାଇସେନ୍ସକୁ ରଦ୍ଦ କରାଯାଇଛି। ୩ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଅଟକ ରଖା ଯାଇଛି।

### ଆନ୍ଦୋଳନ ପାଇଁ ସଜବାଜ ଗ୍ରାମବାସୀ

**ରେଙ୍ଗାଲି, ୨୪।୭ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଦ୍ୱାରା ପ୍ରଭାବିତ ହେବାକୁ ଯାଉଥିବା ଗ୍ରାମର ଗ୍ରାମବାସୀ ଏକ ବଡ ଧରଣର ଆନ୍ଦୋଳନର ସଜବାଜ ହେଉଛନ୍ତି। ବୁଧବାର କୋଇଡା ଖଣି ଦ୍ୱାରା ପ୍ରଭାବିତ ଖ୍ରିଣ୍ଡା, ତଲାବିରା, ବୁଧିଆପାଲି, ପତ୍ରାପାଲି, ରାମପୁର, ସଲଡା ଆଦି ଗ୍ରାମର ଗ୍ରାମବାସୀ ଆନ୍ଦୋଳନ ପାଇଁ ରଣନୀତି ପ୍ରସ୍ତୁତ କରିବା ସହ ଗ୍ରାମସଭା କରଛନ୍ତି। କୋଇଲା ଖଣି ଦ୍ୱାରା ପ୍ରଭାବିତ ଗ୍ରାମବାସୀ ପ୍ରଥମେ କମ୍ପାନୀ ଗ୍ରାମବାସୀଙ୍କ ଦାବି ପୂରଣ କରୁ । ପରେ କାମ ଆରମ୍ଭ କରିବ ବୋଲି ଲୋକେ ଦାବି କରୁଛନ୍ତି ।

# ତୃତୀୟ ଦିନରେ ବି ମିଳିଲାନି ମୃତଦେହ

**ସମ୍ବଲପୁର,୨୪।୭(ବ୍ୟୁରୋ)**

- ସଂଘର୍ଷ ପରେ ସଫଳ, ନ୍ୟାୟିକ ରାୟକୁ ଅପେକ୍ଷା
- ଡିଜିଙ୍କ ନିର୍ଦ୍ଦେଶ ପରେ ଚେଇଁଲା ଜିଲା ପୋଲିସ
- ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର ସହର ନନ୍ଦପଡ଼ାର ଜୟଶ୍ରୀ ମିଶ୍ର ୮ ବର୍ଷ ହେଲା ନିଖୋଜ ଅଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଅବହେଳା କରି ଆସୁଛି। ନ୍ୟାୟ ପାଇଁ ଜୟଶ୍ରୀଙ୍କ ଝିଅ ବିଜୟିନୀ ମିଶ୍ର ଦୀର୍ଘ ୮ ବର୍ଷ ସଂଘର୍ଷ କରିବା ପରେ ଏବେ ସଫଳ ହୋଇଛନ୍ତି। ପ୍ରଥମେ ନିଖୋଜ ମାମଲା ରୁଜୁ କରିଥିବା ପୋଲିସ ଜୁଲାଇ ୨୧ ତାରିଖରେ ହତ୍ୟା ମାମଲା (ନଂ. ୨୮୯/୧୯)କୁ ପରିବର୍ତ୍ତନ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜୟଶ୍ରୀଙ୍କ ସମ୍ପର୍କୀୟ ଭିଣୋଇ ସାନସିଙ୍ଗାରୀ ଗ୍ରାମର ବସନ୍ତ ପଣ୍ଡାଙ୍କୁ ପୋଲିସ ଗିରଫ କରିଛି। ଏବେ ନ୍ୟାୟିକ ନିଷ୍ପତ୍ତିକୁ ଜୟଶ୍ରୀଙ୍କ ପରିବାର ଅପେକ୍ଷା କରିଛନ୍ତି। କୋର୍ଟରେ ଶୀଘ୍ର ଶୁଣାଣି କରି ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ନେଇ ଜୟଶ୍ରୀଙ୍କ ଘର ଲୋକେ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ ମଧ୍ୟ ଏବେ ତାଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା ନେଇ ଅଡୁଆରେ ପଡ଼ିଛି। ଅଭିଯୁକ୍ତ ବସନ୍ତଙ୍କ ବୟାନ ଅନୁଯାୟୀ ସେ ବଡ଼ସିଂହାରୀ ଗ୍ରାମ ନିକଟ ଏକ ବିଲରେ ମୃତଦେହ ପୋତି ଦେଇଥିଲେ।ଏଣୁ ମୃତଦେହ ଉଦ୍ଧାର କରିବାକୁ ପୋଲିସ ମାଟି ଖୋଳିଛି। ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତାଙ୍କ ଉପସ୍ଥିତିରେ ଜେସିବି ସାହାଯ୍ୟରେ ବୁଧବାର ତୃତୀୟ ଦିନରେ ମଧ୍ୟ ମାଟି ଖୋଳା ଯାଇଥିଲା। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସକୁ ମୃତଦେହ ମିଳିନାହିଁ। ଯଦି ମୃତଦେହର ଅଂଶବିଶେଷ ନ ମିଳେ ତେବେ କୋର୍ଟରେ ଆବଶ୍ୟକ ପ୍ରମାଣ ଦାଖଲ କରିବା ପୋଲିସକୁ ସମସ୍ୟା ହେବ। ଏଣୁ ନ୍ୟାୟିକ ପ୍ରକ୍ରିୟାରେ ମଧ ସମସ୍ୟା ହୋଇପାରେ। ଏ ସମ୍ପର୍କରେ ଏସ୍‌ଡିପିଓ ଉଦଗାତା କହିଛନ୍ତି ଯେ ଘଟଣାକୁ ୮ ବର୍ଷ ହୋଇଯାଇଛି। ଅଭିଯୁକ୍ତଙ୍କ କହିବା ଅନୁସାରେ ମାଟି ଖୋଳା ଯାଇଛି। ହେଲେ ଦେହାବଶେଷ ମିଳି ନାହିଁ। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯାଇଛି। ତାଙ୍କୁ ଘଟଣାସ୍ଥଳକୁ ନେଇ ମାଟି ଖୋଳାଯିବ। ଅଭିଯୁକ୍ତଙ୍କୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିବା ନେଇ ପୋଲିସ ପ୍ରମାଣ ସଂଗ୍ରହ କରୁଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ୨୦୧୧ ନଭେମ୍ବର ୧୧ ତାରିଖ ବଡ଼ ଝିଅ ବିଜୟିନୀଙ୍କ ବିବାହ ପାଇଁ ନିମନ୍ତ୍ରଣ ଦେବାକୁ ଜୟଶ୍ରୀ ବସନ୍ତଙ୍କ ଘରକୁ ଯାଇଥିଲେ। ସେହି ଦିନରୁ ସେ ଆଉ ଫେରି ନ ଥିଲେ। ଏ ନେଇ ବିଜୟିନୀ ୧୩ ତାରିଖ ଟାଉନ ଥାନରେ ମା'ଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ପରେ ବିଜୟିନୀ ତାଙ୍କ ମା'ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ବସନ୍ତ ୧ ଲକ୍ଷ ୬୦ ହଜାର ଟଙ୍କା ଧାରରେ ନେଇଥିବାରୁ ତାଙ୍କୁ ବାରମ୍ବାର ଜୟଶ୍ରୀ ମାଗୁଥିଲେ। ତେଣୁ ସେ ହିଁ ହତ୍ୟା କରିଥିବା ନେଇ ପୋଲିସକୁ କହିଥିଲେ। ଏପଟେ ୮ ବର୍ଷ ଭିତରେ ଟାଉନ ଥାନାରେ ଅନେକ ଅଧିକାରୀ ଯୋଗ ଦେଇ ବଦଳି ହୋଇଛନ୍ତି। ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲା ନାହିଁ। ବିଜୟିନୀ ଶେଷରେ ପୋଲିସ ଡିଜିଙ୍କ କାର୍ଯ୍ୟାଳୟକୁ ସମ୍ବଲପୁର ଟାଉନ ଥାନାରେ ହୋଇଥିବା ମାମଲାର ସ୍ଥିତି ବିଷୟରେ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ। ରିପୋର୍ଟ ଦେବା ପାଇଁ ଡିଜିଙ୍କ କାର୍ଯ୍ୟାଳୟରୁ ସମ୍ବଲପୁର ଏସ୍‌ପିଙ୍କ ପାଖକୁ ନିର୍ଦ୍ଦେଶ ଆସିଥିଲା। ଏହି ଘଟଣା ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ଡିପିଓ ଉଦ୍‌ଗାତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପୋଲିସ ଏକ ଟିମ୍ ଗଠନ କରି ହତ୍ୟା ଅଭିଯୋଗ ଉପରେ ତଦନ୍ତ କରିଥିଲା। ଅଭିଯୁକ୍ତ ବସନ୍ତଙ୍କୁ ଯୁଯୁମୁରା ଗ୍ରାମରୁ ଗିରଫ କରିଥିଲା। ବସନ୍ତ ବହୁ ବର୍ଷ ଧରି ଯୁଯୁମୁରାରେ ଏକ ଘର ଭଡ଼ା ନେଇ ରହୁଥିଲେ।



ସମ୍ବଲପୁର ବଡସିଂହାରୀ ଗ୍ରାମ ନିକଟରେ ମାଟି ଖୋଳା ଯାଉଛି । ଇନ୍‌ସେଟ୍ ଜୟଶ୍ରୀ ମିଶ୍ର (ଫାଇଲ ଫଟୋ)।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ନାକଟିଦେଉଳ,୨୪।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ଗାଁରେ ବୁଧବାର ସକାଳୁ ସାପ କାମୁଡାରେ ଜଣେ ବିବାହିତା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଜାମୁଯୋରୀ ଗ୍ରାମର ପ୍ରଭାତ ମାଟିଆରୀଙ୍କ ସ୍ତ୍ରୀ ପ୍ରମିଳା ମାଟିଆରୀ (୨୬)। ପ୍ରମିଳା ମଙ୍ଗଳବାର ରାତିରେ ଖାଇପିଇ ସାରିବା ପରେ ଖଟିଆରେ ଶୋଇଥିଲେ। ତେବେ ବିଳମ୍ବିତ ରାତିରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଭୋର ୪ଟାରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ପାଖ ପଡ଼ିଶା ଲୋକେ ଏହା ଜାଣିବା ପରେ ସକାଳୁ ମେଡ଼ିକାଲ ନେବା ପାଇଁ ୧୦୮କୁ ଫୋନ୍ କରିଥିଲେ। ହେଲେ ବାରମ୍ବାର ଫୋନ୍ ଲଗାଇବା ସତ୍ତ୍ୱେ ୧୦୮କୁ ଫୋନ୍ ଲାଗି ନ ଥିଲା। ଏଣୁ ବାଧ ହୋଇ ପରିବାର ଲୋକେ ସକାଳ ୮ଟାରେ ବାଇକ୍ ଯୋଗେ ନାକଟିଦେଉଳ ଡାକ୍ତରଖାନାକୁ ଆଣିଥିଲେ । ତେବେ ଡାକ୍ତର ସେଠାରେ ପ୍ରମିଳାଙ୍କୁ ମୃତ ଘୋଷଣା କରଥିଲେ । ଖବର ପାଇ ନାକଟିଦେଉଳ ପୋଲିସ ସେଠାରେ ପହଞ୍ଚି ପ୍ରମିଳାଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରଛି।

### ମିଳିଲା ଦରମା: କଲମ ଛାଡ ଆନ୍ଦୋଳନ ସ୍ଥଗିତ

## ଆଜି କାର୍ଯ୍ୟରେ ଯୋଗଦେବେ କୃଷି କର୍ମଚାରୀ

**ବାମରା,୨୪।୭(ସ୍ୱ.ପ୍ର.)**

ସମ୍ବଲପୁର ଜିଲା କୁଚିଣ୍ଡା କୃଷି ଜିଲା ଅନ୍ତର୍ଗତ କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକର କୃଷି ବିଭାଗ କର୍ମଚାରୀଙ୍କୁ ଶେଷରେ ୨ ମାସର ଦରମା ମିଳିଛି। ଫଳରେ ଏହି କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନରୁ ଓହରିଛନ୍ତି। ଗୁରୁବାର ଏମାନେ କାର୍ଯ୍ୟରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। କୁଚିଣ୍ଡା ଉପଖଣ୍ଡରେ ଥିବା ୩ଟି ବ୍ଲକର ପ୍ରାୟ ୫୦ ଜଣ କୃଷି କର୍ମଚାରୀଙ୍କୁ ମେ ଓ ଜୁନର ଦରମା ମିଳି ନ ଥିଲା। ଏଣୁ ଏମାନେ କୁଚିଣ୍ଡା କୃଷି ଜିଲା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇ ୧୪ ତାରିଖରୁ କଳାବ୍ୟାଜ୍ ପିନ୍ଧିଥିଲେ। ଭୁବନେଶ୍ୱର ଏଚ୍ଆର୍ଏମ୍ଏମ୍ ଠାରେ ତ୍ରୁଟି ଯୋଗୁ ଏମାନଙ୍କୁ ଦରମା ପ୍ରଦାନ ବିଳମ୍ବ ହୋଇଥିଲା। ବୁଧବାର କୃଷି ଏହି କର୍ମଚାରୀମାନଙ୍କୁ ୨ମାସର ଓ ବିଭାଗୀୟ ଅଧିକାରୀମାନଙ୍କୁ ୧ ମାସର ଦରମା ମିଳିଛି।

### ଓଲଟିଲା ମୋବିଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍

**ରେଢାଖୋଲ,୨୪।୭(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ରେଢାଖୋଲ ସହର ନିକଟ ଝରଣପଦାଛକଠାରେ ବୁଧବାର ସକାଳ ୯ଟା ବେଳେ ଏକ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡିଟି କଟକରୁ ସୁନ୍ଦରଗଡକୁ ମୋବିଲ ବୋଝେଇ କରି ଯାଉଥିଲା। ଫଳର ଗାଡି ଚାଳକ ଜଗତସିଂପୁରର ପ୍ରଶାନ୍ତ ନାୟକ (୪୧) ଆହତ ହୋଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ ଆହତ ଚାଳକଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଛି।

## ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ୯ ପଦକ

**ସମ୍ବଲପୁର, ୨୪।୭ (ବ୍ୟୁରୋ)**

ହରିୟାଣାର ଗୁରୁ ଗ୍ରାମଠାରେ ଆୟୋଜିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡିଶା ଦଳ ୯ ପଦକ ହାସଲ କରିଛି । ୪ ପୁରୁଷ ଓ ୫ ମହିଳା ବିଭିନ୍ନ ବର୍ଗରେ ବିଜୟୀ ହୋଇ ଓଡିଶାକୁ ଗୌରବାନ୍ୱିତ କରିଛନ୍ତି। ବୁଧବାର ରାଜ୍ୟ ଦଳ ସମ୍ବଲପୁର ଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ପୁରୁଷ ୬୨ କେଜି ବର୍ଗରେ ଅନୀଲ ବାଗ ସ୍ୱର୍ଣ୍ଣ ଓ ମାନସ ସେଠ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିପରି ପୁରୁଷ ୭୫ କେଜି ବର୍ଗରେ ସୁବ୍ରତ ପୂଜାରୀ ରୌପ୍ୟ, ରମେଶ ଦରୱାନ ବ୍ରୋଞ୍ଜ, ମହିଳା ୫୫ କେଜିରେ ଲିଜାସ୍ମିତା ପଟେଲ ରୌପ୍ୟ, ୬୫ କେଜିରେ ସାଇରୁନ ନିଶା ରୌପ୍ୟ, ଆଶା ବରେଇୱାଲ ବ୍ରୋଞ୍ଜ, ୭୫ କେଜିରେ ହେମାଙ୍ଗିନୀ ଭୋଇ ସ୍ୱର୍ଣ୍ଣ ଓ ଗ୍ରେସନା ବରେଇୱାଲ ରୌପ୍ୟ ପଦକ ହାସଲ କରିଛନ୍ତି।



ବୁଧବାର ସମ୍ବଲପୁର ଷ୍ଟେଶନରେ ପହଞ୍ଚିଛନ୍ତି ଶକ୍ତି ଉତ୍ତୋଳନ ଖେଳାଳି।

## ୪ ବିଭାଗରେ ବେଦାନ୍ତ ପୁରସ୍କୃତ

**ସମ୍ବଲପୁର, ୨୪।୭ (ବ୍ୟୁରୋ)**

ଦିଲୀ ଇଣ୍ଡିଆନ ହେବିଟେକ୍ ସେଣ୍ଟରଠାରେ ସିଆଇଆଇ ନ୍ୟାଶନାଲ ଏଚଆର୍ ସର୍କଲ ପ୍ରତିଯୋଗିତା-୨୦୧୯ରେ ଭାଗ ନେଇ ଝାରସୁଗୁଡା ବେଦାନ୍ତ କମ୍ପାନୀ ୪ଟି ପୁରସ୍କାର ହାସଲ କରିଛି । ମାନବ ସମ୍ବଳରେ ଡିଜିଟାଇଜେସନ୍‌ର ପ୍ରୟୋଗ, ପ୍ରତିଭା ପ୍ରବନ୍ଧନରେ ପ୍ରଥମ ପୁରସ୍କାର ପାଇଛି । ସେହିପରି ନେତୃତ୍ୱ ଓ କର୍ମଚାରୀ ବିକାଶ ଏବଂ କର୍ମଚାରୀଙ୍କ ନିୟୋଜନରେ ଦ୍ୱିତୀୟ ପୁରସ୍କାର ପାଇ କମ୍ପାନୀର ସଫଳତାରେ ନୂତନ ଅଧ୍ୟାୟ ଯୋଡି ହୋଇଛି । ପ୍ରତିଯୋଗିତାର ମୁଖ୍ୟ ନ୍ୟାୟାଧିଶ ଡ. ଅକିଲ ବୁସରାଇ ଓ ମୁଁଯଲ ଶୋଆ କମ୍ପାନୀ ଅଧକ୍ଷ ଯୋଗେଶ ମୁଁଯଲ ଅତିଥି ଭାବେ ଯୋଗ ଦେଇଥିଲେ । ବେଦାନ୍ତ ଆଲୁମିନିୟମ ଓ ପାୱାର ସେକ୍ଟର ମାନବ ସମ୍ବଳ ମୁଖ୍ୟ ଦିଲୀପ ରଞ୍ଜନ ସାହୁ କମ୍ପାନୀର ଦକ୍ଷତାପୂର୍ଣ୍ଣ କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ର, ବାହାରେ ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ନିୟୋଜିତ କରିବା, ଉତ୍ତମ ବୈଷୟିକତା ପ୍ରାପ୍ତିର ସଫଳ ପ୍ରୟାସ ବୋଲି କହିଛନ୍ତି ।

ଅପରପକ୍ଷେ କମ୍ପାନୀ ଦକ୍ଷତା ଆହରଣ, ପରିଚାଳନା ଓ ବିକାଶ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତି କରିବା ସହ କର୍ମଚାରୀଙ୍କୁ କାର୍ଯ୍ୟ ଅନୁକୂଳ ପରିବେଶ ଓ ଜୀବନ ପ୍ରଦାନ ଲକ୍ଷ୍ୟ ଦିଗରେ ଆଗେଇ ଚାଲିଛି । ଅନ୍ତରାଷ୍ଟ୍ରୀୟ ସ୍ତରରେ ବଦଳୁଥିବା ଧାରାକୁ କମ୍ପାନୀ ଯୋଜନା, ଡିଜିଟାଲ ଓ ସ୍ମାର୍ଟ ଟେକ୍ନୋଲୋଜିର ପରିଚାଳନା କ୍ଷେତ୍ରରେ ନୂତନ ଧାରା ଆପଣାଇ ମାନବ ସମ୍ବଳ ଉତ୍ପାଦନ ବୃଦ୍ଧି ଦିଗରେ ଆଗେଇ ଚାଲିଛି ବୋଲି ପ୍ରେସ ବିବୃତ୍ତିରେ ସୂଚିତ କରାଯାଇଛି ।




ଝାରସୁଗୁଡା ବେଦାନ୍ତ କମ୍ପାନୀ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

## ଚିପିଲିମା ହାଇସ୍କୁଲ ଛକ ଦୀର୍ଘଦିନ ହେଲା ଅନ୍ଧାର

### ଲାଇଟ୍ ଖୋଲିନେଲେ, ଲଗାଉ ନାହାନ୍ତି

**ଚିପିଲିମା, ୨୪।୭ (ଡି.ଏନ.ଏ.)**

ଓଡିଶା ଜଳବିଦ୍ୟୁତ୍ ନିଗମ (ଓଏଚପିସି) ଅଧୀନରେ ସମ୍ବଲପୁର ଚିପିଲିମାରେ ରହିଛି ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି)। ଏହି ପ୍ରକଳ୍ପରୁ ଦୈନିକ ୫୦ ମେଗାୱାଟରୁ ଉର୍ଦ୍ଧ୍ୱ ବିଦ୍ୟୁତ ଉତ୍ପାଦନ ହୋଇ ବିଭିନ୍ନ ଅଞ୍ଚଳକୁ ଆଲୋକିତ କରୁଛି। ୧୯୬୬ରୁ ଏହି ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲେ ହେଁ ଦୀପତଳ ଅନ୍ଧାର ଭଳି ଚିପିଲିମାକୁ ସଂପୂର୍ଣ୍ଣ ଆଲୋକିତ କରିପାରି ନାହିଁ । ଚିପିଲିମା ମୁଖ୍ୟଛକ ତଥା ହାଇସ୍କୁଲ ଛକରେ ସିଏଚଇପି ପକ୍ଷରୁ ଘଣ୍ଟେଶ୍ୱରୀ ସ୍ୱାଗତ ଫାଟକର ଉଭୟ ପାର୍ଶ୍ୱରେ ଦୁଇଟି ଲାଇଟ ବ୍ୟବସ୍ଥା ହୋଇଛି। ହେଲେ ଦୀର୍ଘଦିନ ହେଲା ଏହି ଲାଇଟ ଜଳୁନି। ଏ ନେଇ ଛକବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍‌କ୍ଷଣାତ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଚେକ୍ କରି ଲାଇଟ୍‌ଟି ପୋଡିଯାଇଥିବା ଦର୍ଶାଇ ଖୋଲି ନିଆଯାଇଛି । ଫଳରେ ଦୀର୍ଘଦିନ ହେଲା ଛକଟି ଅନ୍ଧାର ହୋଇ ରହିଛି । ଏହି ଛକଟି ସନ୍ଧ୍ୟା ସମୟରେ ଗହଳି ରହୁଥିବାରୁ ଲୋକେ ଅନ୍ଧାରର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏପରିକି ପାୱାର ହାଉସ ରାସ୍ତା, ଗେଷ୍ଟ ହାଉସ ରାସ୍ତାରେ ମଧ କିଛି ଷ୍ଟ୍ରିଟ୍ ଲାଇଟ ଜଳୁନଥିବା ଅଭିଯୋଗ ହୋଇଛି। ଏ ବାବଦରେ ସିଏଚଇପିର ୟୁଟିଲିଟି ମ୍ୟାନେଜର ଇଂ. ବାସୁଦେବ ମିଶ୍ରଙ୍କୁ ପଚରାଯିବାରୁ ଦିନେ ଦୁଇଦିନରେ ଲାଇଟ ଲଗାଇ ଦିଆଯିବ ବୋଲି କହିଛନ୍ତି।

### ଭରତପୁର ଖୋଲାମୁହଁ ଖଣି ମାଟି ଧସିବା ଘଟଣା

## ପରିଦର୍ଶନ କଲେ ଏମ୍‌ସିଏଲ୍ ଅଧିକାରୀ ଦଳ

**ସମ୍ବଲପୁର, ୨୪।୭ (ବ୍ୟୁରୋ)**

ତାଳଚେର ଭରତପୁର ଖୋଲାମୁହଁ ଖଣିରେ ମଙ୍ଗଳବାର ରାତିରେ ଖଣି କାର୍ଯ୍ୟ ଚାଲୁଥିବା ବେଳେ ମାଟି ଧସି ଦୁର୍ଘଟଣା ଘଟିଛି। ଏହି ଖବର ପାଇ ସମ୍ବଲପୁର ବୁର୍ଲାସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ମୁଖ୍ୟାଳୟରୁ ସଞ୍ଚାଳନ ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ ଓ କାର୍ମିକ ନିର୍ଦ୍ଦେଶକ କେ.ଆର. ବାସୁଦେବନ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ବୁଧବାର ଏମ୍‌ସିଏଲ୍ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ସେଠାରେ ୧୩ଜଣ ଶ୍ରମିକ ଖଣି କାର୍ଯ୍ୟରେ ନିୟୋଜିତ ଥିଲେ । ଦୁର୍ଘଟଣା ପରେ ୯ଜଣଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ୪ଜଣ ମାଟି ତଳେ ପୋତି ହୋଇ ରହିଛନ୍ତି । ଏମ୍‌ସିଏଲ୍ ଖଣି ଉଦ୍ଧାରକାରୀ ଦଳ, ସ୍ଥାନୀୟ ପୋଲିସ ଓ ସୁରକ୍ଷାବଳ ସେମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଏଥିସହ ଟ୍ରିପର, ଡ୍ରୋଜର ଓ ଅନ୍ୟାନ୍ୟ ଯନ୍ତ୍ରପାତି ମଧ ମାଟିତଳେ ପୋତି ହୋଇଯାଇଛି ।

### ସମ୍ବଲପୁର ଏନ୍‌ଏସ୍‌ସିବି କଲେଜରେ ମେଗା ନିଯୁକ୍ତି ମେଳା

## ୪ହଜାର ୬ଶହ ନାମ ପଞ୍ଜୀକୃତ ହେଲା

**ସମ୍ବଲପୁର, ୨୪।୭ (ବ୍ୟୁରୋ)**

ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜ ପରିସରରେ ବୁଧବାର ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଅଷ୍ଟମରୁ ସ୍ନାତକୋତ୍ତର ପାସ୍ କରିଥିବା ୪୬୦୦ ଛାତ୍ରୀଛାତ୍ର, ଯୁବତୀ, ଯୁବକ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ । ନିଯୁକ୍ତିକାରୀ ସଂସ୍ଥାର ଅଧିକାରୀମାନେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ଯାଞ୍ଚ କରି ସାକ୍ଷାତକାର ନେଇଥିଲେ । କେତେକ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଆଇଟି, ଟେଲେକମ୍, ଗଣମାଧ୍ୟମ, ବ୍ୟାଙ୍କ, ସ୍ୱାସ୍ଥ୍ୟ, ଫାର୍ମାସି, ସିକ୍ୟୁରିଟି, ମାର୍କେଟିଂ ପ୍ରଭୃତିର ୨୬ଟି ରାଜ୍ୟ ତଥା ରାଜ୍ୟ ବାହାର ନିଯୁକ୍ତିକାରୀ ସଂସ୍ଥା ମେଳାରେ ଭାଗ ନେଇଥିଲେ । ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ, ସମ୍ବଲପୁର ଜିଲା ନିୟୋଜନ ଅଫିସ, ଓଡିଶା ସରକାରଙ୍କ ଦକ୍ଷତା ବିଭାଗ ମନ୍ତ୍ରଣାଳୟ, ଜାତୀୟ ବୃତ୍ତି ବିକାଶ ସେବା, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ମିଳିତ ଆନୁକୂଲ୍ୟରେ ଏହି ମେଗା ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ । ସଂପ୍ରତି ଶିକ୍ଷା ଓ ଉପାର୍ଜନର ଗୁରୁତ୍ୱ ରହିଛି । ଏହାକୁ ଦୃଷ୍ଟିରେ ରଖି ମେଗା ନିଯୁକ୍ତି ମେଳାର ପରିକଳ୍ପନା କରାଯାଇଛି । ତେଣୁ ଛାତ୍ରୀଛାତ୍ର ଏଥିରେ ଭାଗ ନେଇ ସୁଯୋଗର ସଦ୍‌ବିନିଯୋଗ କରିବାକୁ ଡ. ମହାପାତ୍ର ଆହ୍ୱାନ ଦେଇଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ବିନା ସାର୍ଟିଫିକେଟସର୍ବସ୍ୱ ଶିକ୍ଷା ମୂଲ୍ୟହୀନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ବଲପୁର ଆଞ୍ଚଳିକ ଶ୍ରମ ଓ ନିୟୋଜନ ଅଧିକାରୀ ଏନ.କେ. ଦାସ, ଡ. ମାନସରଞ୍ଜନ ପାଣିଗ୍ରାହୀ ସମ୍ମାନୀତ ଅତିଥି ଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ବାଣିଜ୍ୟ ବିଭାଗ ମୁଖ୍ୟ ତଥା କ୍ୟାରିୟର କାଉନସିଲିଂ ଉପଦେଷ୍ଟା ଡ. ବିଶ୍ୱମୋହନ ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ କଲେଜର ଅଧାପିକା, ଅଧାପକ, କର୍ମଚାରୀଙ୍କ ସମେତ ୨ଶହ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ନିଯୁକ୍ତି ମେଳାରେ ନାମ ପଞ୍ଜିକରଣ କରାଯାଉଛି।

ମେଟଲ୍ ମିଟ୍ – ୨୦୧୯

# ସାମ୍ନାସାମ୍ନି ହେବେ ୭୮ ଟିମ୍

ଭୁବନେଶ୍ୱର,୨୪।୭(ବ୍ୟୁରୋ)

କୁଇଜ୍ ଭଳି ଏକ ସମ୍ପୂର୍ଣ୍ଣ ଭିନ୍ନ କନ୍‌ସେପ୍ଟକୁ ନେଇ ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଲଗାତର ୪ର୍ଥ ବର୍ଷ ପାଇଁ ଆୟୋଜିତ ହେବାକୁ ଯାଉଛି 'ମେଟଲ୍ ମିଟ୍– ୨୦୧୯'। ଦକ୍ଷତା ଓ ଉପସ୍ଥିତ ବୁଦ୍ଧିର ଏହି ଯୁଦ୍ଧ ପାଇଁ ଏହା ମଧ୍ୟରେ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ୍। ଓଡ଼ିଶାର କୁଇଜିଂ କଲଚରକୁ ଆଗକୁ ନେବା ଲକ୍ଷ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆଉମାତ୍ର କିଛିଦିନ ବାକି ଥିବାବେଳେ ସାମ୍ନାସାମ୍ନି ପାଇଁ ପ୍ରତିଯୋଗୀ ଟିମ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସମଗ୍ର ଓଡ଼ିଶାର ବିଭିନ୍ନ ସ୍କୁଲ୍ ଓ କଲେଜରୁ ମୋଟ ୭୮ ଟିମ୍ ଅଂଶଗ୍ରହଣ କରିବାକୁ ଥିବାବେଳେ ଉଭୟ ଜୁନିୟର ଏବଂ ସିନିୟର କାଟାଗୋରିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ମେଟଲ୍ ମିଟ୍ ୨୦୧୮ ସଂସ୍କରଣର ବିପୁଳ ସଫଳତା ପରେ ଓଡ଼ିଶା ପୋଷ୍ଟ ଆୟୋଜନ କରିବାକୁ ଯାଉଛି ମେଟଲ୍ ମିଟ୍ ୨୦୧୯ ସଂସ୍କରଣ। ଅଗଷ୍ଟ ୩ ଓ ୪ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଆହୁରି ଆକର୍ଷଣୀୟ ହେବାକୁ ଯାଉଛି। ଭୁବନେଶ୍ୱର ସହ ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ, ରାଉରକେଲା ଓ ପଶ୍ଚିମ ଓଡ଼ିଶାର ଏକାଧିକ ଶିକ୍ଷାନୁଷ୍ଠାନ ଚଳିତବର୍ଷ ପ୍ରତିଯୋଗିତାରେ ଭାଗନେବେ। ସେହିଭଳି ଏଥର ରେସ୍‌ରେ ସାମିଲ ହୋଇଛନ୍ତି ଏକାଧିକ ନୂଆ ସ୍କୁଲ୍, ଜୁନିୟର କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ। ଚଳିତବର୍ଷ ସିନିୟର ବିଭାଗରେ ମୋଟ ୩୬ ଶିକ୍ଷାନୁଷ୍ଠାନ ରହିଥିବାବେଳେ ଏମାନଙ୍କ ମଧ୍ୟରେ ଏନ୍‌ଆଇଟି ରାଉରକେଲା, ଆଇଆଇଟି ଭୁବନେଶ୍ୱର, ଏମ୍ସ ଭୁବନେଶ୍ୱର, ନାଇଜର୍, କିଟ୍, ଏସ୍‌ସିବି ମେଡିକାଲ କଲେଜ, ନ୍ୟାଶନାଲ ଲ' ୟୁନିଭର୍ସିଟି, ଭିଏସ୍‌ଏସ୍‌ୟୁଟି ବୁର୍ଲା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଆଇଜିଆଇଟି ସରାଙ୍ଗ, ବିର୍ଲା ଗ୍ଲୋବାଲ୍, ଶିକ୍ଷା ଓ ଅନୁସନ୍ଧାନ, ଟ୍ରାଇଡେଣ୍ଟ, ସାଇ ଇଣ୍ଟରନ୍ୟାଶନାଲ କଲେଜ, ସିଇଟି, ସେଞ୍ଚୁରିଆନ ୟୁନିଭର୍ସିଟି, ଏନ୍‌ଆଇଏସ୍‌ଟି, ଏଏସ୍‌ବିଏମ୍, ୟୁଏସ୍‌ବିଏମ୍, ଏକ୍ସଆଇଏମ୍‌ବି, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍, ବିଜେବି କଲେଜ, ପିଲୋ ମୋଦି କଲେଜ ଅଫ୍ ଆର୍କିଟେକ୍ଚର୍ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ରହିଛନ୍ତି। ସେହିଭଳି ଜୁନିୟର୍ ବିଭାଗରେ ଥିବା ୪୨ଟି ଟିମ୍‌ରେ ରାଉରକେଲା ସେଣ୍ଟ ପଲ୍, ଲୋୟୋଲା ସ୍କୁଲ୍, ମଦର୍ସ ପବ୍ଲିକ୍ ସ୍କୁଲ୍, କିଟ୍ ଇଣ୍ଟରନ୍ୟାଶନାଲ, ସାଇ ଇଣ୍ଟରନ୍ୟାଶନାଲ, ଡ୍ରନ୍ ଇଣ୍ଟରନ୍ୟାଶନାଲ, ରେଭେନ୍‌ଶା ହାଇସ୍କୁଲ୍, ରମାଦେବୀ ଜୁନିୟର କଲେଜ, ଡିଏଭି, ଡିପିଏସ୍, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍, ଟାଇମ୍ସ ଗୁରୁକୁଳ, ଓଡିଏମ୍, ଷ୍ଟୁଆର୍ଟ, ସେଣ୍ଟ ଜାଭିୟର, ସେଣ୍ଟ ଜୋସେଫ୍, ସୈନିକ ସ୍କୁଲ୍ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି।

ଆସନ୍ତା ୩ ତାରିଖରେ 'ମେଟଲ୍ ମିଟ୍– ୨୦୧୯'ର ପ୍ରିଲିମ୍ସ ରାଉଣ୍ଡ ଓ ୪ ତାରିଖରେ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ। ପ୍ରିଲିମ୍ସ ରାଉଣ୍ଡରେ ପ୍ରତିଯୋଗୀମାନେ ସାଧାରଣ ଜ୍ଞାନ କ୍ଷେତ୍ରରେ ରହିଥିବା ପ୍ରତିଭା ପ୍ରଦର୍ଶନ କରିବେ। ଏହାସହ ଅଡିଓ ଭିଜୁଆଲ ପ୍ରଶ୍ନ ଏବଂ ବର୍ତ୍ତମାନର ଘଟଣାକୁ ଆଧାରକରି ବିଭିନ୍ନ ପ୍ରଶ୍ନ ଏଥିରେ ରହିବ। ପ୍ରିଲିମ୍ସରେ ଭଲ ପ୍ରଦର୍ଶନ କରିଥିବା ଟିମ୍ ଗ୍ରାଣ୍ଡ୍ ଫିନାଲେକୁ ଯିବାକୁ ଯୋଗ୍ୟ ବିବେଚିତ ହେବ। ଏହି କୁଇଜ୍ ମହାକୁମ୍ଭକୁ ଏଥର ଲୋକପ୍ରିୟ କୁଇଜ୍ ମାଷ୍ଟର ଅଜୟ ପୁନିଆ ପରିଚାଳନା କରିବେ।

■ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

# ରାଜ୍ୟ ଯୋଜନାରେ ସାମିଲ ହୋଇପାରିବ ଆଧାର

ନୂଆଦିଲ୍ଲୀ,୨୪।୭

କେନ୍ଦ୍ର କ୍ୟାବିନେଟ ବୁଧବାର ଆଧାର ଏବଂ ଅନ୍ୟ ଆଇନ ସଂଶୋଧନ ବିଲ୍, ୨୦୧୯କୁ ଅନୁମୋଦନ କରିଛି। ଏହି ଆଇନରେ ଏକ ବ୍ୟବସ୍ଥା ଯୋଡାଯାଇଛି। ତଦନୁଯାୟୀ ଆଧାର ତଥ୍ୟକୁ ରାଜ୍ୟ ଯୋଜନା ଏବଂ ସବ୍‌ସିଡି ପ୍ରଦାନ ଲାଗି ବ୍ୟବହାର କରାଯାଇପାରିବ।

କ୍ୟାବିନେଟର ଏହି ସଂଶୋଧନ ଦ୍ୱାରା ରାଜ୍ୟ ସରକାରଗୁଡ଼ିକ ନିଜର କନ୍‌ସୋଲିଡେଟେଡ ଫଣ୍ଡ ଦ୍ୱାରା ପରିଚାଳିତ ଯୋଜନାଗୁଡ଼ିକରେ ଆଧାରକୁ ବ୍ୟବହାର କରିପାରିବେ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ବୁଧବାର ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ଦୀର୍ଘଦିନ ହେଲା ରାଜ୍ୟଗୁଡିକ ନିଜ ଯୋଜନାରେ ଆଧାର ବ୍ୟବହାର ଲାଗି ଦାବି କରିଆସୁଥିଲେ। କେନ୍ଦ୍ର ସରକାରଙ୍କଠାରୁ ସିଧାସଳଖ ପାଣ୍ଠି ଆସୁଥିବା ଯୋଜନାଗୁଡ଼ିକରେ ଆଧାର ବ୍ୟବହାର କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ନିଜ ରାୟରେ ଦର୍ଶାଇଥିଲେ। କେନ୍ଦ୍ର ସରକାର ଯେପରି କେନ୍ଦ୍ରୀୟ ପାଣ୍ଠିରୁ ହିତାଧିକାରୀଙ୍କୁ ସବ୍‌ସିଡି ପ୍ରଦାନ କରୁଛନ୍ତି, ଠିକ୍ ସେହିପରି ରାଜ୍ୟଗୁଡ଼ିକ ଆଧାର ବ୍ୟବହାର କରି ରିହାତି ଦେଇପାରିବେ। ଏଥିପୂର୍ବେ ଚଳିତ ମାସରେ ଆଧାର ସଂଶୋଧନ ବିଲ୍‌କୁ ପାର୍ଲାମେଣ୍ଟରେ ଅନୁମୋଦନ କରାଯାଇସାରିଛି। ଏହି ସଂଶୋଧନ ଜରିଆରେ ମୋବାଇଲ ଫୋନ ଲାଗି ସିମ୍ ନେବା ଏବଂ ନୂଆ ବ୍ୟାଙ୍କ ଖାତା ଖୋଲିବାରେ ଆଧାର ବ୍ୟବହାର କରାଯାଇପାରିବ। ବୁଧବାର ଆଧାର ଆଇନରେ ଆଉ ଏକ ସଂଶୋଧନ ହୋଇଛି। ଏହାଦ୍ୱାରା ରାଜ୍ୟଗୁଡ଼ିକ ଏହାକୁ ବ୍ୟବହାର କରିବା ଲାଗି କ୍ଷମତା ପାଇବେ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ବିଲ୍‌କୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପରେ ସମ୍ପୃକ୍ତ ସଂଶୋଧନକୁ ଏଥିରେ ଯୋଡାଯାଇଛି। ଏପରି ସ୍ଥିତିରେ କ୍ୟାବିନେଟ ଦେଇଥିବା ମଞ୍ଜୁରୀକୁ ପରେ ଦିଆଯାଇଥିବା ସହମତି ଭଳି ମନେକରାଯିବ। ସଂଶୋଧିତ ବିଲ୍‌ରେ ଏକ ନୂଆ ଧାରା ୫ଏ ଯୋଡାଯାଇଛି। ବିଲ୍‌ର ଧାରା ୭ରେ କେନ୍ଦ୍ରର 'ଏକୀକୃତ ପାଣ୍ଠି' ସହିତ ରାଜ୍ୟଗୁଡ଼ିକର 'ଏକୀକୃତ ପାଣ୍ଠି' ଶବ୍ଦକୁ ଯୋଡାଯାଇଛି। ଜାଭଡେକର କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ୧୨୮ କୋଟି ପଞ୍ଜୀକୃତ ଆଧାର କାର୍ଡ ରହିଛି। ରାଜ୍ୟ ସରକାରଗୁଡ଼ିକ ଆଧାର କାର୍ଡ ବ୍ୟବହାର କରି ନିଜର ଯୋଜନାର ହିତାଧିକାରୀଙ୍କୁ ସବ୍‌ସିଡି ଦେବା ଦ୍ୱାରା ଜାଲ୍ ହିତାଧିକାରୀ ହଟିଯିବେ।

# ଲଘୁଚାପ: ୨ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର,୨୪।୭(ବ୍ୟୁରୋ):** ରାଜ୍ୟରେ ଗତ ଦୁଇ ସପ୍ତାହ ହେବ ବର୍ଷା ଉଭାନ ହୋଇଯାଇଛି। କାଁ ଭାଁ କେଉଁଠି ଅସରାଏ କିମ୍ବା ଦି' ଅସରା ବର୍ଷା ହେଉଛି। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ପାଗରେ ପରିବର୍ତ୍ତନ ହେବ। ଉତ୍ତର–ପଶ୍ଚିମ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ମଧ୍ୟରାତ୍ରିରୁ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ ଆଦି ଜିଲାରେ ପ୍ରବଳ ବର୍ଷା ହେବ। ଏପରି କି କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରେ ଲଘୁଚାପ ଦିନତମାମ ବର୍ଷିବ। ୨୮ ତାରିଖରେ ବର୍ଷା ପରିମାଣ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ କହିଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ ବର୍ଷା ପରିମାଣ ବଢ଼ିବ ବୋଲି ଅନୁମାନ କରାଯାଉଛି।

**୨୬ ରାତିରୁ ବର୍ଷିବ**



ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। କେନ୍ଦୁଝରରେ ୩୧.୬% ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ୧୫ ଏବଂ କୋରାପୁଟରେ ୨୪.୨% ବର୍ଷା ରେକର୍ଡ କରାଯାଇଛି। ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୩୨%ରୁ କମ୍ ବର୍ଷା ହୋଇଛି।


**PARADIP PORT TRUST**

**1st Corrigendum to e-TENDER CALL NOTICE : EM/IOHP-30/2019**

**Name of the work :** "Providing Assistance in Office-cum-Site works of IOHP for a period of one year". **Estimated Cost :** Rs. 2,96,08,045/-. **Last Date & Time of submission :** 28.07.2019 at 17.15 hrs. Refer our website for details **https://eprocure.gov.in/eprocure/app**

**Executive Engineer (M)**
**Iron Ore Handling Plant**
**PPT/PR/216/19-20 Dt : 24.07.19**

**PARADIP PORT TRUST**

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **Bucket wheel teeth.** The last date and time of submission of the tender is **17:15 Hours on Dt.19.08.2019.** For details, log on to website **https://eprocure.gov.in/eprocure/app**

**Sr. Dy. Materials Manager**
**PPT/PR/214/19-20 Dt.24.07.2019**

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-13**

**NOTIFICATION**

**No.24-N:-** **Bhubaneswar, dated the 20th July, 2019**

No. M.P. Cell-07/15/3730/ CHSE.IT is hereby notified for all concerned that, the candidates booked under M.P. in Annual H.S. Examination, 2019 in Science, Art, Commerce and Vocational streams. If so desire, are required to submit written statement in their defence in prescribed proforma given below to the undersigned on or before 05.08.2019 positively in person or by Post.

If the candidates do not submit written statements in their defence within the above stipulated date, it will be presumed that they have nothing to say in their defence and action as deemed proper shall be taken on the basis of records available with the Council.

**STATEMENT OF THE CANDIDATE BOOKED UNDER MALPRACTICE**

01. Annual H.S. Examination, 2019 : SCIENCE/ ARTS/ COMMERCE/ VOCATIONAL (Tick One) (✓)
02. Subject booked under Malpractice :
03. Name of the Candidate :
04. Roll No. :
05. Registration No. :
06. Name of the H.S. School :
07. Whethere resorted to MP inside The Examination Hall (Yes/ No) :
8. Statement of candidate in his/her Defence (use additional sheet if, Required) :

**Signature of the candidate**
**Address:**

**Date:**

**Mobile No./Tel. No.:**

**N.B.:** The proforma shall be filled in by the candidate in his/her own handwriting.

By order of the Chairman

**11003/11/0001/1920** **Sd./- Controller of Examinations**

THE ODISHA MINING CORPORATION LIMITED
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES

No.CAD-226

**E-Procurement Notice**

**NITNo.- OMC/E-PROC/FE/6/2019** **Dtd. 25.07.2019**

| | | |
|---|---|---|
| 1. | Name of the work | Supply, Installation and Commissioning of 2 (two) nos. of Continuous Ambient Air Quality Monitoring Station (CAAQMS) at Gandhamardan Block B Iron Ore mines in Keonjhar District of Odisha along with its Operation and maintenance for a period of five years. |
| 2. | Availability of bid document in Govt. portal | **25.07.2019 to 08.08.2019 up to 5.00 PM** |
| 3. | Last date of online submission of tender in portal | **08.08.2019 up to 5.00 PM.** |
| 4. | Submission of EMD | Rs.50,000.00 (Rupees Fifty thousand) only through online as available in **www.tendersodisha.gov.in.** |
| 5. | Date of opening of Techno commercial Bid | 09.08.2019 at 11.00 AM. |

All other details can be seen from the tender document available at Govt. website www.tendersodisha.gov.in & in OMC website www.omcltd.in. OMC reserves the right to reject any or all tenders without assigning any reason there of.

30005/11/0028/1920 Head (F&E)

## ସାଂପ୍ରତିକ ନିଅଣ୍ଟିଆ ବୃଷ୍ଟିପାତ ପରିସ୍ଥିତିରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ କୃଷି ପରାମର୍ଶ

No.33-L ସଂପ୍ରତି ସୁନ୍ଦରଗଡ଼, ମୟୁରଭଞ୍ଜ, ଗଜପତି, ଅନୁଗୋଳ, ଦେବଗଡ଼, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କେନ୍ଦୁଝର, ବଲାଙ୍ଗୀର, ବାଲେଶ୍ୱର ଆଦି ଜିଲ୍ଲାର କେତେକ ବ୍ଲକରେ ସ୍ୱଳ୍ପ ବୃଷ୍ଟି ହେତୁ ଧାନ ଫସଲ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆଗାମୀ ୨–୩ ଦିନ ମଧ୍ୟରେ ବର୍ଷାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଫସଲର ସୁପରିଚାଳନା ପାଇଁ ନିମ୍ନମତେ କୃଷି ପରାମର୍ଶ ଦିଆଯାଉଛି।

» ଧାନ ବୁଣା ବୁଣି ସରିଯାଇଥିଲେ, ପୂର୍ବାନୁମାନ ଅନୁଯାୟୀ କିଛି ଦିନ ଅପେକ୍ଷା କରାଯାଇପାରେ।
» ରୁଆ ସରିଯାଇଥିଲେ ଏବଂ ସୁବିଧା ଥିଲେ ଜୀବନ ରକ୍ଷାକାରୀ ଜଳସେଚନ କରାଯାଇପାରେ।
» ତଳିଘରାରେ ତଳି ପ୍ରସ୍ତୁତ ହୋଇଥିଲେ, ଜଳସେଚନ କରି ତଳିଗୁଡ଼ିକୁ ବଞ୍ଚାଇ ରଖନ୍ତୁ।
» ବୁଣା ସରି ନଥିଲେ ବର୍ଷା ହେବାପରେ ଜମିକୁ କାଦୁଅ କରି ଅପେକ୍ଷାକୃତ କମ୍ ଅବଧିର ଧାନ ବିହନ ଗାଲି ଗଜା କରି ଧାଡ଼ିରେ ବୁଣିବା ଦରକାର।
» ଆବଶ୍ୟକ ହେଲେ ଅପେକ୍ଷାକୃତ କମ୍ ଅବଧିର ଧାନ ବିହନ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ।

| | | |
|---|---|---|
| ମଧ୍ୟମ କିସମ ଜମି ପାଇଁ ଧାନ ବିହନ | : | ସହଭାଗୀ, ଉନ୍ନତ ଲଲାଟ, ସି.ଓ.–୫୧, ଖଣ୍ଡଗିରି, ଏମ୍.ଟି.ୟୁ.–୧୦୦୧, ଏମ୍.ଟି.ୟୁ.–୧୦୧୦, ବୀଣା – ୧୧, ମନ୍ଦାକିନୀ |
| ଖାଲଜମି ପାଇଁ ଧାନ ବିହନ | : | ସ୍ୱର୍ଣ୍ଣସବ୍–୧, ରାଣୀଧାନ, ସ୍ୱର୍ଣ୍ଣ, ମୃଣାଳିନୀ। |

01034/11/0008/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

**(a) REQUEST FOR PROPOSAL** No. 149-E:

**FOR SHIELDING OF X.RAY ROOM OF DHH.GAJAPATI**

**Adv no:** 4755 **Date:** 23/7/15

Applications are invited from credible Agency Firms for **Shielding of X-Ray room of DHH.Gajapati.** The Agency /Firms / NGOs must be registered for the above Purpose .The Agency/Firms having more than Three years and proven experience of working in the related field of minimum of at least three years. It is Mandatory that the Agency /Firms should have GST & authorisation from AERB .interested organization /agencies should submit their proposal in prescribed format (Technical as well as financial bids under two Bid systems) along with all supporting documents in sealed envelope separately through speed post/Regd. Post . Postal address to the CDM & PHO and District mission Director Paralakhemundi, Gajapati date on Or before 05-08-2019 up to 5pm in the prescribed application format available in website **http://www.qajapati.nic .in.** The application proposal shall open on date: 06-08-2019 at 11 am In the office of undersigned in presence of the parties /Agencies / or their authorized representatives .The Authority reserves right for cancelation/modifications of the selection without assigning any reasons thereof.

**SD/- Chairman**
**Executive Committee RKS, DHH,Gajapati**

**(b) REQUEST FOR PROPOSAL**

**FOR AERB REGISTRATION FOR OPERTING LICENCE ALONG WITH TLD OF DHH, GAJAPATI**

**Adv no:** 4756 **Date:** 23/7/19

Applications are invited from credible Agency / Firms for QA test report of different radiation Machine and **AERB** registration for operating licence along with TLD for radiology Department of DHH, Gajapati . The Agency /Firms/ NGOs must be registered for the above Purpose .The Agency / Firms must be a registered under Atomic energy Regulatory Board Government of India . Valid TAN / PAN for more than three years and proven experience of working in the related field for minimum of at least three years. The proposals send through Speed Post /Regd.post.Postal address to the CDM & PHO and District Mission Director Parakhemundi, Gajapati on or before 05-08-2019The authority reserves right for cancellation /modifications of the selection without assigning any reason thereof.

**SD/- Chairman**
10105/11/0004/1920 **Executive Committee RKS, DHH, Gajapati**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍–୮, ଭୁବନେଶ୍ୱର– ୭୫୧୦୧୨

ସଂଖ୍ୟା : ୭୩୫୪ /IND-II-PH-800 ତାରିଖ : ୨୩।୦୭।୧୯

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ମେସର୍ସ ଶ୍ରୀ ଓମ୍ ପ୍ରକାଶ ଜେନ୍ ଓଡ଼ିଶାର କଳାହାଣ୍ଡି ଜିଲ୍ଲା, କେସିଙ୍ଗା ତହସିଲ ଅନ୍ତର୍ଗତ ଘାଟପଡ଼ା ଗ୍ରାମରେ ୩୦.୬୮୩ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ଘାଟପଡ଼ା ଗୋମେଧ ରତ୍ନପଥର ଖଣିର ଉତ୍ପାଦନ ବାର୍ଷିକ ୧୪୮ କିଲୋଗ୍ରାମ କରିବା** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୮.୦୮.୨୦୧୯ ରିଖ ଦିବା ୧୧.୦୦ ଘଟିକା ସମୟରେ କଳାହାଣ୍ଡି ଜିଲ୍ଲା, ସିଙ୍ଘଝରଣ ଗ୍ରାମରେ ୩.୦୦ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ଖାତା ନଂ ୪ ଅନ୍ତର୍ଗତ ପ୍ଲଟ୍ ନଂ ୩ (କିସମ୍–ଅଟ୍ଟା) ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କଳାହାଣ୍ଡି ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କଳାହାଣ୍ଡି ।**
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କଳାହାଣ୍ଡି ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର–୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାୟଗଡ଼ା।**
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାୟଗଡ଼ା** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED.
**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.)**
**E.H.T.(O&M) DIVISION , JODA, P.O.-Boneikala**
**DIST :- Keonjhar PIN:- 758038 ( ODISHA ) PHONE NO :-** 7328829375
**E-mail :- ehtm.div.jod@optcl.co.in, CIN :- U40102OR2004SGC007553**
**Letter No.286** **Dated.24.07.2019**

**TENDER CALL NOTICE NO.-06 / 2019-2020**

Sealed tenders are invited from Isolator manufacturer / Reputed service providers having valid Electrical HT license and experience in Installation, repair & maintenance of 220K V isolators for the work of "Retrofitting of ABB make 220K V maintenance free Beam mounted isolator in 220K V TTPS CKT-II (BUS -2 side) at Grid ss Joda under EHT(O&M) Division Joda."Cost of Tender paper Rs 2240/- , EMD = Rs 2100/-. Sale of tender documents from dt:- 27.07.2019 to 5.08.2019. Last Date of submission of tender :- 6.08.2019 upto 1.00PM. Date of opening of tender :- 6.08.2019 at 3.00PM. For details visit our website :- **www.optcl.co.in.** ***Corrigendum if any will be published in the OPTCL website only.***

Sd./- Dy. General Manager (Elect) EHT (O&M) Divisiona Joda

**The Odisha Small Industries Corporation Ltd.**
**( A Government of Odisha Undertaking) )**
***(An ISO:9001:2008 certified Govt.Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com,osicmd@gmail.com, website: osicltd.in

**SHORT TENDER CALL NOTICE**

Ref No. 2681 /OSIC Dt. 24.07.2019

The Managing Director, OSIC Ltd. invites tender from experienced Firms/Suppliers/MSMEs for "Construction of LPG fired Crematorium at Jharsuguda. The tender documents with detailed specification shall be available in OSIC website www.osicltd.in for above works.

| | |
|---|---|
| Period of availability of tender documents | 25.07.2019 to 29.07.2019 up to 2.00 PM |
| Last date of submission of tender | 29.07.2019 at 2.30 PM |
| Date of opening of tender and price bid | 29.07.2019 at 3.00 PM & onwords |

The bidder may submit their rates along with related tender documents to this office as per the schedule mentioned above. The quoted rate should be inclusive of all taxes & duties. After receiving offers, OSIC will evaluate the rates and participate in the respective tenders taking L-1 rate in to consideration. However OSIC bears no responsibility for offloading orders with any interested unit. OSIC service charges is 5% of the quoted price.

The detailed tender notice and paper can be downloaded from the OSIC website www.osicltd.in. The tender for the work is to be dropped in the tender box kept in the office of the MD, OSIC Ltd, Cuttack by the last date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum/ changes/ modifications will appear in OSIC Ltd. website www.osicltd.in only.

**MANAGING DIRECTOR**

ପରଦାକୁ

# ରଙ୍ଗ ବରଷିବ ଟୁପୁରୁ ଟୁପୁରୁ

ଚଳିତ ମାସ ୨୬ରେ ପରଦା ଉପରକୁ ଆସୁଛି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ତଥା ଜିତେନ୍ଦ୍ର ନାଥ ମହାପାତ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ରଙ୍ଗ ବରଷିବ ଟୁପୁରୁ ଟୁପୁରୁ'। କାହାଣୀ ଅନୁସାରେ, ପ୍ରେମ ପରି ଶବ୍ଦ ଯେ ଦିନେ ଦୁହିଙ୍କ ଭିତରେ ଶତ୍ରୁତାର ମୁଖ୍ୟ କାରଣ ସାଜିବ ତାହା କେବେ କଳ୍ପନା କରି ନ ଥିଲେ ଚନ୍ଦ୍ରଶେଖର ଆଉ ବିଜୟିନୀ। ସମୟକ୍ରମେ ଚନ୍ଦ୍ରଶେଖରଙ୍କ ପୁଅ ଆଦର୍ଶଙ୍କ ପ୍ରେମରେ ପଡ଼ିଯାଏ ବିଜୟିନୀଙ୍କ ଝିଅାରୀ ଦିଶା । ବିଡ଼ମ୍ବନା, ଏଭଳି ପ୍ରେମରେ ପୁଣି ପୂର୍ବ ଶତ୍ରୁତା କଣ୍ଟାହୋଇ ଠିଆ ହୁଏ କି?


ତାପସ

ପ୍ରେମ ପାଇଁ ଏହି ପ୍ରେମୀଯୁଗଳ କ'ଣ ଘର ଲୋକଙ୍କୁ ଏଡ଼ାଇ ଦିଅନ୍ତି? ଏପରି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ନୂଆ ଓଡ଼ିଆ ସିନେମାରେ। ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଏକ ଭିନ୍ନଧରଣର ପ୍ରେମ କାହାଣୀକୁ ରଚନା କରିବା ସହ ଚିତ୍ରନାଟ୍ୟ, ସଂଳାପ ଲେଖିଛନ୍ତି ଜିତେନ୍ଦ୍ର। ଖାସ୍ କଥା ହେଲା, ନୂଆ ଯୋଡ଼ି ତାପସ-ସୁଶ୍ରୀ ରଥ ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଏବଂ ଶ୍ରୀକାନ୍ତ ଗୌତମଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମରେନ୍ଦ୍ର ମହାନ୍ତି। କଣ୍ଠଦାନ କରିଛନ୍ତି ସତ୍ୟଜିତ, ଶୁଭମ୍, ଶଶାଙ୍କ, ଦୀପ୍ତିରେଖା, ଲଳିତା ଭଞ୍ଜ, ଅନ୍ତରା ଚକ୍ରବର୍ତ୍ତୀ ଓ ଚାମେଲି ମହାପାତ୍ର। ଏହି ନୂଆ ଯୋଡ଼ି ବ୍ୟତୀତ ମିହିର ଦାସ, ଅପରାଜିତା, ଅଶ୍ରୁମୋଚନ ମହାନ୍ତି, କିଶୋର ଖଣ୍ଡୁଆଳ, ସରୋଜ ଦାସ, ବିଜୁ ବଡ଼ଜେନା, ହର ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ରମେଶଙ୍କ ନୂଆ ଯୋଜନା

ପ୍ରଯୋଜକ ରମେଶ ବାରିକ ଏକାଥରେ ହ୍ୟାଟ୍ରିକ୍ ମାରିବାକୁ ଯାଉଛନ୍ତି। 'ଦେଖା ହେଲା ପ୍ରେମ ହେଲା' ରିଲିଜ ଅପେକ୍ଷାରେ ଥିବା ବେଳେ ଆଉ ଦୁଇଟି ସିନେମା-'ବ୍ରେକ୍‌ଅପ୍ ଲଭ୍' ଏବଂ 'ଚକ୍ରବ୍ୟୂହ'ର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏ ସମ୍ପର୍କରେ ରମେଶ କହନ୍ତି, 'ଭଲ ଚଳଚ୍ଚିତ୍ରଟିଏ ପ୍ରସ୍ତୁତ କରିପାରିଲେ ତାହା ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ତା'ଉପରେ ମୁଁ ସବୁବେଳେ ଅଧିକ ଗୁରୁତ୍ୱ ଦେଇଥାଏ। କାହାଣୀ, କଳାକାର ଚୟନ, ପିକ୍ଚରାଇଜେଶନ ଏବଂ ସଙ୍ଗୀତ ଏହି ତିନୋଟି ଜିନିଷକୁ ପ୍ରାଥମିକତା ଦିଏ। ଏଣିକି ମୋ ସିନେମାରେ ମୁଁ ନୂଆ ମୁହଁକୁ ଅଧିକ ସୁଯୋଗ ଦେବି ବୋଲି ଯୋଜନା କରିଛି।' ସେ ଏହାପୂର୍ବରୁ ଆର. ଆର. ଇଭେଣ୍ଟସ ପ୍ରଡକ୍ସନ ବ୍ୟାନରରେ ରମେଶ 'ଟାଇଗର', 'ରୋମିଓ ଜୁଲିଏଟ୍' ଏବଂ 'ଜଷ୍ଟ ମୋହବତ୍' ପ୍ରଯୋଜନା କରିସାରିଛନ୍ତି। ଅନ୍ୟତମ ଆଗଧାଡ଼ିର ଇଭେଣ୍ଟ ମ୍ୟାନେଜର ଭାବରେ ପରିଚିତ ରମେଶ ଏବେ ଟି ସିରିଜ ବ୍ୟାନରର ଦୁଇଟି ହିନ୍ଦୀ ଭିଡିଓ ଆଲବମ୍ ପ୍ରସ୍ତୁତ କରିବାକୁ ଯାଉଛନ୍ତି।



ଅପେରା ହାଲ୍‌ଚାଲ

# ସୁଯୋଗ ଅପେକ୍ଷାରେ ବିନି



ପାର୍ଶ୍ୱନାୟିକା ମୀନାକ୍ଷୀଙ୍କ ଭୂମିକା ସତେ ଯେମିତି ମୋ ପାଇଁ ଚ୍ୟାଲେଞ୍ଜ ଥିଲା। ଗୋଟିଏ ଦିନରେ ରିହର୍ସାଲ ଶେଷ କରିଥିଲି। ଅପେରା ଜଗତରେ ମୋର ଏଣ୍ଟ୍ରି ହୋଇଥିଲା ୨୦୧୭ରେ। ମାତ୍ର ଦୁଇବର୍ଷ ମଧ୍ୟରେ ମୁଁ 'ପାକିସ୍ତାନୀ ଝିଅ ଭାରତକେ ଲିୟେ ଶହୀଦ (ଗୀତା), କଳା ଓଢ଼ଣି (ରୂପା), କି ରଙ୍ଗେ ନାଚୁଛି କନକ ଗୋରୀ (ଶୀଲା), ମୃତ୍ୟୁ ଦଣ୍ଡ (ରାଧିକା), ରାତି ସପନକୁ କରିଛି ସାଥୀ ଏବଂ

ଜୟଶ୍ରୀ ମହାନ୍ତି ଓରଫ ବିନି। ୨୦୦୫ରୁ ୨୦୧୭ ଭିତରେ ସେ ଅନେକ ଥିଏଟର ନାଟକରେ ନିଜର ଆକ୍ଟିଂ ଦକ୍ଷତା ଦେଖାଇ ସାଉଁଟିଥିଲେ ଅନେକ ସଫଳତା। ବାଘାଯତୀନ ଲୋକାନାଟ୍ୟର ଜଣେ ଅଭିନେତ୍ରୀଙ୍କ ଅକାଳ ମୃତ୍ୟୁ ପରେ ତାଙ୍କୁ ଜଲିଉଡ୍‌ରୁ ଡାକରା ଆସିଥିଲା। ଏ ସମ୍ପର୍କରେ ଜୟଶ୍ରୀ କହନ୍ତି, ' ନିର୍ଦ୍ଦେଶକ ଗୁରୁ ମିଶ୍ର ହଠାତ୍ ମୋତେ ବାଘାଯତୀନ ଲୋକନାଟ୍ୟରେ ଅଭିନୟ କରିବାକୁ ଅଫର ଦେଇଥିଲେ। ତାହାକୁ ଏକ ସୁବର୍ଣ୍ଣ ସୁଯୋଗ ଭାବି ଗ୍ରହଣ କରିଥିଲି। ତାଙ୍କ ନିର୍ଦ୍ଦେଶିତ ତଥା ଗଣେଶ ରାଉତଙ୍କ ରଚିତ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ'ରେ ତୋ ନାଁରେ ମୋ ନାଁକୁ ଦେଇଛି ଯୋଡିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ବେଶ୍ ସୂଚାରୁ ରୂପେ ତୁଲାଇଛି। ବାଘାଯତୀନ ପରେ ଏବର୍ଷ ମୁଁ ନୂଆ ଅପେରା ପାର୍ଟି 'ସୂର୍ଯ୍ୟମନ୍ଦିର'ରେ ଯୋଗ ଦେଇଛି। ଏହାର ପ୍ରଥମ ନାଟକ 'ପୁଅ ଯିବ ଶାଶୁଘର' (ରଚନା -ଗଣେଶ ରାଉତ, ନିର୍ଦ୍ଦେଶନା-ଅଶ୍ରୁମୋଚନ ମହାନ୍ତି)ରେ ମୋତେ ମିଳିଛି ଏକ ଚ୍ୟାଲେଞ୍ଜିଂ ଭୂମିକା।' ଆଗଧାଡ଼ିର ଥିଏଟର ଅନୁଷ୍ଠାନ ଉତ୍ତରପୁରୁଷରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ ଜୀବନ। ନିଜ ଅଭିନୟ ଜୀବନରେ ଦର୍ଶକଙ୍କୁ ସର୍ବାଗ୍ରେ ସ୍ମରଣ କରନ୍ତି ଏହି ଅଭିନେତ୍ରୀ।




# ଚଷମାପ୍ରିୟ ହ୍ରିତିକ

ହ୍ରିତିକ ରୋଶନ ଗୋଟିଏ ଜିନିଷକୁ ଭାରି ଭଲ ପାଆନ୍ତି। ଜୁଆଡେ ଗଲେ ସେ ଏକଥାକୁ କଦାପି ଭୁଲି ନ ଥାନ୍ତି। ଯେତେ ସମୟ ଲାଗୁ ପଛକେ ସେ ମନ ପସନ୍ଦର ଜିନିଷ କିଣିବା ପରେ ଅନ୍ୟ କାମ ପ୍ରତି ନଜର ଦିଅନ୍ତି। ତାହା କ'ଣ ଜାଣନ୍ତି ? ଚଷମା। ଚଷମା କିଣିବା ତାଙ୍କର ଆଉ ଏକ ସଉକ। ହ୍ରିତିକଙ୍କ ଅଭିନୀତ ପ୍ରଥମ ସିନେମା 'କହୋ ନା ପ୍ୟାର ହୈ'ରେ ସେ ଯେଉଁ ଚଷମା ପିନ୍ଧିଥିଲେ, ଠିକ୍ ସେହି ଚଷମାକୁ ସେ 'କୋଇ ମିଲ୍ ଗୟା'ରେ ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ମନ ପସନ୍ଦର ଚଷମା ପିନ୍ଧିବା ବ୍ୟତୀତ ଫଟୋଗ୍ରାଫି ତାଙ୍କର ଆଉ ଏକ ସଉକ। ଯେଉଁ ସ୍ଥାନକୁ ଏପରି କି ଶୁଟିଂ ସେଟ୍‌କୁ ଗଲେ ମଧ୍ୟ ସେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲି ନ ଥାନ୍ତି।

# ବଲିଉଡ୍ ହାଲଚାଲ

-ଆଲିୟା ଭଟ୍ଟ ଏବେ ଶୁଟିଂରୁ ବ୍ରେକ ପାଇଛନ୍ତି। ତେଣୁ ଘରେ ନ ରହି ପରିବାର ସହ ଉଟିରେ ଡେରା ପକାଇଛନ୍ତି।

-ବରୁଣ ଧାୱନ ଏବେ 'ଷ୍ଟ୍ରିଟ୍ ଡ୍ୟାନ୍ସର-ଥ୍ରୀଡି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଡେଭିଡ୍ ଧାୱନ୍। ଦୁଇଟି ସିଫ୍ଟରେ ଏହାର ନନଷ୍ଟପ ଶୁଟିଂ ଚାଲୁ ରହିଛି।

-ସୁଶାନ୍ତ ସିଂ ରାଜପୁତ ଏକ ଅନଟାଇଟଲଡ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳୁଛି ଯେ ଏଥିରେ ତାଙ୍କର ପ୍ରେମିକା ରେହା ଚକ୍ରବର୍ତ୍ତୀ କିପରି ଏଣ୍ଟ୍ରି କରିବେ ସେ ନେଇ ଲବି ଚଳାଇଛନ୍ତି।

-ଏଣିକି ଆକ୍ଟିଂ ପ୍ରତି ଅଧିକ ସିରିୟସ ହେବା ସହ ଅଯଥାରେ ଅଙ୍ଗ ପ୍ରଦର୍ଶନ କରିବେ ନାହିଁ ବୋଲି କହି ବୁଲୁଛନ୍ତି ନବାଗତା ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ।

-ସୈଫ ଅଲ୍ଲୀ ଖାଁଙ୍କ ପୁଅ ଇବ୍ରାହିମ୍ ଅଲ୍ଲୀ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ତେଣୁ ନିଜ କ୍ୟାରିୟରକୁ କିପରି ଆଗେଇ ନେବେ ସେଥିପାଇଁ ସୈଫଙ୍କ ନିକଟରୁ ସବୁବେଳେ ଟିପ୍ସ ନେଉଛନ୍ତି।

-ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ 'ଦ ସ୍କାଏ ଇଜ୍ ପିଙ୍କ୍'ର ପ୍ରଥମ ଟିଜର ରିଲିଜ ହୋଇଛି।

କରୀନା



ଆଲିୟା



# କଷ୍ଟ୍ୟୁମ ଦାମ୍ ୧.୫କୋଟି

କରୀନା କପୁର ଥରେ ନିଜ କଷ୍ଟ୍ୟୁମ ପାଇଁ ଚର୍ଚ୍ଚାର ପରିସରକୁ ଆସିଥିଲେ। ମଧୁର ଭଣ୍ଡାରକରଙ୍କ 'ହିରୋଇନ୍' ଫିଲ୍ମରେ ସେ ଏକ କଷ୍ଟ୍ୟୁମ ପିନ୍ଧିଥିଲେ, ଯାହାର ଦାମ୍ ଥିଲା ଦେଢ଼ କୋଟି। କେବଳ ସେତିକି ନୁହେଁ ଏହି ଫିଲ୍ମରେ ସେ କେତେ ପେୟାର କଷ୍ଟ୍ୟୁମ ପିନ୍ଧିଥିଲେ ଜାଣନ୍ତି ? ୧୩୦ ପେୟାର। କୌଣସି ହିନ୍ଦୀ ସିନେମାରେ ଏତେ କଷ୍ଟ୍ୟୁମ ପୂର୍ବରୁ କୌଣସି ନାୟିକା ପିନ୍ଧି ନ ଥିଲେ। ଆଉ ଏକ ଖାସ୍ କଥା ହେଲା, ଏହି କଷ୍ଟ୍ୟୁମଗୁଡ଼ିକୁ ଡିଜାଇନ୍ କରିବା ପାଇଁ ସମଗ୍ର ବିଶ୍ୱର ନାମୀ କଷ୍ଟ୍ୟୁମ ଡିଜାଇନରଙ୍କୁ ଅଣାଯାଇଥିଲା।

# ଚାରି ମାସରେ ୨୩ କିଗ୍ରା

ବଲିଉଡ୍‌ର ଖିଲାଡି ମାଷ୍ଟର ଭାବରେ ପରିଚିତ ଅକ୍ଷୟ କୁମାର ଅନେକ କଥା ପାଇଁ ଚର୍ଚ୍ଚାରେ ଥାଆନ୍ତି। ଥରେ ସେ ନିଜ ଓଜନ କମାଇବାକୁ ଚାହିଁଲେ। ଏ ନେଇ ନିଜକୁ ମାନସିକ ସ୍ତରରେ ମଧ୍ୟ ପ୍ରସ୍ତୁତ କରିନେଲେ। ପୁଣି ମାତ୍ର ମାସ କେଇଟାରେ ୨୩ କିଗ୍ରା ଓଜନ କମାଇବାକୁ ପଡ଼ିବ। ଅବଶ୍ୟ ତାଙ୍କର ଫିଜିକାଲ ଟ୍ରେନ୍‌ର ଏ ନେଇ ବ୍ୟସ୍ତ ନ ହୋଇ ପାଞ୍ଚ ମାସ ଭିତରେ ଓଜନ କମାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଅକ୍ଷୟଙ୍କ ଯୋଜନା ଥିଲା କିଛି ଅଲଗା। ସେ ମାତ୍ର ୪ ମାସ ଭିତରେ ୨୩ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲେ।


ଅକ୍ଷୟ

# ଖବର ଟବର

❖ଏସ୍. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ସିନେମା 'ମୁଁ ଲୈଲା ତୁ ମଜ୍‌ନୁ'ର ଶୁଟିଂ ଚାଲୁରହିଛି। ଦେବକୀ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିବା ସହ ନାୟିକା ଭୂମିକାରେ ଅଭିନୟ କରିଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ। ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଥିବା ବେଳେ ଫିଲ୍ମର ମେଲ୍ ଲିଡ୍‌ରେ ଅଛନ୍ତି ଦେବରାଜ।

❖ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ଆସିବି ଫେରି ମୁଁ ବସୁଧା ଚିରି' ଖୁବ୍‌ଶୀଘ୍ର ରିଲିଜ ହେବାକୁ ଯାଉଛି। ଏହାର ନାୟକ ସାଜିଛନ୍ତି ଚନ୍ଦନ କର। ଖାସ୍ କଥା ହେଲା ଚନ୍ଦନଙ୍କ ପତ୍ନୀ ଗୀତା ଚନ୍ଦନ କର ଏହି ଫିଲ୍ମରୁ ନିଜର ବଡ଼ ପରଦା ଗାୟିକା ଜୀବନ ଆରମ୍ଭ କରିଛନ୍ତି।

❖ଓଡ଼ିଆ ସିନେମା 'ତୁ ମୋର ନିହାତି ଦରକାର'ର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଫିଲ୍ମଟି ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ ରାଜୀବ ମହାନ୍ତି।

# ଦର୍ଶକଙ୍କ ମନର କଥାକୁ ନାଟକରେ ପ୍ରତିଫଳିତ କରିଥାଏ



**ଥିଏଟର ଜଗତର ଅନ୍ୟତମ ଆଗଧାଡ଼ିର ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦୀପ୍ ବିଶ୍ୱାଳ ନିଜ ସମ୍ପର୍କରେ ଯାହା କହନ୍ତି...**

ସତେଯେମିତି ପିଲାଟିଦିନରୁ ତାଙ୍କୁ ଅଭିନୟ ନିଶା ଘାରିଥିଲା। ସେତେବେଳେ ଗାଁ ଗହଳିରେ ନାଟକ, ନୃତ୍ୟନାଟିକା, ପାଲା, ଧୁଡୁକି, ଦାସକାଠିଆ ଆଦି ଦେଖିବା ତାଙ୍କର ଏକ ଅଭ୍ୟାସ ପାଲଟି ଯାଇଥିଲା। ନାଟକଟିଏ ଦେଖି ଫେରିବା ପରେ ସେ ଘରକୁ ଆସି ଠିକ୍ ସେହିପରି ଅଭିନୟ କରୁଥିଲେ। ଏହାଦେଖି ତାଙ୍କ ବୁଢ଼ୀମା ଦିନେ କହିଥିଲେ 'ଏ ଟୋକା ଦିନେ ନାଟୁଆ ହେବ'। ଆଉ ଆଜି ତାହା ସତରେ ପରିଣତ ହୋଇଛି। ସେ ହେଲେ ବର୍ତ୍ତମାନ ଥିଏଟର ଜଗତର ଅନ୍ୟତମ ନାମୀ ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦୀପ୍ ବିଶ୍ୱାଳ। ୧୯୬୩ ଏପ୍ରିଲ ୩୦ରେ ପୁରୀ ଜିଲା କୋଣାର୍କ ଅନ୍ତର୍ଗତ ଖଣ୍ଡୋଳ ଗାଁରେ ଜନ୍ମିତ ଏହି ବ୍ୟକ୍ତିତ୍ୱଙ୍କର ପେସାଦାର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୧୯୮୪ରେ। ଦୀର୍ଘ ୨୫ ବର୍ଷର ଅଭିନୟ ଅଭିଜ୍ଞତାକୁ ପାଥେୟ କରି ସେ ୨୦୦୯ରେ ନାଟକ ରଚନା (ନିର୍ଦ୍ଦେଶନା ୨୦୧୪ରୁ) ଆରମ୍ଭ କଲେ। ଏ ସମ୍ପର୍କରେ ସେ କହନ୍ତି, 'ଅଭିନୟ କରିବା ଭିତରେ ଅନେକ ନାଟକ ଲେଖିଛି, ହେଲେ ତାହା ଏତେ ସହଜ ନ ଥିଲା। ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳେ 'ପର୍ଶୁରାମ' ନାଟକରେ ଅଭିନୟ କରିବା ପରେ ଜଣେ ନାଟୁଆ ହେବାର ନିଶା ମୋର ଦ୍ୱିଗୁଣିତ ହୋଇଯାଇଥିଲା। ନାଟକ ରଚନା ପଛରେ ଏକ ମଜାଦାର କାହାଣୀ ରହିଛି। ଥରେ ମୁଁ ରହୁଥିବା ଭୁବନେଶ୍ୱରସ୍ଥ ବୀର ସୁରେନ୍ଦ୍ରସାଏ ନଗରରେ ମୋ ନେତୃତ୍ୱରେ ଏକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେଉଥାଏ। ଯେହେତୁ ପ୍ରଥମ ଦିନ କୌଣସି ଯାତ୍ରାନୁଷ୍ଠାନ ଆସିଲେ ନାହିଁ ତେଣୁ ମାତ୍ର ୪ ଦିନ ଭିତରେ ମୁଁ ଏକ ୩୦ ପୃଷ୍ଠାବିଶିଷ୍ଟ ନାଟକ 'ଆଜି ବି ମନେପଡ଼େ' ଲେଖିଥିଲି ଏବଂ ତାହା ସଫଳତାର ସହ ମଞ୍ଚସ୍ଥ ହୋଇଥିଲା। ଏ ପର୍ଯ୍ୟନ୍ତ ମୁଁ ଲେଖିଥିବା ପ୍ରାୟ ୮୦ଟି ନାଟକରେ ଗୋଟିଏ ହେଲେ ଖଳନାୟକ ଚରିତ୍ର ନାହିଁ। କାରଣ ମୁଁ ସବୁବେଳେ ଦର୍ଶକଙ୍କ ମନର କଥାକୁ ମୋ ନାଟକରେ ପ୍ରତିଫଳିତ କରିଥାଏ। ଜୀବନରେ ଶୃଙ୍ଖଳା, ସ୍ପଷ୍ଟତା ମୋତେ ଜଣେ ସଫଳ ନାଟ୍ୟକାର ଭାବେ ଗଢ଼ିତୋଳିଛି।' ଥିଏଟର ନାଟକର ପ୍ରଚାର ପ୍ରସାର ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ୱେତପଦ୍ମା ସାଂସ୍କୃତିକ ପରିବାର, ଭୁବନେଶ୍ୱର ଆଜି ଅନ୍ୟତମ ଥିଏଟର ଅନୁଷ୍ଠାନ ଭାବେ ପରିଚିତ। ଦୀର୍ଘ ୩୫ ବର୍ଷ କଳାକାର ଜୀବନରେ ସୁଖଦୁଃଖଭରା ସ୍ମୃତି ତାଙ୍କ ପାଇଁ ପ୍ରେରଣାଦାୟକ ହୋଇଛି। ଆଉ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଦେବାକୁ ଦୃଢ଼ ମନରେ ଆଗେଇ ଚାଲିଛନ୍ତି ରାଜ୍ୟ ସଚିବାଳୟରେ କାର୍ଯ୍ୟରତ ପ୍ରଦୀପ।

## ସଂକ୍ଷେପରେ

### ଝଗଡ଼ା ଶେଷ କରିବାକୁ ରାଜି ଇଣ୍ଡିଗୋର ଦୁଇ ପ୍ରମୋଟର

**ନୂଆଦିଲ୍ଲୀ,୨୪-୭:** ଇଣ୍ଡିଗୋର ମ୍ୟାନେଜମେଣ୍ଟ ପରିଚାଳନାକୁ ନେଇ ଦୁଇ ପ୍ରମୋଟର ରାକେଶ ଗଙ୍ଗୱାଲ ଓ ରାହୁଲ ଭାଟିୟାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଝଗଡା ଏବେ ଶେଷ ହେବାକୁ ଯାଉଛି। କମ୍ପାନୀ ଅଧ୍ୟକ୍ଷ ଏମ୍.ଦାମୋଦରନଙ୍କ ପ୍ରୟାସ ଯୋଗୁ ଦୁଇ ପକ୍ଷଙ୍କ ମଧ୍ୟରେ ସାଲିସ ହେବାକୁ ଯାଉଛି। ପ୍ରାପ୍ତ ରିପୋର୍ଟ ମୁତାବକ ଇଣ୍ଡିଗୋ ବୋର୍ଡରେ ଦୁଇ ଡାଇରେକ୍ଟରଙ୍କ ସ୍ଥାନରେ ୪ ଜଣ ସ୍ୱାଧୀନ ଡାଇରେକ୍ଟରଙ୍କୁ ନିଯୁକ୍ତ କରିବା ଲାଗି ଉଭୟ ପକ୍ଷ ସହମତ ହୋଇଛନ୍ତି। ଏହାଛଡ଼ା ଗଙ୍ଗୱାଲ ଜଣେ ଓ ଭାଟିୟା ୫ ଜଣ ବୋର୍ଡ ସଦସ୍ୟଙ୍କୁ ନିଯୁକ୍ତ କରିପାରିବେ। ଏହାକୁ ଉଭୟ ପକ୍ଷ ମାନି ନେଇଛନ୍ତି ବୋଲି ସୂଚନା ମିଳିଛି। ନୂଆ ଫର୍ମୁଲା ଅନୁଯାୟୀ ଇଣ୍ଡିଗୋ ବୋର୍ଡରେ ଏଣିକି ୧୦ ସଦସ୍ୟ ରହିବେ। ତନ୍ମଧ୍ୟରୁ ୪ ଜଣ ସ୍ୱାଧୀନ ହେବେ। ଏହାଛଡ଼ା ବୋର୍ଡରେ ଜଣେ ସ୍ୱାଧୀନ ମହିଳା ଡାଇରେକ୍ଟରଙ୍କୁ ନିଯୁକ୍ତି ଦିଆଯିବ। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କୌଣସି ମତାମତ ପ୍ରକାଶ କରାଯାଇନାହିଁ। ଆଲୋଚନା ଜାରି ରହିଥିବାରୁ ବର୍ତ୍ତମାନ ଏ ସମ୍ପର୍କରେ କିଛି କୁହାଯାଇପାରିବ ନାହିଁ ବୋଲି କମ୍ପାନୀ କହିଛି। ତେବେ ଗଙ୍ଗୱାଲଙ୍କ ନିକଟତମ ସୂତ୍ରରୁ କୁହାଯାଇଛି ଯେ, ଏହି ନିଷ୍ପତ୍ତି ପୂର୍ବରୁ ହୋଇଯିବାର ଥିଲା। ଅଭିଯୋଗ କରିବା ପରେ ମ୍ୟାନେଜମେଣ୍ଟରେ ପରିବର୍ତ୍ତନ କରାଯାଉଛି। କର୍ପୋରେଟ ଗଭର୍ନାନ୍ସରେ ଆହୁରି ସୁଧାର କରାଯିବାର ଆବଶ୍ୟକତା ରହିଛି ବୋଲି ଉକ୍ତ ସୂତ୍ର କହିଛି। ଅନ୍ୟପକ୍ଷରେ ଭାଟିୟାଙ୍କ ନିକଟତମ ସୂତ୍ର ପକ୍ଷରୁ କୁହାଯାଇଛି ଯେ, ଗଙ୍ଗୱାଲ ତାଙ୍କ ପାର୍ଟନରଙ୍କ ଅଧିକାର ଶେଷ କରିବାକୁ ଚାହୁଁଥିଲେ। ଉଲ୍ଲେଖଥାଉ କି, ଦୁଇ ପ୍ରମୋଟରଙ୍କ ଝଗଡା ସରକାରଙ୍କ ନିକଟରେ ପହଞ୍ଚିଯାଇଛି। ଏବେ କମ୍ପାନୀର କାର୍ଯ୍ୟକଳାପ ନେଇ ସରକାରଙ୍କ ବିଭିନ୍ନ ଏଜେନ୍ସି ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି।

### ଅକ୍ଟୋବରରେ ପ୍ରଥମ ଗ୍ଲୋବାଲ ବଣ୍ଡ୍ ଜାରି କରିବ ଭାରତ

**ନୂଆଦିଲ୍ଲୀ,୨୪-୭:** ଭାରତ ଅକ୍ଟୋବରରେ ପ୍ରଥମ ଗ୍ଲୋବାଲ ବଣ୍ଡ୍ ଜାରି କରିବ। ଏହା ଜରିଆରେ କେନ୍ଦ୍ର ସରକାର ୧୦ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୬୯୦୦୦ କୋଟି ଟଙ୍କା ଯୋଗାଡ କରିବାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି ଯେ, ବିଦେଶରୁ ବଡ଼ ପୁଞ୍ଜି ଆସିବା ମାତ୍ରେ ସୁଧହାର ମଧ କମିବ। ଅଧିକାରୀଙ୍କ କହିବାନୁଯାୟୀ ବଣ୍ଡକୁ ଏକାଧିକ ପର୍ଯ୍ୟାୟରେ ଜାରି କରାଯିବ। ଏହାଦ୍ୱାରା ଏହାର ଆକାର ଛୋଟ ହୋଇଯିବ ଏବଂ ନିବେଶକଙ୍କୁ ଆକର୍ଷିତ କରିବାରେ ଅସୁବିଧା ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କର ବଜେଟ ଭାଷଣରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ସେ କହିଥିଲେ ଯେ, ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟ ଲାଗି ପାଣ୍ଠି ଯୋଗାଡ କରିବା ଉଦ୍ଦେଶ୍ୟରେ ବିଦେଶୀ ବଣ୍ଡ ଜାରି କରାଯିବ। ଏହାଦ୍ୱାରା ବିତ୍ତୀୟ ନିଅଣ୍ଟ ମଧ ହ୍ରାସ ପାଇବ। ବିଶେଷଜ୍ଞଙ୍କ କହିବାନୁଯାୟୀ ବଣ୍ଡ କିଣିବା ଲାଗି ଜାପାନର ମୁଦ୍ରା ୟେନ ଓ ୟୁରୋପୀୟ ସଂଘର ୟୁରୋକୁ ଅଧିକ ପ୍ରାଥମିକତା ଦିଆଯିବ। କାରଣ ଡଲାର ତୁଳନାରେ ଏହାର ଦର ଶସ୍ତା ରହିଛି। ତେବେ ଡଲାରକୁ ମଧ ସରକାର ଗୁରୁତ୍ୱ ଦେବେ। କାରଣ ଏହାର ଅଧିକ ପ୍ରଚଳନ ରହିଛି। ଏହି ବଣ୍ଡର ପରିପକ୍ୱ ସମୟ ୧୦ ବର୍ଷ ବା ତଦୂର୍ଦ୍ଧ୍ୱ ହେବ।

### ୨୫% କର୍ପୋରେଟ ଟିକସ ପରିସରକୁ ଆସିଯିବେ ସବୁ କମ୍ପାନୀ

**ନୂଆଦିଲ୍ଲୀ,୨୪-୭:** ବାର୍ଷିକ ୪୦୦ କୋଟି ଟଙ୍କା କାରବାର କରୁଥିବା କମ୍ପାନୀଙ୍କ ପାଇଁ ୨୫% କର୍ପୋରେଟ ଟିକସ ଲାଗୁ କରିବା ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଘୋଷଣା କରିଥିଲେ। ଦେଶର ୯୯ ପ୍ରତିଶତ କମ୍ପାନୀ ଏହି ଟିକସ ପରିସରକୁ ଆସିଯିବେ ବୋଲି ସେ ସେତେବେଳେ କହିଥିଲେ। ଏବେ ଏହି ଟିକସ ପରିସରରେ ଦେଶର ସମସ୍ତ କମ୍ପାନୀଙ୍କୁ ଆଣିବାକୁ ସରକାର ବିଚାର କରୁଛନ୍ତି। ସୀତାରାମନ୍ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ରାଜ୍ୟ ସଭାରେ ବିନିଯୋଗ ଏବଂ ଅର୍ଥ ବିଲ୍ ଅନୁମୋଦନ ଉପରେ ଆଲୋଚନା କାଳରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର କର୍ପୋରେଟ ଟିକସକୁ ୨୫%କୁ ହ୍ରାସ କରିଛନ୍ତି। କେତେକ କମ୍ପାନୀ ଏହି ଟିକସ ପରିସର ବାହାରେ ଅଛନ୍ତି। ସେମାନଙ୍କୁ ଏହି ପରିସର ଭିତରକୁ ଅଣାଯିବ। ମୋଦି ସରକାର ତାଙ୍କର ୨୦୧୪ ବର୍ଷର ପ୍ରଥମ ବଜେଟରେ ପ୍ରତିଶ୍ରୁତି ଦେଇଥିଲେ।

---

> ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକ ହାତରୁ ନିବେଶକଙ୍କୁ ରକ୍ଷା କରିବା ଲାଗି କେନ୍ଦ୍ର ସରକାର ଅନିୟନ୍ତ୍ରିତ ଜମା ଯୋଜନା,୨୦୧୯ ବିଲ୍ ଆଗତ କରିଛନ୍ତି।
> – ଅନୁରାଗ ସିଂ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ



> ଅନ୍ତର୍ଜାତୀୟ ପ୍ରଦର୍ଶନୀ ଲାଗି ବିଦେଶ ନିଆଯାଉଥିବା ଜେମ୍ସ ଆଣ୍ଡ ଜୁଏଲାରୀ ଉପରେ ଟିକସ ଛାଡ଼ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ।
> – ପ୍ରମୋଦ କୁମାର ଅଗ୍ରୱାଲ, ଜିଜେଇପିସି ଅଧ୍ୟକ୍ଷ



■ ଅଟୋ କମ୍ପୋନେଣ୍ଟ ସେକ୍ଟରରେ ମାନ୍ଦାବସ୍ଥା ମାଡ଼

# ନିଯୁକ୍ତି ହରାଇବେ ୧୦ ଲକ୍ଷ କର୍ମଚାରୀ

**ନୂଆଦିଲ୍ଲୀ,୨୪-୭**



- ■ ଗାଡ଼ି ଉପରେ ଆଦାୟ ହେଉଛି ୨୮% ଜିଏସ୍‌ଟି
- ■ ୭୦% ଅଟୋ କମ୍ପୋନେଣ୍ଟରେ ୧୮%, ୩୦%ରେ ୨୮% ଜିଏସ୍‌ଟି ନିଆଯାଉଛି
- ■ ଗାଡ଼ି ବିକ୍ରି କମିବାରୁ ବହୁ ଶୋ'ରୁମ୍ ବନ୍ଦ ହେଲାଣି
- ■ ଉତ୍ପାଦନ ବନ୍ଦ କଲେଣି ଗାଡ଼ି କମ୍ପାନୀ

ଅଟୋ ଉଦ୍ୟୋଗ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅଟୋ କମ୍ପୋନେଣ୍ଟ କମ୍ପାନୀ ଗୋଟିଏ ପରେ ଗୋଟିଏ ବନ୍ଦ ହେବାରେ ଲାଗିଛି। ପରିସ୍ଥିତି ଏପରି ହେଲାଣି ଯେ, ଆଗାମୀ ଦିନରେ ଏହି ଶିଳ୍ପରେ ନିଯୁକ୍ତ ପ୍ରାୟ ୧୦ ଲକ୍ଷ କର୍ମଚାରୀ ଚାକିରି ହରାଇବାକୁ ଯାଉଛନ୍ତି।

ଅଟୋ କମ୍ପୋନେଣ୍ଟ ମାନୁଫାକ୍ଚରର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏକ୍ମା) ଅଧ୍ୟକ୍ଷ ରାମ ଭେଙ୍କଟରମଣୀ କହିଛନ୍ତି ଯେ, ଗାଡି ଏବଂ ଏହାର କେତେକ ପାର୍ଟ୍ସ ଉପରେ ଏବେ ୨୮% ଜିଏସ୍‌ଟି ଆଦାୟ ହେଉଛି। ଏହି କାରଣରୁ ଗାଡି ନିର୍ମାଣ ଖର୍ଚ୍ଚ ଅନେକାଂଶରେ ବଢ଼ିଯାଇଛି। ଫଳରେ ଗତ ୬ ମାସ ହେଲା ଗାଡ଼ି ବିକ୍ରି କ୍ରମାଗତ କମିବାରେ ଲାଗିଛି। ଏଥିଯୋଗୁ ଦେଶର ଅନେକ ସ୍ଥାନରେ ଶୋ'ରୁମ୍ ବନ୍ଦ ହୋଇଗଲାଣି। କମ୍ପାନୀଙ୍କ ନିକଟରେ ପୂର୍ବରୁ ଷ୍ଟକ୍ ମହଜୁଦ୍ ରହିଥିବାରୁ ଗାଡ଼ି ଉତ୍ପାଦନ ହେଉନାହିଁ। କମ୍ପାନୀଗୁଡ଼ିକ ଖର୍ଚ୍ଚକାଟ କରିବାକୁ ଯାଇ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦେଉଛନ୍ତି। ଏହା ବେଶିଦିନ ଚାଲିପାରିବ ନାହିଁ। ଏଣୁ ସମ୍ପୂର୍ଣ୍ଣ ଅଟୋ ଉଦ୍ୟୋଗ ପାଇଁ ୧୮% ଜିଏସ୍‌ଟି ଆଦାୟ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହାଦ୍ୱାରା ଏହି ଉଦ୍ୟୋଗରେ ଚାହିଦା ବୃଦ୍ଧି ପାଇବ ଏବଂ ଅଟୋ କମ୍ପୋନେଣ୍ଟ ଉଦ୍ୟୋଗରେ କାର୍ଯ୍ୟରତ ପ୍ରାୟ ୧୦ ଲକ୍ଷ କର୍ମଚାରୀଙ୍କ ନିଯୁକ୍ତିକୁ ରକ୍ଷା କରାଯାଇପାରିବ ବୋଲ ସେ କହିଛନ୍ତି। ଭେଙ୍କଟରମଣୀ କହିଛନ୍ତି ଯେ, କମ୍ପୋନେଣ୍ଟ ଉଦ୍ୟୋଗ ସମ୍ପୂର୍ଣ୍ଣ ରୂପେ ଗାଡ଼ି ଉଦ୍ୟୋଗ ଉପରେ ନିର୍ଭରଶୀଳ। ବର୍ତ୍ତମାନ ସ୍ଥିତିରେ ଅଟୋ ଉଦ୍ୟୋଗରେ ଉତ୍ପାଦନ ୧୫ରୁ ୨୦ ପ୍ରତିଶତ ହ୍ରାସ ପାଇଛି। ଫଳରେ କମ୍ପୋନେଣ୍ଟ ଉଦ୍ୟୋଗରେ ସଙ୍କଟ ଦେଖାଦେଇଛି। ପୂର୍ବରୁ ୭୦% କମ୍ପୋନେଣ୍ଟ ଉପରେ ୧୮% ଜିଏସ୍‌ଟି ଆଦାୟ ହେଉଛି। ଅବଶିଷ୍ଟ ୩୦% ଉପରେ ୨୮% ଜିଏସ୍‌ଟି ଲାଗୁଛି। ଏଥିସହ ଗାଡ଼ି ଉପରେ ୨୮% ଜିଏସ୍‌ଟି ସହିତ ଏହାର ଲମ୍ବା, ଇଞ୍ଜିନ ଆକାର ଓ ପ୍ରକାର ଆଧାରରେ ୧ରୁ ୧୫% ଅତିରିକ୍ତ ସେସ୍ ଆଦାୟ କରାଯାଉଛି। ସେ କହିଛନ୍ତି ଯେ, ଚାହିଦା ହ୍ରାସ, ବିଏସ୍-୪ରୁ ବିଏସ୍-୬ ଉର୍ସଜନ ମାନଦଣ୍ଡ ଲାଗି ନିକଟରେ ହୋଇଥିବା ନିବେଶ, ଇ-ଯାନ ନୀତିକୁ ନେଇ ଅସ୍ୱଷ୍ଟତା ଯୋଗୁ ଗାଡ଼ି ଉଦ୍ୟୋଗର ଭବିଷ୍ୟତ ଅନିଶ୍ଚିତ ହୋଇଛି। ଏହି କାରଣରୁ ଭବିଷ୍ୟତ ଲାଗି ନିବେଶ ବନ୍ଦ ହୋଇଯାଇଛି। ସରକାରଙ୍କୁ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ହେବ। ଗାଡ଼ି ଓ ଯନ୍ତ୍ରାଂଶ ଉପରେ ୧୮% ଜିଏସ୍‌ଟି ଆଦାୟ କରାଯିବା ଆବଶ୍ୟକ ବୋଲି ଭେଙ୍କଟରମଣୀ କହିଛନ୍ତି। ଇ-ଯାନ ନୀତିରେ ସ୍ଥିରତା ଆଣିବା ଉପରେ ସେ ଜୋର୍ ଦେଇଛନ୍ତି। ଏଥିରେ ଆହୁରି ପରିବର୍ତ୍ତନ କରାଗଲେ ଦେଶର ଆମଦାନୀ ବ୍ୟୟ ଅନେକାଂଶରେ ବୃଦ୍ଧିପାଇବ ଏବଂ ଅଟୋ କମ୍ପୋନେଟ ଉଦ୍ୟୋଗ ଭୁଶୁଡ଼ି ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ବହୁ କର୍ମଚାରୀ ବେକାର ହୋଇଯିବେ। ଏଣୁ ସରକାର ପରିବର୍ତ୍ତନକୁ ସହଜ କରିବା ସହ ଘରୋଇ ଉଦ୍ୟୋଗକୁ ବଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସକୁ ଷ୍ଟାର୍ ପର୍‌ଫର୍‌ମର ଆୱାର୍ଡ




**ନୂଆଦିଲ୍ଲୀ,୨୪-୭**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏଚ୍ଏମ୍ଏସ୍ଆଇ)କୁ ସିଆଇଆଇ ଗ୍ରୀନକୋ ଷ୍ଟାର ପରଫରମର ଆୱାର୍ଡ ପ୍ରଦାନ କରାଯାଇଛି। ସିଆଇଆଇ ଗ୍ରୀନକୋ ସମିଟ୍‌ର ୮ମ ସଂସ୍କରଣରେ ଦେଶର ପ୍ରଥମ କମ୍ପାନୀ ଭାବେ ହୋଣ୍ଡା ଉକ୍ତ ଆୱାର୍ଡ ଲାଭ କରିଛି। କର୍ନାଟକର ନର୍ସପୁରାସ୍ଥିତ ପ୍ଲାଣ୍ଟରେ ଗ୍ରହଣ କରାଯାଇଥିବା ପରିବେଶ ଉପଯୋଗୀ ପଦକ୍ଷେପ ଲାଗି କମ୍ପାନୀକୁ ଏଭଳି ସମ୍ମାନ ପ୍ରଦାନ କରାଯାଇଛି। କମ୍ପାନୀର ମାନୁଫାକଚରିଂ ନିର୍ଦ୍ଦେଶକ ତଥା ଗ୍ରୁପ ଉପସଭାପତି ଭି.ଶ୍ରୀଧର ଏବଂ ନର୍ସପୁରା ୟୁନିଟର ପ୍ଲାଣ୍ଟ ଇଞ୍ଜିନିୟରିଂ ଡିଭିଜନ ମୁଖ୍ୟ ଭି.ଶ୍ରୀଧର ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଜଳ ପରିଚାଳନା ଏବଂ ପୁନଃବ୍ୟବହାର ଯୋଜନାରେ କମ୍ପାନୀ ଜଳ ବ୍ୟବହାରକୁ ବାର୍ଷିକ ୮୦,୦୦୦ କିଲୋଲିଟରକୁ କମାଇ ପାରିଛି। ଏହା ବାଦ ପ୍ଲାଣ୍ଟରେ ସୋଲାର ଡିସ୍, ସୋଲର ସ୍ଲଜ ଡ୍ରାଇଙ୍ଗ, ୱେଷ୍ଟ ହିଟ୍ ରିକଭରି ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରୀନ ଟେକ୍ନୋଲୋଜି ଦ୍ୱାରା ଏକ ସବୁଜ ପଦକ୍ଷେପ ଦିଗରେ କାର୍ଯ୍ୟ କରୁଥିବା ଗ୍ରୁପ ଉପସଭାପତି ଭି.ଶ୍ରୀଧର କହିଛନ୍ତି।

## ହ୍ୟୁଣ୍ଡାଇର ମେଗା ସର୍ଭିସ କ୍ୟାମ୍ପ




**ନୂଆଦିଲ୍ଲୀ,୨୪-୭**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମେଗା ଏକ୍ସପେରିଏନ୍ସ ସର୍ଭିସ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ଗ୍ରାହକଙ୍କ ସର୍ଭିସ ସଂକ୍ରାନ୍ତ ଆବଶ୍ୟକତାକୁ ପୂରଣ ଲାଗି କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ସେହିଭଳି କ୍ୟାମ୍ପରେ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦଯୋଗ୍ୟ କାରର ଟେଷ୍ଟ ଡ୍ରାଇଭ ଲାଗି ସୁଯୋଗ ପ୍ରଦାନ କରାଯାଇଥିଲା। ଦେଶର ୩୦୩ ସହରର ୪୯୫ ସ୍ଥାନରେ କମ୍ପାନୀ ଏହି କ୍ୟାମ୍ପ ଆୟୋଜନ କରିଛି। ଏଠାରେ ପର୍ସନାଲାଇଜଡ ସର୍ଭିସ, ଯାନର ମାଗଣା ପରୀକ୍ଷଣ, ପୁରୁଣା କାର ବଦଳାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗ୍ରାହକ ସମ୍ପର୍କ ବୃଦ୍ଧି ଲାଗି ହ୍ୟୁଣ୍ଡାଇ ସାଣ୍ଟ୍ରୋ, ଇଲାଇଟ ଆଇ୨୦, ଏକ୍ସେଣ୍ଟ କାରର ପ୍ରଦର୍ଶନ ମଧ କରାଯାଇଥିଲା। ଏହି କ୍ୟାମ୍ପକୁ ଭଲ ରେସପନ୍ସ ମିଳିଥିବା କମ୍ପାନୀର କଷ୍ଟମର କେୟାର ସର୍ଭିସ ଉପସଭାପତି ପୁନାଇଭାନମ୍ ଏସ୍. କହିଛନ୍ତି।

## ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ: ୫୨ରେ ଭାରତ

**ନୂଆଦିଲ୍ଲୀ,୨୪-୭**

ଏନ୍‌ଡିଏ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ (ଜିଆଇଆଇ) ତାଲିକାରେ ଭାରତର ସ୍ଥାନରେ କ୍ରମାଗତ ସୁଧାର ହେଉଛି। ୨୦୧୫ରେ ୮୧ତମ ସ୍ଥାନରେ ଥିବା ଭାରତ ବୁଧବାର ପ୍ରକାଶ ପାଇଥିବା ଜିଆଇଆଇ ତାଲିକାରେ ୫ ସ୍ଥାନ ଉପରକୁ ଉଠିଆସିଛି। ଗତବର୍ଷ ୫୭ ତମ ସ୍ଥାନରେ ରହିଥିବା ଭାରତ ଚଳିତବର୍ଷ ୫୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏଠାରେ ଏହି ଇଣ୍ଡେକ୍ସ ତାଲିକାକୁ ପ୍ରକାଶ କରିଛନ୍ତି। ପ୍ରଥମଥର କୌଣସି ବିକାଶଶୀଳ ଦେଶରେ ଏହି ଇଣ୍ଡେକ୍ସକୁ ଜାରି କରାଯିବା ବିଶେଷ ପ୍ରଣିଧାନଯୋଗ୍ୟ। ଏଠାରେ ପ୍ରକାଶ କରାଯାଇପାରେ ଯେ, ଗତ ୧୨ ବର୍ଷ ଧରି ଜିଆଇଆଇ ପ୍ରକାଶ ପାଇ ଆସୁଛି। ଏହାକୁ ଇନସିଡ୍, କର୍ନେଲ ୟୁନିଭର୍ସିଟି ଏବଂ ୱାର୍ଲ୍ଡ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ଅର୍ଗାନାଇଜେଶନ ଏବଂ ଜିଆଇଆଇ ନଲେଜ ପାର୍ଟନର୍ସ ଦ୍ୱାରା ମିଳିତ ଭାବେ ପ୍ରକାଶ କରାଯାଉଛି। ୨୦୧୫ରେ ଭାରତର ସ୍ଥାନ ୮୧ରେ ଥିଲା ବେଳେ ୨୦୧୬ରେ ଏଥିରେ ଅନେକ ସୁଧାର ଆସିଥିଲା ଓ ଏହା ୬୬ତମ ସ୍ଥାନରେ ରହିଥିଲା। ୨୦୧୭ରେ ୬୦, ୨୦୧୮ରେ ୫୭ତମ ସ୍ଥାନରେ ରହିଥିବା ଭାରତର ର୍‍ୟାଙ୍କିଙ୍ଗ୍‌ରେ ସୁଧାର ଦେଶବାସୀଙ୍କୁ ଗୌରବାନ୍ୱିତ କରିବ ନିଶ୍ଚୟ। ୮୦ ପଏଣ୍ଟ ଆଧାରରେ ୧୨୯ ଦେଶର ଆକଳନ କରାଯାଇ ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ ତାଲିକା ପ୍ରକାଶ କରାଯାଇଥାଏ। ଏହି ଅବସରରେ ଗୋୟଲ କହିଛନ୍ତି ଯେ, ଇନୋଭେଶନ ମାଧ୍ୟମରେ ଏଣ୍ଟରପ୍ରିନ୍ୟୁରଙ୍କୁ ସହଯୋଗ କରିବା ସରକାରଙ୍କ ୨୦୨୨ ନ୍ୟୁ ଇଣ୍ଡିଆର ଭିଜନ ରହିଛି। ଶୀର୍ଷ ୧୦ରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ସୁଇଡେନ, ଆମେରିକା, ନେଦରଲାଣ୍ଡ, ବ୍ରିଟେନ, ଫିନ୍‌ଲାଣ୍ଡ, ଡେନମାର୍କ, ସିଙ୍ଗାପୁର, ଜର୍ମାନୀ ଓ ଇସ୍ରାଏଲ।

## ଫର୍ଚ୍ଚୁନ ୫୦୦ ଗ୍ଲୋବାଲ ତାଲିକାରେ ୧୦୬ତମ ସ୍ଥାନରେ ରିଲାଏନ୍ସ

**ନୂଆଦିଲ୍ଲୀ,୨୪-୭**

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରିଚାଲିଛି। ପ୍ରକାଶ ପାଇଥିବା ଫର୍ଚ୍ଚୁନ ଗ୍ଲୋବାଲ ୫୦୦ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆର୍‌ଆଇଏଲ୍) ୪୨ ସ୍ଥାନ ଲମ୍ଫ ପ୍ରଦାନ କରିବା ସହ ଦେଶର ଶୀର୍ଷ କମ୍ପାନୀ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏଥିପୂର୍ବରୁ ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି) ଫର୍ଚ୍ଚୁନ ୫୦୦ ଇଣ୍ଡିଆ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଥିଲା। ଫର୍ଚ୍ଚୁନ ତାଲିକା ଅନୁଯାୟୀ ଚଳିତ ବର୍ଷ ଆର୍‌ଆଇଏଲ୍‌କୁ ୧୦୬ ତମ ସ୍ଥାନ ମିଳିଥିବା ବେଳେ ଆଇଓସି ୧୧୭ତମ ସ୍ଥାନରେ ରହିଛି। ଗତବର୍ଷ ରିଲାଏନ୍ସ ୧୪୮ତମ ସ୍ଥାନରେ ରହିଥିବା ବେଳେ ଆଇଓସି ୧୩୭ତମ ସ୍ଥାନରେ ରହିଥିଲା। ସୂଚନାଯୋଗ୍ୟରେ ଫର୍ଚ୍ଚୁନ ୫୦୦ ତାଲିକା ପ୍ରକାଶ ପାଇବା ଦିନଠାରୁ ରିଲାଏନ୍ସ ଏଥିରେ ସ୍ଥାନ ପାଇଆସୁଛି।

## ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଧର: ନିର୍ମଳା

**ନୂଆଦିଲ୍ଲୀ,୨୪-୭**

ଟିକସ ଆଦାୟକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାର ଟିକସ ଅଧିକାରୀଙ୍କୁ ବେଶ୍ କିଛି ପରାମର୍ଶ ଦେଇଛନ୍ତି। ଅଧିକାରୀ ସାଧୁ ଟିକସଦାତାଙ୍କୁ ସହାୟତା କରିବା ସହ ଟିକସ ପ୍ରଦାନକୁ ଅଧିକ ସରଳ କରନ୍ତୁ। ତେବେ ବ୍ୟବସ୍ଥାର ଫାଇଦା ଉଠାଇ ଟିକସ ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କୁ ଧରିବା ସହ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସଚ୍ଚୋଟ ଟିକସଦାତା ଯେପରି ଟିକସ ପ୍ରଦାନକୁ ଦଣ୍ଡ ଭାବେ ନ ଭାବିବେ ଏବଂ ଦେଶ ନିର୍ମାଣରେ ସେମାନେ ଯୋଗଦାନ ଦେଉଛନ୍ତି ବୋଲି ଅନୁଭବ କରିବେ ସେଥିପ୍ରତି ଅଧିକାରୀମାନେ ସଜାଗ ହୁଅନ୍ତୁ ବୋଲି ସେ କହିଛନ୍ତି। ତେବେ ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ରାଜସ୍ୱ ବିଭାଗର ୩ ଯାଞ୍ଚ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ନିଜ ଭିତରେ ତଥ୍ୟ ଆଦାନପ୍ରଦାନ ପାଇଁ ଅର୍ଥମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆୟକର ଦିବସ ସମାରୋହରେ ଅଂଶଗ୍ରହଣ କରି ସୀତାରାମନ୍ କହିଛନ୍ତି ଯେ, ଆୟକର ଆଧାରକୁ ୮କୋଟିରୁ ବଢ଼ାଇବାକୁ ହେବ।

## ୟୁବିଆଇର ଗ୍ରାହକ ସମ୍ମିଳନୀ

**ଭୁବନେଶ୍ୱର,୨୪-୭**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ ଅର୍ଦ୍ଧବାର୍ଷିକୀ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ଥିବା ବ୍ୟାଙ୍କର ଶାଖାଗୁଡିକରେ ଏହା ଆୟୋଜନ କରାଯାଇଥିଲା। ମୁଖ୍ୟ କାର୍ଯ୍ୟାଳୟ ତଥା ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରୁ ଏଥିରେ ଶୀର୍ଷ ଏକଜେକ୍ୟୁଟିଭମାନେ ଯୋଗ ଦେଇଥିଲେ। କ୍ଷୁଦ୍ର ଜମାକାରୀ, ଏମ୍ଏସ୍ଏମ୍ଇ, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ମହିଳା, କର୍ପୋରେଟ ଗ୍ରାହକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡିଜିଟାଲ ବ୍ୟାଙ୍କିଙ୍ଗ, ଏମ୍ଏସ୍ଏମ୍ଇ, ରିଟେଲ ଋଣ ସହ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଙ୍କର ବିଭିନ୍ନ ଶାଖା ଏବଂ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

---

## ଅର୍ଥର ଅର୍ଥ

# ବ୍ୟକ୍ତିଗତ ଜୀବନ ବୀମା ସୁରକ୍ଷା ନେବା ଜରୁରୀ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ ମୋ ବୟସ ୨୬ ବର୍ଷ, ବର୍ଷେ ହେଲା ଚାକିରି ଆରମ୍ଭ କରିଛି। ମୁଁ କାମ କରୁଥିବା କମ୍ପାନୀ ମୋତେ ଓ ମୋ ବାପାମାଙ୍କୁ ଏକ ଗୋଷ୍ଠୀଗତ ଜୀବନବୀମା ସୁରକ୍ଷା ପଲିସିରେ ଜୀବନବୀମା ସୁରକ୍ଷା ପ୍ରଦାନ କରୁଛି। ମୋ ପାଇଁ ଓ ବାପା ମା'ଙ୍କ ନିଜର ଏକ ସ୍ୱାସ୍ଥ୍ୟବୀମା ପଲିସି ନେବା ଉଚିତ ହେବ କି? ଏକ ଟର୍ମ ପ୍ଲାନ କିଣିବା ଆବଶ୍ୟକତା ଅଛି କି?**

**– ସୁଜାତା ସାହୁ, ଭୁବନେଶ୍ୱର**

❖ ନିଯୁକ୍ତିଦାତା କମ୍ପାନୀ ଦେଉଥିବା ଟର୍ମ ପ୍ଲାନ ପ୍ରାୟତଃ କର୍ମଚାରୀଙ୍କ ପରିସରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା କ୍ଷେତ୍ରରେ ଆଦୌ ଯଥେଷ୍ଟ ହେବ ନାହିଁ। କର୍ମଚାରୀଙ୍କ ଅକାଳମୃତ୍ୟୁ, ଚାକିରି ଚାଲିଯିବା କିମ୍ବା ଗୋଟିଏ କମ୍ପାନୀରୁ ଅନ୍ୟ କମ୍ପାନୀକୁ ଚାକିରି ପରିବର୍ତ୍ତନ ଭଳି ଏ ସମସ୍ତ କ୍ଷେତ୍ରରେ ଜୀବନବୀମା ସୁରକ୍ଷା ଆପଣ ପାଇବେ ନାହିଁ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜର ଏକ ବ୍ୟକ୍ତିଗତ ଜୀବନ ବୀମା ସୁରକ୍ଷା ରହିବା ନିହାତି ଆବଶ୍ୟକ।

ସବୁଠାରୁ ଭଲ ସମୟ ହେଉଛି ଯେତେ ଶୀଘ୍ର ପାରିବେ ଟର୍ମ ପ୍ଲାନ କିଣି ନେବା ଉଚିତ । ଏହା ଦ୍ୱାରା ଆପଣଙ୍କ ପ୍ରିମିୟମ କମ୍ ରହିବ। ଏହି ସମୟରେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଆପଣ ଭଲ ଓ ଫିଟ୍ ମଧ ଅଛନ୍ତି। ଏ ସବୁକୁ ଦୃଷ୍ଟି ଦେଇ ଏବେଠୁ ଟର୍ମ ପ୍ଲାନ କିଣି ନିଅନ୍ତୁ।

ଏହା ମଧ ଜାଣି ରଖନ୍ତୁ ଟର୍ମ ପ୍ଲାନର ପ୍ରିମିୟମ ପୈଠ ଶେଷ ପର୍ଯ୍ୟନ୍ତ ସମାନ ରହିବ। ଯେତେ ଶୀଘ୍ର ଟର୍ମ ପ୍ଲାନ କିଣିବେ ସେତେ କମ୍ ପ୍ରିମିୟମ ପଇଠ କରିବେ। ଟର୍ମ ପ୍ଲାନ ମଧ ଆପଣଙ୍କୁ ଆୟକର ଛାଡ ପାଇଁ ସୁବିଧା ଦେବେ।

ଆମର ପରାମର୍ଶ ପରିବାରର ଆର୍ଥିକ ସୁରକ୍ଷା ବିଷୟରେ ପଦକ୍ଷେପ ନେବା ବେଳେ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନଜେର କିମ୍ବା ସାର୍ଟିଫାଏଡ ଫାଇନାନସିଆଲ ପ୍ଲାନରଙ୍କ ସହିତ ଆଲୋଚନା କରିବା ଉଚିତ ହେବ।

**▶ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଚାହୁଁଛି । ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା ପୂର୍ବରୁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ । ନିଜେ ନିବେଶ କରିବା ଠିକ୍ ହେବ କି?**

**–ମାନସୀ ମିଶ୍ର, ବାଲେଶ୍ୱର**

❖ ମ୍ୟୁଚୁଆଲ ଫଣ୍ଡରେ ଦିନକୁ ଦିନ ଅଧିକ ଲୋକ ନିବେଶ କରିବା ଆରମ୍ଭ କଲେଣି। ବିଗତ ବର୍ଷମାନଙ୍କରେ ନିବେଶକ ଭଲ ଲାଭ ମଧ ପାଇଛନ୍ତି। ବର୍ତ୍ତମାନର ତଥ୍ୟ ଅନୁଯାୟୀ ୨୦୧୮ ନଭେମ୍ବରରେ ସମୁଦାୟ ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ମୋଟ ୨୪ ଟ୍ରିଲିୟନ ଥିଲା । ଯାହାକି ଡିସେମ୍ବର ୨୦୧୭ ମାସରେ ଟ୨୧.୨୬ ଟ୍ରିଲିୟନ ରହିଥିଲା। ଏହା ସୂଚାଇ ଦେଉଛି ଯେ ପ୍ରାୟତଃ ଅଧିକାଂଶ ଲୋକ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଆରମ୍ଭ କରିଦେଇଛନ୍ତି।

ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା କ୍ଷେତ୍ରରେ କେବେ ବି ନିଜର ସଚେତନତା କିମ୍ବା ଉତ୍କଣ୍ଠାକୁ ଦୃଷ୍ଟି ଦେଇ ନିବେଶ କରନ୍ତୁ ନାହିଁ । ସବୁଠାରୁ ମୁଖ୍ୟ କଥା ହେଉଛି ବିଗତ ବର୍ଷର ଲାଭ ପ୍ରଦାନ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ଭାବରେ ଦୃଷ୍ଟି ଦେଇ ନିବେଶ କରନ୍ତୁ ନାହିଁ। ମ୍ୟୁଚୁଆଲ ଫଣ୍ଡ ଦାବିର ପରିତ୍ୟାଗ କହୁଛି ଯେ, ବିଗତ ବର୍ଷ ଲାଭ ପ୍ରଦାନ ପ୍ରଦର୍ଶନ କରନ୍ତୁ। ମ୍ୟୁଚୁଆଲ ଫଣ୍ଡ ଦାବିରେ ପରିତ୍ୟାଗ କହୁଛି ଯେ, ବିଗତ ବର୍ଷ ଲାଭ ପ୍ରଦାନ ପ୍ରଦର୍ଶନ ଭବିଷ୍ୟତ ଲାଭ ପ୍ରଦାନର ସଙ୍କେତପୂର୍ଣ୍ଣ ନୁହଁ।

**ମ୍ୟୁଚୁଆଲ ଫଣ୍ଡ ନିବେଶ ପୂର୍ବରୁ କିଛି ପ୍ରସଙ୍ଗଙ୍କୁ ଦୃଷ୍ଟି ଦିଅନ୍ତୁ**

- ✪ ଜଣେ ଭଲ ଆର୍ଥିକ ଯୋଜନାକାରୀ ଚୟନ କରନ୍ତୁ।
- ✪ ନିଜର ରିସ୍କ ବିଷୟରେ ବିଶ୍ଳେଷଣ କରିବା ସହିତ ଆଲୋଚନା କରନ୍ତୁ।
- ✪ ଆପଣ ନିଜର ଆର୍ଥିକ କାର୍ଯ୍ୟସବୁ ସହିତ ଆସେଟ୍ ଆଲୋକେଶନ ରଣନୀତି ସ୍ଥିର କରନ୍ତୁ।
- ✪ ଏକ ଭଲ ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ଚୟନ କରନ୍ତୁ।
- ✪ ଏକ ଭଲ ଫଣ୍ଡ ମ୍ୟାନେଜର ଯାହାଙ୍କର ବିଶ୍ୱାସଯୋଗ୍ୟ ଓ ସୁସଙ୍ଗତ ନିବେଶ କ୍ଷେତ୍ରରେ ବିଗତ ବର୍ଷର କାର୍ଯ୍ୟ ସମ୍ପାଦନ କରିବାର ରେକର୍ଡ ରହିଆସିଛି।
- ✪ ଏକ ଭଲ ସ୍କିମ ଆପଣଙ୍କ 'ଆସେଟ ଆଲୋକେଶନ'ରଣନୀତି ଅନୁଯାୟୀ ଚୟନ କରନ୍ତୁ।

**▶ ମୋ ଝିଅ ନାମରେ ଏକ ସୁକନ୍ୟା ସମୃଦ୍ଧି ଆକଉଣ୍ଟ ଖୋଲିବାକୁ ଚାହୁଁଛି। ଏହା ଏକ କ'ଣ ଭଲ ହେବ? ବର୍ତ୍ତମାନ ଏହାର ବାର୍ଷିକ ସୁଧହାର କେତେ ଅଛି? ଝିଅର ବାହାଘର କିମ୍ବା ପାଠପଡା ଖର୍ଚ୍ଚ ପାଇଁ ଭାବୁଛନ୍ତି ଏହି ସ୍କିମରେ ସଞ୍ଚୟ ଆରମ୍ଭ କରିବି?**

**– ମାସନ ମାଝୀ, ବାରିପଦା**

❖ ଝିଅମାନଙ୍କର ଭବିଷ୍ୟତ ପାଠପଢ଼ା ଓ ବାହାଘର ଖର୍ଚ୍ଚପାଇଁ ଏହି ସ୍କିମରେ ଏକ ପାଣ୍ଠି ଗଠନ କରିପାରିବେ। ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଉଛି। ସୁକନ୍ୟା ସମୃଦ୍ଧିର ବର୍ତ୍ତମାନ ସୁଧହାର ବାର୍ଷିକ ୮.୪୦% ଅଛି। ପ୍ରତି ତ୍ରୈମାସିକ ସମୀକ୍ଷା ବୈଠକରେ ଏହାର ସୁଧହାର ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

> ଓ୍ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଭାରତୀୟ ଦଳରେ ସ୍ଥାନ ନ ପାଇବା ପରେ ନିରାଶ ହୋଇଛି, କିନ୍ତୁ ଏହା ଉପରେ ଚିନ୍ତା କରି ସମୟ ନଷ୍ଟ କରିବାକୁ ଚାହୁଁନାହିଁ ।
> –ଶୁବମନ ଗିଲ୍, ଯୁବ ଭାରତୀୟ କ୍ରିକେଟର୍



> ସର୍ଫରାଜ ଅହମ୍ମଦ କେବଳ ତାଙ୍କର ଉଇକେଟ୍ କିପିଂ ଦକ୍ଷତା ଓ ବ୍ୟାଟିଂ ଲାଗି ଟିମ୍‌ରେ ରୁହନ୍ତୁ, ଅଧିନାୟକ ଭାବେ ନୁହେଁ।
> –ସୋଏବ ଅଖତାର, ପୂର୍ବତନ ପାକିସ୍ତାନ କ୍ରିକେଟର୍



## ସଂକ୍ଷେପରେ

### ଇଂଲଣ୍ଡ କୋଚିଂ ଷ୍ଟାଫ୍‌ରେ ଟ୍ରେସ୍କୋଥିକ



ଲଣ୍ଡନ, ୨୪।୭ (ପି.ଟି.): ଅଗଷ୍ଟ ୧ରୁ ଆରମ୍ଭ ହେବାକୁ ଥିବା ଐତିହାସିକ ଆଶେସ ସିରିଜ ଲାଗି ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ମାର୍କସ ଟ୍ରେସ୍କୋଥିକଙ୍କୁ ଇଂଲଣ୍ଡ ଦଳର କୋଚିଂ ଷ୍ଟାଫ୍ ଟିମ୍‌ରେ ସାମିଲ କରାଯାଇଛି। ୪୩ ବର୍ଷୀୟ ଏହି ଭେଟେରାନ ବାମହାତୀ ବ୍ୟାଟ୍ସମ୍ୟାନ ସିରିଜର ପ୍ରଥମ ୨ ମ୍ୟାଚ୍‌ରେ ଇଂଲଣ୍ଡ ଦଳର ଟ୍ରେନିଂ ସେସନ ଉପରେ ଧ୍ୟାନ ଦେବେ ବୋଲି ମିଡିଆ ରିପୋର୍ଟରୁ ଜଣାପଡ଼ିଛି। ଦଳର ମୁଖ୍ୟ ବ୍ୟାଟିଂ କୋଚ୍ ଗ୍ରାହମ ଥୋର୍‌ପେଙ୍କୁ ସେ ସହାୟତା କରିବେ। ଅଗଷ୍ଟ ୧ରୁ ଏଜ୍‌ବାଷ୍ଟନରେ ଏବଂ ଅଗଷ୍ଟ ୧୪ରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଯଥାକ୍ରମେ ପ୍ରଥମ ୨ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଇଂଲଣ୍ଡ ପକ୍ଷରୁ ୭୬ ଟେଷ୍ଟରେ ପ୍ରତିନିଧିତ୍ୱ କରିଥିବା ଏହି ଓପନିଂ ବ୍ୟାଟ୍ସମ୍ୟାନ ୨୦୦୫ ଆଶେସ ସିରିଜରେ କେଭିନ ପିଟରଶନଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହେବାର କୃତିତ୍ୱ ଲାଭ କରିଥିଲେ। ସେହିବର୍ଷ ତାଙ୍କୁ ଓ୍ୱିଜଡେନ କ୍ରିକେଟର୍ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା।

### ଫେଲେପଙ୍କ ବିଶ୍ୱରେକର୍ଡ ଭାଙ୍ଗିଲେ ମିଲାକ୍

ଗ୍ୱାଙ୍ଗଜୁ, ୨୪।୭: ହଙ୍ଗେରୀର ୧୯ ବର୍ଷୀୟ ଯୁବ ସନ୍ତରଣକାରୀ କ୍ରିଶଟଫ ମିଲାକ୍ ଏଠାରେ ଚାଲିଥିବା ବିଶ୍ୱ ସନ୍ତରଣ ଚାମ୍ପିୟନଶିପର ୨୦୦ମିଟର ବଟରଫ୍ଲାଏ ପ୍ରତିଯୋଗିତାରେ ନୂତନ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିସହିତ ଏହି ପ୍ରତିଯୋଗିତାକୁ ମିଲାକ୍ ୧ ମିନିଟ୍ ୫୦.୭୩ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ବିଜୟୀ ହେବା ସହ ଆମେରିକାର ସୁଇମିଂ ଗ୍ରେଟ୍ ମିଚେଲ ଫେଲେପ(୧ମିନିଟ୍ ୫୧.୫୧ ସେକେଣ୍ଡ)ଙ୍କ ରେକର୍ଡ଼ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଫେଲେପ ୨୦୦୯ ବିଶ୍ୱ ଚାମ୍ପିୟନଶିପରେ ଏହି ରେକର୍ଡ଼ ପ୍ରତିଷ୍ଠା କରିଥିଲେ। ସେହିପରି ଜାପାନର ଡାଇୟା ସେଟୋ ୧ମିନିଟ ୫୩.୮୬ ସେକେଣ୍ଡ ସମୟ ନେଇ ଓ ଦକ୍ଷିଣ ଆଫ୍ରିକାର ଚାଡ ଲେ କ୍ଲସ ୧ ମିନିଟ୍ ୫୪.୧୫ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ।

### ପଦକ ନିଶ୍ଚିତ କଲେ ନିଖାତ୍, ଦୀପକ

ନୂଆଦିଲ୍ଲୀ, ୨୪।୭ (ପି.ଟି.)- ବ୍ୟାଙ୍କକ୍‌ରେ ଚାଲିଥିବା ଥାଇଲାଣ୍ଡ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ବକ୍ସରଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ନିଖାତ୍ ଜରୀନ (୫୧ କିଗ୍ରା) ଓ ଏସୀୟ ରୌପ୍ୟ ପଦକ ବିଜେତା ଦୀପକ ସିଂ (୪୯ କିଗ୍ରା) ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ମହିଳା ୫୧ କିଗ୍ରା କ୍ୱାର୍ଟର ଫାଇନାଲ ମୁକାବିଲାରେ ନିଖାତ୍ ୫-୦ରେ ପ୍ରତିପକ୍ଷ ଉଜ୍‌ବେକିସ୍ତାନ ବକ୍ସର ସିତୋରା ଶୋଗଡାରୋଭାଙ୍କୁ ପରାସ୍ତ କରିଥିଲେ।

# ବର୍ଷେ ପରେ ଅଲିମ୍ପିକ୍ସ, ପଦକ ଉନ୍ମୋଚିତ

**ଟୋକିଓ, ୨୪।୭(ପି.ଟି.)**

୨୦୨୦ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ଗୋଟିଏ ବର୍ଷ ବାକି ରହିଛି। ଏହି ଅବଗଣନା ଆରମ୍ଭ କରିବା ଅବସରରେ ଅଲିମ୍ପିକ୍ସର ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଉନ୍ମୋଚନ କରାଯାଇଛି। ଜାପାନର ପ୍ରଶଂସକ, ପ୍ରାୟୋଜକ ଓ ରାଜଧାନୀ ଟୋକିଓରେ ଏହି ଦିନକୁ ଅବଗଣନା ଉତ୍ସବ ହିସାବରେ ବ୍ୟାପକଭାବେ ପାଳନ କରିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭ ୨୦୨୦ ଜୁଲାଇ ୨୪ ତାରିଖରେ ଆରମ୍ଭ ହେବ। ଅଲିମ୍ପିକ୍ସ ଆରମ୍ଭ ହେବାକୁ ୩୬୫ ଦିନ ବାକିଥିବାକୁ ସୂଚାଉଥିବା ଘଣ୍ଟାକୁ ପ୍ଲାକାର୍ଡ ମାଧ୍ୟମରେ ପ୍ରଶଂସକମାନେ ପ୍ରଦର୍ଶନ କରିଥିବାର ଲକ୍ଷ୍ୟ କରାଯାଇଛି। ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଆଥଲେଟ୍ ତଥା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଅଧ୍ୟକ୍ଷ ଥୋମାସ ବାକ୍ ସ୍କୁଲ ପିଲାମାନଙ୍କ ସହ ପଦକ ପ୍ରଦର୍ଶନ କରିଥିଲେ। ଜାପାନ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପଦକ ଉନ୍ମୋଚନ ଉତ୍ସବରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା।

ଅଲିମ୍ପିକ୍ସ ଆୟୋଜନ ଓ ଏହାର ପ୍ରସ୍ତୁତି ପାଇଁ ଟୋକିଓ ୨୦ ବିଲିୟନ ଆମେରିକୀୟ ଡଲାର ବ୍ୟୟ କରୁଛି। ଆୟୋଜକ ସହର ହିସାବରେ ଟୋକିଓର ପ୍ରସ୍ତୁତି ପାଇଁ ଏହି ପରିମାଣ ଅର୍ଥ ଖର୍ଚ୍ଚ ହେବା ଚାଲୁ ରହିଛି। ତେବେ ଠିକ୍ ରୂପେ କେତେ ପରିମାଣର ଅର୍ଥ ଖର୍ଚ୍ଚ ହେବ ତାହା ଆକଳନ କରିବା କଷ୍ଟକର। ୮ଟିରୁ ୫ଟି ଭେନ୍ୟୁର ପ୍ରସ୍ତୁତି କାର୍ଯ୍ୟ ସରିଛି। ଅଲିମ୍ପିକ୍ସର କେନ୍ଦ୍ର କୁହାଯାଉଥିବା ନ୍ୟାଶନାଲ ଷ୍ଟାଡିୟମ ପ୍ରସ୍ତୁତି ପାଇଁ ପାଖାପାଖି ୧.୨୫ ବିଲିୟନ ଡଲାର ଅର୍ଥ ଖର୍ଚ୍ଚ କରାଯିବ। ଚଳିତ ବର୍ଷ ଶେଷରେ ଏହି ଷ୍ଟାଡିୟମ ଖୋଲାଯିବ।






ଅଲିମ୍ପିକ ପାଇଁ ଉନ୍ମୋଚିତ ପଦକ ରୌପ୍ୟ, ସ୍ୱର୍ଣ୍ଣ ଓ ବ୍ରୋଞ୍ଜ। ୨୦୨୦ ଅଲିମ୍ପିକ୍ସ ଅବଗଣନା

ଅଲିମ୍ପିକ୍ସ ନେଇ ସାରା ଦେଶରେ ଉତ୍ସାହ ବଢ଼ିବାରେ ଲାଗିଛି ବୋଲି ଟୋକିଓ ପାଇଁ ନିଯୁକ୍ତ ଆଇଓସି ପରିଦର୍ଶକ ଦଳର ମୁଖ୍ୟ ଜନ କୋଟ୍ସ କହିଛନ୍ତି। ଟିକେଟ ବିକ୍ରିରେ ଅଭୂତପୂର୍ବ ବୃଦ୍ଧି ପରିଲକ୍ଷିତ ହୋଇଛି। ଜାପାନ ଅଧିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଟିକେଟ ସଂଖ୍ୟାର ଦଶଗୁଣ ଏବେ ଆବଶ୍ୟକ ହେଉଛି। ଆଗକୁ ଏଥିରେ ଆହୁରି ବୃଦ୍ଧି ଘଟିବ। ଅନଧିକୃତ ଟିକେଟ ବିକ୍ରିକୁ ରୋକିବା ପାଇଁ ଏକ ଆଇନ୍ ମଧ୍ୟ ଜାରି ହୋଇଛି। ଏହା ଟିକେଟର କଳାବଜାରକୁ ରୋକିବାରେ ସମର୍ଥ ହେବ ବୋଲି ଆଶା କରାଯାଉଛି। ଟୋକିଓର ସାଧାରଣତଃ ଦେଖାଯାଉଥିବା ଉଷ୍ମ ଓ ଗ୍ରୀଷ୍ମ ପାଣିପାଗ ପାଇଁ ଆୟୋଜକମାନେ ଆବଶ୍ରକ ପ୍ରସ୍ତୁତି ଚଳାଇଛନ୍ତି। ଜାପାନ ତଥା ରାଜଧାନୀ ଟୋକିଓ ଭୂମିକମ୍ପ ପ୍ରବଣ ହୋଇଥିବାରୁ ଟ୍ରାଫିକ ଓ ମେଟ୍ରୋ ଯାତାୟାତ ନେଇ ଆୟୋଜକମାନେ ଚିନ୍ତିତ ଅଛନ୍ତି।

ଏବର୍ଷ ଟୋକିଓ ଉଷ୍ମ ହେବା ବଦଳରେ ଟିକିଏ ଥଣ୍ଡା ମନେ ହେଉଛି। ଗତବର୍ଷ ତୁଳନାରେ ଏଥର ଅଲଗା ପ୍ରକାର ପାଗ ଅନୁଭୂତ ହେଉଛି ବୋଲି ଆୟୋଜକ କମିଟି ମୁଖ୍ୟ ୟୋଶିରୋ ମୋରି କହିଛନ୍ତି। ଜାପାନ ସମ୍ରାଟ ନାଉରହିଟୋ ଅଲିମ୍ପିକ୍ସ ଓ ପାରାଅଲମ୍ପିକ୍ସର ସମ୍ମାନଜନକ ଆବାହକ ହେବା ପାଇଁ ସମ୍ମତି ପ୍ରକାଶ କରିଥିବା କଥା ମୋରି କହିଛନ୍ତି। ଉଭୟ ଅଲିମ୍ପିକ୍ସ ଓ ପରାଅଲମ୍ପିକ୍ସର ଉଦ୍‌ଘାଟନ ନେଇ ସେ ଘୋଷଣା କରିବେ ଆଶା କରାଯାଉଛି। କିଛିଦିନ ତଳେ ଟୋକିଓ ଗଭର୍ନର ୟୁରିକୋ କୋଇକେଙ୍କୁ ଅଲିମ୍ପିକ୍ସ ପ୍ରସ୍ତୁତି ନେଇ ଏତେ ଅର୍ଥ ବ୍ୟୟ କରାଯିବାନେଇ କାରଣ ସ୍ପଷ୍ଟ କରିବାକୁ କୁହାଯାଇଥିଲା। ଆୟୋଜକମାନେ ଖର୍ଚ୍ଚା କାଟ କରିବା ପାଇଁ ଚାପର ସମ୍ମୁଖୀନ ହୋଇଥିଲେ ଓ ସେମାନେ ବହୁ ପରିମାଣର ଅର୍ଥ ଖର୍ଚ୍ଚ କାଟ କରିବାରେ ସକ୍ଷମ ମଧ୍ୟ ହୋଇଛନ୍ତି। ଟୋକିଓରେ ୮ଟି ନୂଆ ଭେନ୍ୟୁର ନିର୍ମାଣ ହେଉଛି। ତେବେ ୩୫ଟି ଅସ୍ଥାୟୀ ଓ ପୁରୁଣା ଭେନ୍ୟୁର ଅଲିମ୍ପିକ୍ସରେ ବ୍ୟବହାର ହେବ।

ନୂଆ ଭେନ୍ୟୁ ଓ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତି କରିବାରେ ଅଲିମ୍ପିକ୍ସ ଓ ପାରାଅଲମ୍ପିକ୍ସ ଏବେ ଦ୍ରୁତ ସାବ୍ୟସ୍ତ ହୋଇଛି ବୋଲି ୟୁରିକୋ କହିଛନ୍ତି। ୨୦୨୦ ଅଲିମ୍ପିକ୍ସ କ୍ରୀଡ଼ାରେ ଏକ ବିପ୍ଲବ ଆଣିବ ଓ ଲୋକଙ୍କ ଚିନ୍ତାଧାରାକୁ ବଦଳାଇବ । ୨୦୨୦ ଅଗଷ୍ଟ ୨୫ ତାରିଖରେ ଆରମ୍ଭ ହେବାକୁ ଥିବା ପାରାଲିମ୍ପିକ୍ସ ଦିବ୍ୟାଙ୍ଗ ପାଇଁ ନୂଆ ଆଶା ସଂଚାର କରିବ ବୋଲି ସେ କହିଛନ୍ତି। ୧୯୬୪ ଅଲିମ୍ପିକ୍ସ ତୁଳନାରେ ଏଥର ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟ କରାଯିବ। ଏଥର ଲୋକେ ବୁଲେଟ ଟ୍ରେନ୍ ସେବା ପାଇବେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନ ହାସଲ କରିଥିବା ପ୍ରଗତି ଓ ଉନ୍ନତିର ଝଲକ ଏଥର ଦେଖିବାକୁ ମିଳିବ।

ଇତିମଧ୍ୟରେ ଅଲିମ୍ପିକ୍ସକୁ ବିରୋଧକରି କେତେଜଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ବିପୁଳ ଅର୍ଥ ବ୍ୟୟ କରାଯିବାକୁ ଏମାନେ ବିରୋଧ କରୁଛନ୍ତି। ଏ ଅର୍ଥକୁ ସମାଜ ମଙ୍ଗଳକାର୍ଯ୍ୟରେ ଲଗା ଯାଇପାରିବ ବୋଲି ବିକ୍ଷୋଭକାରୀମାନେ ଯୁକ୍ତି ବାଢ଼ିଛନ୍ତି। ଗତ ଅଲିମ୍ପିକ୍ସ ତୁଳନାରେ ଆୟୋଜକମାନେ ୩ ଗୁଣ ଅଧିକ ୩ ବିଲିୟନ ଆମେରିକୀୟ ଡଲାରର ଲୋକାଲ ସ୍ପୋନ୍ସରଶିପ୍ ରେଭିନ୍ୟୁ ହାସଲ କରିପାରିଛନ୍ତି।

ଟୋକିଓ ଅଲିମ୍ପିକ୍ସରେ ଏଥର ୪ଟି ନୂଆ କ୍ରୀଡ଼ା ସାମିଲ କରାଯାଇଛି। ସେଗୁଡିକ ହେଲା କରାଟେ, ସ୍କେଟବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ସଫ୍ଟବଲ୍। ଏହି କ୍ରୀଡ଼ାଗୁଡିକ ଏଥର ଅଲିମ୍ପିକ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତ ଇତିହାସର ସର୍ବଶ୍ରେଷ୍ଠ ବୋଲି ଆଇଓସି ମୁଖ୍ୟ ଥୋମାସ ବାକ କହିଛନ୍ତି। ଅବଶ୍ୟ ଆୟୋଜନ ପ୍ରକ୍ରିୟାରେ କେତେକ ଅନିୟମିତତା ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଆୟୋଜକମାନେ କେତୋଟି ଅଭିଯୋଗ ଆସିବାପରେ ସେମାନଙ୍କର ଲୋଗୋରେ ପରିବର୍ତ୍ତନ ଆଣିଥିଲେ। ବ୍ରିଟିଶ ଆର୍କିଟେକ୍ସ ଜାହା ହଦିଦ୍ ନୂଆ ଷ୍ଟାଡିୟମର ଡିଜାଇନ କରିଥିଲେ। ତେବେ ଖର୍ଚ୍ଚ ୨ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ହେବାରୁ ଏହି ଡିଜାଇନ୍‌କୁ ବାତିଲ କରାଯାଇଥିଲା। ବଦଳରେ ଜାପାନିଜ ଆର୍କିଟେକ୍ଟ କେନଗୋ କୁମାଙ୍କୁ ଏହି ଷ୍ଟାଡିୟମର ଡିଜାଇନ ଦାୟିତ୍ୱ ଦିଆଯାଇଥିଲା। ସେ କାଠ ଓ କାଠର ଜାଲି ସହିତ ସବୁଜିମା ଦ୍ୱାରା ଷ୍ଟାଡିୟମର ଡିଜାଇନ୍ କରିବେ ବୋଲି କୁହାଯାଇଛି।

## ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍
# ମୈରବା, ବଂଶୋଦଙ୍କ ବିଜୟ ଅଭିଯାନ

**ନୂଆଦିଲ୍ଲୀ, ୨୪।୭ (ପି.ଟି.)**

ଚାଇନାର ସୁଝହୋଉଠାରେ ଆରମ୍ଭ ହୋଇଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍‌ରେ ଦୁଇ ଯୁବ ଭାରତୀୟ ଶଟ୍‌ଲର ମାଇସନମ ମୈରବା ଓ ମାଳବିକା ବଂଶୋଦ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବାଳକ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ବିଶ୍ୱ ଜୁନିୟର ମାନ୍ୟତାର ୧୪ତମ ସ୍ଥାନରେ ରହିଥିବା ମୈରବା ୨୧–୧୮, ୧୭–୨୧, ୨୩–୨୧ରେ କୋରିଆର ସାଙ୍ଗ୍ ୟଙ୍ଗ୍ ପର୍କଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ମୈରବାଙ୍କୁ ୫୯ ମିନିଟ୍ ସମୟ ଲାଗିଥିଲା। ରୁଷିଆନ ଜୁନିୟର ହ୍ୱାଇଟ୍ ନାଇଟ୍ ଟୁର୍ଣ୍ଣାମେଣ୍ଟ ଜିତିଥିବା ଏହି ଯୁବ ଭାରତୀୟ ଶଟ୍‌ଲର ୨ୟ ରାଉଣ୍ଡରେ ଟପ୍ ସିଡ୍ ଥାଇଲାଣ୍ଡର କୁନ୍‌ଲାଭତ୍ ଭିଟିଦଶରନଙ୍କୁ ଭେଟିବେ। ଅନ୍ୟ ପକ୍ଷରେ ବାଳିକା ସିଙ୍ଗଲ୍ସରେ ବଂଶୋଦ ୨୧–୧୧, ୧୯–୨୧, ୨୧–୧୯ ଗେମ୍‌ରେ ଭିଏତ୍‌ନାମର ଥି ଅନ୍ ଥୁ ଭୁ'ଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ବଂଶୋଦଙ୍କ ମୁକାବିଲା ଟପ୍ ସିଡ୍ ଫିଟ୍‌ତାୟାପର୍ନ ଚାଇଓ୍ୱାନଙ୍କ ସହ ହେବ। ବାଳକ ସିଙ୍ଗଲ୍ସର ଅନ୍ୟ ଏକ ମୁକାବିଲାରେ ଶଙ୍କର ମୁତ୍ତୁସ୍ୱାମୀ ସୁବ୍ରମଣିୟମ ୨୧–୧, ୨୧–୧୦ରେ ବାଂଲାଦେଶର ମହମ୍ମଦ ଅବଦୁଲ ହମିଦ୍ ଲୁକ୍‌ମ୍ୟାନଙ୍କୁ ସହଜରେ ପରାସ୍ତ କରିଦେଇଛନ୍ତି। ସତୀଶ କୁମାର, ଉନ୍ନାତି ବିସ୍ତ ଓ ଅଶି ରାଓ୍ୱତ୍ ମଧ୍ୟ ନିଜ ନିଜ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି।

# ଲର୍ଡ୍ସ ଟେଷ୍ଟ: ଇଂଲଣ୍ଡ ୮୫ରେ ଅଲ୍‌ଆଉଟ

**ଲଣ୍ଡନ, ୨୪।୭(ଏଏଫ୍‌ପି)**

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୨୩.୪ ଓଭରରେ ମାତ୍ର ୮୫ ରନକରି ଅଲଆଉଟ୍ ହୋଇଛି। ଜବାବରେ ରିପୋର୍ଟ ଲେଖାହେବା ବେଳକୁ ଆୟର୍ଲାଣ୍ଡ ୩୮ ଓଭରରେ ୫ ଉଇକେଟ ହରାଇ ୧୩୯ ରନକରି ଅଗ୍ରଣୀ ହାସଲ କରିଛି। ପଲ ଷ୍ଟିର୍ଲିଂ ୩୬ ଓ ଆଣ୍ଡ୍ରୁ ବାଲବିରନି ୫୫, ଓପନର ତଥା ଅଧିନାୟକ ଓ୍ୱିଲିୟମ ପୋର୍ଟରଫିଲ୍ଡ ୧୪ ଓ ଜେମ୍ସ ମ୍ୟାକୋଲମ ୧୯ ରନ କରି ଆଉଟ ହୋଇଛନ୍ତି। କେଭିନ ଓ'ବ୍ରାଏନ ୯ ରନ କରି ଅପରାଜିତ ରହିଛନ୍ତି। ଏହି ଗ୍ରାଉଣ୍ଡରେ ଇଂଲଣ୍ଡ କିଛିଦିନ ତଳେ ଦିନିକିଆ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ତେବେ ଏହି ଟେଷ୍ଟରେ ଇଂଲଣ୍ଡର ବ୍ୟାଟିଂ ସାଂଘାତିକ୍ ଭାବେ ଫେଲ୍ ମାରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଆୟର୍ଲାଣ୍ଡ ଦ୍ରୁତ ବୋଲର ଟିମ୍ ମୁର୍ତ୍ତାଘ ଦମ୍‌ଦାର ବୋଲିଂ କରି ଇଂଲଣ୍ଡ ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଥିଲେ। ୯ ଓଭର ବୋଲିଂ କରି ୨ଟି ମେଡେନ ନେବା ସହ ମାତ୍ର ୧୩ରନ୍ ବ୍ୟୟ କରି ସେ ୫ ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ୮ ଜଣ ବ୍ୟାଟ୍ସମ୍ୟାନ ୨ ଅଙ୍କ ଛୁଇଁ ପାରି ନ ଥିଲେ। ଦଳ ତରଫରୁ ଜୋ ଡେନଲି ୨୩, ସାମ କୁରାନ ୧୮ ଓ ଓଲି ଷ୍ଟୋନ ୧୯ ରନ କରି ଆଉଟ ହୋଇଥିଲେ। ଜନି ବେୟାରଷ୍ଟୋ, ମୋଇନ ଅଲି ଓ କ୍ରିସ୍ ଓ୍ୱକ୍ସ ଖାତା ଖୋଲିପାରି ନ ଥିଲେ।



୫ ଉଇକେଟ ଅକ୍ତିଆର କରିଥିବା ଟିମ୍ ମୁର୍ତ୍ତାଘ ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ରୋରି ବର୍ନ୍ସ ୬, ଜାସନ ରୟ ୫, ଅଧିନାୟକ ଜୋ ରୁଟ ୨, ଷ୍ଟୁଆର୍ଟ ବ୍ରଡ ୩ ରନ କରି ଆଉଟ ହୋଇଥିବା ବେଳେ ଜ୍ୟାକ୍ ଲିଚ୍ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୩୭ ବର୍ଷୀୟ ମୁର୍ତ୍ତାଘ ପ୍ରଥମ ଆୟର୍ଲାଣ୍ଡ ବୋଲର ଭାବେ ଗୋଟିଏ ଟେଷ୍ଟ ଇନିଂସରେ ୫ ଉଇକେଟ ଅକ୍ତିଆର କରି ବିରଳ ସଫଳତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାର୍କ ଆଡେର ୩, ବୋଡି ରନ୍‌କିନ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଉଲ୍ଲେଖଥାଉ କି, ଇଂଲଣ୍ଡ ଗତ ୩ ବର୍ଷ ମଧ୍ୟରେ ଗୋଟିଏ ସେସନରେ ତୃତୀୟଥର ପାଇଁ ଅଲ୍‌ଆଉଟ ହୋଇଛି। ଏହାପୂର୍ବରୁ ୧୯୯୭ରେ ଇଂଲଣ୍ଡ ଲର୍ଡ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ୭୭ ରନ କରି ଅଲଆଉଟ ହୋଇଥିଲା। ଗତ ଜାନୁୟାରୀରେ ବାର୍ବାଡୋସ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ମଧ୍ୟ ଇଂଲଣ୍ଡ ୭୭ ରନ କରି ଅଲଆଉଟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସରେ ୨୩.୪ ଓଭରରେ ୮୫ ଅଲ୍‌ଆଉଟ୍ (ଡେନଲି– ୨୩, ଷ୍ଟୋନ– ୧୯, କୁରାନ– ୧୮, ମୁର୍ତ୍ତାଘ– ୫/୧୩, ଆଡେର– ୩/୩୨, ରାନକିନ– ୨/୫)।

# ଦୂତୀଙ୍କୁ ଏ ବର୍ଷ ମିଳି ନ ପାରେ ଅର୍ଜୁନ ପୁରସ୍କାର

**ନୂଆଦିଲ୍ଲୀ, ୨୪।୭**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଚଳିତ ବର୍ଷ ଅର୍ଜୁନ ପୁରସ୍କାର ପାଇବା ସମ୍ଭାବନା କମ୍। ତାଙ୍କ ବ୍ୟତୀତ ପୁରୁଷ ୮୦୦ ମିଟର ଦୌଡ଼ରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ମନଜିତ ସିଂ ମଧ୍ୟ ଏହି ପୁରସ୍କାର ତାଲିକାରୁ ବାଦ୍ ପଡ଼ିପାରନ୍ତି। ନିୟମ ଅନୁସାରେ ଗୋଟିଏ କ୍ରୀଡ଼ା ସଙ୍ଗଠନ ଅର୍ଜୁନ ପୁରସ୍କାର ପାଇଁ କେବଳ ୩ ଜଣ ଆଥ୍‌ଲେଟଙ୍କ ନାମ ସୁପାରିସ କରିପାରିବ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ମୋଟ ୫ ଜଣଙ୍କ ନାମ ସୁପାରିସ କରାଯାଇଛି। ଦୂତୀ ଓ ମନଜିତଙ୍କ ବ୍ୟତୀତ ତାଲିକାରେ ଶଟ୍‌ପୁଟର ତେଜିନ୍ଦର ପାଲ ସିଂ ତୁର, ହେପ୍ଟାଥଲେଟ୍ ସ୍ୱପ୍ନା ବର୍ମନ ଓ ଟ୍ରିପଲ ଜମ୍ପର ଅର୍ପିନ୍ଦର ସିଂ ସ୍ଥାନ ପାଇଛନ୍ତି। ଏହି ଆଥ୍‌ଲେଟଙ୍କ ନାମ ପ୍ରସ୍ତାବ ଦିଆଯିବା ପୂର୍ବରୁ ଫେଡେରେଶନ ପକ୍ଷରୁ ବିଭିନ୍ନ ଅନ୍ତର୍ଜାତୀୟ ଇଭେଣ୍ଟରେ ଆଥ୍‌ଲେଟଙ୍କ ପ୍ରଦର୍ଶନକୁ ଭିତ୍ତି କରି ର୍‍ୟାଙ୍କିଙ୍ଗ୍ ପ୍ରସ୍ତୁତ କରାଯାଏ। ଏହି ତାଲିକାରେ ମନ୍‌ଜିତ ୪ର୍ଥ ସ୍ଥାନରେ ଥିବାବେଳେ ଦୂତୀ ୫ମରେ ରହିଛନ୍ତି। ଏଣୁ ଟପ୍ ୩ରେ ଥିବା ତୁର, ବର୍ମନ ଓ ଅର୍ପିନ୍ଦର ଏହି ପୁରସ୍କାର ଦୌଡ଼ରେ ଆଗରେ ରହିଛନ୍ତି। ଓଡ଼ିଆ ଧାବିକା ଦୂତୀ ଏସିଆନ ଗେମ୍ସର ୧୦୦ ମି. ଓ ୨୦୦ମି. ଦୌଡ଼ରେ ୨ଟି ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କୌଣସି ପଦକ ହାତେଇ ପାରି ନ ଥିଲେ। ଏଥିଯୋଗୁ ଅର୍ଜୁନ ପୁରସ୍କାର ଲାଗି ତାଙ୍କ ଦାବି ଦୁର୍ବଳ ହୋଇଥିବା ଅନୁମାନ କରାଯାଉଛି। ଦୂତୀଙ୍କ ନାମକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ପଠାଯାଇଥିଲା। ମାତ୍ର ଧାର୍ଯ୍ୟ ତାରିଖର ଏକ ମାସ ପରେ କୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବ ଦିଆଯାଇଥିବା ଜଣାଯାଇଛି। ଉଲ୍ଲେଖଥାଉ କି, କ୍ରୀଡ଼ା ମନ୍ତ୍ରଣାଳୟ ଏବେ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଲାଗି ଯୋଗ୍ୟ ଖେଳାଳିଙ୍କ ତାଲିକା ପ୍ରସ୍ତୁତ କରୁଛି। ମନୋନୀତ ନାମଗୁଡ଼ିକ ପରେ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁଙ୍କ ମଞ୍ଜୁରୀ ପାଇଁ ପଠାଯିବ।

# ସ୍ପୋର୍ଟ୍ସ ହଷ୍ଟେଲ ଜିତିଲା ଉଦ୍‌ଘାଟନୀ ମ୍ୟାଚ୍

## ଫାଓ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୨୪।୭(କ୍ରୀଡ଼ା ପ୍ରତିନିଧି)**

କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଫାଓ(ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା) ଲିଗ୍ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ୧–୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଜୟସିଂ ଗାଗ୍ରାଇ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଡି. ଶ୍ରୀନାଥଙ୍କ ପାସ୍‌କୁ କେବଳ ଜୟସିଂ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ସ୍ପୋର୍ଟ୍ସ ହଷ୍ଟେଲ ଗୋଲକିପର ଫଗୁ ବାସ୍କେ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କଟକ ଏଡିଏମ ବିଜୟ କୁମାର ଖଣ୍ଡାୟତରାୟ ମୁଖ୍ୟ ଅତିଥି, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ଭକ୍ତବଳ୍ଲଭ ଦାସ, ତଡ଼ିତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, ସଦସ୍ୟ ଗୋପାଳ ଦାସ, ମାନସ ସାମଲ, ବିଶ୍ୱ ରଞ୍ଜନ ଘଡ଼େଇ, ବିଷ୍ଣୁଚରଣ ରାଉତ, ନରେନ୍ଦ୍ର କୁମାର ସାହୁ, ସହଦେବ ରାଉତ, କଟକ ଡିଏସ୍‌ଓ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ପୋର୍ଟ୍ସ ହଷ୍ଟେଲ ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# କଳିଙ୍ଗ ଷ୍ଟାଡିୟମରେ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଟ୍ରେନିଂ

**ଭୁବନେଶ୍ୱର, ୨୪।୭(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମାଉଣ୍ଟେନରିଂ ଫେଡେରେଶନ(ଆଇଏମ୍‌ଏଫ୍) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସ୍ପୋର୍ଟ୍ସ କ୍ଲାଇମ୍ବିଂର ଏକ ହାଇପରଫରମାନ୍ସ ସେଣ୍ଟର ନିର୍ମାଣ କରାଯାଇଛି। ଭାରତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂକୁ ଅନ୍ତର୍ଜାତୀୟ ମାନର କରିବା ଏହାର ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଆଇଏମଏଫ ପକ୍ଷରୁ ଚଳିତମାସ ୧୬ ତାରିଖରୁ ୧୦ରୁ ୧୬ ବର୍ଷ ବୟସବର୍ଗର ବାଳିକା ବାଳକଙ୍କୁ ନେଇ ଟ୍ରେନିଂ ଆରମ୍ଭ କରାଯିବାକୁ ଯୋଜନା ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପେସାଦାର ଟ୍ରେନରଙ୍କୁ ଅଣାଯାଇ ଏଠାରେ ଟ୍ରେନିଂ ଦିଆଯିବ। ସ୍ପୋର୍ଟ୍ସ କ୍ଲାଇମ୍ବିଂ ଏବେ ଏକ ଅଲିମ୍ପିକ କ୍ରୀଡ଼ା। ଏହା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରଥମ ପଦାର୍ପଣ କରିବାକୁ ଯାଉଛି ଏବଂ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ମଧ୍ୟ ସ୍ଥାନ ପାଇଛି। ଏହାକୁ ନଜରରେ ରଖି ଆଇଏମ୍‌ଏଫ୍ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ଯୋଜନାରେ ଅଛି। ଏହି କ୍ରୀଡ଼ାପ୍ରତି ସଚେତନତା ସୃଷ୍ଟି କରିବା ସହିତ ଛୋଟ ବେଳରୁ ଆଥଲେଟ୍‌ଙ୍କୁ ଚିହ୍ନଟ କରିବା ଏହାର ଲକ୍ଷ୍ୟ। କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ହକି କମ୍ପ୍ଲେକ୍ସ ନର୍ଥ ଷ୍ଟାଣ୍ଡ ନିକଟସ୍ଥ କ୍ଲାଇମ୍ବିଂ ୱାଲ୍ ନିକଟରେ ନାମ ପଞ୍ଜୀକରଣ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହେବ। ମାଗଣାରେ ଆଥଲେଟ୍‌ମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଏକ ଭାରତୀୟ ଦଳ ଗଠନ କରିବା ଆଇଏମ୍‌ଏଫ୍‌ର ଲକ୍ଷ୍ୟ। ତେଣୁ ଅଧିକରୁ ଅଧିକ ବାଳିକା ବାଳକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।



ୱାଲ୍ ଚଢ଼ିବାରେ ନିମଗ୍ନ ଜଣେ ପ୍ରତିଯୋଗୀ।

**ସଂକ୍ଷେପରେ**

“ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ତୁଲାଇବା ଚ୍ୟାଲେଞ୍ଜିଂ ଥିଲା। ମୋ ପୁତୁରାକୁ ଚୟନ ପରେ ମୋତେ ‘ଆଘାତ ଦେଲା ଭଳି ସମାଲୋଚନା’ କରାଯାଇଥିଲା ।

–ଇଞ୍ଜାମାମ–ଉଲ୍–ହକ୍, ପାକିସ୍ତାନ ପୂର୍ବତନ ଚୟନ କମିଟି ଅଧ୍ୟକ୍ଷ



“ଚୟନକର୍ତ୍ତାଙ୍କ ମୁଖ୍ୟ ଏଜେଣ୍ଡା ଯଥାସମ୍ଭବ ଶ୍ରେଷ୍ଠ ଟିମ୍ ଚୟନ କରିବା ଦରକାର । ଲୋକଙ୍କୁ ଖୁସି କରିବା ନୁହେଁ। ଶୁବମନ ଗିଲ୍ ଟିମ୍‌ରେ ରହିବାର ଥିଲା।

–ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ



## ମେସି ବାସନ୍ଦ



ଏସନସିଅନ(ପାରାଗୁଏ),୨୪ା୭(ଏପି): ଷ୍ଟାର ଖେଳାଳି ଲିଓନେଲ ମେସି ଆର୍ଜେଣ୍ଟିନା ଦଳର ୨୦୨୨ ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ଏଥିସହ ତାଙ୍କୁ ଦେଢ଼ହଜାର ଡଲାର ଜରିମାନା କରାଯାଇଛି, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ। କୋପା ଆମେରିକା ଟୁର୍ନାମେଣ୍ଟର ୩ୟ ସ୍ଥାନ ଲାଗି ଅନୁଷ୍ଠିତ ଚିଲି ବିପକ୍ଷ ମ୍ୟାଚ୍‌ରେ ୩୭ତମ ମିନିଟ୍‌ରେ ମେସିଙ୍କୁ ରେଡ୍ କାର୍ଡ ପ୍ରଦାନ କରାଯାଇଥିଲା। ଏହି ଘଟଣା ଉପରେ ଦକ୍ଷିଣ ଆମେରିକୀୟ ଟୁର୍ନାମେଣ୍ଟ ପରିଚାଳନା ସଂସ୍ଥା ମଙ୍ଗଳବାର ଆଲୋଚନା କରି ମେସିଙ୍କୁ ପରବର୍ତ୍ତୀ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ବାସନ୍ଦ କରାଯିବା ନେଇ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତିରେ ମେସି ଆଣିଥିବା ଦୁର୍ନୀତି ଅଭିଯୋଗ ସମ୍ପର୍କରେ ଉଲ୍ଲେଖ ହୋଇନାହିଁ। ଦକ୍ଷିଣ ଆମେରିକାରେ ଯୋଗ୍ୟତା ପର୍ଯ୍ୟାୟ ଆଗାମୀ ମାର୍ଚ୍ଚରୁ ଆରମ୍ଭ ହେବ।

## ଖେଳରତ୍ନ ଲାଗି ହରଭଜନଙ୍କ ନାମ ଖାରଜ

ନୂଆଦିଲ୍ଲୀ,୨୪ା୭: ରାଜୀବ ଗାନ୍ଧୀ ଖେଳରତ୍ନ ସମ୍ମାନ ଲାଗି ପୂର୍ବତନ ଭାରତୀୟ ଅଫ୍ ସ୍ପିନର ହରଭଜନ ସିଂଙ୍କ ନାମକୁ ପଞ୍ଜାବ ସରକାର ପ୍ରସ୍ତାବ ଦେଇଥିଲା। ଟର୍ବୋନେଟର ଭାବେ ପରିଚିତ କ୍ରିକେଟରଙ୍କ ନାମ ସୁପାରିସ କରିବାରେ ପଞ୍ଜାବ ସରକାର ବିଳମ୍ବ କରିଛନ୍ତି। ଖେଳରତ୍ନ ପାଇଁ ଆବେଦନ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଏପ୍ରିଲ ୩୦ ତାରିଖକୁ ଶେଷଦିନ ଭାବେ ଧାର୍ଯ୍ୟ କରାଯାଇଥିଲା। ହେଲେ ପଞ୍ଜାବ ସରକାର ଜୁନ୍ ୨୫ରେ ନାମ ପଠାଇଥିଲେ। ଏଣୁ ହରଭଜନଙ୍କ ନାମ ତାଲିକାକୁ ନିଆଯାଇନାହିଁ। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚଳିତଥର ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ମହିଳା କ୍ରିକେଟର ପୁନମ ଯାଦବଙ୍କ ନାମକୁ ଅର୍ଜୁନ ସମ୍ମାନ ପାଇଁ ପ୍ରସ୍ତାବ ଦେଇଛି। ଏମାନଙ୍କ ମଧ୍ୟରୁ କେବଳ ୩ ଜଣଙ୍କୁ ସମ୍ମାନ ମିଳିବ। ତେବେ ଖେଳରତ୍ନ ଲାଗି ବିସିସିଆଇ ପକ୍ଷରୁ କୌଣସି ସୁପାରିସ କରାଯାଇନାହିଁ। ଉଲ୍ଲେଖଥାଉ କି, ଅନ୍ତିମ ଥର ୨୦୧୬ରେ ଜାତୀୟ ଦଳ ପାଇଁ ଖେଳିଥିବା ହରଭଜନଙ୍କ ନାମରେ ୪୧୭ ଟେଷ୍ଟ ଓ ୨୬୯ ଦିନିକିଆ ଉଇକେଟ ରହିଛି।

## ଶ୍ରୀକାନ୍ତଙ୍କୁ ପ୍ରଥମ ରାଉଣ୍ଡରେ ହରାଇଲେ ପ୍ରଣୟ

ଟୋକିଓ,୨୪ା୭- ଦେଶର ଅଗ୍ରଣୀ ପୁରୁଷ ସିଙ୍ଗଲ୍ସ ଶଟଲର କିଡାମ୍ବି ଶ୍ରୀକାନ୍ତ ଚଳିତ ବର୍ଷ ଫର୍ମ ସହ ସଂଘର୍ଷ କରୁଛନ୍ତି। ଏଠାରେ ଚାଲିଥିବା ଜାପାନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ସେ ଅନ୍ୟ ଭାରତୀୟ ଖେଳାଳି ଏଚ୍. ଏସ୍. ପ୍ରଣୟଙ୍କଠାରୁ ପରାସ୍ତ ହୋଇଛନ୍ତି। ସାଢ଼େ ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟର ପ୍ରଥମ ମୁକାବିଲାକୁ ପ୍ରଣୟ ୧୩-୨୧, ୨୧-୧୧, ୨୨-୨୦ ଗେମ୍‌ରେ ଜିତି ନେଇଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ଦୀର୍ଘ ଏକ ଘଣ୍ଟା ଧରି କଡ଼ା ସଂଘର୍ଷ ହୋଇଥିଲା। ୮ମ ସିଡ୍ ଶ୍ରୀକାନ୍ତ ୨୧-୧୩ ବ୍ୟବଧାନରେ ପ୍ରଥମ ଗେମ୍‌କୁ ଜିତି ନେଇଥିଲେ। ହେଲେ ଦ୍ୱିତୀୟ ଗେମ୍‌ରେ ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲେ। ଏହାପରେ ନିର୍ଣ୍ଣାୟକ ଗେମ୍‌ରେ ଦୁଇ ଖେଳାଳି ମ୍ୟାଚ୍ ହାତେଇବା ଲାଗି ବହୁ ଉଦ୍ୟମ କରିଥିଲେ। କିନ୍ତୁ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ବିଫଳ ହୋଇଥିଲେ। ପୂର୍ବରୁ ଉଭୟଙ୍କ ମଧ୍ୟରେ ୫ ଥର ମୁକାବିଲା ହୋଇଥିଲେ ହେଁ, ଶ୍ରୀକାନ୍ତ ୪ଥର ଜିତାପଟ ହାତେଇଥିଲେ।

# ଅଲିମ୍ପିକ୍ସ ଯୋଗ୍ୟତା ଉପରେ ଫୋକସ

ବେଙ୍ଗାଲୁରୁ, ୨୪ା୭(ପି.ଟି.)

୨୦୨୦ ଟୋକିଓ ଅଲିମ୍ପିକ୍ସ ଆସନ୍ତାବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ମହାକୁମ୍ଭ ଆରମ୍ଭ ହେବାପାଇଁ ଠିକ୍ ୧ ବର୍ଷ ବାକିଥିବାବେଳେ ଆରମ୍ଭ ହୋଇଯାଇଛି ଅବଗଣନା। ଅଲିମ୍ପିକ୍ସରେ ଉଭୟ ମହିଳା ଓ ପୁରୁଷ ଭାରତୀୟ ହକି ଦଳର ପ୍ରିଲିମିନାରି ରାଉଣ୍ଡ ଜୁଲାଇ ୨୫ରେ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ହକି ଦଳ ଅଲିମ୍ପିକ୍ସ ଯୋଗ୍ୟତା ଉପରେ ଫୋକସ କରିଛି।

“ଅଲିମ୍ପିକ୍ସ ଯୋଗ୍ୟତାକୁ ଆମେ ପ୍ରାଥମିକତା ଦେଉଛୁ। ତେଣୁ କ୍ୱାଲିଫାଇଂ ଇଭେଣ୍ଟ ଏବଂ ୨୦୨୦ ଅଲିମ୍ପିକ୍ସ ଆଉ କେତେଦିନ ରହିଲା ତା ଉପରେ ସ୍ୱାଭାବିକଭାବେ ଦୃଷ୍ଟି ରଖିଛୁ। ଏହାଦ୍ୱାରା ପ୍ରତି ଖେଳାଳି ନିଜ ଗେମ୍‌ରେ ଉନ୍ନତି ଆଣିବା ସହ ଦେଶପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ” ବୋଲି ପୁରୁଷ ଦଳର ଅଧିନାୟକ ମନପ୍ରୀତ ସିଂ ପ୍ରକାଶ କରିଛନ୍ତି। କେବଳ ଖେଳାଳିମାନେ ନୁହନ୍ତି କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ମାନେ ମଧ୍ୟ ଆମକୁ ଅଲିମ୍ପିକ୍ସ ସମ୍ପର୍କରେ ସଚେତନ କରାଉଛନ୍ତି ଏବଂ ଏହି ମେଗା ଇଭେଣ୍ଟ ପୂର୍ବରୁ ଆମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅଛି ବୋଲି ମନେ ପକାଇଦେଉଛନ୍ତି। ଦଳର ଦୁର୍ବଳ ଦିଗ ଉପରେ କାମ କରାଯାଉଛି। ଆଗାମୀ ଦିନରେ ହେବାକୁଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ, ବେଲଜିୟମ ଟୁର୍, ନଭେମ୍ବରରେ ହେବାକୁଥିବା କ୍ୱାଲିଫାଇଂ ଇଭେଣ୍ଟରେ ପ୍ରତିପକ୍ଷ ଦଳ ଉପରେ ନଜର ରଖି ମଧ୍ୟ ଆମେ ପ୍ରସ୍ତୁତ ହେଉଛୁ। ମୋଟାମୋଟି ଭାବେ ସବୁକିଛିକୁ ନଜରରେ ରଖାଯାଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି ଏବଂ




ଆମେ ଉନ୍ନତ ପ୍ରଦର୍ଶନ କରିବା ଦିଗରେ ଧ୍ୟାନ ଦେଉଛୁ ବୋଲି ମନପ୍ରୀତ କହିଛନ୍ତି। ଅଲିମ୍ପିକ୍ସ ବେଳକୁ ଖେଳାଳିମାନେ ଇଞ୍ଜୁରିମୁକ୍ତ ରହିବା ଗୁରୁତ୍ୱପୂର୍ଣ୍ଣ। ଖେଳାଳିମାନେ ବ୍ୟକ୍ତିଗତଭାବେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ମନପ୍ରୀତ ମତ ଦେଇଛନ୍ତି।

ଭାରତୀୟ ମହିଳା ଦଳର ଅଧିନାୟିକା ରାଣୀ ରାମପାଲ କିନ୍ତୁ ଦଳର ଅଲିମ୍ପିକ୍ସ ଯୋଗ୍ୟତା ହାସଲ ନେଇ ବେଶ୍ ଆଶାବାଦୀ। ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରି ଆମେ ୨୦୧୬ ରିଓ ଅଲିମ୍ପିକ୍ସ ଯୋଗ୍ୟତା ଆକସ୍ମିକ ନ ଥିଲା ବୋଲି ପ୍ରମାଣିତ କରିଦେବୁ ବୋଲି ସେ କହିଛନ୍ତି। “ଏଥିପାଇଁ ଆମେ ସମସ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରିଛୁ। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଆମର ଏକମାତ୍ର ଲକ୍ଷ୍ୟ” ବୋଲି ସେ କହିଛନ୍ତି। ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ଏକ ଆକସ୍ମିକ ଘଟଣା ନ ଥିଲା ବୋଲି ପ୍ରମାଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ମହିଳା ହକି ଦଳ ବଡ଼ ଟୁର୍ନାମେଣ୍ଟରେ ଭଲ ଫଳାଫଳ ପାଇପାରିବ ବୋଲି ପ୍ରଶଂସକମାନେ ଆଶା ରଖିଛନ୍ତି। ତେଣୁ ଆମକୁ ସେମାନଙ୍କ ଉପରେ ଭରସା ରଖିବାକୁ ହେବ ବୋଲି ରାଣୀ କହିଛନ୍ତି।

ନିକଟରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ସଫଳତା ପାଇଥିବା ଆଥଲେଟ୍ ହିମା ଦାସ ଓ ଦୂତୀ ଚାନ୍ଦଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ରାଣୀ। ବିଶ୍ୱସ୍ତରରେ ଏବେ ଭାରତୀୟ ମହିଳାମାନେ ଚମକ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ହିମା ପୋଲାଣ୍ଡ ଓ ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ବିଭିନ୍ନ ଇଭେଣ୍ଟରେ ୨୦ ଦିନ ମଧ୍ୟରେ ୨୦୦ ଓ ୪୦୦ ମିଟର ରେସ୍‌ରେ ୫ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ଦୂତୀ ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। “ଭାରତୀୟ ମହିଳା ଶକ୍ତିର ଉତ୍ଥାନ ହେଉଛି ଏବଂ ବିଶ୍ୱସ୍ତରରେ ଭାରତ ଆଗକୁ ବଢ଼ୁଛି ବୋଲି ହିମା ଓ ଦୂତୀ ପ୍ରମାଣିତ କରିଛନ୍ତି। ସେମାନଙ୍କ ପ୍ରଦର୍ଶନ ଆମକୁ ଉତ୍ସାହିତ କରିଛି। ଆଗାମୀ ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟରେ ସେପରି ପ୍ରଦର୍ଶନ କରିବା ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ” ବୋଲି ରାଣୀ କହିଛନ୍ତି।

**ଭାରତୀୟ ହକି**





ମନପ୍ରୀତ୍ ସିଂ ଓ ରାଣୀ ରାମପାଲ

# ଚର୍ଚ୍ଚାରେ ଧୋନୀଙ୍କ ୭ ନମ୍ବର ଜର୍ସି

ନୂଆଦିଲ୍ଲୀ,୨୪ା୭(ପି.ଟି.)

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ଟେଷ୍ଟ କ୍ରିକେଟକୁ ଅଧିକ ଲୋକପ୍ରିୟ କରିବା ଲାଗି ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଖେଳାଳିଙ୍କ ଜର୍ସିରେ ନାମ ଓ ନମ୍ବର ରହିବା ଲାଗି ନିଷ୍ପତ୍ତି ନେଇଛି। ଆସେସରୁ ଆରମ୍ଭ ହେବାକୁ ଥିବା ଏହି ଚାମ୍ପିୟନଶିପ ୨୦୨୧ ପର୍ଯ୍ୟନ୍ତ ଖେଳାଯିବ। ନିକଟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଉଥିବା ଭାରତୀୟ ଦଳ ସେଠାରେ ଘରୋଇ ଦଳ ବିପକ୍ଷରେ ୨ଟି ଟେଷ୍ଟ ଖେଳିବ। ଭାରତୀୟ ଟେଷ୍ଟ ଦଳରେ ମହେନ୍ଦ୍ର ସିଂ ଧୋନୀ ନାହାନ୍ତି। ତେଣୁ ତାଙ୍କର ଜର୍ସି ନଂ–୭କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଚାମ୍ପିୟନଶିପ ଅନ୍ତର୍ଗତ ଭାରତ ଏହାର ପ୍ରଥମ ମ୍ୟାଚ ଆସନ୍ତା ଅଗଷ୍ଟ ୨୨ରେ ୱେଷ୍ଟଇଣ୍ଡିଜ ବିରୋଧରେ ଖେଳିବ। ଆଣ୍ଟିଗୁଆରେ ହେବାକୁ ଥିବା ମ୍ୟାଚରେ ଭାରତୀୟ ଖେଳାଳିମାନେ ସେମାନଙ୍କର ଦିନିକିଆ ଓ ଟି୨୦ ଅନ୍ତର୍ଜାତୀୟରେ ଯେଉଁ ନମ୍ବରର ଜର୍ସି ପିନ୍ଧି ଖେଳୁଛନ୍ତି ସେହି ନମ୍ବର ଜର୍ସି ବ୍ୟବହାର କରିବାକୁ ଇଚ୍ଛା ପ୍ରକାଶ କରିଥିବା ସୂଚନା ମିଳିଛି। ସେହି କ୍ରମରେ ଅଧିନାୟକ ବିରାଟ କୋହଲି ୧୮ ନମ୍ବର ଓ ରୋହିତ ଶର୍ମା ୪୫ ନମ୍ବର ଜର୍ସି ପିନ୍ଧିବେ। ତେଣୁ ଅଧିକାଂଶ ଖେଳାଳି ସୀମିତ ଓଭର କ୍ରିକେଟ୍‌ରେ ଯେଉଁ ଜର୍ସି ନମ୍ବର ବ୍ୟବହାର କରୁଛନ୍ତି ଟେଷ୍ଟ କ୍ରିକେଟ୍‌ରେ ମଧ୍ୟ ସମାନ ଜର୍ସି ନମ୍ବରରେ ଖେଳିବେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନଂ–୧୦ ଜର୍ସିକୁ ବିସିସିଆଇ ଅନୌପଚାରିକ ଭାବେ ଅବସର ଦେଇଛି। ଫଳରେ କୌଣସି




ଭାରତୀୟ ଖେଳାଳି ଏହି ନମ୍ବରର ଜର୍ସି ପିନ୍ଧି ଖେଳିବେ ନାହିଁ। ତେବେ ଭାରତକୁ ଦିନିକିଆ ଓ ଟି୨୦ ବିଶ୍ୱକପ୍ ସହ ଚାମ୍ପିୟନ୍ସ ଟ୍ରଫି ବିଜୟୀ କରାଇପାରିଥିବା ପୂର୍ବତନ ଅଧିନାୟକ ଧୋନୀଙ୍କ ୭ନମ୍ବର ଜର୍ସି ଉପଲବ୍ଧ ଥିଲେ ହେଁ ଏହି ନମ୍ବର ଆଗାମୀ ଦିନରେ କୌଣସି ଖେଳାଳି ନିଜ ଜର୍ସିରେ ବ୍ୟବହାର କରିବା ଆଶା କ୍ଷୀଣ ରହିଛି ବୋଲି ଜଣେ ବରିଷ୍ଠ ବିସିସିଆଇ ଅଧିକାରୀ କହିଛନ୍ତି। ଭାରତର ଏହି ସଫଳତମ ଅଧିନାୟକ ୨୦୧୫ରୁ ଟେଷ୍ଟ କ୍ରିକେଟ୍ ଫର୍ମାଟରୁ ଅବସର ନେଇ ସାରିଥିବାବେଳେ ଦିନିକିଆ ଓ ଟି୨୦ ଫର୍ମାଟ କ୍ରିକେଟ୍ ଖେଳ ଜାରି ରଖିଛନ୍ତି। ତେଣୁ ଜର୍ସି ନଂ–୭ କେବଳ ଧୋନୀଙ୍କର, ତେଣୁ ଏହି ନମ୍ବର ଯଦି କେହି ବ୍ୟବହାର କରନ୍ତି ଲୋକେ ତାହାକୁ ସହଜରେ ଗ୍ରହଣ କରିବେ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ପୂର୍ବରୁ ସଚିନଙ୍କ ୧୦ ନମ୍ବର ଜର୍ସି ଶାର୍ଦ୍ଦୁଳ ଠାକୁର ପିନ୍ଧି ସମାଲୋଚିତ ହୋଇଥିବାରୁ ଧୋନୀଙ୍କ ୭ ନମ୍ବର ଜର୍ସି ଲାଗି ସେଭଳି କିଛି ଘଟଣା ଘଟିବାକୁ ବିସିସିଆଇ ଦେବ ନାହିଁ ବୋଲି ଅନୁମାନ କରାଯାଉଛି।

## ୟୁରୋ ହକି ଲିଗ୍‌ରେ ଖେଳିବେ ବାଲ୍ମୀକି, ହରଜିତ୍

ନୂଆଦିଲ୍ଲୀ,୨୪ା୭(ପିଟି)

ଭାରତୀୟ ହକି ଖେଳାଳି ଦେବିନ୍ଦର ବାଲ୍ମୀକି ଓ ହରଜିତ ସିଂଙ୍କ ସହ ଡଚ୍ କ୍ଲବ ଏଚ୍‌ଜିସି ୨୦୧୯–୨୦ ସିଜନ ଲାଗି ଚୁକ୍ତି କରିଛି। କ୍ଲବ ପକ୍ଷରୁ ଏମାନେ ଆଗାମୀ ୟୁରୋ ହକି ଲିଗ୍ ମ୍ୟାଚ୍‌ରେ ଖେଳିବେ। ଦୁଇ ମିଡ୍‌ଫିଲ୍ଡର ଏବେ ଜାତୀୟ ଦଳର ନିୟମିତ ସଦସ୍ୟ ନୁହନ୍ତି। ବାଲ୍ମୀକି ଓ ହରଜିତ ଅକ୍ଟୋବର ୪ ତାରିଖରେ ବାର୍ସିଲୋନାଠାରେ ଇଏଚ୍‌ଏଲ୍‌ରେ ପଦାର୍ପଣ କରିବେ। ୨୭ ବର୍ଷୀୟ ବାଲ୍ମୀକି ୨୦୧୬ ଅଲିମ୍ପିକ୍ସରେ ଖେଳିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ସେ ମୋଟ ୪୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେହିଭଳି ୨୩ ବର୍ଷୀୟ ହରଜିତ ଜୁନିୟର ଭାରତୀୟ ବିଶ୍ୱକପ୍ ଦଳର ଅଧିନାୟକ ଥିଲେ। ଜାତୀୟ ଦଳ ଲାଗି ସେ ୫୨ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଏହି କ୍ଲବର କୋଚ୍ ଦାୟିତ୍ୱରେ ଅଛନ୍ତି ପୂର୍ବତନ ଭାରତୀୟ କୋଚ୍ ପଲ ଭାନ ଆସ। ୨୦୧୫ରେ ତାଙ୍କୁ ୩ ବର୍ଷ ଲାଗି ନିଯୁକ୍ତ କରାଯାଇଥିଲା। ହେଲେ ହକି ଇଣ୍ଡିଆ ମୁଖ୍ୟ ନରିନ୍ଦର ବାତ୍ରାଙ୍କ ସହ ଝଗଡ଼ା ଯୋଗୁ ତାଙ୍କୁ କିଛି ମାସ ମଧ୍ୟରେ ପଦତ୍ୟାଗ କରିବାକୁ ପଡ଼ିଥିଲା।

# ଗିଲ୍ ବାଦ୍ ପଡ଼ିବା ନେଇ ପ୍ରଶ୍ନ ଉଠାଇଲେ ଗାଙ୍ଗୁଲି

ନୂଆଦିଲ୍ଲୀ,୨୪ା୭

ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଘୋଷିତ ଭାରତୀୟ ଦିନିକିଆ ଦଳରୁ ଭେଟେରାନ ଅଜିଙ୍କ୍ୟ ରାହାନେ ଓ ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ବାଦ୍ ପଡ଼ିବା ଉପରେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବୁଧବାର ପ୍ରଶ୍ନ ଉଠାଇଛନ୍ତି। ଚୟନ କମିଟି ସେମାନଙ୍କ ନୀତି ବଜାୟ ରଖୁ ନ ଥିବା ସେ କହିଛନ୍ତି। କ୍ରମାଗତ ପ୍ରଦର୍ଶନ କରିପାରୁ ନ ଥିବା କେଦାର ଯାଦବଙ୍କ ଦଳରେ ସ୍ଥାନ ବଜାୟ ରହିଥିବାବେଳେ ୱେଷ୍ଟଇଣ୍ଡିଜ୍ ଏ’ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଅନ୍ ଅଫିସିଆଲ ସିରିଜ୍‌ରେ ସର୍ବାଧିକ ୨୧୮ ରନ୍ କରି ମ୍ୟାନ୍ ଅଫ୍ ଦ ସିରିଜ୍ ହୋଇଥିବା ଗିଲଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଟୁଇଟର ଜରିଆରେ ଗାଙ୍ଗୁଲି କହିଛନ୍ତି, ସମସ୍ତ ଫର୍ମାଟ ଲାଗି ସମାନ ଖେଳାଳିଙ୍କୁ ଦଳରେ ସାମିଲ କରିବାର ସମୟ ଆସିଯାଇଛି। ଏହା ଦ୍ୱାରା ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବହୁ କମ୍ ଖେଳାଳି ୩ ଫର୍ମାଟରେ ଖେଳୁଛନ୍ତି। ବଡ଼ ଦଳଗୁଡ଼ିକରେ କ୍ରମାଗତ ସମସ୍ତ ଫର୍ମାଟରେ ଖେଳୁଥିବା ଖେଳାଳି ରହିଥାନ୍ତି। ଚୟନକର୍ତ୍ତାଙ୍କ ମୁଖ୍ୟ ଦାୟିତ୍ୱ ଲୋକଙ୍କୁ ଖୁସି କରିବା ନୁହେଁ ଦେଶ ଲାଗି ଶ୍ରେଷ୍ଠ ଦଳ ଚୟନ କରିବା। ଏହାର



ପରବର୍ତ୍ତୀ ଟୁଇଟ୍‌ରେ ଗିଲ ଓ ରାହାନେ ଦିନିକିଆ ଦଳରେ ସ୍ଥାନ ନ ପାଇବା ଲାଗି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗିଲ ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଦଳରେ ସ୍ଥାନ ପାଇ ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ଏମ୍‌ଏସ୍‌କେ ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚୟନ କମିଟି ଟି୨୦, ଦିନିକିଆ ଓ ଟେଷ୍ଟ ସିରିଜ୍ ଲାଗି ରବିବାର ଦଳ ଘୋଷଣା କରିଥିଲା। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ବିରାଟ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ୩ ଫର୍ମାଟ ଲାଗି ଘୋଷିତ ଦଳରେ ସ୍ଥାନ ପାଇନାହାନ୍ତି।

# କୁଳସେକରାଙ୍କ ଅବସର

କଲମ୍ବୋ,୨୪ା୭

ଶ୍ରୀଲଙ୍କା ବୋଲର ନୁଆନ କୁଳସେକରା ବୁଧବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। କିମ୍ବଦନ୍ତୀ ପେସର ଲସିଥ ମାଲିଙ୍ଗା ବାଂଲାଦେଶ ବିପକ୍ଷ ପ୍ରଥମ ଦିନିକିଆରୁ ଅବସର ନେବା ଲାଗି ଇଚ୍ଛା ପ୍ରକାଶ କରିବା ପରେ କୁଳସେକରା ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପେସର ୧୯୯ ଉଇକେଟ ସହ କ୍ୟାରିୟର ଶେଷ କରିଛନ୍ତି। ଶ୍ରୀଲଙ୍କା ପାଇଁ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ମଧ୍ୟରେ ସେ ୫ମ ସ୍ଥାନରେ ରହିଛନ୍ତି। ଭେଟେରାନ ପେସର ୨୦୧୩ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆରେ ୨୨ ରନ୍ ବିନିମୟରେ ୫ ଉଇକେଟ



ନେଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଷ୍ପେଲ। ୨୦୦୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା କୁଳସେକରା ୨୦୧୭ରେ ଅନ୍ତିମ ଥର ଦିନିକିଆ କ୍ରିକେଟ ଖେଳିଥିଲେ। ସେ ଜଣେ ଦକ୍ଷ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ମଧ୍ୟ। ୨୦୦୫ରେ ଅନ୍ତର୍ଜାତୀୟ ଟେଷ୍ଟ ଖେଳ ଆରମ୍ଭ କରିଥିବା ବୋଲରଙ୍କ ନାମରେ ଲମ୍ବା ଫର୍ମାଟରେ ୪୮ ଉଇକେଟ ରହିଛି। ଟି୨୦ ଫର୍ମାଟ୍‌ରେ ସେ ୬୬ ଉଇକେଟ ସହ ଶ୍ରୀଲଙ୍କା ଲାଗି ଯୁଗ୍ମ ଦ୍ୱିତୀୟ ସର୍ବାଧିକ ଉଇକେଟ ନେଇଥିବା ବୋଲର। ସେ ୨୦୧୪ ଟି୨୦ ଚାମ୍ପିୟନ ଦଳର ମଧ୍ୟ ସଦସ୍ୟ ଥିଲେ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ




For Institutional/Bulk orders, please send an e-mail to corporatesales@bajajauto.co.in | *Ex-showroom Price Odisha drum variant. #Down payment excluding the processing fee. Finance at the sole discretion of financier at dealership. Terms & Conditions apply.

**Authorised Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008. **Authorised Service Centre:** Binika 9437151684, Dunguripali 9937006819, Boudh 7504990900, , Kuchinda 9437392099, Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018 , Barpali 9861368656, Junagarh 9437092196, Muniguda 9437459090, Rajkhariar 9437072917, Udyanbandh 9556386416, Khariar Road 9437188542, Brajrajnagar 9437050949, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, , Rajgangpur 8908908901, Ujjwalpur 9178463828, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632.




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

| SKY AUTOMOBILES | ODYSSEY MOTORS | ORBIT MOTORS | LEGEND CARS |
|---|---|---|---|
| BERHAMPUR: CALL: 7381261000. | SAMBALPUR: CALL: 9439018805. BOLANGIR: CALL: 9438068327. BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356. JHARSUGUDA: CALL: 9439892153. BOUDH: CALL: 8594908009. | ROURKELA: CALL: 9040404444, 9040404333. SUNDARGARH: CALL: 9437049161. DEOGARH: CALL: 9437492369. | JEYPORE: CALL: 7894442915. BHAWANIPATNA: CALL: 7894442907. |

*Offer includes consumer offer, exchange bonus (wherever applicable) on Swift Diesel (all variants), Vitara Brezza (all variants) and Dzire Diesel (all variants). Terms and conditions apply. Offers may vary from city to city and variant to variant for all models. Colors shown may vary from actual body color due to printing on paper. Images used are for illustration purposes only. ^Customer who buys Maruti Suzuki Car (Swift or Brezza) within the period of 16th July to 31st July, 2019 shall be entitled for Gold Coin (22K) or MGA/ Gift Cheque as per the applicable model (Over and Above Consumer offers as applicable). Gold Coin shall be handed over on the date of delivery only. Cost of 2gm Gold Coin has been calculated at current applicable rate of ₹33,000/10gm. In case of any fluctuations in pricing, offer cannot exceed the amount of ₹3,300 per gm. Offers valid till 31st July 2019.

## ସଂକ୍ଷେପରେ

### ଚାକିରି ଛାଡ଼ିଥିବା ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ନବରଙ୍ଗପୁର,୨୪।୭(ବି.ପ୍ର.)**

ଶିକ୍ଷକ ଚାକିରି ଛାଡିଥିବା ନବରଙ୍ଗପୁରର ସୁବ୍ରତ (ରିନ୍ତୁ)ଚୌଧୁରୀଙ୍କ ଘରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଆୟବର୍ହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସୁବ୍ରତଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ସୁବ୍ରତ ଜିଲାପରିଷଦ ଶିକ୍ଷକଭାବେ ମୁଣ୍ଡଗଡ ପିୟୁପିଏସ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ଗତ ୩ ମାସ ତଳେ ସେ ଚାକିରିରୁ ଇସ୍ତଫା ଦେଇଛନ୍ତି। ସୁବ୍ରତଙ୍କ ନବରଙ୍ଗପୁର ସ୍ଥିତ ଆରକେ କଲୋନୀରେ ଦୁଇ ମହଲା ପୈତୃକ ବାସଭବନ, ଏଚଡିଏଫସି ବ୍ୟାଙ୍କ ନିକଟରେ ଥିବା ୪ ମହଲା କୋଠା, ନନ୍ଦାହାଣ୍ଡି ବ୍ଲକ ରଙ୍ଗମାଟିଗୁଡା ଠାରେ ଦୁଇ ମହଲା ବିଶିଷ୍ଟ ୨ଟି ଘର, ନୂଆ ଚର୍ଚ୍ଚ ନିକଟରେ ଦୁଇ ମହଲା କୋଠା, ନୂଆବନ୍ଧ ସାହି ଠାରେ ନିର୍ମାଣାଧିନ ୨ ମହଲା କୋଠା ରହିଥିବା ଚଢାଉ ବେଳେ ଜଣାପଡିଛି। ସେହିଭଳି ସହରର ମୁଖ୍ୟ ରାସ୍ତା ତଥା ୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ସନ୍ତୋଷୀ ଇନଫୋଟେକ କମ୍ପ୍ୟୁଟର ସେଣ୍ଟରକୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଠାବ କରାଯାଇ ତାହାର ଆକଳନ କରାଯାଇଛି।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

# ଭାଗନେବେ ୪୨ ପରେଡ୍ ଗ୍ରୁପ୍

**ସୋନପୁର,୨୪।୭(ନି.ପ୍ର.)**


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଜିଲାପାଳ, ଜିଲା ପରିଷଦ ଅଧ୍ୟକ୍ଷା, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ପ୍ରମୁଖ ।

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୧୯ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ପ୍ରତିବର୍ଷ ଭଳି ପ୍ରତ୍ୟୁଷରେ ସହରର ମୁଖ୍ୟ ରାସ୍ତାରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପ୍ରଚାର କରାଯିବ । ସକାଳେ ସମସ୍ତ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ନିଜ ଅଞ୍ଚଳରେ ପ୍ରଭାତଫେରି କରିବା ସହ ୮ଟାରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କୋଠାବାଡିଗୁଡିକରେ ଜାତୀୟ ପତାକା ଉତ୍ତୋଳନ ହେବ । ରାମେଶ୍ୱର ସ୍ଥିତ ଷ୍ଟାଡିୟମଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେବେ । ଏଥିରେ ଆରକ୍ଷୀ ବିଭାଗର ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ ସ୍କୁଲ, କଲେଜ, ଏନ୍‌ସିସି ଦଳ ଓ ଅଣ ଏନ୍‌ସିସି ଦଳଗୁଡିକ ସମେତ ମୋଟ ୪୨ଟି ଗ୍ରୁପ୍ ପରେଡ୍‌ରେ ଭାଗ ନେବେ । ପୂର୍ବ ବର୍ଷ ଭଳି ପ୍ରଜ୍ଞାପନ ମେଢ କରାଯିବ । ଏଥିରେ କୃଷି, ସ୍ୱାସ୍ଥ୍ୟ, ଜିଲା ଶିଶୁ ସୁରକ୍ଷା, ଉଦ୍ୟାନ ବିଭାଗ ଭଳି ବିଭିନ୍ନ ବିଭାଗର ସଫଳତା ବାର୍ତ୍ତା ରହିବ । ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପଡ଼ିଆରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶେଷ୍ଠ ଦଳ, ଶ୍ରେଷ୍ଠ ପୌର/ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବ। ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ, କାରାଗାରର ଅନ୍ତେବାସୀ ଓ ଅନାଥାଶ୍ରମର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ମଧ୍ୟାହ୍ନରେ କୁଷ୍ଠରୋଗୀଙ୍କୁ ରନ୍ଧାଖାଦ୍ୟ ଓ ବସ୍ତ୍ର ବଣ୍ଟନ ସହିତ ସହରରେ ସାମୂହିକ ବୃକ୍ଷରୋପଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଡିଏଫଓ ସୁଶାନ୍ତ କୁମାର ସାମନ୍ତରା, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା, ଡିଏସ୍‌ପି ଡିଆଇବି ମନୋରଞ୍ଜନ ପ୍ରଧାନ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା, ଜିଲା କୃଷି ଉପନିର୍ଦ୍ଦେଶକ ସନ୍ତୋଷ ଜେନା, ଜିଲା ସମାଜ ମଙ୍ଗଳ ଅଧିକାରୀ ଅସ୍ତ୍ରେରିଆ କେର୍କେଟା, ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ, ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା, ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ହରିଚରଣ ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ସହିତ ଗତବର୍ଷର ବିବରଣୀ ପାଠ କରିଥିଲେ। ବିଦ୍ୟାପତି ପଣ୍ଡା ସଭାକୁ ସଂଯୋଜନା କରିଥିଲେ ।

## ଅପପୁଷ୍ଟି ଦୂରକରିବ ପୁଷ୍ଟିବଗିଚା



ଜିଲାପାଳ କୃଷି ମିତ୍ରମାନଙ୍କୁ ପୁଷ୍ଟି ବଗିଚା ସମ୍ପର୍କରେ ତାଲିମ ପ୍ରଦାନ କରୁଛନ୍ତି ।

**ସୋନପୁର,୨୪।୭(ନି.ପ୍ର.)**

ପୁଷ୍ଟି ବଗିଚା କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲାରେ ବ୍ୟାପକ କରାଯିବ। ଲୋକେ ନିଜ ବାଡିରେ ଜୈବିକ ପଦ୍ଧତିରେ ପନିପରିବା ଓ ବିଭିନ୍ନ ପ୍ରକାର ଶାଗ ଉତ୍ପାଦନ କରିବେ। ଏହାଦ୍ୱାରା ପରିବାରର ଚାହିଦା ପୂରଣ ସହିତ ଅର୍ଥ ସଞ୍ଚୟ ହୋଇପାରିବ। ପୁଷ୍ଟି ବଗିଚାର ସବୁଜ ପନିପରିବା ଜିଲାର ଅପପୁଷ୍ଟି ଦୂର କରିବ । ଏହା ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁ ହାର ହ୍ରାସ ପାଇବ ବୋଲି ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଆଶା ପ୍ରକାଶ କରିଛନ୍ତି । ଡିଆର୍‌ଡିଏ ସଭାଗୃହରେ ଅନୁଷ୍ଠିତ କୃଷି ମିତ୍ର ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଏହି ମତବ୍ୟକ୍ତ କରିଛନ୍ତି। ଜିଲାପାଳ ଆହୁରି କହିଥିଲେ ଯେ, ନିଜ ବାଡିରେ ମାତ୍ର ୨ ଡେସିମିଲ ଜାଗାରେ ପୁଷ୍ଟି ବଗିଚା କରାଯାଇପାରିବ। ଲୋକେ ନିଜ ପରିବାର ପାଇଁ ବଗିଚା କରିବେ, ଏଥିପାଇଁ ସରକାର ୧ ହଜାର ଟଙ୍କାର ସହାୟତା ଯୋଗାଇଦେବେ। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆର୍‌ଡିଏ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ନୂଆ ଯୋଜନା ଏକ ଭଲ ପଦକ୍ଷେପ। କୃଷି ମିତ୍ରମାନେ ଏଠାରୁ ତାଲିମ ନେଇ ନିଜ ବାଡିରେ ଲେମ୍ବୁ, ଅମୃତ ଭଣ୍ଡା, ସଜନା, କଦଳୀ, ବିଭିନ୍ନ ପ୍ରକାରର ଶାଗ ଓ ପନିପରିବା ଚାଷ କରିବେ। ଚଳିତ ବର୍ଷ ଜିଲାର ୧୫୦୦ଲୋକଙ୍କୁ ଏଭଳି ସହାୟତା ପ୍ରଦାନର ଲକ୍ଷ୍ୟ ଥିବା ପଣ୍ଡା କହିଥିଲେ । ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ଯୁବରାଜ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ପୁଷ୍ଟି ବଗିଚା ଗ୍ରାମାଞ୍ଚଳର ମହିଳାମାନଙ୍କ ପୁଷ୍ଟି ବଢାଇବ ବୋଲି କହିଥିଲେ । ଡିଆର୍‌ଡିଏର ଏପିଡି ପ୍ରଶିକ୍ଷଣ ଶୈବାଳିନୀ ପଟ୍ଟନାୟକ, ଯୁବ ପ୍ରଫେସନାଲ ଐଶର୍ଯ୍ୟା ବରାଳ, ସାଧନକର୍ମୀ ରମାକାନ୍ତ ଜେନା ତାଲିମ ପ୍ରଦାନ କରିଥିଲେ। ୩ଦିନ ଧରି ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପଞ୍ଚାୟତର କୃଷି ମିତ୍ର ଅଂଶଗ୍ରହଣ କରିଥିଲେ । ଏଫଆଇସି ସୋମନାଥ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ଡିଆର୍‌ଡିଏ ଅଫିସ ପରିସରରେ ନିର୍ମିତ ପୁଷ୍ଟି ବଗିଚାକୁ ଜିଲାପାଳ ବାନାର୍ଜୀ ଓ ଅତିରିକ୍ତ ଜିଲାପାଳ ପଣ୍ଡା ବୁଲି ଦେଖିଥିଲେ ।

# ବିଡିଓ ଦେଲେ ପ୍ରତିଶ୍ରୁତି :ରୋହିଣୀଙ୍କୁ ମିଳିବ ବିଜୁ ପକ୍କାଘର ଯୋଜନାରେ ଘର

**ସୋନପୁର,୨୪।୭(ନି.ପ୍ର.)**

**ଧରିତ୍ରୀ ପ୍ରଭାବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡଲିପାଲି ଗ୍ରାମର ଅସହାୟ ରୋହିଣୀ ପାତ୍ର(୩୫)ଙ୍କୁ ପ୍ରଶାସନ ସହାୟତାର ହାତ ବଢାଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ବିଜୁ ପକ୍କା ଘର ସ୍ୱତନ୍ତ୍ର ଯୋଜନାରେ ରୋହିଣୀଙ୍କୁ ପ୍ରାଥମିକତା ଦିଆଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତାଙ୍କୁ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଏବଂ ପୁନର୍ବାସ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁପାରିଶ କରାଯାଇଛି ବୋଲି ବୀରମହାରାଜପୁର ବିଡିଓ ନିରଞ୍ଜନ ନାଏକ ଧରିତ୍ରୀକୁ ସୂଚନା ଦେଇଛନ୍ତି। ମଧୁବାବୁ ପେନସନ ଯୋଜନାରେ ରୋହିଣୀଙ୍କୁ ମାସିକ ୫୦୦ଟଙ୍କା ବିଧବା ଭତ୍ତା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୨୦ କିଲୋ ଚାଉଳ ମିଳୁଛି । ସେହିପରି ରୋଜଗାରକ୍ଷମ ସ୍ୱାମୀଙ୍କ ମୃତ୍ୟୁ ଯୋଗୁଁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିଛି। କିନ୍ତୁ ଏସଇସିସି ତାଲିକାରେ ରୋହିଣୀଙ୍କ ନାମ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଘର ମିଳୁ ନ ଥିଲା । ସୂଚନାଯୋଗ୍ୟ, ରୋହିଣୀଙ୍କ ପରିବାରକୁ ଭଗବାନ ଭରସା ଶୀର୍ଷକ ଖବର ଗତ ୧୬ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା । ପ୍ରକାଶିତ ଖବରକୁ ନେଇ ସହାୟତା ଯୋଗାଇ ଦେବାକୁ ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ସମ୍ପାଦକ ଚିଠି ଲେଖିଥିଲେ । ଡିଏଲଏସଏ ସମ୍ପାଦକ ସୀମା ତ୍ରିପାଠୀ ବୀରମହାରାଜପୁର ବିଡିଓ ଓ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ । ସରକାରୀ ଯୋଜନାରେ ଘର ଓ ପିଲାଙ୍କ ପାଠ ପଢା ବ୍ୟବସ୍ଥା କରିବାକୁ ଚିଠିରେ ଉଲ୍ଲେଖ କରିଥିଲେ। ରୋହିଣୀଙ୍କ ବଡ ଝିଅ ଝୁମି ପାତ୍ର(୧୮) ସ୍ଥାନୀୟ କାଦୋବର କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ପାଠ ପଢୁଛନ୍ତି । ଦ୍ୱିତୀୟ ଝିଅ ସତ୍ୟବତୀ(୧୫) ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବେ । ପୁଅ ଦୁଷ୍ମନ୍ତ(୧୧) ଷଷ୍ଠ ଶ୍ରେଣୀରେ ଓ ସାନ ପୁଅ ଆଶିର୍ବାଦ(୩) ସ୍ଥାନୀୟ ଅଙ୍ଗନୱାଡିକୁ ଯାଉଛି । ତେଣୁ ଝୁମିଙ୍କୁ ପୃଷ୍ଠପୋଷକତା, ସତ୍ୟବତୀ ଓ ଦୁଷ୍ମନ୍ତଙ୍କୁ ଅନୁଷ୍ଠାନରେ ରହି ପାଠ ପଢିବାର ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନ ଉଦ୍ୟମ କରୁଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଏହି ସୂଚନା ଦେଇଛନ୍ତି। ଜିଲା ପ୍ରଶାସନର ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ସୁପାରିସ

## ନାରୀ ନିର୍ଯାତନା ପ୍ରତିବାଦରେ କଂଗ୍ରେସର ଧାରଣା

**ସୋନପୁର,୨୪।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା । ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଗଣ ବଳାତ୍କାର ବୃଦ୍ଧି ତଥା ବିଧାନସଭାରେ ଭୁଲ ତଥ୍ୟ ପ୍ରଦାନ ପ୍ରତିବାଦରେ ନେତୃବୃନ୍ଦ ଧାରଣାରେ ବସିଥିଲେ। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ ନେତା ଗୌରିଶ୍ୟାମ ପଣ୍ଡା, ଟାଉନ ସଭାପତି ସୁଧୀର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବରୁଣ ସୁନା, ମହମ୍ମଦ ଇମ୍ରାନ, ଲଛମନ ସିଂ, ରାଜେନ୍ଦ୍ର ପ୍ରସାଦ ମେହେର, ତରଣୀ ବାରିକ, ରାଜା ମିଶ୍ର, ରାଜେନ୍ଦ୍ର ନାଗ, ମହମ୍ମଦ ହୁସେନ, ନିମାଇଁ ଚରଣ ପାଣିଗ୍ରାହୀ ଓ ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଧାରଣା ଦେଇଥିଲେ ।

### ସୋନପୁର ପ୍ରିମିୟର ଫୁଟବଲ ଲିଗ୍ ଉଦ୍‌ଘାଟିତ

# ସୁରେଶ୍ୱରୀ ୱାରିୟର୍ସ ବିଜୟୀ



ଅତିଥି ଓ ରେଫେରିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

**ସୋନପୁର,୨୪।୭(ନି.ପ୍ର.)**

ସୋନପୁର ପ୍ରିମିୟର ଫୁଟବଲ ଲିଗ୍ ୨୦୧୯ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ କଲେଜ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍ ସୁରେଶ୍ୱରୀ ୱାରିୟର୍ସ ଓ ରୟାଲ ଟାଇଗର୍ସ ମଧ୍ୟରେ ହୋଇଥିଲା। ସୁରେଶ୍ୱରୀ ୱାରିୟର୍ସ ୩-୨ ଗୋଲରେ ବିଜୟୀ ହୋଇଛି । ବିଜୟୀ ଦଳର ପ୍ରିନ୍ସ କ୍ଷେତ୍ରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ରାଜେଶ ଥନାପତି, ସିଦ୍ଧାନ୍ତ ପାତ୍ର, ପ୍ରମୋଦ ପଟେଲ, ସୁଦାମ ଜଗଦଲା ଓ ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ଶରତ ନନ୍ଦ, ପ୍ରାକ୍ତନ ନଗରପାଳ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଭ୍ୟ ପ୍ରକାଶ ସାହୁ, ସୁବର୍ଣ୍ଣପୁର ଜିଲା କନେଷ୍ଟବଳ ହାବିଲଦାର ସଂଘର ସଭାପତି କୁମୁଦ ରଞ୍ଜନ ମେହେର ଓ ସଂଘର ପ୍ରାକ୍ତନ ସଭାପତି ସନତ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାକେଶ ନାଗ ସଭାକୁ ସଂଯୋଜନା କରିଥିଲେ । ବୁଢୀ ସମଲେଇ ଫୁଟବଲ କ୍ଲବ ଓ ଟିମ୍ ଓନରର ଶିଶିର ମହାନ୍ତି, ଆଦିତ୍ୟ ଦାନୀ ଓ ଭବାନୀ ପାଢୀଙ୍କ ପକ୍ଷରୁ ଏହି ଲିଗ୍ ଆୟୋଜନ ହେଉଛି । ବିଏସ୍‌ଏଫ କ୍ଲବର ସଭାପତି ରାଜୀବ ପଟ୍ଟନାୟକ, ଶଙ୍କର୍ଷଣ ପଟ୍ଟନାୟକ ଓ ରବି ପଟ୍ଟନାୟକ ଖେଳ ଆୟୋଜନରେ ସହଯୋଗ କରିଥିଲେ।

### ଢାବାରୁ ଦେଶୀ, ବିଦେଶୀ ମଦ ଜବତ : ୨ ଗିରଫ

ସୋନପୁର,୨୪।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଶରଧାପାଲି ଢାବାରେ ବୁଧବାର ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଏବଂ ଏକ ଫ୍ରିଜ୍ ଜବତ କରିଥିଲେ। ବିଭିନ୍ନ କମ୍ପାନୀର ୮.୦୫୫ଲିଟର ବିଦେଶୀ ମଦ, ୧୪.୩୦୦ ଲିଟର ବିଅର ଓ ୫୨ଲିଟର ଦେଶୀ ମଦ ଜବତ ହୋଇଛି । ଅବକାରୀ ବିଭାଗ ଢାବା ମାଲିକ ତ୍ରିପୁରାରୀ ପଧାନ ଓ କର୍ମଚାରୀ ପରିକ୍ଷିତ ପଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ଅଧିକ୍ଷକ ସାମୁଏଲ ଏକ୍କାଙ୍କ ନେତୃତ୍ୱରେ ମୋବାଇଲ ଟିମ୍‌ର ଏସ୍‌ଆଇ ରମ୍ଭା ବାଗ, କନେଷ୍ଟବଳ ପ୍ରଦୀପ କୁମାର ରଥ, ପିଣ୍ଟୁ ସାହୁ ଓ ନନ୍ଦି କର୍ମୀ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

**OFFICE OF THE DISTRICT EDUCATION OFFICER, GAJAPATI, PARALAKHEMUNDI**

**No.4615/OAVS-30** ADVERTISEMENT **Date.23.07.2019**

Applications are invited from interested eligible candidates for engagement as Wardern & Asst. Cook in different Girls Hostel of Odisha Adarsha Vidyalayas under Gajapati District on contractual basis, The total Nos. of posts to be filled up, eligible criteria, age limit, remuneration of the each posts vacancy position and guideline etc. is uploaded in the District website i.e. www.gajapati.nic.in & displayed in Notice Board of all OAVs/BEOs, & Collectorate/DEO/DPC, Gajapati for wide publication. The application must be sent to the concerned **Principals of Odisha Adarsha Vidyalaya** under Gajapati District through **Speed Post or Registered Post** only. The last date of receipt of the application form is 07.08.2019 during office hour.Sd./- Collector & District Magistrate, Gajapati

**OFFICE OF THE DISTRICT & SESSIONS JUDGE, ANGUL**
**DRAFT ADVERTISEMENT NO.01 OF 2019**
**Dated:-24.07.2019**
**(For the post of Jr.Clerk-cum-Copyist, Jr. Typist and Stenographer Grade-III.)**

No.: 12-W: Applications in the prescribed format are invited from the eligible candidates for filling up the posts of Jr. Clerk-cum-Copyist, in the scale of pay (Level 4 Rs.19,900/- 63,200/-), Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/- 81,100/-) with usual D.A. and other allowances, as admissible to the State Government employees from time to time as per the ORSP Rules, 2017 on regular basis subject to the result of W.P© No.1273 of 2014 of the Hon'ble Court. **The last date of receipt of application is fixed to 26.08.2019 by 5.00 P.M**.

For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website **https://districts.ecourts.gov.in/angul** or **https://angul.nic.in/**.

**Sd./- Chairman-cum-District Judge**
18012/11/0002/1920 **Recruitment Committee, Angul**

**OFFICE OF THE RUKMINI LATH BALNIKETAN, CHHANCHANPALI SAMBALPUR**
***No.68/CCI*** ***Dt.23.07.2019***

Applications are invited from eligible candidates in prescribed application form for engagement of different contractual posts for the Child Care Institution namely Rukmini Lath Bal Niketan, Chhanchanpali (registered under JJ(C & PC) Act). The engagement is purely contractual basis and the selection of candidate shall be made on the basis of mark. It is to inform that the candidates who are engaged for said posts are not Government Staffs, the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official Website www.sambalpur.nic.in. Interested candidates may apply in the prescribed format to ***the District Child Protection Officer, 2nd Floor Collectorate, Sambalpur*** by mentioning the post Registered post /Speed post only to be received during the office hours on or before 02.08.2019 by 5 P.M. The envelope containing the application should be superscribed in bold letters "Application for the post of ......( the name of the post for which you are applying) in Rukmini Lath Bal Niketan" on the top of the envelope to distinguish it from common dark. Incomplete application and application received after due date shall be rejected. The undersigned reserves the right to cancel any or all the application received/ under process without assigning any reason thereof. The undersigned will not be responsible for any postal delay.

**Sd./- Chairman**
**Rukmini Lath Balniketan**
**Chhanchanpali, Sambalpur**

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 324 OF 2018**

**Syndicate Bank, Sikharpur Branch, Nayagarh ...Applicant**
**AND**
**M/s. Jagannath Printing and Book Binding Unit & others ...Defendants**

To,
1. **M/s. Jagannath Printing and Book Binding Unit,** represented through its Proprietor Sri Harihar Moharana, At/P.O.: Sikharpur, P.S.: Saranakula, Dist.: Nayagarh, PIN-752080.
2. **Harihar Moharana,** S/o- Narayan Moharana, At/P.O.: Sikharpur, Via: Saranakul, Dist.: Nayagarh.
3. **Mrs. Pranati Moharana,** W/o- Harihara Moharana, At/P.O.: Sikharpur, Via: Saranakul, Dist.: Nayagarh.
4. **Narayan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
5. **Mukund Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
6. **Karan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 324/2018** in the Court of Debts Recovery Tribunal at Cuttack for a recovery of **Rs.49,81,543.94** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **06th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of July 2019.**

**Sd/- Registrar**
**Debts Recovery Tribunal**

**ଓଡ଼ିଶା ସାହିତ୍ୟ ଏକାଡେମୀ**
**ସଂସ୍କୃତି ଭବନ, ଭୁବନେଶ୍ୱର-୧୪**
**ଏକାଡେମୀ ସ୍ୱନକ୍ଷତ୍ର ଦିବସ**

**ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ୨୫ ଜୁଲାଇ ୨୦୧୯,ଗୁରୁବାର ସନ୍ଧ୍ୟା : ୬.୦୦ ଘଟିକା**

**ଉଦ୍‌ଘାଟକ** — **ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ,ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ମୁଖ୍ୟଅତିଥି** — **ଶ୍ରୀ ସାତକଡି ହୋତା**
ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

**ବିଶିଷ୍ଟ ଅତିଥି** — **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ସମ୍ମାନନୀୟ ଅତିଥି** — **ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ସଭାମୁଖ୍ୟ** — **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଅନୁବାଦ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ।

ଉକ୍ତ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ ।

ବି.ଦ୍ର: ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ଉନ୍ମୋଚନ

**ଜୟନ୍ତୀ ରଥ**
**ସଚିବ**
**ଓଡ଼ିଶା ସାହିତ୍ୟ ଏକାଡେମୀ**

**ବ୍ୟକ୍ତିଗତ ସୂଚନା**

ଏତଦ୍ୱାରା ନିମ୍ନଲିଖିତ ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କୁ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର ସମ୍ପର୍କରେ ତା୦୬।୦୭।୧୯ରିଖରେ ''ଜିଲ୍ଲାପାଳ-ନୟାଗଡ଼''ଙ୍କର କାର୍ଯ୍ୟାଳୟରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ସମ୍ପର୍କରେ ମତାମତ ପ୍ରଦାନ କରିବାକୁ ଜଣାଇ ଦିଆଯାଇଥିଲା। ମାତ୍ର ଆପଣମାନେ ଉକ୍ତ ଦିନଟିରେ ଅନୁପସ୍ଥିତ ରହିଥିଲେ।

| କ୍ର. ନଂ. | ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କର ନାମ | ବିଦ୍ୟାଳୟ ଏବଂ ବ୍ଲକର ନାମ |
|---|---|---|
| ୧ | ମମତା କହଁର | ଜାମୁସାହି ୟୁ.ଜି.ଏଚ୍.ଏସ୍, ଦଶପଲ୍ଲା |
| ୨ | ସୁନିତା କହଁର | କୁଲୁରୁକୁମ୍ପା ୟୁ.ଜି. ଏଚ୍.ଏସ୍., ଦଶପଲ୍ଲା |
| ୩ | ନମିତା ବେହେରା | ରଘୁନାଥ ୟୁ.ପି.ଏସ୍., ଦଶପଲ୍ଲା |
| ୪ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୫ | ଅର୍ଯ୍ୟୁନ ଟୁଡୁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୬ | ନିହାରକାନ୍ତ ଜେନା | ଅଶୁରଢିପା ପି.ୟୁ.ପି.ଏସ୍., ଓଡ଼ଗାଁ |
| ୭ | ଡାଙ୍ଗି ହଂସଦା | ତଳାରିବନ୍ଧ ପି.ୟୁ.ପି.ଏସ୍., ରଣପୁର |
| ୮ | ମିନତି ଦେଇ | ଖଣ୍ଡିସି ପି.ଏସ୍., ରଣପୁର |

ଏଣୁ ଆପଣମାନେ ଆସନ୍ତା ୦୩।୦୮।୨୦୧୯ରିଖ ଦିନ ୧୦.୩୦ଟା ସମୟରେ ଜିଲ୍ଲାପାଳ, ନୟାଗଡ଼ଙ୍କର କାର୍ଯ୍ୟାଳୟ (ମିନି କନଫରେନ୍ସ ହଲ୍)ରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ମତାମତ ରଖିବା ପାଇଁ ଏହି ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଉଅଛି। ଯଦି ଉକ୍ତ ଦିନଟିରେ ଆପଣମାନଙ୍କ ମଧ୍ୟରୁ କେହି ଯଦି ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ନ ହୁଅନ୍ତି, ତେବେ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ଆପଣମାନେ ସ୍ୱଇଚ୍ଛାରେ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ଏବଂ ତତ୍‌ପଶ୍ଚାତ ଆପଣମାନଙ୍କ ବିରୁଦ୍ଧରେ ଦୀର୍ଘଦିନ କାର୍ଯ୍ୟରେ ଅନୁପସ୍ଥିତ ରହିବା ନିମନ୍ତେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସମୟରେ ଆପଣଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏହା ଅତ୍ୟନ୍ତ ଜରୁରୀ ବୋଲି ମନେକରିବେ।

**ଶିବଶଙ୍କର**
**ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, ନୟାଗଡ଼**



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

**ବୌଦ୍ଧ,୨୪।୭.(ସ୍ୱ.ପ୍ର):** ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧୀନ ୬ଟି କ୍ଲଷ୍ଟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଏକ ସମ୍ମିଳନୀ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକତାକୁ ଜୀବିକା ବଦଳରେ ଜୀବନ ବୋଲି ଅନୁଭବ ଓ ଅଭ୍ୟାସ କଲେ ଗୁଣାତ୍ମକ ଶିକ୍ଷା ହାତ ପାଆନ୍ତାରେ ହାସଲ କରାଯାଇପାରିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଘିବେଲା ମତବ୍ୟକ୍ତ କରିଥିଲେ। ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଘୁଟା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ମୂଲ୍ୟବୋଧ ଓ ବର୍ତ୍ତମାନର ବୌଦ୍ଧିକ ସ୍ଥିତି ଉପରେ ଆଲୋକପାତ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ବେହେରା, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ମନିଟରିଂ, ଗୁଣାତ୍ମକ ଶିକ୍ଷା, ରେକର୍ଡ ସଂରକ୍ଷଣ ଓ ପରିଚାଳନା, ଶ୍ରେଣୀଗୃହ ପରିଚାଳନା, ସହଶିକ୍ଷା କାର୍ଯ୍ୟକ୍ରମ ଆଦି ବିଦ୍ୟାଳୟ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବଳାଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସିଆରସିସି ନିରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭେଡ଼େନ, ୨୪।୭ (ଡ଼ି.ଏନ.ଏ):**ଭେଡ଼େନ ବ୍ଲକ ଚିଚିଣ୍ଡା ଆଞ୍ଚଳିକ ଶ୍ରମଦାନ ହାଇସ୍କୁଲର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନଙ୍କୁ ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜାଣ୍ଡୋଲ ହାଇସ୍କୁଲ ପରିସରରେ ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାୟକ ମୁଖ୍ୟ ଅତିଥି, ଗୋବିନ୍ଦ ଚନ୍ଦ୍ର ଶତପଥି, ଅରୁଣ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଭୋଇ, ରମଣୀ ରଞ୍ଜନ ରାଉତ, ଜନାର୍ଦ୍ଦନ ଦାଶ, ରାଧେଶ୍ୟାମ ପ୍ରଧାନ, ପରମାନନ୍ଦ କଲତା, ନିର୍ଭୟ କୁମାର ପଣ୍ଡା, ଜଗନ୍ନାଥ ଦାଶ, ଶ୍ରବଣ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଶିକ୍ଷକତା ଜୀବନର ସ୍ମୃତିଚାରଣ କରିଥିଲେ । ସମ୍ପାଦକ ରାଜେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ପର୍ଶୁରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମି ଛଡ଼ାଇନେଇ ଗାଁରୁ ତଡ଼ିଦେଲେ

- ରାଜ୍ୟ ବାହାରେ ଆଶ୍ରୟ ନେଲେ ପରିବାର ଲୋକେ
- ୬ମାସ ହେଲା ସମ୍ପର୍କୀୟ ଘରେ ଆଶ୍ରିତ
- ଏତଲା ସତ୍ତ୍ୱେ ବି ପୋଲିସ ନୀରବଦ୍ରଷ୍ଟା
- କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଫେରାଦ

**ବରଗଡ଼ ଅଫିସ୍‌,୨୪।୭**

ବରଗଡ଼ ଜିଲାର ଉପାନ୍ତ ଅମ୍ବାଭୋନା ଥାନା ଅନ୍ତର୍ଗତ କୁମ୍ଭୋ ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗ୍ରାମର ୬ଜଣ ମୁଷ୍ଟିମେୟ ଲୋକ ଭୟଭୀତ କରି ୧୨ ଏକର ଜମି ଛଡ଼ାଇ ନେବା ସହିତ ଗ୍ରାମରୁ ତଡ଼ି ଦେବାରୁ ଏକ ପରିବାର ନିଜ ଘର ଛାଡ଼ି ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସରିଆ ଥାନା ବରମକେଲା ନିକଟ କମରିକ୍‌ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ଜଣାପଡ଼ିଛି। ତେବେ ୬ ମାସ ତଳର ଘଟଣାକୁ ନେଇ ଥାନାରେ ଏତଲା ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ପରିବାର ଲୋକଙ୍କୁ ନ୍ୟାୟ ଦେବାରେ ପୋଲିସର ବିଫଳ ହୋଇଛି। ପୋଲିସର ଏଭଳି ଉଦାସୀନତା ନେଇ ବୁଧବାର ପୀଡ଼ିତ ପରିବାର ଲୋକେ ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିଲେ। ଏସପି ମୁକେଶ କୁମାର ଭାମୁଙ୍କୁ ଭେଟି ସେମାନେ ଏକ ସ୍ମାରକ ପତ୍ର ଦେବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି।

ବରଗଡ଼ ସାମ୍ବାଦିକ ସଂଘ ଅଫିସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ପୀଡ଼ିତ ପରିବାରର ମୁଖ୍ୟ ଉକିଆ ଦାଶ(୭୫) କହିଥିଲେ, ତାଙ୍କ ସ୍ୱାମୀ ସ୍ୱର୍ଗତ ଗୋପାଳ ଚନ୍ଦ୍ର ଦାଶ ଗ୍ରାମର ଜଗନ୍ନାଥ ମନ୍ଦିର ପୂଜକ ଥିଲେ। ମହାପ୍ରଭୁଙ୍କ ଜମି ତାଙ୍କ ନାମରେ ଥିବାରୁ ସେ ଚାଷବାସ କରି ଆସୁଥିଲେ। ସ୍ୱାମୀ ପରିଣତ ବୟସରେ ଉପନୀତ ହେବାବେଳେ କ୍ୱାଇଁ ତରଣୀ ପୂଜାକାର୍ଯ୍ୟ ସମ୍ଭାଳି ଆସୁଥିଲେ। ଏହା ସହିତ ସେ ସେହି ଜମିରେ ଚାଷକାର୍ଯ୍ୟ ମଧ୍ୟ କରି ଆସୁଥିଲେ। ମାତ୍ର ଗ୍ରାମର କିଛି ମୁଷ୍ଟିମେୟ ଲୋକ ୩ ବର୍ଷ ହେଲା ସେମାନଙ୍କ ଉପରେ ଅତ୍ୟାଚାର ଚଳାଇ ଆସୁଥିବା ସେ ଅଭିଯୋଗ କରିଛନ୍ତି। ସେମାନେ ଚାଷବାସ କରିଥିବାବେଳେ ସମ୍ପୃକ୍ତ ଲୋକେ ଅମଳ ସମୟରେ ଧାନ କାଟି ନେଉଥିଲେ। ପରେ ପୂଜା ଓ ଜମିରୁ ସେମାନଙ୍କୁ ସମ୍ପୂର୍ଣ୍ଣ ବାସନ୍ଦ କରାଯାଇଥିବା ଉକିଆ କହିଛନ୍ତି। ଗତ ଜାନୁୟାରୀ ୧ତାରିଖରେ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ତାଙ୍କ ପରିବାର ଉପରେ ସମ୍ପୃକ୍ତ ମୁଷ୍ଟିମେୟ ଲୋକଙ୍କ ଅତ୍ୟାଚାର ଆହୁରି ବଢ଼ି ଯାଇଥିଲା। ସ୍ୱାମୀଙ୍କ ଶୁଦ୍ଧିକ୍ରିୟାର ଠିକ୍ ପରିଦିନ ସମ୍ପୃକ୍ତ ଲୋକେ ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ସେହି ମାସ ୧୬ତାରିଖ ସୁଦ୍ଧା ଘର ନ ଛାଡ଼ିଲେ, ସେମାନେ ଘରକୁ ପୋଡ଼ି ଦେବେ ବୋଲି କୁଆଡ଼େ ଧମକ ଦେଇଥିଲେ। ଫଳରେ ଭୟଭୀତ ହୋଇ ସେହି ମାସ ୧୪ତାରିଖରେ ଉକିଆଙ୍କ ପରିବାର ଲୋକେ ଛତିଶଗଡ଼ ରାଜ୍ୟ କମରିକ୍ ଗ୍ରାମର ନିଜ ଘରକୁ ଚାଲି ଯାଇଥିଲେ। ଏ ନେଇ ଥାନାରେ ଏତଲା ଦେଇଥିବା ସତ୍ତ୍ୱେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଏସପିଙ୍କୁ ଭେଟି ନିବେଦନ କରିଥିବା ଉକିଆ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉକିଆଙ୍କ ସମେତ କ୍ୱାଇଁ ତରଣୀ, ନାତି କୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ଯାତିତ ପରିବାର ଲୋକେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।



ଚାଷୀମାନଙ୍କୁ ବିହନ ବିଶୋଧନ ଉପରେ ତାଲିମ ଦିଆଯାଉଛି ।

## ୧୮ ଗାଁରେ କୃଷି ତାଲିମ ଶିବିର

**ପାଇକମାଳ,୨୪।୭(ଡି.ଏନ.ଏ)**

ପାଇକମାଳ ବ୍ଲକ କୃଷି ବିଭାଗ ତରଫରୁ ବିଭିନ୍ନ ଗ୍ରାମରେ କୃଷି ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ୯ ଦିନ ବ୍ୟାପୀ ୧୮ଟି ଗ୍ରାମରେ ଉନ୍ନତ କୃଷି, ଅଧିକ ଉତ୍ପାଦନ, ବିହନ ବିଶୋଧନ ଓ ରୋଗ ପୋକ ନିୟନ୍ତ୍ରଣ ବିଷୟରେ କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। ପଦ୍ମପୁର ଜିଲ୍ଲା ସହକାରୀ କୃଷି ଅଧିକାରୀ ଅଙ୍କିତ କୁମାର ବେହେରା, ପାଇକମାଳ ସହକାରୀ କୃଷି ଅଧିକାରୀ ଝୁମୀ ମେହେର ଶିବିରରେ କୃଷକମାନଙ୍କୁ ତାଲିମ ଦେଇଥିଲେ। ସାପଲହର, ସରେଇକେଲା, ଲକ୍ଷ୍ମରା, ଭରୁଆମୁଣ୍ଡା, କେଛୋଦାଦର, ଧାନ୍ଦୁପାଲି, ଭୁବନେଶ୍ୱରପୁର, ଘେସରା, ଛିନ୍ଦେଇକେଲା, ଭେଙ୍ଗରାଜ ପୁର, ଟେମିରିମାଲ ପ୍ରମୁଖ ଗ୍ରାମରେ ତାଲିମ ଶିବିର କରାଯାଇଥିଲା । ଏଥିରେ ପାଇକମାଳ ଏଟିଏମ ନବୀନ ଚନ୍ଦ୍ର ନାୟକ ଓ ବିକ୍ରମ ଛତର ସହଯୋଗ କରିଥିଲେ ।



ଛାତ୍ରୀଛାତ୍ର ଗଛମୂଳରେ ବସି ପାଠ ପଢୁଛନ୍ତି।

■ ଦ୍ୱିତୀୟ ଦିନରେ ବି ଖୋଲିଲାନି ତାଲା

## ଗଛ ମୂଳେ ପାଠ ପଢ଼ିଲେ ଛାତ୍ରୀଛାତ୍ର

**ତଳଗାଁ,୨୪।୭(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଗଣ୍ଡାପାଳୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କୁ ଅନ୍ୟତ୍ର ବଦଳି ପ୍ରତିବାଦରେ ଅଭିଭାବକମାନେ ସ୍କୁଲରେ ପକାଇଥିବା ତାଲା ବନ୍ଦ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଛାତ୍ରୀଛାତ୍ର ସ୍କୁଲକୁ ଆସିଥିବାବେଳେ ତାଲା ଖୋଲାଯାଇ ନ ଥିବାରୁ ଗଛମୂଳରେ ବସିପାଠ ପଢିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କୁ ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ରାଧାନଗର ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ମଙ୍ଗରାଜଙ୍କୁ ଗଣ୍ଡାଳୁ ସ୍କୁଲକୁ ବଦଳି ହୋଇଛି। ଗତ ସୋମବାର ବଦଳି ଆଦେଶ ଅନୁସାରେ ଶିକ୍ଷୟିତ୍ରୀ ମଙ୍ଗରାଜ ଗଣ୍ଡାପାଳୁ ବିଦ୍ୟାଳୟରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ଅଭିଭାବକ ଓ ବିଦ୍ୟାଳୟ କମିଟି ଶିକ୍ଷକ ବେହେରାଙ୍କୁ ପୁନଃ ନିଯୁକ୍ତି ଦାବି କରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ପୁନର୍ବାର ମଙ୍ଗଳବାର ବିଦ୍ୟାଳୟକୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ବଦଳି ହୋଇ ଆସିଥିବା ଶିକ୍ଷୟିତ୍ରୀ ପହଞ୍ଚିଥିଲେ। କିନ୍ତୁ ଅଭିଭାବକ ଓ ବିଦ୍ୟାଳୟ କମିଟି ବିରୋଧ କରି ବିଦ୍ୟାଳୟ ଫାଟକ ଆଗରେ ବସି ରହିଥିଲେ। ବିଦ୍ୟାଳୟ କମିଟିକୁ ବୁଝାଶୁଝା କରିବା ପାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧିରେନ୍ଦ୍ର ବେହେରା ପହଞ୍ଚିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଏପଟେ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ନିକଟସ୍ଥ ଗଛମୂଳରେ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳିଥିଲା।

### ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି, ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ଭେଡ଼େନ, ୨୪।୭(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତକୁ ଭାଗ କରି ନୂତନ ଗ୍ରାମପଞ୍ଚାୟତ ଗଠନ କରିବା ଦାବିରେ ବୁଧବାର ପୂର୍ବତନ ଜିଲା ପରିଷଦ ସଭ୍ୟ ହରିଶଙ୍କର ବେହେରା, ପୂର୍ବତନ ସରପଞ୍ଚ ତୁଷବନ୍ତ ବେହେରା, ଆନନ୍ଦ କରନ ପ୍ରମୁଖଙ୍କ ନେତୃତ୍ୱରେ ପଞ୍ଚାୟତର ଜନସାଧାରଣ ବିଡ଼ିଓ ମୁରଲିଧର ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ପ୍ରାୟ ୧୫ କିଲୋମିଟର ପରିଧି ମଧ୍ୟରେ ଏହି ଗ୍ରାମପଞ୍ଚାୟତ ଅବସ୍ଥିତ। ୬ଟି ରାଜସ୍ୱ ଗ୍ରାମ ଓ ୧୯ଟି ପଡ଼ା ଗାଁକୁ ନେଇ ଏହି ପଞ୍ଚାୟତ ଗଠିତ। ୨୦୧୯ ନିର୍ବାଚନ ଅନୁସାରେ ଏହି ପଞ୍ଚାୟତର ମୋଟ ଭୋଟର ସଂଖ୍ୟା ୫୬୨୯ ହୋଇଥିବା ବେଳେ ୨୦୧୧ ଜନଗଣନା ମତେ ମୋଟ ଜନସଂଖ୍ୟା ୭୨୪୯ ଅଟେ। ଗୋଟିଏ ଗ୍ରାମପଞ୍ଚାୟତ ଗଠନ ପାଇଁ ୨୫୦୦ ଭୋଟର ଆବଶ୍ୟକ ହେଉଥିବା ବେଳେ ଏହି ଗ୍ରାମପଞ୍ଚାୟତର ଭୋଟର ସଂଖ୍ୟା ବହୁ ଅଧିକ ଅଟେ। ବଡ଼ ଗ୍ରାମପଞ୍ଚାୟତ ହୋଇଥିବାରୁ ବିକାଶକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ଗ୍ରାମ ପଞ୍ଚାୟତକୁ ଦୁଇଟି ଗ୍ରାମପଞ୍ଚାୟତରେ ପରିଣତ କରିବାକୁ ଦାବି ହେଉଛି ।

## ଆଞ୍ଚଳିକ ସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା

**ବୌଦ୍ଧ,୨୪।୭.(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ଓ ୱାଇସିଡିଏ ବାଉଁଶୁଣୀର ମିଳିତ ଆନୁକୂଲ୍ୟରେ ଜିଲା ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଗେଟ କିପିଙ୍ଗ ମେକାନିଜିମ ଉପରେ ଆଞ୍ଚଳିକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଅଧ୍ୟକ୍ଷତା କରି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସମସ୍ତ ଯୋଜନାର ସୁଫଳ କିପରି ଶିଶୁମାନେ ପାଇପାରିବେ ସେଥିପ୍ରତି ସମସ୍ତ ସରକାରୀ ଅଧିକାରୀ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବହେଳିତ ଶିଶୁମାନଙ୍କ ପରିବାରଗୁଡ଼ିକୁ ଚିହ୍ନଟ କରି ସରକାରଙ୍କ ସମସ୍ତ ସାମାଜିକ ସୁରକ୍ଷା ଯୋଜନା ଓ କର୍ମନିଯୁକ୍ତି ଯୋଜନାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ୱାଇସିଡିଏର ସିଇଓ ରାଜେନ୍ଦ୍ର ମେହେର ଯୋଗଦେଇ ଗେଟ କିପିଙ୍ଗ ମେକାନିଜିମ ପ୍ରକ୍ରିୟାର ବିଭିନ୍ନ ଦିଗ ତଥା ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଯାଜନା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ଦେବଗଡ, ସୋନପୁର, କନ୍ଧମାଳ, ବଲାଙ୍ଗୀର, ନୂଆପଡା ଜିଲାର ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ, ଶିଶୁଗୃହ ସମ୍ପାଦକ ଯୋଗ ଦେଇଥିଲେ। କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ଚକ୍ରକୁ ଦେବଗଡ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିୟ ମହାପାତ୍ର ଓ ତୃତୀୟ ପର୍ଯ୍ୟାୟକୁ ନୂଆପଡା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ ପରିଚାଳନା କରିଥିଲେ । ଜିଲାରେ ଥିବା ସମସ୍ତ ଅସୁରକ୍ଷିତ ଶିଶୁଙ୍କ ସର୍ଭେକ୍ଷଣ କରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। କର୍ମଶାଳାରେ ପ୍ରଶିକ୍ଷକ ଭାବେ ୱାଇସିଡିଏର କର୍ମକର୍ତ୍ତା ଅରୁଣ ପ୍ରଧାନ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରାଜୀବ କୁମାର ନାୟକ, ଓଡିଶା ଜିବିକା ମିଶନର ମୁକୁନ୍ଦ ପ୍ରସାଦ ସେନାପତି ଯୋଗଦେଇ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ପ୍ରବେସନ ଅଫିସର ସମର ସେନ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




ଶିଶୁ ସୁରକ୍ଷା କର୍ମଶାଳାରେ ମଞ୍ଚାସୀନ ଅତିଥି ।

## ଜିଲାପାଳ ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

**ବରଗଡ଼ ଅଫିସ୍‌,୨୪।୭**

ରାଜ୍ୟରେ ନାବାଳିକା ଅପହରଣ, ବଳାତ୍କାର, ହତ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ବୁଧବାର ଜିଲା କଂଗ୍ରେସ ପକ୍ଷରୁ ବରଗଡ଼ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ରାଜ୍ୟ ସରକାରଙ୍କୁ ବରଖାସ୍ତ କରିବା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ସ୍ମାରକପତ୍ର ଗ୍ରହଣ କରିଥିଲେ। ଦିନ ପ୍ରାୟ ୧୧ଟାରେ କଂଗ୍ରେସ ନେତା, କର୍ମୀମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳ ଅଫିସ ଅଭିମୁଖେ ଆସିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ବନ୍ଦ ଥିବା ମୁଖ୍ୟ ଫାଟକକୁ ଠେଲି ଜିଲାପାଳ ଅଫିସ ଭିତରକୁ ପଶିବା ପାଇଁ ସେମାନେ ଉଦ୍ୟମ କରିଥିଲେ। ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଏସଆଇ ସନୟ କୁମାର ନାଏକ, ସୌମ୍ୟକାନ୍ତ ବଳିଆର ସିଂ ପ୍ରମୁଖ ସେଠାରେ ଉପସ୍ଥିତ ରହି ପରିସ୍ଥିତିକୁ ଆୟତ୍ତ କରିଥିଲେ। ପରେ ଉପଜିଲାପାଳ ନନ୍ଦ ସେଠାକୁ ପହଞ୍ଚି କଂଗ୍ରେସ ନେତୃବୃନ୍ଦଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ରାଜ୍ୟରେ ନାବାଳିକା ବଳାତ୍କାର, ହତ୍ୟା ଭଳି ଅପରାଧ ଦିନକୁ ଦିନ ବଢ଼ି ଚାଲୁଥିବା ଯୋଗୁ ରାଜ୍ୟ ସରକାର କ୍ଷମତାରେ ରହିବାର ଆଉ ଅଧିକାର ନାହିଁ ଏବଂ ତୁରନ୍ତ ବରଖାସ୍ତ କରାଯାଉ ବୋଲି ସ୍ମାରକପତ୍ରରେ ସେମାନେ ଦାବି କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲା କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ପିସିସି ସମ୍ପାଦକ ନିପନ କୁମାର ଦାଶ, ଶୁଭେନ୍ଦୁ କୁମାର ସାହୁ, ପ୍ରଦୀପ ଦେବତା, ତାରକେଶ୍ୱର ଦୋରା ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ଉଦ୍‌ବୋଧନ ଦେଇଥିଲେ।




ଜିଲାପାଳ ଅଫିସ ଅଭିମୁଖେ କଂଗ୍ରେସର ବିକ୍ଷୋଭ ଶୋଭାଯାତ୍ରା ଯାଉଛି ।

■ ଆବାସ ଯୋଜନାର ପ୍ରାପ୍ୟ ମିଳିନି

## ରାଜପଥ ଅବରୋଧ କଲେ ହିତାଧିକାରୀ

**କଣ୍ଟାମାଳ/ଘଣ୍ଟାପଡା, ୨୪।୭(ଡି.ଏନ.ଏ)**

ବୌଦ୍ଧ ଜିଲା ଖୁଣ୍ଟିଗୋରା ପଞ୍ଚାୟତରେ ଏମଜିଏନଆରଇଜିଏସ୍ ଯୋଜନାର ଗୃହ ନିର୍ମାଣ ପ୍ରାପ୍ୟରୁ ୧୬ ଲକ୍ଷ ୯୨ ହଜାର ଟଙ୍କା ହେରଫେର ହୋଇଛି। ତେଣୁ ହିତାଧିକାରୀମାନେ ଆବାସ ଯୋଜନାରେ ଗୃହ ନିର୍ମାଣ କରି ଫାଇନାଲ ପ୍ରାପ୍ୟ ପାଇନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ଶତାଧିକ ମହିଳାପୁରୁଷ ହିତାଧିକାରୀ ଖୁଣ୍ଟିଗୋରାଠାରେ ୪୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏହାସହ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ଦୋରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମଧୁମିତା ବାସ୍କେଙ୍କୁ ଅଟକ ରଖିଥିଲେ। ଖବର ପାଇ ଇଓ ଘନଶ୍ୟାମ ସାହୁ, କନିଷ୍ଠ ଯନ୍ତ୍ରୀ ସରୋଜ ଦୋରା, ସରପଞ୍ଚ ପ୍ରହଲ୍ଲାଦ ସେଠୀ, ଘଣ୍ଟାପଡା ଫାଣ୍ଡି ଅଧିକାରୀ ବଳଭଦ୍ର ଗଣ୍ଡା ଏବଂ କଣ୍ଟାମାଳ ବ୍ଲକ ମୁଖ୍ୟ କିରାଣୀ କୁବେର ତନ୍ତୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ପ୍ରକାର କାଗଜାତ ଯାଞ୍ଚ କରି ହିତାଧିକାରୀଙ୍କୁ ଶୀଘ୍ର ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା।

ସୂଚନା ଅନୁସାରେ, ବବୁ ମେଣ୍ଡଲି, ଦୟାନିଧି ସାହୁ, ଘୁନି ନାଏକ, ଗଜରାଜ ଭୋଇ, ଉପେନ୍ଦ୍ର କର୍ମୀ ପ୍ରମୁଖ ଶହେ ଜଣ ହିତାଧିକାରୀ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଗୃହ ନିର୍ମାଣ କରିଥିଲେ। ଏହି ଯୋଜନାରେ ହିତାଧିକାରୀ ପିଛା ୯୦ ଶ୍ରମ ଦିବସ ପାଇଁ ୧୬ ହଜାର ୯୨୦ ଟଙ୍କା ଲେଖାଏଁ ପ୍ରାୟ ଶହେ ହିତାଧିକାରୀଙ୍କ ପ୍ରାପ୍ୟ ୧୬ ଲକ୍ଷ ୯୨ ହଜାର ଟଙ୍କା ହେରଫେର ଅଭିଯୋଗ ହୋଇଥିଲା। ପ୍ରାପ୍ୟ ପାଇବାରୁ ବଞ୍ଚିତ ହିତାଧିକାରୀମାନେ ପୂର୍ବରୁ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ । ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନ୍ୟାୟରୁ ବଞ୍ଚିତ ହେବା ପରେ ହିତାଧିକାରୀମାନେ ବୁଧବାର ରାସ୍ତା ଅବରୋଧ କରିଥିଲେ। ଏ ନେଇ ଖୁଣ୍ଟିଗୋରା ସରପଞ୍ଚ ସେଠୀ କହିଛନ୍ତି ଯେ, ବର୍ଷେ ହେଲା ପ୍ରାପ୍ୟ ହେରଫେର ହୋଇଥିବା ନେଇ ହିତାଧିକାରୀ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ସମ୍ପର୍କରେ ମୁଁ ଗ୍ରାମ ରୋଜଗାର ସେବକଙ୍କୁ ତାଗିଦ କରିଛି। ହିତାଧିକାରୀ ରାସ୍ତା ଅବରୋଧ କରିବା ସହ କର୍ମଚାରୀଙ୍କୁ ଅଟକ ରଖିଛନ୍ତି। ଏଥିରେ ମୋର କିଛି ଭୂମିକା ନାହିଁ। ସେହିପରି ସେକ୍ସନ ଅଫିସର ତନ୍ତୀ କହିଛନ୍ତି, ବିଡିଓ ଅନୁପସ୍ଥିତ ଥିବାରୁ ମୁଁ ଘଟଣାସ୍ଥଳକୁ ଯାଇଥିଲି। ପ୍ରାପ୍ୟ ନ ପାଇବା ନେଇ ଅଭିଯୋଗ ରହିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ଏ ସମ୍ପର୍କରେ ଡିଆରଡିଏ ପିଡି ସୂର୍ଯ୍ୟ ନାରାୟଣ ଦାଶଙ୍କୁ ପଚାରିବାରୁ ସେ କହିଲେ, ହିତାଧିକାରୀମାନଙ୍କ ଅଭିଯୋଗ ସ୍ପଷ୍ଟ ନୁହଁ। ଗୃହ ନିର୍ମାଣ ଯୋଜନାରେ କିପରି ସମସ୍ତେ ଗୃହ ପାଇବେ ସେଥିପାଇଁ ହିତାଧିକାରୀଙ୍କ ଗଠନମୂଳକ ମନୋବୃତ୍ତି ରହିବା ଜରୁରୀ। ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



ହିତାଧିକାରୀମାନେ ୪୧ ନମ୍ବ ରାଜ୍ୟ ରାଜପଥ ଅବରୋଧ କରିଛନ୍ତି ।

### ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଅଟକ



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ପ୍ରିମିୟର ଫୁଟବଲ ଲିଗ ଉଦ୍‌ଘାଟିତ

ସୋନପୁର,୨୪।୭(ନି.ପ୍ର.):ସୋନପୁର ପ୍ରିମିୟର ଫୁଟବଲ ଲିଗ୍ ୨୦୧୯ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କଲେଜ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍ ସୁରେଶ୍ୱରୀ ୱାରିୟର୍ସ ଓ ରୟାଲ ଟାଇଗର୍ସ ମଧ୍ୟରେ ହୋଇଥିଲା। ସୁରେଶ୍ୱରୀ ୱାରିୟର୍ସ ୩-୨ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳର ପ୍ରିନ୍ସ କ୍ଷେତ୍ରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ରାଜେଶ ଥନାପତି, ସିଦ୍ଧାନ୍ତ ପାତ୍ର, ପ୍ରମୋଦ ପଟେଲ, ସୁଦାମ ଜଗଦଲା ଓ ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଶରତ ନନ୍ଦ, ପ୍ରାକ୍ତନ ନଗରପାଳ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଭ୍ୟ ପ୍ରକାଶ ସାହୁ, ସୁବର୍ଣ୍ଣପୁର ଜିଲା କନେଷ୍ଟବଳ ହାବିଲଦାର ସଂଘର ସଭାପତି କୁମୁଦ ରଞ୍ଜନ ମେହେର ଓ ସଂଘର ପ୍ରାକ୍ତନ ସଭାପତି ସନତ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାକେଶ ନାଗ ସଭାକୁ ସଂଯୋଜନା କରିଥିଲେ। ବୁଢ଼ୀ ସମଲେଇ ଫୁଟବଲ କ୍ଲବ ଓ ଟିମ୍ ଓନରର ଶିଶିର ମହାନ୍ତି, ଆଦିତ୍ୟ ଦାନୀ ଓ ଭବାନୀ ପାଢ଼ୀଙ୍କ ପକ୍ଷରୁ ଏହି ଲିଗ୍ ଆୟୋଜନ ହେଉଛି। ବିଏସ୍ଏଫ କ୍ଲବର ସଭାପତି ରାଜୀବ ପଟ୍ଟନାୟକ, ଶଙ୍କର୍ଷଣ ପଟ୍ଟନାୟକ ଓ ରବି ପଟ୍ଟନାୟକ ଖେଳ ଆୟୋଜନରେ ସହଯୋଗ କରିଥିଲେ।

■ ସାହାଯ୍ ଲାଗି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କଲେ ଗାଁବାସୀ

# ବୋନମ୍ୟାରୋ ସମସିଆରେ ପୀଡ଼ିତ ମାନସ

ଲୋଇସିଂହା,୨୪।୭ (ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଗାଁର ବେଣୁଧର ବିଶ୍ୱାଳଙ୍କର ପୁଓ ମାନସ ବିଶ୍ୱାଳ(୭)। ଏହେଦେ ସେ ବୋନମ୍ୟାରୋ ସମସିଆରେ ପୀଡ଼ିତ ଥିଲାବେଲେ ତାକର ଗୁଟେ କିଡ୍‌ନୀ ଥିବାର ପରୀକ୍ଷା ନିରୀକ୍ଷାରୁ ଜନାପଡ଼ିଛେ। ଏନ୍ତାଥି ତାକର ଚିକିତ୍ସା ଲାଗି ଲକ୍ଷାଧିକ୍ ଟଁକା ଦରକାର ପଡୁଥିଲାବେଲେ ଗରିବ୍ ମା'ବାପ୍ ଉପରେ ଚଡ଼କ ପଡ଼ିଛେ।

ସୂଚନା ହିସାବେ ହରଭଙ୍ଗା ଗାଁର ବେଣୁଧରକଁର ପୁଓ ମାନସ(୭) ଜନମ୍ ବେଲୁ ୫ ବଛର ତକ୍ ଠିକ୍‌ଠାକ୍ ଥିଲେ। ଏହେଦେ ସେ ଗାଁ ସ୍କୁଲରେ ଦୁତୀଅ ଶ୍ରେଣୀରେ ପଢୁଛନ୍। ହେଲେ ମାନସର ବଏସ୍ ବଢ଼ବାର ସଂଗେ ଶରୀର ନାଇଁ ବଢ଼ଲାରୁ ମା'ବାପ୍‌ର ଚିନ୍ତା ବଢ଼ିଥିଲା। ପରିବାର ଲୋକ ମାନସକେ ବଲାଙ୍ଗୀର, ବୁର୍ଲା ଡାକ୍ତରଖାନା ନେଇ ଚିକିତ୍ସା କରାଲେ। ଡାକ୍ତର ଅପପୁଷ୍ଟିର ଲକ୍ଷନ କହି ଚିକିତ୍ସା କଲେ। ହଜାର ହଜାର ଟଁକା ଉଷୋକଷା କଲା ଉତାରୁ ବି ମାନସର ଶରୀରରେ କିଛି ପରିବରତନ୍ ନାଇଁ ହେଲା। ଶେଷେ ଲୁକ୍‌କର ପରାମଶ୍ରେ ପରିବାର ଲୋକ୍ ମାନସକେ ଚିକିତ୍ସା ଲାଗି ଭୁବନେଶ୍ୱର ଏମ୍ସ ନେଲେ। ସେଠାନେ ଡାକ୍ତର ପରୀକ୍ଷା ନିରୀକ୍ଷା କରି ଜାନବାକେ ପାଏଲେ ଯେ, ମାନସର ବୋନମ୍ୟାରୋ ସମସିଆ ରହିଛେ, ରକତ୍ ଠିକ୍‌ସେ ତିଆର ହେଇ ନାଇଁପାରବାର। ସେନ୍ତା ତାକର ଗୁଟେ କିଡ୍‌ନୀ ରହିଥିବାର ଜନା ପଡ଼ିଥିଲା। ଡାକ୍ତର ମାନସର ଚିକିତ୍ସା ଲାଗି ଅତି କମ୍‌ରେ ୧୫ ଲାଖ୍ ଟଁକା ଖରଚ୍ ହେବା ବଲି କହିଥିଲେ। ଇ କଥାଟା ଶୁନି ବରଗଡ଼ ଜିଲା ଯୋଖିପାଲିର ୟୁଥ ଏଗେଁଷ୍ଟ କରପ୍‌ସନ ସଂଗଠନ ମୁଖ୍ୟମନ୍ତ୍ରୀକଁର ଦୃରୁଷ୍ଟି ଆକରଷନ୍ କରିଥିଲା। ଶେଷେ ବଲାଙ୍ଗୀର ଜିଲାପାଳକଁର ନିରଦେଶରେ ଆଗଲପୁର ବିଡିଓ ଇ ଦୁଖି ପରିବାରକେ ରେଡକ୍ରସରୁ ୨୦ ହଜାର ଟଁକା ସାହାଯ୍ ଦେଇଥିଲେ। ଇ ଟଁକାରେ ପରିବାର ଲୋକ୍ ମାନସକେ ଦୁତୀଅ ଥର ଭୁବନେଶ୍ୱର ଏମ୍ସକେ ଚିକିତ୍ସା ଲାଗି ନେଇଥିଲେ। ହେଲେ ସେଠାନେ ଡାକ୍ତର ମାନସର ଚିକିତ୍ସା ଲାଗି ୧୫ ନୁହେ ୨୫ ଲାଖ୍ ଟଁକା ଦରକାର ପଡ଼ବା ଆର ଚିକିତ୍ସା ଦିଲ୍ଲୀ ଏମ୍ସରେ ହେବା ବଲି କହିଥିଲେ। ଇ କଥା ଶୁନି ମା'ବାପ୍‌ର ମୁଡ଼େ ଚଡ଼କ ପଡ଼ିଥିଲା। ହେନ୍‌ଥେଇ ବି ପରିବାରର ଥିତି ଭଲ ନାଇଁ। ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ମା'ବାପ୍ ନିରାଶ ହେଇ ବୁଧୁବାର ପୁଓକେ ଧରି ଗାଁକେ ଫିରି ଅସିଛନ୍। ଇଆଡ଼େ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ୫ ଲାଖ୍ ତକ୍ ଚିକିତ୍ସା ସାହାଯ୍ ମିଲିପାରବା। ବାକି ଟଁକାର ଲାଗି ଘରଦୁଆର, ଜମିବାଡ଼ି ବିକ୍‌ଲେ ବି ଠୋଲ ନାଇଁ ହେଇପାରେ। ଏନ୍ତାଥି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସାହାଯ୍‌ର ହାତ୍ ବଢ଼ାଲେ ମୋର ପୁଓ ନୁକୋ ହେଇପାରବା ବଲି ବେଣୁଧର କହିଛନ୍। ସେନ୍ତା ଗାଁବାସୀ ବି ଇ ଦୁଖି ପରିବାରକେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସାହାଯ୍‌ର ହାତ୍ ବଢ଼ାବାକେ ଗଣମାଧ୍ୟମ ଜରିଆରେ ଗୁହାରି କରିଛନ୍।



ମା'ବାପ୍ ସଂଗେ ମାନସ।





ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ଜିଲାସ୍ତରୀୟ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# 'ଖେଳ ମନ, ଶରୀରକୁ ସୁସ୍ଥ ରଖିବା ସହ ସଦ୍‌ଭାବନା ଆଣେ'

ବଲାଙ୍ଗୀର ଅଫିସ, ୨୪।୭

ସ୍ଥାନୀୟ ମିଶନ ଖେଳପଡ଼ିଆରେ ୧୭ ବର୍ଷରୁ କମ୍ ବୟସ ବାଳିକା ବାଳକ ବିଭାଗର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରିଚାଳିତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇ ଖେଳ ମନ, ଶରୀରକୁ ସୁସ୍ଥ ରଖିବା ସହ ପରସ୍ପର ଭିତରେ ସଦ୍‌ଭାବନା ସୃଷ୍ଟି କରିଥାଏ ବୋଲି କହିଥିଲେ। ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ସାମାଜିକ କର୍ମୀ ମନୋଜ ମିଶ୍ର, ବଲାଙ୍ଗୀର ଫୁଟବଲ କୋଚ୍ ପରାସର ବାଗ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସୁନୀଲ ଚନ୍ଦ୍ର ବିଶ୍ୱାଳ, ନବଜୀବନ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କିଶୋର ବାଗ ମଞ୍ଚାସୀନ ଥିଲେ। ହେମନ୍ତ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଦିବସରେ ୫ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସଇଁତଳା ଦଳ ଲୋଇସିଂହା ଦଳକୁ ୪-୨ (ଟାଇବ୍ରେକର)ରେ ପରାସ୍ତ କରିଥିଲା। ମୁରିବାହାଲ ଦଳ ଦେଓଗାଁକୁ ୪-୧ (ଟାଇବ୍ରେକର)ରେ ପରାସ୍ତ କରିଥିଲେ। ତୁରେକେଲା ଦଳ ପାଟଣାଗଡ଼କୁ ୩-୦ ଗୋଲରେ ପରାସ୍ତ କରିଥିଲା। ଆଗଲପୁର ଦଳ ବେଲପଡ଼ାକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଖପ୍ରାଖୋଲ ଦଳ ପୁଇଁନ୍ତଲାକୁ ୪-୧ (ଟାଇବ୍ରେକର) ଜରିଆରେ ଗୋଲ ଦେଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନୀ ମ୍ୟାଚକୁ ସଞ୍ଜିତ ମହାନ୍ତି, ନରସିଂହ ସ୍ୱାମୀ ନାଇଡୁ, ସୁଦର୍ଶନ ସେଠ, ସୁଶାନ୍ତ ନାଗ, ପ୍ରଦୀପ କୁମାର ସ୍ୱାଇଁ, ଦୁର୍ବାଦଳ ବାଗ, ପ୍ରଫୁଲ୍ଲ ପ୍ରଧାନ, ରାଜକୁମାର ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାନନ୍ଦ, ମୋହନ ପ୍ରଧାନୀ, ବୈକୁଣ୍ଠ ଜେନା, ରାଜେନ୍ଦ୍ର ସେଠ, ଦଳ ଗୋବିନ୍ଦ ମୁଣ୍ଡ, ଆଶୀର୍ବାଦ ଶାହା, ରାଜେନ୍ଦ୍ର ଧରୁଆ, ଚୈତନ୍ୟ ସାହୁ ପରିଚାଳନା କରିଥିଲେ।

ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

# ସପ୍ତମ ବେତନ ହାରରେ ପେନ୍‌ସନ, ଗ୍ରାଚ୍ୟୁଟି ଦାବି

ବଲାଙ୍ଗୀର ଅଫିସ,୨୪।୭

ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଧୀରଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘ ଉପଦେଷ୍ଟା କୃଷ୍ଣଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ସପ୍ତମ ବେତନ ହାରରେ ଅବସରପ୍ରାପ୍ତ ପୌର କର୍ମଚାରୀଙ୍କୁ ପେନ୍‌ସନ ଓ ଗ୍ରାଚ୍ୟୁଟି ପ୍ରଦାନ ନେଇ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜିର ପୌର ପେନ୍‌ସନ ଭୋଗୀମାନେ ସଭାରେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଯୋଗଦେଇ ସଂଘ ସଦସ୍ୟଙ୍କ ଦାବିକୁ ଯଥାର୍ଥ ବୋଲି କହି ଏହି ଦିଗରେ ସହଯୋଗ କରିବେ କହିଥିଲେ। ୨୦୧୬ ଜାନୁୟାରୀରୁ ସପ୍ତମ ବେତନ ହାରରେ ଦରମା, ପେନ୍‌ସନ, ଗାଚ୍ୟୁଟି ଓ ଅନ୍ୟ ସମସ୍ତ ସୁବିଧା ରାଜ୍ୟ ସରକାର ମଞ୍ଜୁର କରି ସାରିଥିବା ବେଳେ ପୌର କର୍ମଚାରୀଙ୍କୁ ଏହି ସମସ୍ତ ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଇତିମଧ୍ୟରେ ସରକାର ଗତ ମାର୍ଚ୍ଚ ମାସରେ ରାଜ୍ୟର ସମସ୍ତ ପୌର କର୍ମଚାରୀଙ୍କ ସପ୍ତମ ବେତନ ହାରରେ ଦରମା ପ୍ରଦାନ କରିବା ପାଇଁ ଅର୍ଥ ମଞ୍ଜୁର କରିଥିଲେ। ହେଲେ ଏହାର ସୁଫଳ ପୌର କର୍ମଚାରୀମାନେ ବର୍ତ୍ତମାନ ସୁଦ୍ଧା ପାଇନାହାନ୍ତି। ଫଳରେ ଶତାଧିକ ପୌର ପେନସନ୍‌ଭୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଲିଙ୍ଗରାଜ ଚିନ୍ଦା, ହୃଷୀକେଶ ପୁରୋହିତ, କୁଶ ନାଗ, ଦ୍ୱାରୁ ସାହୁ, ଜବଦୁ ବାରିକ, ଭୋଜରାଜ ମହାପାତ୍ର, ସୁଧାଂଶୁ ପାତ୍ର, ଅମର ମିଶ୍ର, ଦଶରଥ ନାଏକ, ଅଚ୍ୟୁତା ଯୋଷୀଙ୍କ ସହ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।



ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକର୍ତ୍ତା।

### ଚାକିରି ଛାଡ଼ିଥିବା ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ନବରଙ୍ଗପୁର,୨୪।୭(ବି.ପ୍ର.)

ଶିକ୍ଷକ ଚାକିରି ଛାଡିଥିବା ନବରଙ୍ଗପୁରର ସୁବ୍ରତ (ରିଣ୍ଟୁ)ଚୌଧୁରୀଙ୍କ ଘରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସୁବ୍ରତଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ସୁବ୍ରତ ଜିଲାପରିଷଦ ଶିକ୍ଷକଭାବେ ମୁଣ୍ଡଗଡ ପିୟୁପିଏସ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ଗତ ୩ ମାସ ତଳେ ସେ ଚାକିରିରୁ ଇସ୍ତଫା ଦେଇଛନ୍ତି। ସୁବ୍ରତଙ୍କ ନବରଙ୍ଗପୁର ସ୍ଥିତ ଆରକେ କଲୋନୀରେ ଦୁଇ ମହଲା ପୈତୃକ ବାସଭବନ, ଏଚଡିଏଫସି ବ୍ୟାଙ୍କ ନିକଟରେ ଥିବା ୪ ମହଲା କୋଠା, ନନ୍ଦାହାଣ୍ଡି ବ୍ଲକ ରଙ୍ଗମାଟିଗୁଡା ଠାରେ ଦୁଇ ମହଲା ବିଶିଷ୍ଟ ୨ଟି ଘର, ନୂଆ ଚର୍ଚ୍ଚ ନିକଟରେ ଦୁଇ ମହଲା କୋଠା, ନୂଆବନ୍ଧ ସାହି ଠାରେ ନିର୍ମାଣାଧିନ ୨ ମହଲା କୋଠା ରହିଥିବା ଚଢାଉ ବେଳେ ଜଣାପଡିଛି। ସେହିଭଳି ସହରର ମୁଖ୍ୟ ରାସ୍ତା ତଥା ୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ସନ୍ତୋଷୀ ଇନଫୋଟେକ କମ୍ପ୍ୟୁଟର ସେଣ୍ଟରକୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଠାବ କରାଯାଇ ତାହାର ଆକଳନ କରାଯାଇଛି।

# ଗୁଡ଼ିଘାଟରେ କେନ୍ଦୁଗଣ୍ଠି ଜବତ





ଜବତ କାଠ ବୋଝେଇ ମିନିଟ୍ରକ।

ମୁରିବାହାଲ,୨୪।୭(ଡି.ଏନ.ଏ.)

ମୁରିବାହାଲ ରେଞ୍ଜ ଗୁଡିଘାଟ ନିକଟରୁ ବନ ବିଭାଗ କେନ୍ଦୁ କାଠଗଣ୍ଠି ବୋଝେଇ ଏକ ମିନିଟ୍ରକ ଗାଡିକୁ ଜବତ କରିଛି।
ସୂଚନା ମୁତାବକ, କେନ୍ଦୁ କାଠଗଣ୍ଠି ଚୋରାଚାଲାଣ ହେଉଥିବା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ଖବର ମିଳିଥିଲା। ଏନେଇ ବନ ବିଭାଗର ଏକ ଟିମ୍ ମଙ୍ଗଳବାର ରାତିରେ ଚଢାଉ କରି ଗୁଡିଘାଟ ନିକଟରୁ କେନ୍ଦୁ କାଠଗଣ୍ଠି ବୋଝେଇ ମିନିଟ୍ରକ(ନଂ. ଓଆର୍ ୦୩ ଏ- ୪୧୯୧)କୁ ଜବତ କରିଥିଲା। ସୂଚନାଯୋଗ୍ୟ ଉକ୍ତ ଗାଡିଟି ପୂର୍ବରୁ ରେଳ ବିଭାଗରେ ନିୟୋଜିତ ଥିବା ଜଣାପଡିଛି। ଗାଡିରେ ମୋଟ ୧୯ ଖଣ୍ଡ କେନ୍ଦୁ କାଠଗଣ୍ଠି ରହିଛି। ଏହାର ମୂଲ୍ୟ ୫୦ ହଜାର ହେବ ବୋଲି ବନଖଣ୍ଡ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି। ଚଢ଼ାଉରେ ଫରେଷ୍ଟର କାମେଶ୍ୱର ତାଣ୍ଡି, ଫରେଷ୍ଟ ଗାର୍ଡ ବିରଞ୍ଚି କୁମ୍ଭାର, ଉଲ୍ଲାସ ସେଠୀଙ୍କ ସହ ଅନ୍ୟକର୍ମଚାରୀ

### ଢାବାରୁ ଦେଶୀ, ବିଦେଶୀ ମଦ ଜବତ : ୨ ଗିରଫ

ସୋନପୁର,୨୪।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଶରଧାପାଲି ଢାବାରେ ବୁଧବାର ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଏବଂ ଏକ ଫ୍ରିଜ୍ ଜବତ କରିଥିଲେ। ଅବକାରୀ ବିଭାଗ ଢାବା ମାଲିକ ତ୍ରିପୁରାରୀ ପଧାନ ଓ କର୍ମଚାରୀ ପରିକ୍ଷିତ ପଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ଅଧିକ୍ଷକ ସାମୁଏଲ ଏକ୍କାଙ୍କ ନେତୃତ୍ୱରେ ମୋବାଇଲ ଟିମ୍‌ର ଏସ୍ଆଇ ରମ୍ଭା ବାଗ, କନଷ୍ଟେବଳ ପ୍ରଦୀପ କୁମାର ରଥ, ପିଣ୍ଟୁ ସାହୁ ଓ ନନ୍ଦି କର୍ମୀ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

**OFFICE OF THE RUKMINI LATH BALNIKETAN, CHHANCHANPALI SAMBALPUR**

*No.68/CCI* *Dt.23.07.2019*

Applications are invited from eligible candidates in prescribed application form for engagement of different contractual posts for the Child Care Institution namely Rukmini Lath Bal Niketan, Chhanchanpali (registered under JJ(C & PC) Act). The engagement is purely contractual basis and the selection of candidate shall be made on the basis of mark. It is to inform that the candidates who are engaged for said posts are not Government Staffs, the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official Website www.sambalpur.nic.in. Interested candidates may apply in the prescribed format to ***the District Child Protection Officer, 2nd Floor Collectorate, Sambalpur*** by mentioning the post Registered post /Speed post only to be received during the office hours on or before 02.08.2019 by 5 P.M. The envelope containing the application should be superscribed in bold letters "Application for the post of ......( the name of the post for which you are applying) in Rukmini Lath Bal Niketan" on the top of the envelope to distinguish it from common dark. Incomplete application and application received after due date shall be rejected. The undersigned reserves the right to cancel any or all the application received/ under process without assigning any reason thereof. The undersigned will not be responsible for any postal delay.

**Sd./- Chairman**
**Rukmini Lath Balniketan**
**Chhanchanpali, Sambalpur**

**OFFICE OF THE DISTRICT EDUCATION OFFICER, GAJAPATI, PARALAKHEMUNDI**

**No.4615/OAVS-30** ADVERTISEMENT **Date.23.07.2019**

Applications are invited from interested eligible candidates for engagement as Wardern & Asst. Cook in different Girls Hostel of Odisha Adarsha Vidyalayas under Gajapati District on contractual basis, The total Nos. of posts to be filled up, eligible criteria, age limit, remuneration of the each posts vacancy position and guideline etc. is uploaded in the District website i.e. www.gajapati.nic.in & displayed in Notice Board of all OAVs/BEOs, & Collectorate/DEO/DPC, Gajapati for wide publication. The application must be sent to the concerned **Principals of Odisha Adarsha Vidyalaya** under Gajapati District through **Speed Post or Registered Post** only. The last date of receipt of the application form is 07.08.2019 during office hour.Sd./- Collector & District Magistrate, Gajapati

**OFFICE OF THE DISTRICT & SESSIONS JUDGE, ANGUL**
**DRAFT ADVERTISEMENT NO.01 OF 2019**
**Dated:-24.07.2019**
**(For the post of Jr.Clerk-cum-Copyist, Jr. Typist and Stenographer Grade-III.)**

No.: 12-W: Applications in the prescribed format are invited from the eligible candidates for filling up the posts of Jr. Clerk-cum-Copyist, in the scale of pay (Level 4 Rs.19,900/- 63,200/-), Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/- 81,100/-) with usual D.A. and other allowances, as admissible to the State Government employees from time to time as per the ORSP Rules, 2017 on regular basis subject to the result of W.P© No.1273 of 2014 of the Hon'ble Court. **The last date of receipt of application is fixed to 26.08.2019 by 5.00 P.M**.
For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website **https://districts.ecourts.gov.in/angul** or **https://angul.nic.in/**.

**Sd./- Chairman-cum-District Judge**
18012/11/0002/1920 **Recruitment Committee, Angul**

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 324 OF 2018**
**Syndicate Bank, Sikharpur Branch, Nayagarh ...Applicant**
**AND**
**M/s. Jagannath Printing and Book Binding Unit & others ...Defendants**

To,
1. **M/s. Jagannath Printing and Book Binding Unit,** represented through its Proprietor Sri Harihar Moharana, At/P.O.: Sikharpur, P.S.: Saranakula, Dist.: Nayagarh, PIN-752080.
2. **Harihar Moharana,** S/o- Narayan Moharana, At/P.O.: Sikharpur, Via: Saranakul, Dist.: Nayagarh.
3. **Mrs. Pranati Moharana,** W/o- Harihara Moharana, At/P.O.: Sikharpur, Via: Saranakul, Dist.: Nayagarh.
4. **Narayan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
5. **Mukund Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
6. **Karan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 324/2018** in the Court of Debts Recovery Tribunal at Cuttack for a recovery of **Rs.49,81,543.94** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **06th day of September 2019 at 10.30 A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **20th day of July 2019.**

**Sd/- Registrar**
**Debts Recovery Tribunal**

**ଓଡ଼ିଶା ସାହିତ୍ୟ ଏକାଡେମୀ**
**ସଂସ୍କୃତି ଭବନ, ଭୁବନେଶ୍ୱର-୧୪**
**ଏକାଡେମୀ ସ୍ୱନକ୍ଷତ୍ର ଦିବସ**

ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ୨୫ ଜୁଲାଇ ୨୦୧୯,ଗୁରୁବାର ସନ୍ଧ୍ୟା : ୬.୦୦ ଘଟିକା

ଉଦ୍‌ଘାଟକ **ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ,ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ମୁଖ୍ୟଅତିଥି **ଶ୍ରୀ ସାତକଡି ହୋତା**
ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ବିଶିଷ୍ଟ ଅତିଥି **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ସମ୍ମାନନୀୟ ଅତିଥି **ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ସଭାମୁଖ୍ୟ **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଅନୁବାଦ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ।
ଉକ୍ତ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ ।

ବି.ଦ୍ର: ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ଉନ୍ମୋଚନ

**ଜୟନ୍ତୀ ରଥ**
**ସଚିବ**
**ଓଡ଼ିଶା ସାହିତ୍ୟ ଏକାଡେମୀ**

**ବ୍ୟକ୍ତିଗତ ସୂଚନା**

ଏତଦ୍ୱାରା ନିମ୍ନଲିଖିତ ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କୁ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର ସମ୍ପର୍କରେ ତା୦୬।୦୭।୧୯ରିଖରେ ''ଜିଲ୍ଲାପାଳ-ନୟାଗଡ଼''ଙ୍କର କାର୍ଯ୍ୟାଳୟରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ସମ୍ପର୍କରେ ମତାମତ ପ୍ରଦାନ କରିବାକୁ ଜଣାଇ ଦିଆଯାଇଥିଲା। ମାତ୍ର ଆପଣମାନେ ଉକ୍ତ ଦିନଟିରେ ଅନୁପସ୍ଥିତ ରହିଥିଲେ।

| କ୍ର. ନଂ. | ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କର ନାମ | ବିଦ୍ୟାଳୟ ଏବଂ ବ୍ଲକର ନାମ |
|---|---|---|
| ୧ | ମମତା କହଁର | ଜାମୁସାହି ୟୁ.ଜି.ଏଚ୍.ଏସ୍, ଦଶପଲ୍ଲା |
| ୨ | ସୁନିତା କହଁର | କୁଲୁରୁକୁମ୍ପା ୟୁ.ଜି. ଏଚ୍.ଏସ୍., ଦଶପଲ୍ଲା |
| ୩ | ନମିତା ବେହେରା | ରଘୁନାଥ ୟୁ.ପି.ଏସ୍., ଦଶପଲ୍ଲା |
| ୪ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୫ | ଅର୍ଜ୍ୟୁନ ଟୁଡୁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୬ | ନିହାରକାନ୍ତ ଜେନା | ଅଶ୍ରୁରଢିପା ପି.ୟୁ.ପି.ଏସ୍., ଓଡ଼ଗାଁ |
| ୭ | ଡାଙ୍ଗି ହଂସଦା | ତଲାରିବନ୍ଧ ପି.ୟୁ.ପି.ଏସ୍., ରଣପୁର |
| ୮ | ମିନତି ଦେଈ | ଖଣ୍ଡିସି ପି.ଏସ୍., ରଣପୁର |

ଏଣୁ ଆପଣମାନେ ଆସନ୍ତା ୦୩।୦୮।୨୦୧୯ରିଖ ଦିନ ୧୦.୩୦ଟା ସମୟରେ ଜିଲ୍ଲାପାଳ, ନୟାଗଡ଼ଙ୍କର କାର୍ଯ୍ୟାଳୟ (ମିନି କନଫରେନ୍ସ ହଲ୍)ରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ମତାମତ ରଖିବା ପାଇଁ ଏହି ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଉଅଛି। ଯଦି ଉକ୍ତ ଦିନଟିରେ ଆପଣମାନଙ୍କ ମଧ୍ୟରୁ କେହି ଯଦି ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ନ ହୁଅନ୍ତି, ତେବେ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ଆପଣମାନେ ସ୍ୱଇଚ୍ଛାରେ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ଏବଂ ତତ୍‌ପଶ୍ଚାତ ଆପଣମାନଙ୍କ ବିରୁଦ୍ଧରେ ଦୀର୍ଘଦିନ କାର୍ଯ୍ୟରେ ଅନୁପସ୍ଥିତ ରହିବା ନିମନ୍ତେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସମୟରେ ଆପଣଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏହା ଅତ୍ୟନ୍ତ ଜରୁରୀ ବୋଲି ମନେକରିବେ।

**ଶିବଶଙ୍କର**
**ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, ନୟାଗଡ଼**



ଯେଉଁ ଲୋକ ଗୋଟିଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବା କଳା ଶିଖି ନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ।
- ଜନ୍ ରସ୍କିନ



## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

**ବେଲପଡ଼ା,୨୪।୭(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବାଗଦୋର ପଞ୍ଚାୟତ ବାଗଦୋର ଗ୍ରାମରେ ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁପ୍ତେ ଭୋଇ(୩୫)। ସୂଚନା ମୁତାବକ, ଗୁପ୍ତେ ନିଜ ଚାଷ ଜମିରେ କାମ କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ବାଟରେ ଘଡଘଡି ସହ ବର୍ଷା ହୋଇଥିଲା। ଏନେଇ ଗୁପ୍ତେ ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ। ସେତିକିବେଳେ ବଜ୍ରପାତ ଘଟି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବେଲପଡ଼ା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୧/୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ଗୁପ୍ତେଙ୍କ ସ୍ତ୍ରୀ ଏବଂ ଗୋଟିଏ ପୁଅ ଓ ୨ ଝିଅ ଅଛନ୍ତି। ଏନେଇ ପରିବାର ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ତୁଷୁରାରେ କମୁନି ପ୍ଲାଷ୍ଟିକ ବ୍ୟବହାର

**ଗୁଡଭେଲା,୨୪।୭(ଡି.ଏନ୍.ଏ.):** ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ଓ ପଲିଥିନ ବ୍ୟବହାର ନିଷେଧ ଲାଗି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହେଲେ ବଲାଙ୍ଗୀର ଜିଲା ତୁଷୁରା ଏନ୍ଏସି ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ ସାମଗ୍ରୀର ବିକ୍ରି ଉପରେ କୌଣସି ପ୍ରତିବନ୍ଧକ କିମ୍ବା କଟକଣା ନ ଥିବାରୁ ଅଞ୍ଚଳରେ ବେଧଡକ ଭାବେ ପଲିଥିନ ସହ ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି ଚାଲିଛି। ଅନ୍ୟପକ୍ଷେ ଲୋକଙ୍କ ଚାହିଦା ଥିବାରୁ ରାଜ୍ୟ ବାହାରୁ ମଧ୍ୟ ବ୍ୟବସାୟୀମାନେ ଆସି ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି କରୁଛନ୍ତି। ହେଲେ ଏହାର କୁପ୍ରଭାବ ପରିବେଶ ଉପରେ ପଡୁଥିବା କାହାରି ନଜର ନାହିଁ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ବିହିତ ପଦକ୍ଷେପ ନ ନେଲେ ପରିବେଶ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### ସମୁଦ୍ରରେ ଡଙ୍ଗା ବୁଡ଼ି ଜଣେ ମତ୍ସ୍ୟଜୀବୀ ନିଖୋଜ, ୩ ଉଦ୍ଧାର

**ରୂପ୍ସା/ବସ୍ତା,୨୪।୭ (ଡି.ଏନ.ଏ./ସ୍ୱ.ପ୍ର.) :** ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ବାହାବଲପୁର ନିକଟ ସମୁଦ୍ରରେ ବୁଧବାର ଏକ ଦେଶୀଡଙ୍ଗା ବୁଡ଼ି ଯିବାରୁ ଜଣେ ମତ୍ସ୍ୟଜୀବୀ ନିଖୋଜ ଥିବା ଜଣାପଡ଼ିଛି। ଅନ୍ୟ ୩ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି। ଏକ ଦେଶୀ ଡଙ୍ଗାରେ ମାଛ ଧରିବା ପାଇଁ ୪ଜଣ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇଥିଲେ। ଲହଡି ମାଡରେ ଭାରସାମ୍ୟ ହରାଇ ଡଙ୍ଗାଟି ସମୁଦ୍ରରେ ଓଲଟି ପଡି ବୁଡି ଯାଇଥିଲା। ୪ ଜଣ ମତ୍ସ୍ୟଜୀବୀ ପହଁରି ପହଁରି ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଖବର ପାଇ ସାମୁଦ୍ରିକ ଥାନା ପୋଲିସ ସଙ୍ଗେ ସଙ୍ଗେ ସ୍ପିଡ୍‌ବୋଟ୍ ଯୋଗେ ୩ ଜଣଙ୍କୁ ଉଦ୍ଧାର କରିବାରେ ସମର୍ଥ ହୋଇଥିଲା। ତେବେ କଷାଫଳ ଗ୍ରାମର ପଞ୍ଚାନନ ଦଲେଇଙ୍କର କୌଣସି ସନ୍ଧାନ ମିଳି ନ ଥିବା ଆଇଆଇସି ରୋଜାଲିନ ବେହେରା ପ୍ରକାଶ କରିଛନ୍ତି।

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

- ବଲାଙ୍ଗୀରରେ ଜିଲା କଂଗ୍ରେସ କମିଟିର ଧାରଣା
- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, ରାଜ୍ୟପାଳଙ୍କୁ ଦାବିପତ୍ର
- ବଢ଼ୁଛି ଗଣବଳାତ୍କାର

**ବଲାଙ୍ଗୀର ଅଫିସ,୨୪।୭**

ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ବୃଦ୍ଧି ପାଉଥିବା ଗଣବଳାତ୍କାର ଘଟଣା ଏବଂ ବିଜେଡି ସରକାରଙ୍କ ନିଷ୍କ୍ରିୟତା ପ୍ରତିବାଦରେ ବୁଧବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଧାରଣାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ବିଧାନସଭାରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଦେଇଥିବା ବିଭ୍ରାନ୍ତିକର ତଥ୍ୟକୁ ବିରୋଧ କରାଯାଇଥିଲା। ଏଆଇସିସି ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ସମରେନ୍ଦ୍ର ମିଶ୍ର ଆନ୍ଦୋଳନରେ ଯୋଗଦେଇ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବର୍ଷକୁ ରାଜ୍ୟରେ ୧ ହଜାରରୁ ଊର୍ଦ୍ଧ୍ୱ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। ଏହି କୁକର୍ମରେ ଓଡ଼ିଶା ସାରା ଦେଶରେ ପ୍ରଥମ ହେଲାଣି। ପୁରୀ ଜିଲାରେ ଶହ ଶହ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଲୋକେ ହତ୍ୟାର ଶିକାର ହେଉଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନିର୍ବିକାର ଭାବେ ବସି ରହିଛନ୍ତି। ଓଲଟା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ଅଛି ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେଉଛନ୍ତି। ଏହା ଲଜ୍ଜାଜନକ ଘଟଣା ବୋଲି ସେ ସମାଲୋଚନା କରିଥିଲେ। ଦିନକୁ ଦିନ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ବଢି ଚାଲିଛି। ବର୍ଷା ଅଭାବ ଯୋଗୁ ଜିଲାରେ ମରୁଡି ସ୍ଥିତି ଦେଖା ଦେଲାଣି। ବଲାଙ୍ଗୀରରେ ଜଣେ ଚାଷୀ ଆତ୍ମହତ୍ୟା କଲେଣି। ମାତ୍ର ସରକାର କିଛି ବି ପଦକ୍ଷେପ ନେଉ ନାହାନ୍ତି ବୋଲି ମିଶ୍ର କହିଥିଲେ। ଜିଲା ସଭାପତି ବେହେରା ବକ୍ତବ୍ୟରେ ରାଜପରିବାରର ବିଜେଡି ନେତାମାନେ ୧୦ ହଜାର କୋଟି ଟଙ୍କା ଜମି ଦୁର୍ନୀତି କରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଉମ୍ପରୁ ଛତ୍ରିଆ ନାବାଳିକା ବଳାତ୍କାର ଘଟଣା ଓ ଅପହରଣ ରୋକିବାରେ ସରକାର ବିଫଳ ହୋଇଥିବା କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଅସୀମ ପଟ୍ଟନାୟକ ବଲାଙ୍ଗୀର ବାଇପାସ୍ ରାସ୍ତା ସମସ୍ୟା, ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା, ସ୍କୁଲ ଓ କଲେଜରେ ଶିକ୍ଷକ ଅଭାବ ଉପରେ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ନିର୍ବାଚନ ପୂର୍ବରୁ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ ମଧ୍ୟ ଏହି ଦିଗରେ କୌଣସି କାର୍ଯ୍ୟ ଅଗ୍ରଗତି ନ ହେବା ବଲାଙ୍ଗୀର ଛାତ୍ରସମାଜ ପାଇଁ ଏହା ସରକାରଙ୍କ ଏକ ଉପହାସ ବୋଲି କହିଥିଲେ। ଏହି ସବୁ ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଉମାକାନ୍ତ ସାହୁ, ସରୋଜ ବିଶ୍ୱାଳ, ସନ୍ତକ ବହିଦାର, ପ୍ରେମ ପ୍ରକାଶ ମିଶ୍ର, ଅଜୟ ବାଲି, ସତ୍ୟା ସୁନା, ହୃଦାନନ୍ଦ ଭୋଇ, ନବକିଶୋର ନାଏକ, ମଧୁସୂଦନ କ୍ଷେତୀ ବକ୍ତବ୍ୟ ରଖିଥିଲେ। ପ୍ରତିବାଦ ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ପରିଚାଳନା କରିଥିଲେ। ଶେଷରେ ଜିଲା କଂଗ୍ରେସ ମୁଖପାତ୍ର ସାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା

# ଅଭିଯୁକ୍ତ ବାବାଙ୍କୁ ୧୦ ବର୍ଷ କାରାଦଣ୍ଡ

**ଟିଟିଲାଗଡ଼,୨୪।୭(ଡି.ଏନ.ଏ)**

ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର ମାମଲାର ବିଚାର କରି ଟିଟିଲାଗଡ଼ ଅତିରିକ୍ତ ଦୌରା ଜଜ୍ ରାଜେଶ ନାୟାର ବୁଧବାର ଅଭିଯୁକ୍ତ ଟିଟିଲାଗଡ଼ ଥାନା ଅଧୀନ ବାଞ୍ଜିଖାଲ ଗ୍ରାମର ଭଣ୍ଡବାବା ମଧୁସୂଦନ ଦାଶଙ୍କୁ ୧୦ ବର୍ଷ କାରାଦଣ୍ଡ ରାୟପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବକ, ଭଣ୍ଡବାବା ମଧୁସୂଦନ ସଇଁନ୍ତଲା ଥାନା ଅଞ୍ଚଳର ଜଣେ ନାବାଳିକା ଏବଂ ତାଙ୍କ ବଡ ଭଉଣୀଙ୍କୁ ୨୦୧୬ ସେପ୍ଟେମ୍ବର ୨୬ତାରିଖରେ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ୨୦୧୬ ଅକ୍ଟୋବର ୧ତାରିଖରେ ସଇଁନ୍ତଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ପଦକ୍ଷେପ ନେଇ ନ ଥିଲା। ଏପରିସ୍ଥିତିରେ ନାବାଳିକା ଜଣକ କୌଶଳ କ୍ରମେ ତାଙ୍କ ଭିଣୋଇଙ୍କ ଫୋନ କରି ସେ ଗ୍ୱାଲିୟରରେ ଥିବା ଜଣାଇଥିଲେ। ଏନେଇ ନାବାଳିକାଙ୍କ ଭିଣୋଇ ଏବଂ ବାପା ସଇଁନ୍ତଲା ଥାନାକୁ ଆସି ଘଟଣା ସଂକ୍ରାନ୍ତରେ ଅବଗତ କରାଇଥିଲେ। ପରେ ସଇଁନ୍ତଲା ପୋଲିସ ଅକ୍ଟୋବର ୩୦ତାରିଖରେ ଗ୍ୱାଲିୟରରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ନାବାଳିକା ଜଣକ ବଳାତ୍କାର ଶିକାର ହୋଇଥିବା ନେଇ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ନଭେମ୍ବର ୨ ତାରିଖରେ ମଧୁସୂଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ମାମଲା କୋର୍ଟରେ ବିଚାର ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଟିଟିଲାଗଡ଼ ଅତିରିକ୍ତ ଦୌରା ଜଜ୍ ଅଭିଯୁକ୍ତ ମଧୁସୂଦନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଏପରିକି ପୀଡିତାଙ୍କୁ ୩ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଡିଏଲ୍ଏସ୍ଏ ବଲାଙ୍ଗୀରକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଦୁଇ ଭଉଣୀଙ୍କ ମଧ୍ୟରୁ ବଡ ଭଉଣୀଙ୍କର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ମିଳିପାରି ନାହିଁ।

# ଲକ୍ଷାଧିକ ଟଙ୍କାର କାଠ ସାମଗ୍ରୀ ଜବତ

**ଲାଠୋର,୨୪।୭(ଡି.ଏନ୍.ଏ.)**

ବନ ବିଭାଗ ଚଢାଉ କରି ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଧୀନ ସାହାଜପାଣି ଗ୍ରାମର ଶଶି ମେହେରଙ୍କ ଘରୁ ବୁଧବାର ଲକ୍ଷାଧିକ ଟଙ୍କାର ବେଆଇନ କାଠ ସାମଗ୍ରୀ ଜବତ କରିଛି। ହେଲେ ଘଟଣାରେ ସମ୍ପୃକ୍ତ ଶଶି ଫେରାର ଥିବା ବଲାଙ୍ଗୀର ଏସିଏଫ୍ ବାବାଜୀ ଚରଣ ରାଉଳ ସୂଚନା ଦେଇଛନ୍ତି।

ବନବିଭାଗ ସୂତ୍ରରୁ ପ୍ରକାଶ ଯେ, ବଲାଙ୍ଗୀର ଏସିଏଫ୍ ରାଉଳ ସାହାଜପାଣି ଗ୍ରାମରେ ବେଆଇନ ଭାବେ କାଠ ସାମଗ୍ରୀ ତିଆରି ଓ ବିକ୍ରି ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲେ। ଏନେଇ ବୁଧବାର ସକାଳେ ମୋବାଇଲ ସ୍କ୍ୱାଡର ଫରେଷ୍ଟର ଚନ୍ଦ୍ରରଞ୍ଜନ ଖମାରୀ, ପ୍ରିୟବ୍ରତ ନାୟକ, ଗାର୍ଡ ହରେକୃଷ୍ଣ ପାଣି, ଲାଠୋର ଡେପୁଟି ରେଞ୍ଜର ରାଜକିଶୋର ଭୋଇ, ଫରେଷ୍ଟର ନବକିଶୋର ଦାସ ଏବଂ ବନ କର୍ମଚାରୀ ସାହାଜପାଣି ଗ୍ରାମର ଶଶି ମେହେରଙ୍କ ଘରେ ଚଢାଉ କରିଥିଲେ। ଚଢାଉ ବେଳେ ଅଧିକାରୀମାନେ ଘରୁ ପଲଙ୍କ, ଡାଇନିଂ ସେଟ ସହ ବହୁ ମାତ୍ରାରେ ସାଗୁଆନ ପଟା ଜବତ କରିଥିଲେ। ହେଲେ କୌଶଳ କ୍ରମେ ଘଟଣାସ୍ଥଳରୁ ଶଶି ଫେରାର ହୋଇଯାଇଥିଲେ। ଶିଶିଙ୍କ ବାପା ଶତ୍ରୁଘ୍ନ ମେହେରଙ୍କ ଉପସ୍ଥିତିରେ ଅଧିକାରୀମାନେ ସମସ୍ତ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀର ମୂଲ୍ୟ ପାଖାପାଖି ୪ ଲକ୍ଷ୍ୟ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନ ବିଭାଗ ଜବତ ସାମଗ୍ରୀକୁ ଏକ ଟ୍ରାକ୍ଟର ଯୋଗେ ଲାଠୋର ବନ କାର୍ଯ୍ୟାଳୟକୁ ଆଣିଛି। ଏ ନେଇ ବଲାଙ୍ଗୀର ଏସିଏଫ୍ ରାଉଳଙ୍କୁ ପଚାରିବାକୁ ଫେରାର ଥିବା ଶଶିଙ୍କୁ ଯଥାଶୀଘ୍ର ଧରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଜବତ ହୋଇଥିବା ଲକ୍ଷାଧିକ ଟଙ୍କାର କାଠ ସାମଗ୍ରୀ।

## ପନିପରିବା ଚାଷ ସମ୍ପର୍କିତ ତାଲିମ ଶିବିର

# ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ଚାଷୀଙ୍କୁ ଆହ୍ୱାନ

**ଖପ୍ରାଖୋଲ,୨୪।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁର ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ପରିସରରେ ଜଳଛାୟା ପ୍ରକଳ୍ପ ପକ୍ଷରୁ ପନିପରିବା ଚାଷ ସମ୍ପର୍କିତ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୃତ୍ତିକା ସଂରକ୍ଷଣ ଅଧିକାରୀ ତଥା ଜଳଛାୟା ପ୍ରକଳ୍ପ କାର୍ଯ୍ୟକ୍ରମ ଅଧିକାରୀ ସତ୍ୟେନ୍ଦ୍ର ରାଏକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବଲାଙ୍ଗୀର ଜିଲା ଜଳଛାୟା କାର୍ଯ୍ୟକ୍ରମ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ପାଟଣାଗଡ଼ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ସେଠୀ ଯୋଗଦେଇ ପନିପରିବା ଚାଷ ଉପରେ ତାଲିମ ପ୍ରଦାନ କରିବା ସହିତ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଲାଭବାନ ହେବାକୁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ଉନ୍ନତ କିସମ ବିହନ ଚୟନ, ମାଟି ପରୀକ୍ଷା, ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ, ବଜାରର ଆବଶ୍ୟକତା, ଗୋଷ୍ଠିଗତ ବ୍ୟବସାୟିକ କୃଷି ଉପରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ସେହିପରି ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଜନହିତକର ଯୋଜନା, ସବ୍‌ସିଡି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳଛାୟ ପ୍ରକଳ୍ପ ପରିଚାଳନା ଟିମ ସଦସ୍ୟ ସନ୍ତୋଷ କୁମାର ଭୋଇ, କାହ୍ନୁ ମେହେର, ଅଭିଷେକ ନାଏକ ପ୍ରମୁଖ ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ୯୯ଜଣ ଚାଷୀ ଯୋଗ ଦେଇଥିଲେ।



ପନିପରିବା ଚାଷ ସମ୍ପର୍କିତ ତାଲିମ ଶିବିରରେ ଉପସ୍ଥିତ ଚାଷୀମାନେ।

### ନାରୀ ନିର୍ଯାତନା ପ୍ରତିବାଦରେ ଧାରଣା

**ସୋନପୁର,୨୪।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଗଣ ବଳାତ୍କାର ବୃଦ୍ଧି ତଥା ବିଧାନସଭାରେ ଭୁଲ ତଥ୍ୟ ପ୍ରଦାନ ପ୍ରତିବାଦରେ ନେତୃବୃନ୍ଦ ଧାରଣାରେ ବସିଥିଲେ।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**କଣ୍ଟାବାଞ୍ଜି,୨୪।୭(ଡି.ଏନ.ଏ.)**

ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ କଣ୍ଟାବାଞ୍ଜି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜୟକୃଷ୍ଣ ବେହେରା। ଅଭିଯୋଗ ମୁତାବକ, ସୋମବାର ସକାଳ ପ୍ରାୟ ୭ଟା ବେଳେ ନାବାଳିକା ଜଣକ ଏକୁଟିଆ ଖେଳୁଥିଲେ। ଏହାର ସୁଯୋଗ ନେଇ ଜୟକୃଷ୍ଣ ନାବାଳିକାଙ୍କୁ ଘରକୁ ଟେକି ନେଇ ଅସଦାଚରଣ କରିଥିଲେ। ହେଲେ ଝିଅକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ନାବାଳିକା ଜଣକ ଜୟକୃଷ୍ଣଙ୍କ ଘରେ ଥିବା ଜାଣିବାକୁ ପାଇଥିଲେ। ନାବାଳିକାଙ୍କ ଠାରୁ ପରିବାର ଲୋକେ ଘଟଣା ସଂକ୍ରାନ୍ତରେ ଜାଣି କଣ୍ଟାବାଞ୍ଜି ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୧୨୫/୧୯) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ପୋଲିସ ଜୟକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ୍ଆଇ ଏସ୍.ସେଠୀ ସୂଚନା ଦେଇଛନ୍ତି।

## ବାଟବଣା ହେଇଛେ ଆବାସ ଯୋଜନା

# ଦଦ୍‌ରା ମାଟି ଖପର ଘରେ ଗରିବ୍ ପରିବାର

**ଲାଠୋର, ୨୪ ।୭ (ଡି.ଏନ୍.ଏ.)**

ସରକାର ଗରିବ ଦୁଖି, ବାସହୀନମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଅବାସ, ବିଜୁ ପକାଘର, ମୋ କୁଡ଼ିଆ ଯୋଜନାରେ ସାମିଲ କରି ପକାଘର ଯୁଗେଇ ଦେଉଛନ୍। ହେଲେ ଏସ୍ଇସିସି ତାଲିକାନେ ଭୁଲଭଟକା ଲାଗି ଅନେକ ଜାଗାରେ ଗରିବ୍ ପରିବାରମାନେ ଯୋଜନାରୁ ବାଦ୍‌ପଡ଼ି ବଡ଼ା ଗୁଲଗୁଲା ହେଇ ଜୀବନ୍ ବିତଉଛନ୍। ଏନ୍ତା ଗୁଟେ ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ପିପଲବାହାଲ ଗାଁରେ।

ସୂଚନା ଅନ୍‌ସାରେ ପିପଲବାହାଲ ଗାଁର ବୈଦାର ପରାଭୁଏ। ପରିବାର କହେଲେ ମାଏକିନା ଇନ୍ଦିରା, ଦୁଇ ଝିଁ ଆର ଗୁଟେ ପୁଓକେ ନେଇ ତାକର ସଁସାର। ଜମିବାଡ଼ି, ସଁପତି ବଲି ତାକର କିଛି ନାଇଁ। ନିଜେ ଲୁହା କାମ୍ କରବାର ସଂଗେ ରାଏଜ୍ ବାହାରକେ ଦାଦନ୍ ଯାଇ କୁଟୁମ ପୁଷୁଛନ୍। ହେଲେ ବୈଦାରଙ୍କର ବଏସ୍ ଅଧିକା ହେବାର ଲାଗି ଏହେଦେ ସେ ଲୁହା କାମ୍ ନାଇଁ କରିପାରବାର। ଯେନ୍‌ଥିରଲାଗି ଏହେଦେ କୁଟୁମବସିଆ ଦାଦନ୍ ଯାଇ ପେଟ୍ ପାଲୁଛନ୍। ଏନ୍ତାଥି ସେ ତାକର ମାଏଟ୍ ଖପର ଘରଟାକେ ମରାମତି କରି ନାଇଁପାରବାର। ଖପର ଉପରେ ଗୁଟେ ପଲିଥିନ୍ ଢାପି କୁଟୁମବସିଆ ମୁଡ଼ଗୁଁଜିଛନ୍। ସେ ବହୁତ ବଛର ହେଲା ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଭିନେ ଭିନେ ସମିଆରେ ଥାନୀୟ ନେତା, ସରକାରୀ ବାବୁମାନଙ୍କୁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଏହେଦେ ପରିବାରଟା ଉପେ ଶୂଇନ୍ ହେଇ ଭଂଗା ଦଦ୍‌ରା କୁରିଆରେ ଜୀବନ୍‌କେ ପାଏନ୍ଛଡ଼େଇ ରହୁଛନ୍। ସେନ୍ତା ବୈଦାର ଦିନାକେତେ ତଲେ ଖପ୍ରାଖୋଲ ବ୍ଲକ ପରଶାସନକେ ଘରଖଁଡ଼େ ଯୁଗେଇ ଦେବାକେ ନିବେଦନ କରିଥିବାର କହିଛନ୍। ଇ ଦୁଖି ଗରିବ୍ ପରିବାରକେ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।



ଦଦ୍‌ରା ମାଏଟ୍ ଖପର କୁରିଆ ଆଘେ ବୈଦାରଙ୍କର ପରିବାର।

## ଅବକାରୀ ବିଭାଗର ଚଢ଼ାଉ

# ମଦ ଜବତ, ମହିଳାଙ୍କ ସହ ୩ ଗିରଫ

**ଲୋଇସିଂହା,୨୪।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଅବକାରୀ ବିଭାଗ ଏବଂ ବଲାଙ୍ଗୀର ମୋବାଇଲ ୟୁନିଟ ପକ୍ଷରୁ ମଦ ଧରପଗଡ଼ ଆରମ୍ଭ ହୋଇଛି। ବୁଧବାର ମିଳିତ ଟିମ୍ ଲୋଇସିଂହା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଚଢାଉରେ ଅଧିକାରୀମାନେ ୨୫ ଲିଟର ରନ୍ଧାମଦ, ୪ ଲିଟର ପାଉଚ ମଦ ଏବଂ ୩୫ ଲିଟର ବିୟର ଜବତ କରିଥିଲେ। ଏପରି କି ବେଆଇନ ମଦ କାରବାର ଅଭିଯୋଗରେ ମହିଳାଙ୍କ ସମେତ ୩ ଜଣଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେମାନେ ହେଲେ ଗୋଲାପି ଭୁଏ, ସର୍ଜନ ବାରିକ ଏବଂ ଜୟଦେବ ସାହୁ। ଏନେଇ ଅବକାରୀ ବିଭାଗ ପୃଥକ ୩ ଟି ମାମଲା ରୁଜୁ କରିଛି।

ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଲୋଇସିଂହା ବ୍ଲକ ପରିସରରେ ଜିଲାପାଳ ଏବଂ ଏସ୍‌ପିଙ୍କ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବୁର୍ଡା ଏବଂ ଭାଲିଆମୁଣ୍ଡା ଗ୍ରାମର ଶତାଧିକ ଏସ୍ଏଚଜି ମହିଳା ଯୋଗ ଦେଇଥିଲେ। ମହିଳାମାନେ ଅଞ୍ଚଳରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ କରିଥିଲେ। ଏନେଇ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଜିଲାପାଳ ଏବଂ ଏସ୍‌ପିଙ୍କୁ ଜଣାଇବା ସହ କୁଟିଆ ମଦବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବୁଧବାର ଅବକାରୀ ଟିମ୍ ବୁର୍ଡା ଏବଂ ଭାଲିଆମୁଣ୍ଡା ଗାଁରେ ଚଢାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ କଦଳିପାଲି ଗ୍ରାମର ଗୋଲାପି ଭୁଏଙ୍କ ଘରୁ ୨୫ ଲିଟର ରନ୍ଧା ମଦ ଜବତ କରିଥିଲେ। ସେହିପରି ଗୁଗୁଡିଖାଲରେ ଚଢାଉ କରି ଜୟଦେବ ସାହୁଙ୍କ ନିକଟରୁ ୪ ଲିଟର ଭାଟି ପାଉଚ ମଦ ଜବତ କରାଯାଇଥିଲା। ଅଧିକାରୀମାନେ ରାମପୁରସ୍ଥିତ ଗୁଗୁଳ ଢାବାରେ ଚଢାଉ କରି ୩୫ ଲିଟର ବିୟର ଜବତ କରି ସର୍ଜନ ବାରିକଙ୍କୁ ଗିରଫ କରିଥିବା ଓଆଇସି ଆରତୀ କିଷାନ କହିଛନ୍ତି। ଚଢାଉରେ ସ୍ଥାନୀୟ ଅବକାରୀ ଓଆଇସି ଆରତୀ କିଷାନ, ସଦର ଇନ୍ସପେକ୍ଟର ପ୍ରସନ୍ନ କୁମାର ମଲ୍ଲିକ, ଝସକେତନ ବାରିକ, ସତ୍ୟ ବେହେରାଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।



ଅଧିକାରୀମାନେ ଗିରଫ ଅଭିଯୁକ୍ତମାନଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୨୫ ଜୁଲାଇ, ୨୦୧୯



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



# ବିଭିନ୍ନ ସମସ୍ୟା ନେଇ ବ୍ଲକ ଅଫିସ ଘେରାଉ

**କାଳିମାଟି ଗ୍ରାମବାସୀ**

କୋମନା,୨୪।୭ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅଫିସଠାରୁ ୧୫ କି.ମି.ରୁ ଅଧିକ ଦୂର ହେବ କାଳିମାଟି ଗ୍ରାମରେ ବିଭିନ୍ନ ସମସ୍ୟା ରହିଛି। ରାଜ୍ୟ ସରକାର ଲୋକଙ୍କ ହିତ ପାଇଁ ଅନେକ ଲୋକାଭିମୁଖୀ ଯୋଜନା କରିଥିଲେ ମଧ୍ୟ କାଳିମାଟି ଗ୍ରାମାବାସୀ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ଏହାର ସମାଧାନ ପାଇଁ ବୁଧବାର ଗ୍ରାମବାସୀ ବ୍ଲକ ଅଫିସ ଘେରାଉ କରିଛନ୍ତି ।

ଗ୍ରାମବାସୀଙ୍କ କହିବା ମୁତାବକ ଗାଁରେ ଥିବା ପ୍ରମୁଖ ସମସ୍ୟା ମଧ୍ୟରେ ଯିବା ଆସିବା ପାଇଁ ରାସ୍ତାର ଉନ୍ନତିକରଣ, ପ୍ରାକ ବିଦ୍ୟାଳୟ ପାଇଁ ଅଙ୍ଗନୱାଡି କେନ୍ଦ୍ର, ଗରିବ ଲୋକଙ୍କୁ ରାଶନ କାର୍ଡ ଯୋଗାଇଦେବା, ୬୦ ବର୍ଷରୁ ଅଧିକ ହୋଇଥିବା ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପାଉ ନ ଥିବା ଭଳି ଅନେକ ସମସ୍ୟା ନେଇ ଗ୍ରାମର ଶତାଧିକ ମହିଳାପୁରୁଷ କୋମନା ବ୍ଲକ କାର୍ଯ୍ୟାଳୟ ଘେରାଉ କରି ବିଡିଓଙ୍କୁ ଦାବି ଜଣାଇଥିଲେ। ଏହା ପରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଗ୍ରାମବାସୀ ଭେଟି ଅଙ୍ଗନୱାଡି କେନ୍ଦ୍ର ଉପରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। କୋମନା ବିଡିଓ ଗୁରୁବାର ଗାଁକୁ ଯାଇ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରି ଯାଇଥିଲେ। ସୂଚନାଯୋଗ୍ୟ ଯେ, ୨୦୦୦ରେ ନୂଆପଡା ଜିଲା ଖଡିଆଳ ଓ କୋମନା ବ୍ଲକର ମଧ୍ୟ ଭାଗରେ ଲୋୟର ଇନ୍ଦର ଜଳସେଚନ ପ୍ରକଳ୍ପ (ତିଖାଳି ଡ୍ୟାମ) କାର୍ଯ୍ୟ ସରକାର କରୁଥିବା ବେଳେ ଆଜକୁ ୨୦ ବର୍ଷ ହେଲା ପ୍ରକଳ୍ପ କାମ ଶେଷ ହୋଇପାରୁନି । ଏଥିରେ କାଳିମାଟି ଗାଁକୁ ସମ୍ପୂର୍ଣ୍ଣ ବୁଡିଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ସରକାର ପ୍ରକଳ୍ପରେ ବିସ୍ଥାପିତ ଲୋକଙ୍କୁ ଏଯାଏଁ ପୂର୍ଣ୍ଣ ମାତ୍ରାରେ ଥଇଥାନ କରି ନ ଥିବା ଯୋଗୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।


କାଳିମାଟି ଗ୍ରାମବାସୀ ବ୍ଲକ ଅଫିସ ଘେରାଉ କରିଛନ୍ତି ।

## ସଂକ୍ଷେପରେ

### ବିଜେଡିରେ ମିଶିଲେ ଖଡିଆଳ ବ୍ଲକ ଅଧକ୍ଷ

**ଖଡିଆଳ,୨୪।୭(ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ବ୍ଲକ ଅଧକ୍ଷ ବାଲକୃଷ୍ଣ ଶବର ଗତ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଛନ୍ତି । ବିଜେଡି ସରକାରଙ୍କ ଜନହିତକାରୀ ଯୋଜନା, ଶାସକ ଦଳର କାର୍ଯ୍ୟଶୈଳୀ, ରାଜ୍ୟର ବିକାଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିବା ସେ କହିଥିଲେ । ଏହି ଅବସରରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜୟପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ଜିଲା ପରିଷଦ ଉପାଧକ୍ଷ ଭାନୁପ୍ରତାପ ସିଂ, ଯୁବନେତା ଭବାନୀଶଙ୍କର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ ।



### ତାଲୁକ ଆଇନ ସେବାର ଚାରାରୋପଣ

**ଖଡିଆଳ,୨୪।୭ (ଡି.ଏନ.ଏ.)-** ଖଡିଆଳ ତାଲୁକସ୍ତରୀୟ ଆଇନସେବା କମିଟି ତରଫରୁ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ, ଏନଏସଏସ, ରେଡକ୍ରସର ସ୍ୱେଚ୍ଛାସେବୀ ଦ୍ୱାରା ୨୦୦ ଖଣ୍ଡ ଚାରାରୋପଣ କରାଯାଇଥିଲା। ପ୍ରଥମେ ତାଲୁକ ଆଇନସେବା ଅଧକ୍ଷ ତଥା ସବଜଜ୍ ଡ. ପ୍ରଦୀପ କୁମାର ପ୍ରଧାନ, ସଭ୍ୟ ମେଜର ଡ. ରାମଚନ୍ଦ୍ର ମିଶ୍ର, ସଭ୍ୟ ପୋଲିସ ଏସଡିପିଓ ବିରଞ୍ଚି ପ୍ରସାଦ ଦେହୁରୀ, ଖଡିଆଳ ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂ, ପ୍ରଥମ ଶ୍ରେଣୀ ବିଚାରପତି ଶ୍ରଦ୍ଧା ମଣ୍ଡୋଠିଆ, କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ସା ପ୍ରମୁଖ ବୃକ୍ଷରୋପଣର ଉପାଦେୟତା ଓ ଗୁରୁତ୍ୱ ଉପରେ ବୁଝାଇଥିଲେ । ଏହା ପରେ କଲେଜ ପରିସରରେ ଲିମ୍ବ, କଦମ୍ବ, କରଞ୍ଜ, କୃଷ୍ଣଚୂଡା, ଆମ୍ବ ଆଦି ବୃକ୍ଷ ରୋପଣ କରି ଏହାର ସୁରକ୍ଷା ପାଇଁ ଶପଥ ନେଇଥିଲେ । ଏଥିରେ ପ୍ରଧାପକ ତରୁଣ କୁମାର ପ୍ରଧାନ, କ୍ରୀଡା ଶିକ୍ଷକ ସରୋଜ କୁମାର ପଣ୍ଡା, ଜାତୀୟ ସେବା ଯୋଜନା ଅଧିକାରୀ ପ୍ରଣତି ପଣ୍ଡା, ରେଞ୍ଜର ସଦାନନ୍ଦ ସୁନାନୀ, କୋର୍ଟ କର୍ମଚାରୀ କେଉଁଠରଭୂଷଣ ଭିତରିଆ, ଏନସିସି ଅଫିସର ଡ. ବିଷ୍ଣୁଦେବ ମଲ୍ଲିକ ପ୍ରମୁଖ ଏହି କାଯର୍ୟକ୍ରମକୁ ସଂଯୋଜନା ଓ ସହଯୋଗ କରିଥିଲେ । ତରୁଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଶା କର୍ମୀ ନିଯୁକ୍ତିରେ ପାତରଅନ୍ତର ଅଭିଯୋଗ

**ଭବାନୀପାଟଣା, ୨୪।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗୁଡ଼ା ଗ୍ରାମରେ ଆଶା କର୍ମୀ ଥିବା ଚଞ୍ଚଳା ବାଗଙ୍କ ୫ ବର୍ଷ ତଳେ ମୃତ୍ୟୁ ବରଣ କରିବା ପରେ ତାଙ୍କ ବୋହୁ ମିନାକ୍ଷୀ ବାଗଙ୍କୁ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଓ ଗ୍ରାମବାସୀ ଆଶା କର୍ମୀ ଭାବେ ଚୟନ କରିଥିଲେ। ଗତ ୫ ବର୍ଷଧରି ସେ ଆଶାୟୀ ଆଶା କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଜୁନାଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ରାହ୍ମଣୀଗୁଡ଼ା ଗ୍ରାମରେ ମିନାକ୍ଷୀ ବାଗଙ୍କ ପରିବର୍ତ୍ତେ ଅନ୍ୟ ଜଣେ ମହିଳା ଭାର୍ଗବି ନାଗଙ୍କୁ ଆଶା କର୍ମୀ ଭାବେ ନିଯୁକ୍ତି ଦେଇଛନ୍ତି । ଆଶା କର୍ମୀ ନିଯୁକ୍ତିରେ ପାତରଅନ୍ତର ପ୍ରତିବାଦରେ ଗ୍ରାମବାସୀ ଗତ ୧୭ ତାରିଖରେ ଆଙ୍ଗନୱାଡ଼ି କେନ୍ଦ୍ର ବନ୍ଦ କରି ଦେଇଥିଲେ। ଗତ ୨୦ ବର୍ଷ ଧରି ଗୋଟିଏ ପରିବାରର ଦୁଇଜଣ ଶାଶୁ ଓ ବୋହୁ ଆଶ କର୍ମୀ ଭାବେ ଗ୍ରାମବାସୀଙ୍କ ସେବା କରି ଆସିଥିବାରୁ ବର୍ତ୍ତମାନ ବୋହୁ ମିନାକ୍ଷୀ ବାଗଙ୍କୁ ହିଁ ଗ୍ରାମର ଆଶା କର୍ମୀ ଭାବରେ ନିଯୁକ୍ତି ଦେବା ଦାବି କରି ମଙ୍ଗଳବାର ବ୍ରାହ୍ମଣୀଗୁଡ଼ା ମହିଳାମାନେ ସିଡିଏମ୍‌ଓଙ୍କୁ ଦାବିପତ୍ର ଦେବା ସହ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ ।

ଶିକ୍ଷା ବିଭାଗର ସମୀକ୍ଷା କଲେ ଜିଲାପାଳ

# ଜିଲାର ଉନ୍ନତି ପାଇଁ ଗୁଣାତ୍ମକ ଶିକ୍ଷା ଅପରିହାର୍ଯ୍ୟ

ନୂଆପଡା ଅଫିସ,୨୪।୭

ନୂଆପଡା ଭଳି ଉପାନ୍ତ ଜିଲାରେ ଶିକ୍ଷା ହାରକୁ ବୃଦ୍ଧି କରିବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ଏଥିପାଇଁ ଗୁଣାତ୍ମକ ଶିକ୍ଷା ଅପରିହାର୍ଯ୍ୟ ବୋଲି ଜିଲାପାଳ ମଧୁସ୍ମିତା ସାହୁ କହିଛନ୍ତି । ବୁଧବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିକ୍ଷା ବିଭାଗର ସମୀକ୍ଷା କରିବା ଅବସରରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇ ଏହା କହିଥିଲେ।

ମଧ୍ୟାହ୍ନରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ଡିପିସି ଆଦିକନ୍ଦ ଦାସଙ୍କ ସମେତ ଜିଲାର ସମସ୍ତ ବିଇଓ, ଏବିଇଓମାନେ ଯୋଗଦେଇଥିଲେ । ଏଥିରେ ବିଦ୍ୟାଳୟ ଗୁଡିକରେ ଆନୁଷଙ୍ଗିକ ସୁବିଧା ଯଥା ବିଜୁଳି ସଂଯୋଗ, ପାଇଖାନା ପ୍ରତିଷ୍ଠା, ଗୁଣାତ୍ମକ ଶିକ୍ଷା, ପାନୀୟ ଜଳ ଉପରେ ବିଶେଷ ଆଲୋଚନା ହୋଇଥିଲା । ଏହିଭଳି ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ବୈଠକ ଶେଷରେ ଡିପିସି ଦାସ ଧନ୍ୟବାଦ ଦେଇଥିଲେ ।



ଜିଲାପାଳ ମଧୁସ୍ମିତା ସାହୁ ସମୀକ୍ଷା ବୈଠକରେ ଆଲୋଚନା କରୁଛନ୍ତି ।

ଚିକିତ୍ସା ବିଭାଗର ମିଡିଆ ବ୍ରିଫିଙ୍ଗ

# ଚିକିତ୍ସା ଅପେକ୍ଷା ସଚେତନତା ମୂଲ୍ୟ ବେଶି

**କାର୍ଯ୍ୟକ୍ରମ ସଫଳତାରେ ଜିଲା ଆଗରେ**

ନୂଆପଡା ଅଫିସ,୨୪।୭

ଯେ କୌଣସି ରୋଗର ଚିକିତ୍ସା ଅପେକ୍ଷା ସଚେତନତାର ମହତ୍ୱ ବେଶୀ ରହିଥାଏ । ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ତତ୍ପର ରହି ଜିଲାବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କରିଥାଏ । ବର୍ତ୍ତମାନ ପରିପ୍ରେକ୍ଷୀରେ ସବୁ କାର୍ଯ୍ୟକ୍ରମର ସଫଳତାର ହାରକୁ ଦେଖାଯାଏ । ତେବେ ଜିଲା ଆଗରେ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଛନ୍ତି । ବୁଧବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସଭାଗୃହରେ ଆୟୋଜିତ ମିଡିଆ ବ୍ରିଫିଙ୍ଗ ବୈଠକରେ ଅଧିକାରୀମାନେ ଉପସ୍ଥାପନ କରି ଏଭଳି ତଥ୍ୟ ପ୍ରଦାନ କରିଛନ୍ତି । ପୂର୍ବାହ୍ନ ୧୧ଟାବେଳେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମା ସଭାପତିତ୍ୱ କରିଥିଲେ। ଡିଏମଓ ଡା. ପି.କେ.ଭି. ପଟ୍ଟନାୟକ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ଡା. ବି. ବି. ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆଇଡିସିଏମ (ଇନଟେନସିଫାଏ ଡାଇରିଆ କଣ୍ଟ୍ରୋଲ ମନଥ) କାର୍ଯ୍ୟକ୍ରମରେ ଜିଲାବ୍ୟାପି ଯେମିତି ଝାଡାବାନ୍ତକୁ ମୁକାବିଲା କରାଯାଇ ପାରିବ ସେ ଉପରେ ସଫଳତାର ସହ ଯୋଜନାର ରୂପାୟନ ହୋଇପାରିଥିବା ଅଧିକାରୀମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାବ୍ୟାପି ୭ ଶହଟି ଜନବସତିରେ ୧ ଲକ୍ଷ ୪୮ ହଜାର ୮୪୦ ପରିବାରରେ ଓଆରଏସ ପାଉଡର ବଣ୍ଟନ କରାଯାଇଛି । ଏହିଭଳି ବୁଧବାର ଶେଷ ହୋଇଥିବା ଜନସଂଖ୍ୟା ପକ୍ଷ ପାଳନ କାର୍ଯ୍ୟକ୍ରମରେ ଜନସଂଖ୍ୟା ବୃଦ୍ଧି ରୋକିବାକୁ କ'ଣ ସବୁ କାର୍ଯ୍ୟକ୍ରମ ଏବଂ ସଫଳତା ମିଳିଛି ତାକୁ ମଧ୍ୟ ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୁକ୍ମଣୀ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ହସ୍ପିଟାଲ ମ୍ୟାନେଜର ବିଷ୍ଣୁପ୍ରିୟା ସାହୁ, ମୁକେଶ ଭୋଇ, ସନ୍ତୋଷ କୁମାର ସାହ, ରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ମିଡିଆ ବ୍ରିଫିଙ୍ଗ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗ

# କଂଗ୍ରେସ ତରଫରୁ ଜିଲାପାଳ ଅଫିସ ଘେରାଉ

ନୂଆପଡା ଅଫିସ,୨୪।୭

ରାଜ୍ୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ନୂଆପଡା ଜିଲା କଂଗ୍ରେସ ତରଫରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବାବେଳେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

କଂଗ୍ରେସ ଜିଲା ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ରାଲିରେ ବାହାରି ବିଭିନ୍ନ ନାରାବାଜି କରି ଏକତା ଛକ ନିକଟରେ ଠୁଳ ହୋଇଥିଲେ । ରାଜ୍ୟରେ ଦିନକୁ ଦିନ ହତ୍ୟା, ବଳାତ୍କାର, ଚୋରି ରାହାଜାନୀ ବଢିଚାଲିଛି ବୋଲି କହିଥିଲେ। ଏହା ପରେ ଏକ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ତରଫରୁ ଡେପୁଟୀ କଲେକ୍ଟର ଜୟଲାଲ ବେଶ୍ରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ହାଲ୍ଲା ସିଂ, ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର, ରବୀନ୍ଦ୍ର ମଙ୍ଗରାଜ, ଆଲୋକ ଗୁରୁ, ଦେବଦତ ଦିକ୍ଷୀତ ପ୍ରମୁଖ ଯୋଗଦେଇଥିଲେ ।


ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ବର୍ଷାଭାବ, ଚାଷ କାମ ବାଧାପ୍ରାପ୍ତ

ସିନାପାଲି,୨୪।୭ (ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ବର୍ଷାଭାବ ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ପ୍ରଚଣ୍ଡ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜୁନରେ ସାମାନ୍ୟ ବର୍ଷା ହୋଇଥିଲା। ଫଳରେ ଚାଷୀମାନେ ନିଜ ଜମିରେ ଧାନ ବୁଣି ବର୍ଷାକୁ ଅପେକ୍ଷା କରିଥିଲେ। କିଛି ଚାଷୀ ରୁଆ ପାଇଁ ତଳି ମଧ୍ୟ ପକାଇଥିଲେ । ହେଲେ ବର୍ଷା ଅଭାବ ଯୋଗୁ ଚାଷୀ ମୁଣ୍ଡରେ ଆକାଳ ଚଡକ ପଡିଲାଣି । ବୁଣା ଧାନଗୁଡିକ ବିହୁଡା ପାଇଁ ସଜ ହେବା ବେଳେକୁ ଆକାଶରେ ଆଉ ମେଘ ନାହିଁ । ପ୍ରଚଣ୍ଡ ଖରା ଯୋଗୁ ଜମି ସବୁ ଫାଟିବାରେ ଲାଗିଲାଣି। ଧାନ ଗଛଗୁଡିକ ପାଣି ଅଭାବରୁ ହଳଦିଆ ହୋଇ ନଷ୍ଟ ହେବାକୁ ବସିଲାଣି। ଗତ ଜୁନରେ ଏଠାରେ ମାତ୍ର ୧୮୯ ମି.ମି. ବର୍ଷା ହୋଇଥିବା ବେଳେ ଜୁଲାଇରେ ୨୪ ତାରିଖ ସୁଦ୍ଧା ମାତ୍ର ୨୨୩ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜୁଲାଇର ପ୍ରଥମ ସପ୍ତାହରେ କେବଳ ୧୮୫ ମି.ମି. ବର୍ଷା ହୋଇଥିବାବେଳେ ଗତ ୧୬ ତାରିଖ ଠାରୁ ବୁଧବାର ପର୍ଯ୍ୟନ୍ତ ଆଦୌ ବର୍ଷା ହୋଇନାହିଁ। ଯାହା ଦ୍ୱାରା ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ରୁଆ ବେଉଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଚଳିତ ସପ୍ତାହରେ ବର୍ଷା ନ ହେଲେ ଗଜା ମରୁଡିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ ଅଞ୍ଚଳରେ କୌଣସି ଜଳସେଚନ ସୁବିଧା ନ ଥିବା ଯୋଗୁ ଚାଷୀ କେବଳ ବର୍ଷା ଜଳ ଉପରେ ନିର୍ଭର କରିଥାଏ।


ବର୍ଷା ଅଭାବ ଯୋଗୁ ଚାଷଜମି ଶୁଖିଲା ପଡ଼ିଛି।


**OFFICE OF THE RUKMINI LATH BALNIKETAN, CHHANCHANPALI SAMBALPUR**

No.68/CCI Dt.23.07.2019

Applications are invited from eligible candidates in prescribed application form for engagement of different contractual posts for the Child Care Institution namely Rukmini Lath Bal Niketan, Chhanchanpali (registered under JJ(C & PC) Act). The engagement is purely contractual basis and the selection of candidate shall be made on the basis of mark. It is to inform that the candidates who are engaged for said posts are not Government Staffs, the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official Website **www.sambalpur.nic.in.** Interested candidates may apply in the prescribed format to ***the District Child Protection Officer, 2nd Floor Collectorate, Sambalpur*** by mentioning the post Registered post /Speed post only to be received during the office hours on or before 02.08.2019 by 5 P.M. The envelope containing the application should be superscribed in bold letters "Application for the post of ......( the name of the post for which you are applying) in Rukmini Lath Bal Niketan" on the top of the envelope to distinguish it from common dark. Incomplete application and application received after due date shall be rejected. The undersigned reserves the right to cancel any or all the application received/ under process without assigning any reason thereof. The undersigned will not be responsible for any postal delay.

**Sd./- Chairman**
**Rukmini Lath Balniketan**
**Chhanchanpali, Sambalpur**

**OFFICE OF THE DISTRICT EDUCATION OFFICER, GAJAPATI, PARALAKHEMUNDI**

**No.4615/OAVS-30** ADVERTISEMENT **Date.23.07.2019**

Applications are invited from interested eligible candidates for engagement as Wardern & Asst. Cook in different Girls Hostel of Odisha Adarsha Vidyalayas under Gajapati District on contractual basis, The total Nos. of posts to be filled up, eligible criteria, age limit, remuneration of the each posts vacancy position and guideline etc. is uploaded in the District website i.e. **www.gajapati.nic.in** & displayed in Notice Board of all OAVs/BEOs, & Collectorate/DEO/DPC, Gajapati for wide publication. The application must be sent to the concerned **Principals of Odisha Adarsha Vidyalaya** under Gajapati District through **Speed Post or Registered Post** only. The last date of receipt of the application form is 07.08.2019 during office hour.Sd./- Collector & District Magistrate, Gajapati

**OFFICE OF THE DISTRICT & SESSIONS JUDGE, ANGUL**
**DRAFT ADVERTISEMENT NO.01 OF 2019**
**Dated:-24.07.2019**
**(For the post of Jr.Clerk-cum-Copyist, Jr. Typist and Stenographer Grade-III.)**

No.: 12-W: Applications in the prescribed format are invited from the eligible candidates for filling up the posts of Jr. Clerk-cum-Copyist, in the scale of pay (Level 4 Rs.19,900/- 63,200/-), Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/- 81,100/-) with usual D.A. and other allowances, as admissible to the State Government employees from time to time as per the ORSP Rules, 2017 on regular basis subject to the result of W.P© No.1273 of 2014 of the Hon'ble Court. **The last date of receipt of application is fixed to 26.08.2019 by 5.00 P.M.**

For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website **https://districts.ecourts.gov.in/angul** or **https://angul.nic.in/**.

**Sd./- Chairman-cum-District Judge**
18012/11/0002/1920 **Recruitment Committee, Angul**

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 324 OF 2018**

**Syndicate Bank, Sikharpur Branch, Nayagarh** **...Applicant**
**AND**
**M/s. Jagannath Printing and Book Binding Unit & others** **...Defendants**

To,
1. **M/s. Jagannath Printing and Book Binding Unit,** represented through its Proprietor Sri Harihar Moharana, At/P.O.: Sikharpur, P.S.: Saranakula, Dist.: Nayagarh, PIN-752080.
2. **Harihar Moharana,** S/o- Narayan Moharana, At/P.O.: Sikharpur, Via: Saranakul, Dist.: Nayagarh.
3. **Mrs. Pranati Moharana,** W/o- Harihara Moharana, At/P.O.: Sikharpur, Via: Saranakul, Dist.: Nayagarh.
4. **Narayan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
5. **Mukund Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
6. **Karan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 324/2018** in the Court of Debts Recovery Tribunal at Cuttack for a recovery of **Rs.49,81,543.94** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **06th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of July 2019.**

**Sd/- Registrar**
**Debts Recovery Tribunal**

**ଓଡ଼ିଶା ସାହିତ୍ୟ ଏକାଡେମୀ**
**ସଂସ୍କୃତି ଭବନ, ଭୁବନେଶ୍ୱର-୧୪**
**ଏକାଡେମୀ ସ୍ୱନକ୍ଷତ୍ର ଦିବସ**

ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ୨୫ ଜୁଲାଇ ୨୦୧୯,ଗୁରୁବାର ସନ୍ଧ୍ୟା : ୬.୦୦ ଘଟିକା

ଉଦ୍‌ଘାଟକ — **ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ,ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ମୁଖ୍ୟଅତିଥି — **ଶ୍ରୀ ସାତକଡି ହୋତା**
ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ବିଶିଷ୍ଟ ଅତିଥି — **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ସମ୍ମାନନୀୟ ଅତିଥି — **ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ସଭାମୁଖ୍ୟ — **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଅନୁବାଦ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ।

ଉକ୍ତ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ ।

ବି.ଦ୍ର: ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ଉନ୍ମୋଚନ

**ଜୟନ୍ତୀ ରଥ**
**ସଚିବ**
**ଓଡ଼ିଶା ସାହିତ୍ୟ ଏକାଡେମୀ**

**ବ୍ୟକ୍ତିଗତ ସୂଚନା**

ଏତଦ୍ୱାରା ନିମ୍ନଲିଖିତ ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କୁ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର ସମ୍ପର୍କରେ ତା୦୬।୦୭।୧୯ରିଖରେ ''ଜିଲ୍ଲାପାଳ-ନୟାଗଡ଼''ଙ୍କର କାର୍ଯ୍ୟାଳୟରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ସମ୍ପର୍କରେ ମତାମତ ପ୍ରଦାନ କରିବାକୁ ଜଣାଇ ଦିଆଯାଇଥିଲା। ମାତ୍ର ଆପଣମାନେ ଉକ୍ତ ଦିନଟିରେ ଅନୁପସ୍ଥିତ ରହିଥିଲେ।

| କ୍ର. ନଂ. | ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କର ନାମ | ବିଦ୍ୟାଳୟ ଏବଂ ବ୍ଲକର ନାମ |
|---|---|---|
| ୧ | ମମତା କହଁର | ଜାମୁସାହି ୟୁ.ଜି.ଏଚ୍.ଏସ୍, ଦଶପଲ୍ଲା |
| ୨ | ସୁନିତା କହଁର | କୁଲୁରୁକୁମ୍ପା ୟୁ.ଜି. ଏଚ୍.ଏସ୍., ଦଶପଲ୍ଲା |
| ୩ | ନମିତା ବେହେରା | ରଘୁନାଥ ୟୁ.ପି.ଏସ୍., ଦଶପଲ୍ଲା |
| ୪ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୫ | ଅର୍ଯ୍ୟୁନ ଟୁଡୁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୬ | ନିହାରକାନ୍ତ ଜେନା | ଅଶୁରଢିପା ପି.ୟୁ.ପି.ଏସ୍., ଓଡ଼ଗାଁ |
| ୭ | ଡାଙ୍ଗି ହଂସଦା | ତଲାରିବନ୍ଧ ପି.ୟୁ.ପି.ଏସ୍., ରଣପୁର |
| ୮ | ମିନତି ଦେଇ | ଖଣ୍ଡିସି ପି.ଏସ୍., ରଣପୁର |

ଏଣୁ ଆପଣମାନେ ଆସନ୍ତା ୦୩।୦୮।୨୦୧୯ରିଖ ଦିନ ୧୦.୩୦ଟା ସମୟରେ ଜିଲ୍ଲାପାଳ, ନୟାଗଡ଼ଙ୍କର କାର୍ଯ୍ୟାଳୟ (ମିନି କନଫରେନ୍ସ ହଲ୍)ରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ମତାମତ ରଖିବା ପାଇଁ ଏହି ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଉଅଛି। ଯଦି ଉକ୍ତ ଦିନଟିରେ ଆପଣମାନଙ୍କ ମଧ୍ୟରୁ କେହି ଯଦି ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ନ ହୁଅନ୍ତି, ତେବେ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ଆପଣମାନେ ସ୍ୱଇଚ୍ଛାରେ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ଏବଂ ତତ୍‌ପଶ୍ଚାତ ଆପଣମାନଙ୍କ ବିରୁଦ୍ଧରେ ଦୀର୍ଘଦିନ କାର୍ଯ୍ୟରେ ଅନୁପସ୍ଥିତ ରହିବା ନିମନ୍ତେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସମୟରେ ଆପଣଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏହା ଅତ୍ୟନ୍ତ ଜରୁରୀ ବୋଲି ମନେକରିବେ।

**ଶିବଶଙ୍କର**
**ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, ନୟାଗଡ଼**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଜୁଲାଇ, ୨୦୧୯



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ




### ଡାକ୍ତରଖାନା ଭିତରେ ରହୁଛି କର୍ମଚାରୀଙ୍କ ସ୍କୁଟି ଫେସ୍‌ବୁକରେ ଫଟୋ ଭାଇରାଲ

**ଜୁନାଗଡ଼,୨୪।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଡାକ୍ତରଖାନାର କାର୍ଯ୍ୟରତ ଜୈନିକା କିରାଣୀ ତାଙ୍କ ସ୍କୁଟିକୁ ବାହାରେ ନ ରଖି ଡାକ୍ତରଖାନାର ଅସ୍ତ୍ରୋପଚାର କକ୍ଷ ସମ୍ମୁଖରେ ଆଣି ରଖିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହି ଘଟଣା ବୁଧବାର ଫେସବୁକରେ ମଧ ଭାଇରାଲ ହୋଇଥିବା ଜଣାପଡିଛି। ଡାକ୍ତରଖାନା ପରିସରରେ ଅନେକ ସ୍ଥାନ ଥିଲେ ମଧ ଜୈନିକା କିରାଣୀ କିପରି ନିଜ ଇଚ୍ଛାରେ କୋଠା ଭିତରେ ଆଣି ସ୍କୁଟି ରଖୁଛନ୍ତି ଓ ଡାକ୍ତରଖାନା କର୍ତ୍ତୃପକ୍ଷ ଏହାକୁ ଦେଖୁଛନ୍ତି କି ନା ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### କମ୍ପ୍ୟୁଟର ସଂଯୋଜକଙ୍କୁ ପୁନଃ ନିଯୁକ୍ତି ଦାବି

**ଭବାନୀପାଟଣା,୨୪।୭(ଡି.ଏନ.ଏ.)-** ଓଡିଶାର ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱୀକୃତିପ୍ରାପ୍ତ ଉଚ୍ଚବିଦ୍ୟାଳୟରେ ଓଡିଶା ସରକାରଙ୍କ ଦ୍ୱାରା ୨୦୧୪ରେ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ ଆରମ୍ଭ ହୋଇଥିଲା। ଇ-ବିଦ୍ୟାଳୟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ୧୧୦ ଜଣ ସ୍କୁଲ ସଂଯୋଜକ ଭାବେ ନିଯୁକ୍ତି ପାଇଥିଲେ। ଗତ ଏପ୍ରିଲ ୧ ତାରିଖରୁ ଏହି କାର୍ଯ୍ୟକ୍ରମରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଛଟେଇ କରାଯାଇଛି। ଏହି କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ମଙ୍ଗଳବାର କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସଂଘ ସଭାପତି କମଳ ଲୋଚନ ଚୌଧୁରୀ, ଉପସଭାପତି ପୂର୍ଣ୍ଣପ୍ରଭା ବିଶି, ସମ୍ପାଦକ ଶୁଭେନ୍ଦୁ ଶେଖର ଦାସ, ଧରିତ୍ରୀ ଦାସ, ସବିତା ଦାସ, ସଂଘମିତ୍ରା ବାରିକ, ସୁରେନ୍ଦ୍ର ସାହୁ, ରାଜେଶ କୁମାର ସାହୁ, ବିଷ୍ଣୁ ଚରଣ ସ୍ୱାଇଁ, ରିଙ୍କୁ ଭୋଇ, ନିରଞ୍ଜନ ସାହୁ, ବିଶ୍ୱରଞ୍ଜନ ପାଢୀ, ବିପିନ ଛତ୍ରିଆ ପ୍ରମୁଖ ସାମିଲ ହୋଇଥିଲେ।

### ଆଷାଢ଼ ଯାଇ ଶ୍ରାବଣ ହେଲା, ବର୍ଷାର ଦେଖା ନାହିଁ

# କମୁଛି ଇନ୍ଦ୍ରାବତୀ ଜଳସ୍ତର ପରିମାଣ

**ଭବାନୀପାଟଣା, ୨୪।୭ (ଡି.ଏନ.ଏ.)**

ଆଷାଢ ସରି ଶ୍ରାବଣ ମାସର ଆରମ୍ଭ ହୋଇଥିଲେ ମଧ ବର୍ଷାର ଲୁଚକାଳି ଚାଷୀଙ୍କ ମଧ୍ୟରେ ଚାଷକୁ ନେଇ ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ଇନ୍ଦ୍ରାବତୀ ଜଳସେଚନକୁ ଚାଷୀ ଅନେଇ ବସିଥିବାବେଳେ ଆଶା ଏକ ପ୍ରକାର ମଉଳିବାକୁ ବସିଲାଣି। ଏପର୍ଯ୍ୟନ୍ତ ମାତ୍ର ୨୫ ପ୍ରତିଶତ ଜଳ ସଂରକ୍ଷଣ ଚାଷୀଙ୍କୁ ଅନିଶ୍ଚିତତା ଭିତରକୁ ଟାଣି ନେଇଛି।

ସୂଚନା ଅନୁସାରେ, ୮୮ ହଜାର ହେକ୍ଟର ଜମିରେ ସୁରକ୍ଷିତ ଜଳ ସେଚନ ବ୍ୟବସ୍ଥା ରଖିଥିବା ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବର୍ଷା ଭାବରୁ ଜଳ ସଂରକ୍ଷଣ ହୋଇ ପାରୁ ନ ଥିବାରୁ ଏବେ ଆବଶ୍ୟକ ମୁତାବକ ବିଦ୍ୟୁତ୍ ଉତ୍ପାଦନ ଓ ଜଳ ସେଚନକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଚଳିତବର୍ଷ କମ୍ ବୃଷ୍ଟିପାତ ହେତୁ ଜଳ ଭଣ୍ଡାର ଜଳସ୍ତର ମାତ୍ର ୬୩୦.୪୬ ମିଟରରେ ରହିଥିବା ବେଳେ ଗତ ୨୦୧୮ ଆଜିର ଦିନରେ ୬୩୩.୦୪ ମିଟର ପାଣି ଗଚ୍ଛିତ ରହିଥିଲା। ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ସୋମବାର ୩୭,୨୩୬ ହେକ୍ଟର ମିଟର ପାଣି ଗଚ୍ଛିତ ରହି ମୋଟ କ୍ଷମତା ୧,୪୫,୫୭୭ ହେକ୍ଟର ମିଟରରୁ ମାତ୍ର ୨୫.୫୮ ପ୍ରତିଶତ ଜଳ ରହିଛି। ଗତ ୨୪ ଘଣ୍ଟାରେ ବିଜୁଳି ଉତ୍ପାଦନ ମାତ୍ର ୮୧.୩୧୩ ମେଗାୱାଟ ହୋଇଥିବାବେଳେ ହେତୁ ଉଭୟ ବାମ ଓ ଦକ୍ଷିଣ କେନାଲରେ ୨୮.୮୬ କ୍ୟୁମେକ୍ସ ଓ ୮.୨୯ କ୍ୟୁମେକ୍ସ ଜଳ ସେଚନ ପାଇଁ ଛଡା ଯାଉଛି। ଅନ୍ୟପକ୍ଷରେ ଜଳ ସେଚନ ଆରମ୍ଭ ହେବାର ୨୨ ଦିନ ପୂରି ଯାଇଥିଲେ ମଧ ତଳମୁଣ୍ଡରେ ଅଦ୍ୟାବଧି ପାଣି ପହଞ୍ଚି ନ ଥିବା ଦେଖିବାକୁ ମିଳୁଛି। କେନାଲସ୍ଥିତିକୁ ଛାଡି ଦେଲେ ଅଣଜଳ ସେଚିତ ଅଞ୍ଚଳରେ ମଧ ସମାନ ଅବସ୍ଥା ରହିଥିବା ଜଣାଯାଇଛି। ଜୁଲାଇ ମାସର ବୃଷ୍ଟିପାତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଗତ ୨୦୧୭ରେ ୫୦୮ ମି.ମି., ୨୦୧୮ରେ ୬୨୨ ମି.ମି. ଓ ଚଳିତ ୨୦୧୯ରେ ମାତ୍ର ୩୨୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏଭଳି ଅବସ୍ଥା ଜାରି ରହିଲେ ଭୟଙ୍କର ମରୁଡି ପରିସ୍ଥିତି ଉତ୍ପନ୍ନ ହେବ ବୋଲି ଚାଷୀ ଆଶଙ୍କା ମଧ୍ୟରେ ରହିଛନ୍ତି।


ଇନ୍ଦ୍ରାବତୀ କେନାଲ।

**ଇନ୍ଦ୍ରାବତୀ କେନାଲ**
- ଆସନ୍ନ ମରୁଡି ଚିନ୍ତାରେ ଚାଷୀ
- ତଳମୁଣ୍ଡରେ ଅଦ୍ୟାବଧି ପାଣି ପହଞ୍ଚିନି
- ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନ, ଜଳ ସେଚନକୁ ନେଇ ଆଶଙ୍କା ସୃଷ୍ଟି

# ବ୍ଲକ କାମଚଳା ଯନ୍ତ୍ରୀ ସଂଘର ବୈଠକ

**ଜୁନାଗଡ଼,୨୪।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ କେନ୍ଦ୍ରୀୟ ନର୍ସରୀଠାରେ ବ୍ଲକ କାମଚଳା ଯନ୍ତ୍ରୀ (ବିଏଫ୍‌ଟି)ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ବଏଫ୍‌ଟିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଅଶୋକ କୁମାର ବାଗ ଯୋଗଦେଇ ସଂଘର ଗଠନ, କାର୍ଯ୍ୟକାରିତା ଓ ଆଗାମୀ ଦିନରେ କର୍ମକର୍ତ୍ତାଙ୍କ ଭୂମିକା କ'ଣ ରହିବ ସେ ନେଇ ଆଲୋଚନା କରିଥିଲେ। ସମ୍ପାଦକ ଗଣେଶ କୁମାର ଦଲେଇ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଚିନ୍ତାମଣି ଦଣ୍ଡସେନା ସଂଘର ଆର୍ଥିକ ପରିସ୍ଥିତି କିପରି ସୁଦୃଢ ହେବ ତାହା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ସାଗର, କିଶୋରଚନ୍ଦ୍ର ବେହେରା, ଯୁଧିଷ୍ଠିର ସାହୁ, ପଙ୍କଜ ନାଗ, ପ୍ରଦୀପ ନାଏକ, ତେଜରାଜ ରଣା, ଲାଲକୁମର ମାଝି, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ମନୋଜ କୁମାର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ଜଶକିରଣ ବେଶ୍ରା ଧନ୍ୟବାଦ ଦେଇଥିଲେ।


ଜାରିଙ୍ଗଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

### ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦ

# କଂଗ୍ରେସର ଗଣଧାରଣା, ପ୍ରତିବାଦ ସଭା

**ଭବାନୀପାଟଣା,୨୪।୭ (ଡି.ଏନ.ଏ.)**

ରାଜ୍ୟରେ ନାବାଳିକା ବଳାତ୍କାର, ନାରୀ ନିର୍ଯାତନା ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ପ୍ରତିବାଦରେ ବୁଧବାର କଂଗ୍ରେସ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଦର ମହକୁମାରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଓ ବିକ୍ଷୋଭ କରାଯାଇଛି। ଦୀର୍ଘ ୧୯ ବର୍ଷ ଧରି କ୍ରମାଗତ ଭାବେ ବିଜେଡି ରାଜ୍ୟରେ ଶାସନ କରୁଥିଲେ ମଧ ଶିଶୁ, ନାବାଳିକା ଓ ନାରୀ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର, ଅପହରଣ ଓ ନିଖୋଜ୍ ଘଟଣା ସହ ସମ୍ପ୍ରତି ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିବା ରାଜ୍ୟବାସୀଙ୍କ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ବିଶେଷ କରି ବିଧାନସଭାରେ ମୁଖ୍ୟମନ୍ତ୍ରୀ ନିକଟରେ ରଖିଥିବା ବିବୃତିରେ ଆଇନ୍‌ଶୃଙ୍ଖଳା ଏକଦମ୍ ଠିକ୍ ରହିଛି ବୋଲି ଉତ୍ତର ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ ପ୍ରକାଶ କରିଛନ୍ତି। ଯଦି ଏପରି ଘଟଣାର ନିରାକରଣ ଦିଗରେ ଆବଶ୍ୟକ ଦୃଢ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ନ ନିଅନ୍ତି, ଆଗାମୀ ଦିନରେ ଜନସାଧାରଣଙ୍କ ସହଯୋଗରେ ପଲ୍ଲୀଠାରୁ ଜିଲା ଓ ରାଜ୍ୟସ୍ତରରେ କଂଗ୍ରେସ ଓଡିଶା ବନ୍ଦ ଡାକରା ଦେବାକୁ ବାଧ ହେବୁ ବୋଲି ବେମାଲ ପ୍ରକାଶ କରିଛନ୍ତି। ଏହି ପ୍ରତିବାଦ ସଭା ଓ ଗଣଧାରଣରେ ହାଇଦର ଅଲ୍ଲୀ, ନିମାଞ୍ଚଳ ନାଏକ, ମମତା ଦାସ, ପୁଷ୍ପାଞ୍ଜଳୀ ନାଏକ, ପ୍ରମିଳା ଭତ୍ରା, ମହମ୍ମଦ ଅଲ୍ଲୀ, ପରମାନନ୍ଦ ମାଝି, ସୁରେଶ ପଟ୍ଟନାୟକ, ସନ୍ତୋଷ ମୁଣ୍ଡ, ପ୍ରବୀଣ ବେହେରା, ପ୍ରକାଶ ହରପାଳ, ଚନ୍ଦ୍ର ଶେଖର ଯୋଷୀ, ସୁଦର୍ଶନ ବିଶ୍ୱାଳ, ସୁବାଷ ପ୍ରଧାନ, ରାଜେନ୍ଦ୍ର ଭାରତିଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମୀ ଉଦ୍‌ବୋଧନ ଦେଇଥିଲେ।

### ଜବାହର ଉଚ୍ଚ ବିଦ୍ୟାପୀଠର ୩୦ତମ ପ୍ରତିଷ୍ଠା ଦିବସ

**କେସିଙ୍ଗା,୨୪।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠର ୩୦ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଉକ୍ତ ସ୍କୁଲ ପ୍ରତିଷ୍ଠାତା ମହେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ପ୍ରଣାଳୀରେ ଶିକ୍ଷାର ବିକାଶ, ବୈଜ୍ଞାନିକ ପ୍ରଣାଳୀରେ ବିଜ୍ଞାନର ଶିକ୍ଷା, ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ, ଆଦିବାସୀ, ହରିଜନ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ ଆଦି ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ଅଭୟ କୁମାର ଦେବତା ଶିକ୍ଷାର ବିକାଶ ଉପରେ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନେ ବାଲସି ଗ୍ରାମ ପରିକ୍ରମା କରି ସ୍ୱଚ୍ଛତା ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ସଭାକୁ ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ, ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୈବଲ୍ୟ ସାହୁ, ରବୀନ୍ଦ୍ର କୁମାର ଦିକ୍ଷିତ, ସୋନାଲି ମିଶ୍ର ପ୍ରମୁଖଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ସହଯୋଗ କରିଥିଲେ ।

# ପାଣିପାଗ ପରିବର୍ତ୍ତନ ସହଣି ଚାଷ, ଜୀବିକା ପାଇଁ ଯୋଜନା କଲେ ଗ୍ରାମବାସୀ

**କର୍ଲାମୁଣ୍ଡା,୨୪।୭ (ଡି.ଏନ.ଏ.)**

କଳାହାଣ୍ଡିଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ତେରେକେଲାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସଏସଏସ) ଓ ତେରେକେଲା ଗ୍ରାମ ବିକାଶ କମିଟି ପକ୍ଷରୁ ଗାଁର ପୁରୁଷ ମହିଳା ଚାଷୀଙ୍କୁ ନେଇ ପାଣିପାଗ ପରିବର୍ତ୍ତନ ସହଣୀ ଚାଷ ପଦ୍ଧତି ଓ ଜୀବିକା ନିର୍ବାହା ପନ୍ଥା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗଉଡ ଯୋଗଦେଇ ଚାଷୀମାନେ ପ୍ରତ୍ୟୋକ ଜମିରେ ଓ ଘରେ ବର୍ଷା ପାଣି ସଂରକ୍ଷଣ, ମରୁଡି ସହଣୀ ଚାଷ ଉପରେ ଜ୍ଞାନ କୌଶଳକୁ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମବାସୀମାନଙ୍କୁ ପକ୍ଷରୁ କମ୍ ପାଣିରେ ଚାଷ, ବିନା ପାଣିରେ ଚାଷ ଓ କାକର ଦ୍ୱାରା ହେଉଥିବା ବିଭିନ୍ନ ଫସଲଗୁଡିକ ଉପରେ ନିଜ ନିଜର ଅଭିଜ୍ଞତାଗୁଡିକ ଉପସ୍ଥାପନା କରିଥିଲେ। ବରିଷ୍ଟ ଚାଷୀ ବାହାଦୂର ଧରୁଆ ବିଭିନ୍ନ ଜମି ଓ ମାଟିର କିସମ ଅନୁସାରେ ଉତ୍ପାଦନ ହେଉଥିବା ଫସଲଗୁଡିକର ସ୍ଥିତି ସମ୍ପର୍କରେ ନିଜ ଅଭିଜ୍ଞତାରୁ କହିଥିବା ବେଳେ ୮୦ ପ୍ରକାର ଖାଦ୍ୟ ମଧ୍ୟରୁ ବର୍ଷାଦିନେ ୩୫ ପ୍ରକାର ଶୀତ ଦିନେ ୪୮ ପ୍ରକାର ଓ ଖରା ଦିନେ ମାତ୍ର ୧୨ ପ୍ରକାର ଖାଦ୍ୟ ସାମଗ୍ରୀ ତେରେକେଲା ଗାଁରୁ ମିଳୁଛି । ପ୍ରାୟ ୮୦ ପ୍ରତିଶତ ଚାଷୀ ବଜାରରୁ ଖାଦ୍ୟ ସାମଗ୍ରୀ କିଣି ଖାଉଛନ୍ତି ବୋଲି ଗାଁରୁ ମିଳିଥିବା ସର୍ଭେ ତଥ୍ୟ ଉପରେ ଜଗଦୀଶ ପ୍ରସାଦ ରଣା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ପୃଥିରାଜ ଧରୁଆ, ନୀଳମଣି ଧରୁଆ, ଶଙ୍କର ଧରୁଆ, ଗ୍ରାମବିକାଶ କମିଟି ସଭାପତି ଯଶୋଶ୍ରୀ ଧରୁଆ, ରଶ୍ମିତା ଧରୁଆ, ହେମନ୍ତ ଧରୁଆ, ଉର୍ବଶୀ ଧରୁଆ, ଅର୍ଣ୍ଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ।


ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗଉଡ ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି ।

### କାମରେ ଲାଗୁନି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

# ଚାଷଜମିକୁ ପହଞ୍ଚୁ ପାରୁନି ପାଣି

- ଚାଷୀଙ୍କ ଅଭିଯୋଗ କେହି ଶୁଣୁନାହାନ୍ତି

**ତୁଣ୍ଡଲା,୨୪।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତର ରଜାପଡା ଏବଂ ସିର୍ଜାପାଲି ପଞ୍ଚାୟତର ବାଦିପଡା ମଧ୍ୟରେ ତେଲନଦୀଠାରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ କେସିଙ୍ଗା ବ୍ଲକର ୨ ହଜାର ହେକ୍ଟର ଚାଷ ଜମିକୁ ଖରିଫ ଋତୁରେ ଜଳସେଚନ କରିବା ଉଦ୍ଦେଶ୍ୟରେ ଗତ ୬।୦୮।୨୦୧୩ରେ ୩୫ କୋଟି ୯୪ ଲକ୍ଷ ଟଙ୍କା ଅଟକଳରେ ପ୍ରକଳ୍ପ ନିର୍ମାଣ ହୋଇଛି। କିନ୍ତୁ ପ୍ରକଳ୍ପ ନିକଟବର୍ତ୍ତୀ ଅଞ୍ଚଳ ସିର୍ଜାପାଲି ପଞ୍ଚାୟତ ବାଦିପଡା, ସିର୍ଜାପାଲି, ଦିଗସିରା, ବେଲଖଣ୍ଡି ପଞ୍ଚାୟତର ତାଲଭଅଁରା, ବେଲଖଣ୍ଡି ଓ ହାତୀଖୋଜ ପଞ୍ଚାୟତର କୁଲିହାରୀଗୁମ୍ପା, କେନ୍ଦୁବାହାଲି, ପିପଲପଦର ଅଞ୍ଚଳର ଚଷ ଜମିକୁ ପାଣି ପହଞ୍ଚି ପାରୁନାହିଁ । ଏଥିଯୋଗୁ ଏବେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ । ଏ ନେଇ ଗତ ସୋମବାର ଚାଷୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏଥିରେ ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ବିଭାଗ ପକ୍ଷରୁ ନିଆଯାଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଏସଡିଓ ମାନସ ପ୍ରଧାନଙ୍କୁ ପଚାରିବାରୁ ପରୀକ୍ଷା ମୂଳକ ଭାବେ ଏବେ ପାଣି ଛଡାଯାଇଛି। ପରବର୍ତ୍ତୀ ସମୟରେ ୨ ହଜାର ହେକ୍ଟର ଚାଷ ଜମିକୁ କେମିତି ପାଣି ପହଞ୍ଚି ପାରିବ ଚେଷ୍ଟା କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଦୀର୍ଘ ଦିନରୁ ଚାଷୀମାନେ ଏହି ଯୋଜନା କାର୍ଯ୍ୟକାରୀ ନେଇ ଅପେକ୍ଷାରେ ରହିଥିଲେ ହେଁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

**ସେମାନେ କୁହନ୍ତି...**



ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ।



"ବହୁ ଦିନରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଅପେକ୍ଷାରେ ଆମେ ରହିଛୁ। କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଚାଷ କାର୍ଯ୍ୟ ଆମେ ଆରମ୍ଭ କରିପାରୁ ନାହୁଁ।
**-କାଶୀ ସାହୁ, ଦିଗସିରା ଗ୍ରାମର ଜଣେ ଚାଷୀ**



"ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆମେ ଖରିଫ ଋତୁରେ ଗୋଟିଏ ଫସଲ ଅମଳ କରିପାରିବୁ। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଛି।
**-କାର୍ତ୍ତିକ ସାହୁ, ଦିଗସିରା ଗ୍ରାମର ଜଣେ ଚାଷୀ**



"ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଗଲେ ଆମ ଅଞ୍ଚଳରେ ମରୁଡିକୁ ନେଇ ଭୟ ଦୂର ହୋଇପାରନ୍ତା। ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ବ୍ଲକ, ଜିଲାସ୍ତରରେ ଅନେକ ଥର ଅଭିଯୋଗ କରି ଆସିଛି। ତେବେ ପ୍ରଶାସନର ଉଦାସିନତା ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ଘଟୁଛି।
**-ମାହେନ୍ଦ୍ରୀ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା**

### ଡାକ୍ତରଖାନାରୁ ମୃତଦେହକୁ ଦୋଳାରେ ବୋହି ନେବା ଘଟଣା

# କାଣିଗୁମା ସ୍ୱାସ୍ଥ୍ୟ ସ୍ୱରାଜ କେନ୍ଦ୍ର ସିଲ୍ କଲା ପ୍ରଶାସନ

**ଭବାନୀପାଟଣା,୨୪।୭ (ଡି.ଏନ.ଏ.)**

ଶବବାହକ ଗାଡି ଆସିବାରେ ବିଳମ୍ବ ହେବା ଯୋଗୁ ମୃତଦେହକୁ ଦୋଳାରେ ବୋହି ୫ କି.ମି. ଦୂର ଗାଁକୁ ନେଲେ ଆଦିବାସୀ ପରିବାର। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମାରେ ଏଭଳି ଘଟଣା ଘଟିଥିଲା। ଏହା ପରେ ଜିଲା ପ୍ରଶାସନ ତରଫରୁ ଚିକିତ୍ସା କେନ୍ଦ୍ରର କାର୍ଯ୍ୟ ଓ ଆବଶ୍ୟକ କାଗଜାତ ନେଇ ତଦନ୍ତ କରାଯାଇଥିଲା । ଅନୁସନ୍ଧାନ ପରେ ଚିକିତ୍ସା ସେବା ଯୋଗାଇଥିବା ସ୍ୱାସ୍ଥ୍ୟ ସ୍ୱରାଜ କେନ୍ଦ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବିନା ସ୍ୱୀକୃତୀରେ ଚିକିତ୍ସା ଚାଲିଥିବା ଜଣାପଡିଥିଲା। ଏହାକୁ କେନ୍ଦ୍ର କରି ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଥୁଆମୂଳ ରାମପୁର ତହସିଲଦାର ବିନୟ କୁମାର ଭୋଇ, ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅବିନାଶ ରଥଙ୍କ ଉପସ୍ଥିତିରେ ଥୁଆମୂଳ ରାମପୁର ପୋଲିସ ପକ୍ଷରୁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଙ୍ଗଳବାର ସିଲ କରାଯାଇଛି। ସୂଚନାରୁ ପ୍ରକାଶ ଯେ, ଗତ ୧୫ ତାରିଖରେ ବାଲିସରା ଗ୍ରାମର ଆଦିବାସୀ ବୃଦ୍ଧ ଝାଡାବାନ୍ତିରେ ଆକ୍ରାନ୍ତ ହେବା ପରେ ପରିବାର ଲୋକ ଏକ ଅଟୋ ସହାଯ୍ୟରେ କାଣିଗୁମାରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ ସ୍ୱରାଜ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକ ଚିକିତ୍ସା କେନ୍ଦ୍ର ମୁଖ୍ୟଙ୍କୁ ମୃତଦେହ ନେବା ଲାଗି ଏକ ଗାଡ଼ିର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ କେହି ଅଧିକାରୀ ଅଥବା କର୍ମଚାରୀ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ପରିବାର ଲୋକ ଏକ ଦୋଳରେ ବାନ୍ଧି ଘରକୁ ବୋହି ଆଣିଥିଲେ। ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଜିଲା ପ୍ରଶାସନର ଚିକିତ୍ସା କେନ୍ଦ୍ରର ସ୍ୱୀକୃତି ନେଇ ତଦନ୍ତ କରାଯାଇଥିଲା । କିନ୍ତୁ ସ୍ୱାସ୍ଥ୍ୟ ସ୍ୱରାଜ ତରଫରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରୁ ଯେଉଁ ସ୍ୱୀକୃତୀ ପାଇବା କଥା ତାହା ପାଇ ନ ଥିଲା । ଏହାସହ ବୃଦ୍ଧଙ୍କ ମୃତ୍ୟୁ ପରେ ମୃତକଙ୍କ ପରିବାର ଲୋକଙ୍କୁ କୌଣସି ପ୍ରକାର ସହାୟତା ଯୋଗାଇ ନ ଥିଲା । ଯେଉଁଥି ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜିଲା ପ୍ରଶାସନ ତରଫରୁ ସିଲ କରି ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଏହି କାଣିଗୁମାଠାରୁ ପ୍ରାୟ ୨୫ କି.ମି. ଦୂରରେ ରହିଛି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ କେହି ରୋଗୀଙ୍କୁ ରାତିରେଆଣିବା କଷ୍ଟ ସାଧ। ଅନେକ ସମୟରେ ଲୋକେ ସ୍ୱାସ୍ଥ୍ୟ ସ୍ୱରାଜର ଏହି ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଥିଲେ। କିନ୍ତୁ ଏବେ ଏହି ଚିକିତ୍ସା କେନ୍ଦ୍ରକୁ ପ୍ରଶାସନ ବନ୍ଦ କରି ଦେବା ପରେ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେବେ। ଜିଲା ପ୍ରଶାସନର ଏଭଳି ନିଷ୍ପତ୍ତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।



କାଣିଗୁମା ସ୍ୱାସ୍ଥ୍ୟ ସ୍ୱରାଜ କେନ୍ଦ୍ର ସିଲ କରାଯାଇଛି।



ଗୋଟିଏ ମାତ୍ର ଗୁଣବାନ ଓ ବିଦ୍ୱାନ ପୁତ୍ର ହଜାରେ ଗୁଣହୀନ ଓ ନିଷ୍କର୍ମା ପୁତ୍ରମାନଙ୍କଠାରୁ ଶ୍ରେୟସ୍କର।

- ଚାଣକ୍ୟ

# ପାଇପ୍ ବିଛା କାମରେ ଅନିୟମିତତା

**ରାଉରକେଲା ଅଫିସ,୨୪।୭**

ସହରାଞ୍ଚଳ ପାଇପବିଛା କାମ ନେଇ ବିଭିନ୍ନ ସମୟରେ ଅଭିଯୋଗ ଜାରି ରହିଛି। ପ୍ରାୟ ୩ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଏହି କାମ ଠିକ୍ ଭାବେ କରାଯାଉ ନ ଥିବା ବିଭିନ୍ନ ଦଳ. ସଂଗଠନ ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏ ନେଇ ପାନପୋଷ ସାଙ୍ଗଠନିକ ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଦଳର ଏକ ପ୍ରତିନିଧି ମଣ୍ଡଳୀ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଅନିୟମିତତା ସମ୍ପର୍କରେ ଆପତ୍ତି ଉଠାଇଛନ୍ତି। ରାଉରକେଲା ସହରାଞ୍ଚଳରେ କ୍ଷୁଦ୍ର ମଧ୍ୟମ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନା ମାଧ୍ୟମରେ ବହୁ କୋଟି ଅନୁଦାନରେ ବିଛା ଯାଉଥିବା ପାଇପ୍ କାମ ନିମ୍ନମାନର ବୋଲି ବେହେରା ଅଭିଯୋଗ କରିଥିଲେ। ଏତେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କାମ ଠିକ୍ ଢଙ୍ଗରେ ଚାଲିନି ବୋଲି ଅଭିଯୋଗ କରାଯାଇଥିଲା। ୩ ଫୁଟ ୩ ଇଞ୍ଚ ଗଭୀର ମାଟି ଖୋଳାଯାଇ ପାଇପ୍ ବିଛା ଯିବାକୁ ନିୟମ ଥିବା ବେଳେ ମାତ୍ର ୧ଫୁଟ ୧ ଇଞ୍ଚ ଖୋଳାଯାଇ ପାଇପ ବିଛା ଯାଉଛି। ବାସନ୍ତୀ କଲୋନୀରେ କାମ ନେଇଥିବା ସଂସ୍ଥା ବିରୋଧରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ ସେ ତୁରନ୍ତ ସମ୍ପୃକ୍ତ ସଂସ୍ଥାକୁ ଡାକି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ସ୍ଥାନରେ ନିମ୍ନମାନର କାମ ହୋଇଛି ତାହାକୁ ପୁନର୍ବାର ଯାଞ୍ଚକରି ମରାମତି କରିବାକୁ ପଟେଲ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଏ ଦିଗରେ ନିଶ୍ଚିତ ଧ୍ୟାନ ଦିଆଯିବ ବୋଲି ସେ କହିବା ସହ ସ୍ଥାନୀୟ ବାସିନ୍ଦା ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।



ପାଇପ୍ ବିଛା ନେଇ ଭାଜପା ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଉଛି।

# ବିଇଓଙ୍କ ଗସ୍ତ ପରେ ଶିକ୍ଷୟିତ୍ରୀ ଶିକ୍ଷକ ଛାନିଆ

**ରାଉରକେଲା ଅଫିସ,୨୪।୭**

ଗୁରୁଣ୍ଡିଆ ବ୍ଲକର ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ ଚାନ୍ଦିପୋଷ, କୁଚେଇତା ଓ ବାଙ୍କି ପଞ୍ଚାୟତର ବିଭିନ୍ନ ସ୍କୁଲକୁ ତଦାରଖ ପାଇଁ ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ରବୀନ୍ଦ୍ର ମାଝି ଗସ୍ତ କରିଥିଲେ। ଏହାପରେ ଶିକ୍ଷୟିତ୍ରୀ ଶିକ୍ଷକ ଛାନିଆ ହୋଇପଡ଼ିଛନ୍ତି। ମାଝି ଏହି ଅବସରରେ ଅନେକ ବିଦ୍ୟାଳୟ ପରିଦର୍ଶନ କରି ପାଠପଢ଼ା ଅନୁଧ୍ୟାନ କରିଥିଲେ। ମାଝିଙ୍କ ଏଭଳି ଅଚାନକ ପରିଦର୍ଶନ ଯୋଗୁ ଶିକ୍ଷୟିତ୍ରୀ ଶିକ୍ଷକ ଚକିତ ହୋଇଥିବା ଦେଖାଯାଇଥିଲା। ମାଝି ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ମଧ୍ୟାହ୍ନଭୋଜନରେ ସ୍ୱଚ୍ଛତା, ଗୁଣାତ୍ମକ ଶିକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥାନ ସମ୍ପର୍କରେ ତଦାରଖ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଭବିଷ୍ୟତକୁ କିପରି ସୁରକ୍ଷିତ କରାଯାଇ ପାରିବ ସେ ନେଇ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିବେଶକୁ ପଠନ ଉପଯୋଗୀ କରିବା ଦିଗରେ ପ୍ରଧାନ ଶିକ୍ଷକ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଶିକ୍ଷାର ମାନ ପରଖିବାକୁ ବିଇଓଙ୍କ ଏଭଳି ପରିଦର୍ଶନକୁ ଅନେକେ ପ୍ରଶଂସା କରିଛନ୍ତି। ଏହା ଦ୍ୱାରା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥାନ ସହ ପିଲାଙ୍କ ଅଗ୍ରହ ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରାଯାଇଛି। ମାତ୍ର ଦୁଇ ଦିନ ମଧ୍ୟରେ କେତେକ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜକୁ ଭଲ ଭାବେ ପ୍ରସ୍ତୁତ କରିଥିବା ବେଳେ ଛାତ୍ରୀଛାତ୍ରଙ୍କୁ ନିୟମିତ ବିଦ୍ୟାଳୟ ଆସିବାକୁ ପରାର୍ଶ ଦେଇଥିବା ଶୁଣାଯାଇଛି। ଇତିମଧ୍ୟରେ କେତେକ ବିଦ୍ୟାଳୟରେ ବୃକ୍ଷରୋପଣ ସାଙ୍ଗକୁ ଛୋଟମୋଟ ସମସ୍ୟା ସମାଧାନ ପ୍ରତି ଧ୍ୟାନ ଦିଆଯାଇଛି। ଆଗାମୀ ଦିନରେ ବିଇଓ ଅନ୍ୟ କେତେକ ପଞ୍ଚାୟତ ପରିଦର୍ଶନ କରିବାକୁ ହଠାତ୍ ଆସିପାରନ୍ତି ବୋଲି ଶୁଣାଯିବା ପରେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ନେଇ ନିଜକୁ ପ୍ରସ୍ତୁତ କରୁଥିବା ଶୁଣାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**କୋଲାବିରା,୨୪।୭ (ଡି.ଏନ.ଏ.):** ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ଲରିଆପାଲି ଢାବା ନିକଟରେ ବୁଧବାର ଅପରାହ୍ନରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଓ ଏକ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ସହ ବସିଥିବା ଜଣେ ଯୁବତୀ ଗୁରୁତର ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଲଇକେରା ଥାନା ଅନ୍ତର୍ଗତ ଖୁନ୍ତାମାଲ ପଞ୍ଚାୟତର କୁମ୍ଭାରି ଗ୍ରାମର ସୁନ୍ଦରମଣୀ ବାଗ(୨୪)। ତାଙ୍କ ସହ ବାଇକରେ ବସିଥିବା ତାଙ୍କ ଗାଁ ନିକଟସ୍ଥ ବନ୍ଦକାନି ଗ୍ରାମର ଯୁବତୀ ସୁକୁମାରୀ ମୁଣ୍ଡା ବର୍ତ୍ତି ଯାଇଛନ୍ତି। ତେବେ ଉଭୟ ଘରକୁ ଫେରୁଥିବା ସମୟରେ ଦୁର୍ଘଣାର ସମ୍ମୁଖୀନ ହୋଇଥିଲେ। କେନ୍ଦୁଝରରୁ ଝାରସୁଗୁଡା ଅଭିମୁଖେ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ (ଓଡି୦୯ଏ ୪୫୧୬) ସହିତ ବାଇକ୍ ଧକ୍କା ହୋଇଥିଲା। ବାଇକ୍‌ରୁ ଦିହେଁ ଛିଟିକି ପଡିଥିଲେ। ବାଇକ୍ ଚାଳକ ସୁନ୍ଦରମଣିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ସୁକୁମାରୀଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ କୋଲାବିରା ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରୁ କରାଯାଇଛି। ପୋଲିସ ଗାଡି ଦୁଇଟିକୁ ଜବତ କରି ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ଏହାସହ ଏକ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ

**ବ୍ରଜରାଜନଗର,୨୪।୭(ଡି.ଏନ.ଏ.):** ସ୍ଥାନୀୟ ଲୋଇସିଂ ପଞ୍ଚାୟତର କୋଇଲଗା ଗ୍ରାମରେ ୩୦ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଭଜମୋହନ କିଷାନ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଚାରି ମାସ ମଧ୍ୟରେ ଘର କାର୍ଯ୍ୟ ସଂପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ଓ ୬ମାସ ମଧ୍ୟରେ ସଂପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ଅଧିକ ପ୍ରୋତ୍ସାହନ ରାଶି ବାବଦକୁ ପ୍ରଦାନ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

### ଅଲଟ୍ରାଟେକ୍‌ରେ ମକଡ୍ରିଲ

**କିର୍ମିରା, ୨୪।୭ (ଡି.ଏନ.ଏ.):** ଝାରସୁଗୁଡା ଜିଲା ଅର୍ଡାସ୍ଥିତ ଅଲଟ୍ରାଟେକ ସିମେଣ୍ଟ କାରଖାନାରେ ଦୁର୍ଘଟଣା ସମୟରେ ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ଦ୍ୱାରା ମକଡ୍ରିଲ କରାଯାଇଛି। ଅନିଲ ନନ୍ଦ, ଲଇକେରା ଥାନା ଅଧିକାରୀ ବିଶ୍ୱପତି ପଣ୍ଡା, ବାଗଡିହି ଫାଣ୍ଡି ଅଧିକାରୀ ସୁରେଶ ଭଇଁସାଲ, ନିରାପତ୍ତା ଓ ଅଗ୍ନିଶମ ଅଧିକାରୀ ସୁଶାନ୍ତ ମହାପାତ୍ର, ମାନବ ସମ୍ବଳ ଅଧିକାରୀ ଆଶିଷ ପଟେଲ, ଉଦୟଶଙ୍କର ଲାଲ, ସୁରକ୍ଷା ଅଧିକାରୀ ପଞ୍ଚାନନ ପଣ୍ଡାଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ। ବେଦାନ୍ତ, ଟିଆରଏଲ, ଆଇଓସିଏଲ ତଥା ଅଲଟ୍ରାଟେକର ଅଧିକାରୀ ଓ କର୍ମଚାରୀ ଏହି ମକଡ୍ରିଲରେ ଯୋଗଦେଇଥିଲେ । ଅଲଟ୍ରାଟେକର ମୁଖ୍ୟ ଟେକନିସିଆନ ନରେଶ ଶର୍ମା, କିର୍ମିରା ଅଗ୍ନିଶମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମକଡ୍ରିଲ କରାଯାଇଥିଲା ।

### ଲଖନପୁର ଡାକ୍ତରଖାନା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ଝାରସୁଗୁଡା ଅଫିସ୍/ଲଖନପୁର, ୨୪/୭(ଡି.ଏନ୍.ଏ)**

ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଏକ ପ୍ରତିନିଧି ଦଳ ବୁଧବାର ଭୁବନେଶ୍ୱର ସଚିବାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ଭେଟିଛନ୍ତି। ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ନେତୃତ୍ୱରେ ପିତାମ୍ବର ମିଶ୍ର, ପର୍ଶୁରାମ ଗିରି, ସଞ୍ଜୀବ ସାହୁ, ଠଣସୁନ୍ଦର ସାହୁ, ସଙ୍ଗୀତ ପ୍ରଧାନ, ମିତ୍ରଭାନୁ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ତ୍ରୀ ଓ ପ୍ରସୂତି, ଶିଶୁ, ମେଡିସିନ୍, ଚକ୍ଷୁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତି, ଆନୁସଙ୍ଗିକ ଯନ୍ତ୍ରପାତି ସହ ବେଡ୍ ସଂଖ୍ୟା ୫୦କୁ ବୃଦ୍ଧି କରିବା, ରକ୍ତଭଣ୍ଡାର ଓ ମୃତଦେହ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବାକୁ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ମନ୍ତ୍ରୀ ମଧ୍ୟ ଏହି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଏନ୍‌ଆଇଟି ଛାତ୍ରୀଛାତ୍ରଙ୍କ ନିମନ୍ତେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୪।୭**

ଜାତୀୟ ପ୍ରଯୁକ୍ତି ସଂସ୍ଥାନ (ଏନ୍‌ଆଇଟି)ର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠାନ ନିର୍ଦ୍ଦେଶକ ଆନିମେଶ ବିଶ୍ୱାସ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ, ଏନ୍‌ଆଇଟି ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଅନୁଷ୍ଠାନ। ଏଠାରେ ଅନୁସନ୍ଧାନ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଏ। ଏଠାକୁ ଆସିଥିବା ଛାତ୍ରୀଛାତ୍ର ସମୟ ଅପଚୟ ନ କରି ପାଠପଢ଼ା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ପ୍ରତି କ୍ଷେତ୍ରରେ ନିଜ ଦକ୍ଷତା ପ୍ରତିପାଦନ ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ବିଶ୍ୱାସ କରିଥିଲେ। କୁଳ ସଚିବ ପ୍ରଦୀପ ଦାସ କହିଥିଲେ, ମୁଁ ଦିନେ ଏନ୍‌ଆଇଟି ଛାତ୍ର ଥିଲି। ଏବେ ନୂଆ ପିଲାଙ୍କୁ ଦେଖିଲେ ଛାତ୍ର ଜୀବନ ମନେ ପଡ଼ିଯାଉଛି। ଆମେ କଠିନ ପରିଶ୍ରମ କରିଥିବାରୁ ସଫଳ ହୋଇଛୁ। କେବଳ ଚାକିରି ପଛରେ ଧାଇଁବା ଅନୁଚିତ। ଏନ୍‌ଆଇଟି ଛାତ୍ରୀଛାତ୍ରଙ୍କ ନିମନ୍ତେ ଅନେକ ସୁଯୋଗ ରହିଛି ବୋଲି ଦାସ କହିଥିଲେ। ଡିନ୍ ଆଲୋକ ଶତପଥୀ କହିଥିଲେ, ବାଟବଣା ନ ହୋଇ ଠିକ୍ ରାସ୍ତାରେ ଆମେ ଗତି କରିବା ଆବଶ୍ୟକ। ଏଥିରେ ଅବହେଳା ଆମ ପାଇଁ ଘାତକ ହୋଇପାରେ ବୋଲି ସେ କହିଥିଲେ। ପ୍ରଫେସର ନିହାରରଞ୍ଜନ ମିଶ୍ର କହିଥିଲେ, ଏନ୍‌ଆଇଟିରେ ରହିଥିବା ସୁବିଧା ସୁଯୋଗକୁ ହତାଛଡ଼ା କରାଯିବା ଅନୁଚିତ। ପ୍ରଫେସର ସସ୍ମିତା ମିଶ୍ର ନାମଲେଖାଠୁ ନେଇ ଶିକ୍ଷା ଗ୍ରହଣ ପର୍ଯ୍ୟନ୍ତ ରହିଥିବା ସୁବିଧା ସୁଯୋଗ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ବେହାର ପରିଚାଳନା କରିଥିବା ବେଳେ କେ.ପି. ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଇସ୍ପାତ ଶ୍ରମିକଙ୍କ ଦାବି ନେଇ ଚୁକ୍ତି ସ୍ୱାକ୍ଷରିତ

**ରାଉରକେଲା ଅଫିସ,୨୪।୭**

ଆଞ୍ଚଳିକ ଶ୍ରମ ଆୟୁକ୍ତ (କେନ୍ଦ୍ରୀୟ)ଙ୍କ କାର୍ଯ୍ୟାଳୟରେ ବୁଧବାର ରାଉରକେଲା ଇସ୍ପାତ କାରଖାନ କର୍ତ୍ତୃପକ୍ଷ ଓ କାରଖାନା ସ୍ୱୀକୃତିପ୍ରାପ୍ତ ୟୁନିୟନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ମଧ୍ୟରେ ବହୁ ପ୍ରତୀକ୍ଷିତ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ କୌଣସି ଇସ୍ପାତ କର୍ମଚାରୀ ଯଦି ତାଙ୍କ ଚାକିରି କାଳ ମଧ୍ୟରେ କେବେ ବି ୩ ବର୍ଷ କିମ୍ବା ୩ବର୍ଷ ୬ମାସ ମଧ୍ୟରେ ପ୍ରମୋଶନ ପାଇ ନ ଥାନ୍ତି ସେ ଏସ୍-୮ ଗ୍ରେଡ୍‌ରେ ୩ ବର୍ଷ ପୂରଣ କଲେ ଏସ୍-୮ ଗ୍ରେଡ୍‌କୁ ପ୍ରମୋଶନ ପାଇବେ। ଯେଉଁ କର୍ମଚାରୀ ବର୍ତ୍ତମାନ ଏସ୍-୯, ୧୦ ଏବଂ ୧୧ ଗ୍ରେଡ୍‌ରେ ଅଛନ୍ତି ସେମାନେ ପିଛିଲା ତାରିଖରୁ ଏହି ପ୍ରମୋଶନ ପାଇବେ। ସେମାନଙ୍କ ବରିଷ୍ଠତାକୁ ବିଚାରକୁ ନିଆଯିବ। ଆବଶ୍ୟକ ସ୍ଥଳେ ଏହାକୁ ସଂଶୋଧନ କରାଯିବ। ସେମାନେ ଆଗାମୀ ପ୍ରମୋଶନରେ ଏହାର ଲାଭ ପାଇପାରିବେ। ପୂର୍ବରୁ କ୍ଲଷ୍ଟର ପ୍ରମୋଶନରେ ଯାବତୀୟ ତ୍ରୁଟି ରହିଥିଲା। ଏ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ପୂର୍ବରୁ ଡି କ୍ଲଷ୍ଟର କର୍ମଚାରୀଙ୍କ ପ୍ରମୋଶନ ପରେ ତାଙ୍କୁ ଟେକ୍ନିସିଆନ ପଦ ମିଳୁଥିଲା। ତେବେ ଏହି ବ୍ୟବସ୍ଥା ଗତ ୨୦୦୦ରୁ ବନ୍ଦ ହୋଇଯାଇଥିଲା। ସେହି ଗୋଟିଏ ପଦରେ ରହି କର୍ମଚାରୀ ଅବସର ଗ୍ରହଣ କରୁଥିଲେ। ନୂତନ ଚୁକ୍ତିନାମା ଦ୍ୱାରା ଏହି ପ୍ରଥାର ପରିସମାପ୍ତି ଘଟିଛି। ସ୍ୱୀକୃତି ନିର୍ବାଚନରେ ୟୁନିୟନ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛି ବୋଲି ଏହାର ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି।



ପାଗଳ ଷଣ୍ଢକୁ ଅଟକ ରଖାଯାଇଛି।

# ପାଗଳ ଷଣ୍ଢ ଆତଙ୍କ ନେଇ ଅସନ୍ତୋଷ

**ରାଉରକେଲା ଅଫିସ,୨୪।୭**

ଗତ ୩ରୁ ୪ ଦିନ ହେବ କୋଏଲନଗର ଓ ପାଖ ଶକ୍ତିନଗର ଅଞ୍ଚଳରେ ଏକ ପାଗଳ ଷଣ୍ଢ ଉତ୍ପାତ କରୁଛି। ଷଣ୍ଢ ଭୟରେ ଲୋକେ ବାହାରକୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ସୁଯୋଗ ଉଣ୍ଡି ଷଣ୍ଢ ପଥଚାରୀ ମହିଳା, ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରି ଆହତ କରୁଛି। ସ୍ଥାନୀୟ ବାସିନ୍ଦା ଷଣ୍ଢଟିକୁ ଆୟତ୍ତ କରିବାକୁ ଯାଇ ନିରାଶ ହୋଇଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ଏକ ଦଳ ପଠାଇ ଷଣ୍ଢକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ଫଳପ୍ରଦ ହୋଇନାହିଁ। ଏପରି ଅବସ୍ଥାରେ କିଛି ଲୋକ ଷଣ୍ଢକୁ ଏକ ପାର୍କ ଭିତରେ ପୁରାଇ ଅଟକ ରଖିଛନ୍ତି। ଷଣ୍ଢର ଉତ୍ପାତ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଷଣ୍ଢର ଉପଯୁକ୍ତ ଚିକିତ୍ସା ସହ ତାକୁ ଆୟତ୍ତରେ ରଖିବାକୁ ଦାବି କରାଯାଇଛି।

**OFFICE OF THE DISTRICT EDUCATION OFFICER, GAJAPATI, PARALAKHEMUNDI**

No.4615/OAVS-30 ADVERTISEMENT Date.23.07.2019

Applications are invited from interested eligible candidates for engagement as Wardern & Asst. Cook in different Girls Hostel of Odisha Adarsha Vidyalayas under Gajapati District on contractual basis, The total Nos. of posts to be filled up, eligible criteria, age limit, remuneration of the each posts vacancy position and guideline etc. is uploaded in the District website i.e. **www.gajapati.nic.in** & displayed in Notice Board of all OAVs/BEOs, & Collectorate/DEO/DPC, Gajapati for wide publication. The application must be sent to the concerned **Principals of Odisha Adarsha Vidyalaya** under Gajapati District through **Speed Post or Registered Post** only. The last date of receipt of the application form is 07.08.2019 during office hour.Sd./- Collector & District Magistrate, Gajapati

**OFFICE OF THE DISTRICT & SESSIONS JUDGE, ANGUL**

**DRAFT ADVERTISEMENT NO.01 OF 2019**

**Dated:-24.07.2019**

**(For the post of Jr.Clerk-cum-Copyist, Jr. Typist and Stenographer Grade-III.)**

No.: 12-W: Applications in the prescribed format are invited from the eligible candidates for filling up the posts of Jr. Clerk-cum-Copyist, in the scale of pay (Level 4 Rs.19,900/- 63,200/-), Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/- 81,100/-) with usual D.A. and other allowances, as admissible to the State Government employees from time to time as per the ORSP Rules, 2017 on regular basis subject to the result of W.P© No.1273 of 2014 of the Hon'ble Court. **The last date of receipt of application is fixed to 26.08.2019 by 5.00 P.M**.

For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website **https://districts.ecourts.gov.in/angul** or **https://angul.nic.in/**.

**Sd./- Chairman-cum-District Judge**
**Recruitment Committee, Angul**

18012/11/0002/1920

**ଓଡ଼ିଶା ସାହିତ୍ୟ ଏକାଡେମୀ**
**ସଂସ୍କୃତି ଭବନ, ଭୁବନେଶ୍ୱର-୧୪**
**ଏକାଡେମୀ ସ୍ୱନକ୍ଷତ୍ର ଦିବସ**

ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ୨୫ ଜୁଲାଇ ୨୦୧୯,ଗୁରୁବାର ସନ୍ଧ୍ୟା : ୬.୦୦ ଘଟିକା

ଉଦ୍‌ଘାଟକ — **ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**, ମାନ୍ୟବର ମନ୍ତ୍ରୀ,ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ମୁଖ୍ୟଅତିଥି — **ଶ୍ରୀ ସାତକଡି ହୋତା**, ପୂର୍ବତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ବିଶିଷ୍ଟ ଅତିଥି — **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି — **ଶ୍ରୀ ବିଜୟ କୁମାର ନାୟକ**, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାମୁଖ୍ୟ — **ଶ୍ରୀ ହରିହର ମିଶ୍ର**, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଅନୁବାଦ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ।

ଉକ୍ତ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ ।

ବି.ଦ୍ର: ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ ଉନ୍ମୋଚନ

**ଜୟନ୍ତୀ ରଥ**
**ସଚିବ**
**ଓଡ଼ିଶା ସାହିତ୍ୟ ଏକାଡେମୀ**

**OFFICE OF THE RUKMINI LATH BALNIKETAN, CHHANCHANPALI SAMBALPUR**

*No.68/CCI* *Dt.23.07.2019*

Applications are invited from eligible candidates in prescribed application form for engagement of different contractual posts for the Child Care Institution namely Rukmini Lath Bal Niketan, Chhanchanpali (registered under JJ(C & PC) Act). The engagement is purely contractual basis and the selection of candidate shall be made on the basis of mark. It is to inform that the candidates who are engaged for said posts are not Government Staffs, the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official Website **www.sambalpur.nic.in.** Interested candidates may apply in the prescribed format to ***the District Child Protection Officer, 2nd Floor Collectorate, Sambalpur*** by mentioning the post Registered post /Speed post only to be received during the office hours on or before 02.08.2019 by 5 P.M. The envelope containing the application should be superscribed in bold letters "Application for the post of ......( the name of the post for which you are applying) in Rukmini Lath Bal Niketan" on the top of the envelope to distinguish it from common dark. Incomplete application and application received after due date shall be rejected. The undersigned reserves the right to cancel any or all the application received/ under process without assigning any reason thereof. The undersigned will not be responsible for any postal delay.

**Sd./- Chairman**
**Rukmini Lath Balniketan**
**Chhanchanpali, Sambalpur**

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 324 OF 2018**

**Syndicate Bank, Sikharpur Branch, Nayagarh ...Applicant**
**AND**
**M/s. Jagannath Printing and Book Binding Unit & others ...Defendants**

To,
1. **M/s. Jagannath Printing and Book Binding Unit,** represented through its Proprietor Sri Harihar Moharana, At/P.O.: Sikharpur, P.S.: Saranakula, Dist.: Nayagarh, PIN-752080.
2. **Harihar Moharana,** S/o- Narayan Moharana, At/P.O.: Sikharpur, Via: Saranakul, Dist.: Nayagarh.
3. **Mrs. Pranati Moharana,** W/o- Harihara Moharana, At/P.O.: Sikharpur, Via: Saranakul, Dist.: Nayagarh.
4. **Narayan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
5. **Mukund Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.
6. **Karan Moharana,** S/o- Late Muli Moharana, At: Hinjalagadia, P.O.: Padmadeipur, Dist.: Nayagarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 324/2018** in the Court of Debts Recovery Tribunal at Cuttack for a recovery of **Rs.49,81,543.94** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **06th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of July 2019.**

**Sd/- Registrar**
**Debts Recovery Tribunal**

**ବ୍ୟକ୍ତିଗତ ସୂଚନା**

ଏତଦ୍ୱାରା ନିମ୍ନଲିଖିତ ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣମାନଙ୍କୁ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର ସମ୍ପର୍କରେ ତା୦୬।୦୭।୧୯ରିଖରେ ''ଜିଲ୍ଲାପାଳ-ନୟାଗଡ଼''ଙ୍କର କାର୍ଯ୍ୟାଳୟରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ସମ୍ପର୍କରେ ମତାମତ ପ୍ରଦାନ କରିବାକୁ ଜଣାଇ ଦିଆଯାଇଥିଲା। ମାତ୍ର ଆପଣମାନେ ଉକ୍ତ ଦିନଟିରେ ଅନୁପସ୍ଥିତ ରହିଥିଲେ।

| କ୍ର. ନଂ. | ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କର ନାମ | ବିଦ୍ୟାଳୟ ଏବଂ ବ୍ଲକର ନାମ |
|---|---|---|
| ୧ | ମମତା କହଁର | ଜାମୁସାହି ୟୁ.ଜି.ଏଚ୍.ଏସ୍, ଦଶପଲ୍ଲା |
| ୨ | ସୁନିତା କହଁର | କୁଲୁରୁକୁମ୍ପା ୟୁ.ଜି. ଏଚ୍.ଏସ୍., ଦଶପଲ୍ଲା |
| ୩ | ନମିତା ବେହେରା | ରଘୁନାଥ ୟୁ.ପି.ଏସ୍., ଦଶପଲ୍ଲା |
| ୪ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୫ | ଅର୍ଯ୍ୟୁନ ଟୁଡୁ | ଭାଲିଆଡିହି ଏନ୍.ୟୁ.ପି.ଏସ୍., ଓଡ଼ଗାଁ |
| ୬ | ନିହାରକାନ୍ତ ଜେନା | ଅଶୁରଢିପା ପି.ୟୁ.ପି.ଏସ୍., ଓଡ଼ଗାଁ |
| ୭ | ଡାଙ୍ଗି ହଂସଦା | ତଲାରିବନ୍ଧ ପି.ୟୁ.ପି.ଏସ୍., ରଣପୁର |
| ୮ | ମିନତି ଦେଇ | ଖଣ୍ଡିସି ପି.ଏସ୍., ରଣପୁର |

ଏଣୁ ଆପଣମାନେ ଆସନ୍ତା ୦୩।୦୮।୨୦୧୯ରିଖ ଦିନ ୧୦.୩୦ଟା ସମୟରେ ଜିଲ୍ଲାପାଳ, ନୟାଗଡ଼ଙ୍କର କାର୍ଯ୍ୟାଳୟ (ମିନି କନଫରେନ୍ସ ହଲ୍)ରେ ହାଜର ହୋଇ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ମତାମତ ରଖିବା ପାଇଁ ଏହି ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଉଅଛି। ଯଦି ଉକ୍ତ ଦିନଟିରେ ଆପଣମାନଙ୍କ ମଧ୍ୟରୁ କେହି ଯଦି ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ନ ହୁଅନ୍ତି, ତେବେ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ଆପଣମାନେ ସ୍ୱଇଚ୍ଛାରେ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ଏବଂ ତତ୍‌ପଶ୍ଚାତ ଆପଣମାନଙ୍କ ବିରୁଦ୍ଧରେ ଦୀର୍ଘଦିନ କାର୍ଯ୍ୟରେ ଅନୁପସ୍ଥିତ ରହିବା ନିମନ୍ତେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସମୟରେ ଆପଣଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏହା ଅତ୍ୟନ୍ତ ଜରୁରୀ ବୋଲି ମନେକରିବେ।

**ଶିବଶଙ୍କର**
**ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସମଗ୍ର ଶିକ୍ଷା, ନୟାଗଡ଼**



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ




### କାରଗିଲ ବିଜୟ ଦିବସ ପାଳିତ

**ସୁନ୍ଦରଗଡ, ୨୪।୭ (ଡି.ଏନ୍.ଏ):** ବିଭିନ୍ନ ଶିକ୍ଷାନୁଷ୍ଠାନ ଏନସିସି କ୍ୟାଡେଟମାନଙ୍କୁ ନେଇ ୨୦ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏନ୍‌ସିସି କ୍ୟାଡେଟ ସ୍ଥାନୀୟ ଭବାନୀ ଶଙ୍କର ହାଇସ୍କୁଲଠାରୁ ବାହାରି ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ସେହି ବିଦ୍ୟାଳୟ ସଭାକକ୍ଷରେ ଏନ୍‌ସିସି ଅଧିକାରୀ ସୁଧାଂଶୁ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ୨୬ ଜୁଲାଇ ୧୯୯୯ରେ ଭାରତର ବିଜୟକୁ ସ୍ମରଣ କରାଇବାକୁ ଓ ଭାରତୀୟ ଯବାନଙ୍କ ବୀରତ୍ୱ ଓ ଅପୂର୍ବ ଦେଶପ୍ରେମ ତଥା ବଳିଦାନ ଠିକ ୨୦ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ପାଳନ କରିବାକୁ ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେଣ୍ଟ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜେ ଦୀପା ଧନ୍ୟବାଦ ଦେଇଥିଲେ।

# ନିର୍ବାହୀ ଅଧିକାରୀଙ୍କୁ ୪ଘଣ୍ଟା ତାଲା

**କୁଆଁରମୁଣ୍ଡା,୨୪।୭(ଡି.ଏନ.ଏ.)**

**ବୀରମିତ୍ରପୁର ପୌରପାଳିକା**
- ଦେଢ ମାସର ବକେୟା ଦରମା ନ ମିଳିବାରୁ ପ୍ରତିବାଦ
- ପୌରପାଳିକା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ
- କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ, ଧାରଣା
- ସମସ୍ୟା ସମାଧାନ ହେବ ବୋଲି ବିଧାୟକଙ୍କ ପ୍ରତିଶ୍ରୁତି
- ପ୍ରତିଶ୍ରୁତି ପରେ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହାର

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୌରପାଳିକାରେ ଠିକାସଂସ୍ଥା ଦ୍ୱାରା ନିୟୋଜିତ ୭୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କୁ ସେମାନଙ୍କର ବକେୟା ଦେଢ ମାସର ଦରମା ମିଳିନାହିଁ। ଫଳରେ ବାଧ୍ୟ ହୋଇ ସେମାନେ ଏହାର ପ୍ରତିବାଦ କରିବା ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ଅପରାହ୍ନ ସାଢେ ୧୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ନିର୍ବାହୀ ଅଧିକାରୀଙ୍କୁ ବାହାରୁ ତାଲା ଦେଇ ଅଟକ ରଖି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣା ବିଷୟରେ ବୀରମିତ୍ରପୁର ପୋଲିସ ଖବରପାଇ ସେଠାରେ ପହଞ୍ଚି ଉକ୍ତ ଠିକା ସଫେଇ କର୍ମଚାରୀମାନଙ୍କୁ ବୁଝାସୁଝା କରିଥିଲେ। ସେମାନେ ବକେୟା ପ୍ରାପ୍ୟ ନ ପାଇଲା ପର୍ଯ୍ୟନ୍ତ ନିର୍ବାହୀ ଅଧିକାରୀଙ୍କୁ ଛାଡିବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଥିଲେ। ଅନ୍ୟପକ୍ଷରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ନିକଟସ୍ଥ ଡାଇରେକ୍ଟର ବଙ୍ଗଳାରେ ଥିବା ବେଳେ କେତେକ ସଫେଇ କର୍ମଚାରୀ ଏହି ଘଟଣା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ବିଧାୟକ ଓରାମ ଏ ନେଇ ନିର୍ବାହୀ ଅଧିକାରୀଙ୍କ ସହ ମୋବାଇଲରେ କଥା ହୋଇ ତାଙ୍କୁ ଡାଇରେକ୍ଟର୍ସ ବଙ୍ଗଳାକୁ ଡକାଇଥିଲେ। ଶେଷରେ ଗୁରୁବାର ବୀରମିତ୍ରପୁର ପୌରପାଳିକା ଚେୟାରମ୍ୟାନ ଦାୟିତ୍ୱରେ ଥିବା ରାଉରକେଲା ଏଡିଏମ୍‌ଙ୍କ ନିକଟରେ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣିରେ ଏହି ବକେୟା ଦରମା ପ୍ରଦାନ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ଓରାମ ପ୍ରତିଶ୍ରୁତି ଦେବାରୁ କର୍ମଚାରୀମାନେ ଧାରଣା ପ୍ରତ୍ୟାହାର କରିଥିଲେ। ଏହା ପରେ ସେମାନେ ନିର୍ବାହୀ ଅଧିକାରୀଙ୍କୁ ଯିବାକୁ ଦେଇଥିଲେ ବୋଲି ସଫେଇ କର୍ମଚାରୀ ନେତା ତଥା ବୀରମିତ୍ରପୁର ପୌରପାଳିକା ଭାଜପା ସଭାପତି ସୁନିଲ ତିୱାରୀ ସୂଚନା ଦେଇଛନ୍ତି।

# ସବ୍‌ଡେଗା କୃଷି ଅଫିସରେ ତୈଳବୀଜ ବଣ୍ଟନ

**ସବ୍‌ଡେଗା, ୨୪।୭ (ଡି.ଏନ.ଏ)**

ସବ୍‌ଡେଗା କୃଷି ଅଫିସରେ ଚାଷୀମାନଙ୍କୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ତରଫରୁ ଚିନାବାଦାମ ତୈଳବୀଜ ବଣ୍ଟନ କରାଯାଇଛି। ଚାଷୀମାନେ ଉକ୍ତ ଚିନାବାଦାମ ଚାଷ କରି ବେଶ ଦିପଇସା ରୋଜଗାର କରି ପରିବାର ଭରଣପୋଷଣ କରିପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି। ଚାଷୀଙ୍କ ପ୍ରତି ସରକାରଙ୍କ ଅନେକ ଯୋଜନା ମଧ୍ୟରୁ ଏହା ଏକ ଯୋଜନା। ସୋମବାର ଏହି ବଣ୍ଟନ କାର୍ଯ୍ୟକ୍ରମରେ ସବ୍‌ଡେଗା ଅଧକ୍ଷ ମନୋଜ ବାରୁଆ ଯୋଗଦେଇ ଚାଷୀମାନଙ୍କୁ ଏହା ବଣ୍ଟନ କରିଥିଲେ। କୁରୁମକେଲ ଓ ଦେଓଗାଁ ପଞ୍ଚାୟତର ମହିଳା ଓ ପୁରୁଷ ମିଶି ୫୦ଚାଷୀଙ୍କୁ ଏହି ଚିନାବାଦାମ ତୈଳବୀଜ ପ୍ରଦାନ କରାଯାଇଛି। ବଣ୍ଟନ ସମୟରେ ସବ୍‌ଡେଗା ସହକାରୀ କୃଷି ଅଧିକାରୀ ତରଣୀସେନ ପଟେଲ, କୃଷି ଅଧିଦର୍ଶକ ପ୍ରମୋଦ କୁମାର ପଟେଲ, ଲାକୁଡିଆ ଡୁଙ୍ଗଡୁଙ୍ଗ, ନେତ୍ରମଣୀ ପାଣ୍ଡେଙ୍କ ସହ ଦେଓଗାଁ ସରପଞ୍ଚ ଦୀପ୍ତି କୁଜୁର, ସମିତି ସଭ୍ୟ ରବୀନ୍ଦ୍ର କୁଜୁରଙ୍କ ସହ ସବ୍‌ଡେଗାର ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ ।

# ଡମ୍ଫର - ମୋଟର ସାଇକେଲ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ନୂଆଗାଁ, ୨୪।୭ (ଡି.ଏନ.ଏ)**

ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ପୁରୁଣାପାଣି ବିର୍ସାମୁଣ୍ଡା ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଡମ୍ଫର (ଓଆର ୧୪ ପି- ୨୪୯୭) ଓ ମୋଟର ସାଇକେଲ (ୟୁପି ୧୬ ୱାଇ- ୧୫୦୧) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ମୋଟର ସାଇକେଲ ଚାଳକ ସମେତ ଡମ୍ଫର ଡ୍ରାଇଭର ଓ ହେଲପର ଗୁରୁତର ହୋଇଥିବା ଜଣାପଡିଛି। ତେବେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାତୀବାରି ଥାନା ପୋଲିସ ରାଉରକେଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିବା ଜଣାପଡିଛି। ଡମ୍ଫର ଜାହାତିଟୋଲି ଅଞ୍ଚଳରୁ ଇଟା ବୋଝେଇ କରି ହାତୀବାରି ପଟକୁ ଯାଇଥିଲା । ଅପରପଟୁ ଏକ ବାଇକରେ ଗୋଟିଟାଙ୍ଗର ଗ୍ରାମର ପ୍ରକାଶ ସାହୁ (୧୯) ହାତୀବାରିରୁ ପୁରୁଣାପାଣି ଆଡକୁ ଦ୍ରୁତ ଗତିରେ ଆସୁଥିଲେ। ଏହି ସମୟରେ ପୁରୁଣାପାଣି ବିର୍ସାମୁଣ୍ଡା ଛକ ନିକଟରେ ଡମ୍ଫର ହର୍ଣ୍ଣ ମାରିବାରୁ ମୋଟର ସାଇକେଲ ଚାଳକ ଚମକିପଡି ହଠାତ ବ୍ରେକ ମାରିବାରୁ ନିଜେ ଗାଡିରୁ ଛିଟିକି ପଡିଥିବା ବେଳେ ମୋଟରସାଇକେଲ ଯାଇ ଡମ୍ଫରରେ ବାଡେଇ ହୋଇଥିଲା। ଫଳରେ ଡମ୍ଫରଟି ମଧ ଭାରସାମ୍ୟ ହରାଇ ଏକ ଜମିରେ ଓଲଟି ପଡିଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୋଟର ସାଇକେଲ ଚାଳକ ପ୍ରକାଶ, ଡମ୍ଫର ଚାଳକ ଆଭିଲ ସୋରେନ (୨୫) ଓ ହେଲପର ଇଶାକ ସୋରେନ (୨୧)ଙ୍କୁ ଉଦ୍ଧାର କରିଥିଲେ।



ଇଟା ବୋଝେଇ ଡ଼ମ୍ଫର ଓଲଟି ପଡ଼ିଛି।

### ନାଳରେ ବୁଡ଼ି ଯୁବକ ମୃତ

**ଲହୁଣୀପଡା, ୨୪।୭ (ଡି.ଏନ.ଏ):** ସୁନ୍ଦରଗଡ଼, ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଛିଡାକୁଦର ଗ୍ରାମର ଜଣେ ଯୁବକ ନାଳରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଛିଡାକୁଦର ଗ୍ରାମର ସୁନ୍ଦର ମୁଣ୍ଡା (୨୮) ନିକଟସ୍ଥ ନାଳ ପାଖକୁ ଗାଈ ଚରାଇବାକୁ ଯାଇଥିଲେ। ଗାଈ ମଧ୍ୟରୁ କେତୋଟି ଗାଈ ନାଳ ଆର ପାରିକୁ ଚାଲି ଯାଇଥିଲେ । ଫଳରେ ସୁନ୍ଦର ନାଳ ପାରି ହେଉଥିବା ବେଳେ ଗୋଡ ଖସିଯିବାରୁ ସେ ପାଣିରେ ପଡି କିଛିବାଟ ଭାସି ଯାଇଥିଲେ। ଖବର ପାଇ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନା ଆଣିଥିଲେ ମଧ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

**ବଡଗାଁ, ୨୪।୭ (ଡି.ଏନ.ଏ)**

ବଡଗାଁ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡିଓ କ୍ଷମାନିଧି ଭୋଇଙ୍କ ଅଧକ୍ଷତାରେ ପରିଚାଳିତ ଏହି ପ୍ରସ୍ତୁତି ବୈଠକରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥି ପାଣ୍ଡେ, ସିଏଚସି ବଡଗାଁ ଅଧିକାରୀ ଡାକ୍ତର ମନୋଜ କୁମାର ଆଚାର୍ଯ୍ୟ, ବିଏସଏସଓ ଅମ୍ବିକା ନାଏକ, ଏବିଇଓ ବେଣୁଧର ବିଶିଙ୍କ ସହିତ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ।

୨୬ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବଡଗାଁ ଆଇଟିଆଇ ପରିସରରେ ବଡଗାଁ, ଫୁଲବାରୀ ଓ ଭୋଇପାଲି ପଞ୍ଚାୟତ ସେହିଦିନ ଅପରାହ୍ନ ୨ଟାରେ ଟିଁକିଲିପଡା ୟୁଜି ସ୍କୁଲରେ ଇତମା, ଟିଁକିଲିପଡା, ଜରଙ୍ଗଲୋଇ ପଞ୍ଚାୟତ, ଅଗଷ୍ଟ ୨ ତାରିଖ ପୂର୍ବାହ୍ନ ୧୦ଟାରେ ଏକମା ହାଇସ୍କୁଲରେ ଟିମନା, ବାମଡେରା, ରୁନଗାଁ, ଏକମା ପଞ୍ଚାୟତ, ସେହିଦିନ ଅପରାହ୍ନ ୨ଟାରେ ସାହାଜବାହାଲ ହାଇସ୍କୁଲରେ ପାମରା, ବରଙ୍ଗାକଛାର, ସାହାଜବାହାଲ ପଞ୍ଚାୟତ, ଅଗଷ୍ଟ ୯ ତାରିଖ ପୂର୍ବାହ୍ନ ୧୦ଟାରେ ମଣ୍ଡଜମରା ଏମଇ ସ୍କୁଲରେ ଡୁଡାଲଗା, ଦାଣ୍ଡଜମରା ପଞ୍ଚାୟତରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେବ । ହେବାକୁ ଥିବା ଶିବିର ଗୁଡିକ କିପରି ସଫଳ ହେବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ପ୍ରସ୍ତୁତି ବୈଠକରେ ହୋଇଥିଲା । ବିଭିନ୍ନ ବର୍ଗର ଭିନ୍ନକ୍ଷମମାନେ କିପରି ଅଧିକ ସଂଖ୍ୟାରେ ଶିବିରକୁ ଆସି ସରକାରଙ୍କ ଏହି ଯୋଜନାରେ ବସ ପାସ, ଭିନ୍ନକ୍ଷମ ପ୍ରମାଣପତ୍ର, ଭତ୍ତା ଆଦି ପାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସହିତ କାଯର୍ୟକ୍ରମର ସଫଳତା ପାଇଁ ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ତଥା ଜନସାଧାରଣ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ନାବାଳିକା ଗଣବଳାତ୍କାର ଘଟଣାରେ ୭ ଅଟକ

**କୁଆଁରମୁଣ୍ଡା, ୨୪।୭(ଡି.ଏନ.ଏ.)**

କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଜଣୈକା ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୭ଜଣଙ୍କୁ ଅଟକ ରଖିଛି। ନାବାଳିକା ଗତ ୮ତାରିଖରେ ଭୋଜି ଖାଇ ଘରକୁ ଫେରୁଥିଲେ। ସେତିକିବେଳେ ୧୦ଜଣ ତାଙ୍କୁ ବାଟରୁ ଟେକି ନେଇ ଗଣବଳାତ୍କାର କରିଥିଲେ। ନାବାଳିକା ଜଣକ ଭୟରେ ଘଟଣା ସଂକ୍ରାନ୍ତରେ କାହାରିକୁ ଜଣାଇ ନ ଥିଲେ। ହେଲେ ୨୦ ତାରିଖରେ ବଳାତ୍କାର ଘଟଣାର ଭିଡିଓ ଭାଇରାଲ ହେବା ପରେ ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କ ପରିବାର ଲୋକେ ନାବାଳିକାଙ୍କ ବାପାଙ୍କୁ ଡାକି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ହେଲେ ନାବାଳିକାଙ୍କ ବାପା ୨୨ ତାରିଖ ରାତି ପ୍ରାୟ ସାଢେ ୯ଟାରେ ବୀରମିତ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ୭ଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରୁ ୫ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଅନ୍ୟ ୨ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ପ୍ରକାଶ କରିଛନ୍ତି।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଲହୁଣୀପଡା, ୨୪।୭ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ ପରାଗପୋଷସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜାମୁଣ୍ଡା ଫରେଷ୍ଟର ଗୋପାଳ ଓରାମ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତପନ କୁମାର ସାହୁ, ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ବିଭୂତିଭୂଷଣ ସାହୁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ କୁମାର ସାହୁ ପ୍ରାରମ୍ଭିକ ସୂଚନା ଓ ପରିଚୟ ପ୍ରଦାନ କରିଥିଲେ। ଜୀବଜଗତରେ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ପାଇଁ ବୃକ୍ଷରୋପଣ ନିହାତି ଆବଶ୍ୟକତା। ସେଥିପାଇଁ ପ୍ରତ୍ୟେକ ମଣିଷ ଗଛ ଲଗାଇ ତାର ଯତ୍ନନେବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଛାତ୍ରୀ ସ୍ମୃତିପ୍ରଜ୍ଞା ପ୍ରଧାନ, ଜ୍ୟୋତିପ୍ରଭା ସାହୁ, ସିନିପ୍ରିୟା ମାହାନ୍ତ ପ୍ରମୁଖ ଜଙ୍ଗଲ ଓ ପରିବେଶ ଉପରେ ଆଲୋକପାତ କରିଥିଲେ। ସଭା ଶେଷରେ ଶିକ୍ଷୟିତ୍ରୀ ସାଗରିକା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା। ଅମଳେନ୍ଦୁ ପଣ୍ଡା, ଅମ୍ବୁଜ କୁମାର ଭୋଇ, ବିମଳେଶ୍ୱର ଭୋଇ, ସୁଶାନ୍ତ କୁମାର ମଲିକ, ରଶ୍ମିତା ପାତ୍ର, ଧନେଶ୍ୱର ଓରାମ, ଆଶିଷ କୁମାର ସେଠୀ, ଶିବରାମ ଓରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବିକା, ଅଭିଭାବକମାନେ ଉପସ୍ଥିତ ଥିଲେ।

# ବସ ଧକ୍କା ଦେଇ ହତ୍ୟା ଉଦ୍ୟମ

**ବଡ଼ଗାଁ, ୨୪।୭ (ଡି.ଏନ.ଏ)**

**ଚାଳକ ଗିରଫ, ବସ ଜବତ**

ବଡଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗାଁ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ରାଜ୍ୟ ରାଜପଥ-୧୦ରେ ୨୧ ତାରିଖ ରାତି ପ୍ରାୟ ୮ଟାରେ ବଡଗାଁରୁ ଡୁଡାଲଗା ଗ୍ରାମକୁ ବାଇକରେ ଯାଉଥିବା ଡୁଡାଲଗା ଗ୍ରାମର ସିମଲ ଜଗତ (୨୫) ଓ ରକି ବାରିକଙ୍କୁ ସ୍କାନ ଷ୍ଟିଲ କମ୍ପାନୀର ବସ ଧକ୍କା ଦେଇଥିଲା । ଏହି ଘଟଣାରେ ପୋଲିସ ତୁରନ୍ତ ପଦକ୍ଷେପ ନନେବା, ପୂର୍ବ ଶତ୍ରୁତା ଯୋଗୁ ଉଦ୍ଦେଶ୍ୟମୂଳକ ଭାବେ ବସ ଚାଳକ ଡୁଡାଲଗା ଗ୍ରାମର ଜଗଦିଶ ସେନ ବସ ଧକ୍କା ଦେଇ ହତ୍ୟା ଉଦ୍ୟମ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏହାକୁ ନେଇ ରବିବାର ଡୁଡାଲଗା ଗ୍ରାମର ୨ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ମଙ୍ଗଳବାର ରାତିରେ ବଡଗାଁ ଥାନା ଘେରାଓ କରିଥିଲେ। ମଙ୍ଗଳବାର ରାତି ଏସପି ସୌମ୍ୟ ମିଶ୍ର ଥାନାକୁ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ଏହାର ତଦନ୍ତ ଦାୟୀତ୍ୱ ଡିଏସପିଙ୍କୁ ଦେବା ସହ ଚାଳକଙ୍କୁ ଗିରଫ ପ୍ରତିଶ୍ରୁତି ଦେଇଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ବସରେ ଚାଳକ ଜଗଦିଶ ସେନଙ୍କୁ ପୋଲିସ ଗିରଫ କରିବା ସହ ବସକୁ ଜବତ କରିଛି । ଥାନା କେସ ନଂ. ୧୧୬/୧୯ ରେ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ଦୁର୍ଘଟଣା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପରିବର୍ତ୍ତେ ସିମଲ ଜଗତଙ୍କ ଘରକୁ ଯାଇ ଧମକଚମକ ଦେବାରୁ ଉତ୍ତେଜନା ଦେଖାଦେଇଥିଲା। ମଙ୍ଗଳବାର ଥାନା ଘେରାଓ କରିଥିବା ମହିଳାମାନେ ଏସପିଙ୍କୁ ଏହି ଘଟଣା ଜଣାଇବା ସହିତ ପୋଲିସ ଦୁର୍ଘଟଣା ପରେ ସ୍କାନ ଷ୍ଟିଲ କାରଖାନାକୁ ଯାଇ ସେହି ସମୟରେ ତଦନ୍ତ କରିଥିଲେ ମଧ ପଦକ୍ଷେପ ନେଇନଥିବା ଅଭିଯୋଗ କରିଥିଲେ।

**ହେମଗିର ନାବାଳିକା ବଳାତ୍କାର ହତ୍ୟା ମାମଲା**

# ଫୋନ୍‌କଲରୁ ଧରାପଡ଼ିଲେ ଅଭିଯୁକ୍ତ

**ସୁନ୍ଦରଗଡ଼, ୨୪।୭ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମ ନିକଟବର୍ତ୍ତୀ ବସୁନ୍ଧରା ନଦୀ ପାର୍ଶ୍ୱସ୍ଥ ଜଙ୍ଗଲରୁ ସୋମବାର ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ତାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଏହା ପରେ ମୋବାଇଲ ଫୋନକଲ ଯାଞ୍ଚକରି ବୁଧବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ କୁଳଦୀପ ମଗର (୨୧) ଓ ତାଙ୍କ ଘର ହେମଗିର ଥାନା ଅନ୍ତର୍ଗତ ଡୁରୁବଗା ଗ୍ରାମରେ। ସେ ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ଅଭିଯୁକ୍ତ କୁଳଦୀପ ଡୁରୁବଗାର ଏକ ବିଶୁଦ୍ଧପିଇବା ପାଣି ଯୋଗାଉଥିବା କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସେ ବସୁନ୍ଧରା, ହେମଗିର ଆଦି ବିଭିନ୍ନ ସ୍ଥାନକୁ ନିୟମିତ ଏହି ପାଣି ଏକ ଅଟୋରେ ଧରି ଯୋଗାଣ କରି ଆସୁଥିଲେ। ଏହା ମଧ୍ୟରେ ଗୋପାଳପୁରର ୧୦ମ ଶ୍ରେଣୀ ପାସ୍ କରିଥିବା ଏହି ନାବାଳିକାଙ୍କ ସହିତ ପରିଚୟ ସୃଷ୍ଟି ହୋଇଥିଲା। ଏପରିକି ଉଭୟଙ୍କ ମଧ୍ୟରେ ନିୟମିତ ଫୋନ୍ ଯୋଗେ ବାର୍ତ୍ତାଳାପ ହୋଇ ସମ୍ପର୍କ ବୃଦ୍ଧି ପାଇଥିଲା। ଘଟଣା ଦିନ ୧୦ଟା ବେଳେ ଅଭିଯୁକ୍ତ କୁଳଦୀପ ନାବାଳିକାଙ୍କୁ ଗ୍ରାମଠାରୁ ୨୦୦ମିଟର ଦୂର ବୁଢୁବୁଢିଆ ଜଙ୍ଗଲ ମଧ୍ୟକୁ କଥା ହେବା ପାଇଁ ଡାକିଥିଲେ। ଅଟୋକୁ ହେଲପର ହାତରେ ଛାଡିଦେଇ କୁଳଦୀପ ଏହି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଏହାର ପ୍ରତିବାଦ କରିବା ବେଳେ ଅଭିଯୁକ୍ତ ତଣ୍ଟିଚିପି ସେଠାରୁ ଫେରାର୍ ହୋଇଯାଇଥିଲେ। ଏପଟେ ପରିବାର ଲୋକେ ଝିଅକୁ ବହୁତ ଖୋଜାଖୋଜି କରି ପାଇ ନ ଥିଲେ। ସୋମବାର ଝିଅର ନିଖୋଜ ସମ୍ପର୍କରେ ରିପୋର୍ଟ କରିବା ପାଇଁ ବାପା ହେମଗିର ଥାନାକୁ ଯାଉଥିବା ବେଳେ ତାଙ୍କ ଝିଅର ଗଳିତ ମୃତଦେହ ଜଙ୍ଗଲରେ ପଡିଥିବା ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ।

ଏହାପରେ ହେମଗିର ଥାନା ପୋଲିସ ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ କୁଳଦୀପକୁ ପୋଲିସ ଥାନାକୁ ଆଣି ପଚରାଉଚରା ବେଳେ ସେ ସମସ୍ତ କଥା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବିରୁଦ୍ଧରେ ହେମଗିର ଥାନାରେ ଏକ ମାମଲା ରୁଜୁ ହୋଇଛି।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାବାଳିକା ବଳାତ୍କାର ଘଟଣାର ପ୍ରତିବାଦ**

# ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା, ବିକ୍ଷୋଭ

**ସୁନ୍ଦରଗଡ଼, ୨୪।୭ (ଡି.ଏନ୍.ଏ)**

ରାଜ୍ୟରେ ବଢୁଥିବା ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ମହିଳା ଓ ନାବାଳିକାଙ୍କ ପ୍ରତି ବଳାତ୍କାର ଘଟଣାର ପ୍ରତିବାଦ କରାଯାଇଛି। ବୁଧବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା ପରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏହି ମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ପ୍ରତିବାଦ ପତ୍ର ଜିଲାପାଳ ନିଖିଲ ପବନକଲ୍ୟାଣଙ୍କୁ ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ,ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ତାରାକାନ୍ତ ରକ୍ସା, ପ୍ରଣବ ସିଂ , ସତ୍ୟଜିତ ପଣ୍ଡା, ମନୋଜ ମହାରଣା, ଶରତ ପୁରୋହିତ, ପ୍ରଭାତ ଭୋଳ, ଶୁଭାଶୀଷ ବାନାର୍ଜୀ, ଟାଉନ ସଭାପତି ନରେନ୍ଦ୍ର ସିଂ, କାର୍ତ୍ତିକ ସୁନାନୀ ,ମୁନୁ ସରାଫ, ତାରାଚାନ୍ଦ ନାଏକ, ଏମ୍ ଡି ମୁସ୍ତାକ, ରମଣୀରଞ୍ଜନ ଯୋଶୀ, ସୁଶାନ୍ତ ମାଝି, ଇଂ ଅରୁଣ ପୃଷେଠ, ଯଶୋବନ୍ତ ଡୁଙ୍ଗଡୁଙ୍ଗ, ଯୁବ କଂଗ୍ରେସ ସଭାପତି ହରିଶ ରକ୍ସା, ଅଞ୍ଜନ ପଟେଲ, ପ୍ରଦେଶ ମହିଳା କଂଗ୍ରେସ ସମ୍ପାଦିକା ବନିତା ନାଏକ, ଅମିତା ବିଶ୍ୱାଳ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



କଂଗ୍ରେସ କର୍ମୀ ଧାରଣା ଦେଇଛନ୍ତି।